

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





ବିଶ୍ୱ ଗଠନର ଆଧାର ହେଉ ନ୍ୟାୟ | ୬

ଅତୁଆରେ ଧର୍ମେନ୍ଦ୍ର | ୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୨ Vol. 21 No-252 11 DECEMBER 2024 WEDNESDAY BHUBANESWAR ବୁଧବାର, ୧୧ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିଙ୍ଗାପୁର ହାଇକମିଶନର

# ଉତ୍କର୍ଷ ଓଡ଼ିଶାର ପାର୍ଟନର ହେବ ସିଙ୍ଗାପୁର



**ଭାରତ ଏଫଡିଆଇର ବଡ଼ ଉତ୍ସ ହେଉଛି ସିଙ୍ଗାପୁର**

**ଜାନୁଆରୀରେ ଓଡ଼ିଶା ଆସିବେ ସିଙ୍ଗାପୁର ରାଷ୍ଟ୍ରପତି**

**ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୦।୧୨(ଭାସ୍କର ନ୍ୟୁଜ): ୨୦୨୫ ଜାନୁଆରୀ ୨୮ରୁ ୨୯ ପର୍ଯ୍ୟନ୍ତ ଦୁଇଦିନ ଧରି ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ ପାଇଁ ପ୍ରଥମ ଥର ନିମନ୍ତେ ପାର୍ଟନର ହେବ ସିଙ୍ଗାପୁର। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ପରେ ଏହି ଘୋଷଣା କରାଯାଇଛି। ହାଇକମିଶନର ଶ୍ରୀ ୱଙ୍ଗ୍ କହିଛନ୍ତି ଯେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମଙ୍ଗ ସାନମୁଗୁରୁତମ୍ ଆସନ୍ତା ଜାନୁଆରୀରେ ଭାରତ ଗସ୍ତରେ ଆସିବେ। ସେହି ସମୟରେ ସେ ଓଡ଼ିଶା ଗସ୍ତରେ ମଧ୍ୟ ଆସିବେ ବୋଲି ସେ ସୂଚନା ଦେଇଛନ୍ତି। ୱଙ୍ଗ୍ କହିଛନ୍ତି ଯେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯାହାକୁ ସିଙ୍ଗାପୁର ରାଷ୍ଟ୍ରପତି ଗସ୍ତରେ ଆସିବାପାଇଁ ପସନ୍ଦ କରିଛନ୍ତି । କାରଣ ସେ ଓଡ଼ିଶାର ସାଂସ୍କୃତିକ ସମ୍ପର୍କ ସହିତ ବ୍ୟବସାୟିକ ସହଭାଗିତାକୁ ମଜବୁତ କରିବାରେ ଏକ ବଡ଼ ସୁଯୋଗ ଦେଖୁଛନ୍ତି। ସେ ଆହୁରି କହିଛନ୍ତି ଯେ ପେଟ୍ରୋ କେମିକାଲ୍ସ, ସବୁଜଶକ୍ତି ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ତାଙ୍କର ଓଡ଼ିଶା ଗସ୍ତ ମୁଖ୍ୟ ଆକର୍ଷଣ ରହିବ। ମୁଖ୍ୟମନ୍ତ୍ରୀ ହାଇକମିଶନର ଏବଂ ତାଙ୍କ ଟିମ୍‌କୁ ସାକ୍ଷାତ କରି ସିଙ୍ଗାପୁର ରାଷ୍ଟ୍ରପତି ନିମନ୍ତ୍ରଣ ଗ୍ରହଣ କରିଥିବାରୁ ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ସହଯୋଗ ନେଇ ବହୁ ସମ୍ଭାବନା ରହିଛି। ସହରୀ ଯୋଜନା, ପର୍ଯ୍ୟଟନ, ଅକ୍ଷୟଶକ୍ତି, ଦକ୍ଷତା ଭଳି ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ସ୍ତର ପାଇଁ ଏହି ସମ୍ପର୍କ ପ୍ରସ୍ତୁତ ହୋଇଛି। ତାଙ୍କୁ ତଥା ଟିମ୍ ଓଡ଼ିଶାର ଆୟୋଜନ କରିଥିବାରୁ ସେ ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି ଯାହା ଗତମାସରେ ଏକ ସଫଳ ଗସ୍ତରେ ଆସିଥିଲା। ଭାରତ ଓ ସିଙ୍ଗାପୁର ମଧ୍ୟରେ କୂଟନୈତିକ ସଂପର୍କରେ ୬୦ବର୍ଷ ପାଳନ ହେଉଥିବାବେଳେ ସିଙ୍ଗାପୁର ଏବଂ ଭାରତ ଏହି ଦ୍ୱିପାକ୍ଷିକ ବନ୍ଧନକୁ ସ୍ମରଣୀୟ କରିବା ପାଇଁ ସିଙ୍ଗାପୁର ରାଷ୍ଟ୍ରପତି ଭାରତ ଆସୁଛନ୍ତି । ଉଭୟ ରାଷ୍ଟ୍ର ମଧ୍ୟରେ ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ରହିଛି। ଏହି ସମ୍ପର୍କ ବର୍ତ୍ତମାନ ବାଣିଜ୍ୟ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ବିନିମୟ ପରି କ୍ଷେତ୍ରକୁ ନେଇ ଏକ ରଣନୀତିକ ଭାଗିଦାରୀରେ ପରିଣତ ହୋଇଛି। ସିଙ୍ଗାପୁର ହେଉଛି ଭାରତର ଏଫଡିଆଇର ସବୁଠାରୁ ବଡ଼ ଉତ୍ସ। ଆଇଟି, ବ୍ୟାଙ୍କିଙ୍ଗ୍ ଏବଂ ଉତ୍ପାଦନରେ ଏହାର କମ୍ପାନୀ ମାଧ୍ୟମରେ ସିଙ୍ଗାପୁରରେ ମଧ୍ୟ ଭାରତର ଏକ ବଡ଼ ଉପସ୍ଥିତି ରହିଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ନିକୁଞ୍ଜବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ମୁଖ୍ୟ ସଚିବ ବିଶାଲ ଦେବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମୁଖ୍ୟ ସଚିବ ଏନ.ବି.ଏସ. ରାଜପୁତଙ୍କ ସମେତ ନୂଆଦିଲ୍ଲୀର ଡେପୁଟି ହାଇକମିଶନର ଆଲିସ ଚେଙ୍ଗ୍ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ...

### ଅଜୟ ସେଠ୍‌ଙ୍କୁ ରାଜସ୍ୱ ବିଭାଗ ଅତିରିକ୍ତ ଦାୟିତ୍ୱ

ନୂଆଦିଲ୍ଲୀ,୧୦।୧୨: କର୍ଣ୍ଣାଟକ କ୍ୟାଡରର ୧୯୮୭ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ଅଜୟ ସେଠ୍‌ଙ୍କୁ ରାଜସ୍ୱ ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ଶ୍ରୀ ସେଠ୍ ବର୍ତ୍ତମାନ ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସଞ୍ଜୟ ମାଲହୋତ୍ରା ଆରବିଆଇ ଗଭର୍ଣ୍ଣର ହେବାପରେ ଖାଲିପଡ଼ିଥିବା ସ୍ଥାନରେ ଶ୍ରୀ ସେଠ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି।

### କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଉ ୩ ଆଇପିଏସ୍

ଭୁବନେଶ୍ୱର,୧୦।୧୨(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଉ ୩ଜଣ ଆଇପିଏସ୍ ଅଧିକାରୀ। ସେମାନେ ହେଲେ ଅମିତାଭ ଠାକୁର, ରାଜେଶ କୁମାର ଏବଂ ଅସିତ ପାଣିଗ୍ରାହୀ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖାଯାଇଛି। ଏଥିପୂର୍ବରୁ ବରିଷ୍ଠ ଆଇପିଏସ୍ ଅଧିକାରୀ ଆଶିଷ ସିଂ ଏବଂ ଡିଏସ୍ କୁଟେଙ୍କୁ ବିଏସ୍ଏଫର ଆଇଜି ଭାବେ ନିଯୁକ୍ତି ଦିଆଯାଇ କେନ୍ଦ୍ରୀୟ ଡେପୁଟେସନରେ ପଠାଯାଇଛି। ମୋଟ ୫ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରକୁ ଯିବେ।



କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ରାଜ୍ୟସଭା ଉପନିର୍ବାଚନ

# ସୁଜିତ କୁମାର ଏକମାତ୍ର ପ୍ରାର୍ଥୀ

ଭୁବନେଶ୍ୱର,୧୦।୧୨(ଭାସ୍କର ନ୍ୟୁଜ): ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟସଭା ଆସନ ପାଇଁ ଏକମାତ୍ର ପ୍ରାର୍ଥୀ ରହିଛନ୍ତି ସୁଜିତ କୁମାର। ଏ ନେଇ ବିଧାନସଭା ପକ୍ଷରୁ ସୂଚନା ଦିଆଯାଇଛି । ପ୍ରାର୍ଥିପତ୍ରରେ କୌଣସି ତ୍ରୁଟି ନଥିଲେ ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ଯିବା ସ୍ପଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାର ସୋମବାର ବିଜେପି ପକ୍ଷରୁ ନାମାଙ୍କନପତ୍ର ଦାଖଲ କରିଥିଲେ। ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଥିଲେ ମଧ୍ୟ କଂଗ୍ରେସ କିମ୍ବା ବିଜେଡି ପକ୍ଷରୁ କେହି ପ୍ରାର୍ଥିପତ୍ର ଦାଖଲ କରିନଥିଲେ। ସୁଜିତ କୁମାରଙ୍କ ପ୍ରାର୍ଥିତ୍ୱକୁ ବିଜେପି କେନ୍ଦ୍ରୀୟ ସଂସଦୀୟ ବୋର୍ଡ ମୋହର ମାରିଥିଲା। ଏହାପରେ ସୁଜିତ କୁମାର ବିଧାନସଭା ପରିସରକୁ ଯାଇ ଦୁଇସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର • ପୃଷ୍ଠା ୫ ଦେଖନ୍ତୁ







କଟକ(ଭାସ୍କର ନ୍ୟୁଜ୍): ପାଚିରି ପଡି ଜଣଙ୍କର ମୃତ୍ୟୁ ହେବା ଅନ୍ୟ ଜଣେ ଗୁରୁତର ଆହତ ଓ ଆଉ ତିନି ଜଣ ଅଳ୍ପକେ ବର୍ତ୍ତି ଜିବା ଘଟଣାରେ ଏସ୍‌ୟୁସିଆଇ (ସି) ସିଏମସି ଘେରିଛି। ମୃତ ଶ୍ରମିକଙ୍କ ପରିବାର କୁ ୩୦ ଲକ୍ଷ ଟଙ୍କା ଓ ଗୁରୁତର ଭାବରେ ଆହତ ଶ୍ରମିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ, ମୃତ ଓ ଆହତ ଶ୍ରମିକଙ୍କ ସ୍ତ୍ରୀଙ୍କୁ ମ୍ୟୁନିସିପାଲ କର୍ପୋରେସନରେ ଉପଯୁକ୍ତ ସ୍ଥାୟୀ କାମ ଓ ରହିବାପାଇଁ ଘର ଯୋଗାଇ ଦେବା, ଏହି ମନୁଷ୍ୟକୃତ ମୃତ୍ୟୁ ପାଇଁ ଦାୟୀ କଟକ ମୁନିସିପାଲ କର୍ପୋରେସନର ଅଧିକାରୀ, ମୁଖ୍ୟ ଯନ୍ତ୍ରୀ ଓ ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ବିହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆମେ ଦୃଢ଼ ଦାବି କରି ଏସ୍‌ୟୁସିଆଇ (ସି) ପକ୍ଷରୁ ସିଏମ୍‌ସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଏସ୍‌ୟୁସିଆଇ (ସି) କଟକ ଜିଲ୍ଲା କମିଟିର ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲ୍ଲା କମିଟି ସଭ୍ୟ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ବବି ବଳବନ୍ତରାୟ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ସଭ୍ୟ ଅକ୍ଷୟ ରାଉଳ, ଶୋଭା ଦେହୁରୀ, ସିପ୍ରା ମହାନ୍ତି, ଶୁଭସ୍ମିତା ସାହୁ, ଝରଣା ଦାସ,ଅଜୟ ମଲ୍ଲିକ, ଏନ୍ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡି ଚଳାଚଳ ଓ ଟ୍ରାଫିକ୍ ବ୍ୟବସ୍ଥା ଉପଯୋଗୀ କରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ରାଜଧାନୀରେ ଫ୍ଲାଇଓଭର, ରେଲ୍ ଓଭର ବ୍ରିଜ୍ ଓ ରିଙ୍ଗ୍ ରୋଡ ନିର୍ମାଣ ପାଇଁ ଯୋଜନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ଗାଡି ଚଳାଚଳ ଓ ଟ୍ରାଫିକ ବ୍ୟବସ୍ଥାକୁ ଉପଯୋଗୀ ଓ ସହଜ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଭୁବନେଶ୍ୱର ସହରର ଗାଡି ଚଳାଚଳ ଓ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ପୂର୍ତ୍ତ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହର ପାଇଁ ବିଭିନ୍ନ ସଡ଼କ ପ୍ରକଳ୍ପ ଯୋଜନା ଉପରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଉପସ୍ଥାପନ ରଖା ଯାଇଥିଲା । ଏହି ଉପସ୍ଥାପନାରେ ଭୁବନେଶ୍ୱରର ଜୟଦେବ ବିହାର-ନନ୍ଦନକାନନ ନୂତନ ରାସ୍ତା, ଦୟା ୱେଷ୍ଟ କେନାଲ ଉପରେ ପଟିଆ ଷ୍ଟେସନ ଛକ ଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ରିଙ୍ଗରୋଡ, ସୁନ୍ଦରପଦା-ଜଟଣୀ ରାସ୍ତାର ଉନ୍ନତିକରଣ, ପିତାପଲ୍ଲୀ-ତ୍ରିଶୂଳିଆ ରାସ୍ତାର ଇନ୍‌ଷ୍ଟିଚ୍ୟୁଟ ଅଫ ମାଥମେଟିକ୍ସ ଠାରୁ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତା, କଳ୍ପନା ଛକ-ମ୍ୟୁଜିଅମ-ରବି ଟକିଜ ନୂତନ ଫ୍ଲାଇ ଓଭର, ଶିଶୁଭବନ-ମାଉସୀମା ମଧ୍ୟରେ ଆଉ ଏକ ଜଙ୍କଇ, ତମାଣ୍ଡୋ-ଚନ୍ଦକା-ବାରଙ୍ଗ-ଧଉଳି-ତମାଣ୍ଡୋ ପର୍ଯ୍ୟନ୍ତ ରିଙ୍ଗ ରୋଡ ନିର୍ମାଣ ବିଷୟରେ ପୂର୍ତ୍ତ ବିଭାଗର ପକ୍ଷରୁ ପ୍ରସ୍ତାବିତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର-କଟକ-ପୁରୀ ଇକୋନୋମିକ୍ ରିଜିଅନ ଗଠନ ଏବଂ ଗ୍ରେଟର ଭୁବନେଶ୍ୱର ଗଠନ ସଂପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହି ବୈଠକରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ପ୍ରଭାତୀ ପରିଡା, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




ଜୟଦେବ ଭବନଠାରେ ଆନ୍ତର୍ଜାତିକ ମାନବାଧିକାର ଦିବସ ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ୧୨ରେ ପଞ୍ଚମବେଦ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଅବସର'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ପ୍ରତିଷ୍ଠିତ ଲୋକପ୍ରିୟ ନାଟ୍ୟସଂସ୍ଥା 'ପଞ୍ଚମବେଦ' ପକ୍ଷରୁ ଆସନ୍ତା ଡ଼ିସେମ୍ବର ୧୨ ତାରିଖ ଦିନ ଜାଗରଣ ଆର୍ଟ ଇଣ୍ଟରନେସନାଲ, ଦେବଗଡ଼ ଦ୍ୱାରା ଆୟୋଜିତ ୨୦ ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ-୨୦୨୪ର ଦ୍ୱିତୀୟ ସଂଧ୍ୟାରେ ନାଟକ 'ଅବସର' ଟାଉନ ହଲ, ଦେବଗଡ଼ରେ ମଞ୍ଚସ୍ଥ ହେବ। ଏହି ନାଟକଟିକୁ ହର ବାରିକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ହରେନ୍ ସାହୁ। ସଙ୍ଗୀତରେ ବିନୟ ଦାଶ ଥିବାବେଳେ ମୁଖ୍ୟ ବ୍ୟବସ୍ଥାପକ ଭାବେ ପ୍ରକାଶ ମହାରଣା, ମଞ୍ଚ ପରିଚାଳନାରେ ସୁରେନ୍ଦ୍ର ନାଥ ଗୌଡ, ଆଲୋକ ପରିଚାଳନାରେ ଶବର ନାୟକ ଏବଂ ରୂପସଜ୍ଜା ଦାୟୀତ୍ୱରେ ପ୍ରଶାନ୍ତ ଶତପଥୀ ଅଛନ୍ତି। ଏହି ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ, ଜ୍ଞାନେନ୍ଦ୍ର ଶତପଥୀ, ମହେନ୍ଦ୍ର ଶତପଥୀ, ତାପସ ଦାଶ, ଦୀପକ କୁମାର ମହାପାତ୍ର, ବ୍ୟାସଦେବ ଚୌହାନ, ଅଭିମନ୍ୟୁ ସେଠୀ, ରଘୁନାଥ ବେହେରା, ମମତା ମହାନ୍ତି, ରାଜଲକ୍ଷ୍ମୀ ମିଶ୍ର, ଶ୍ୱେତା ରଥ, ଶିଶୁ କଳାକାର ଅଭିମାନ ସାଇ ସ୍ୱରୂପ। ନାଟକର କାହାଣୀଟି ସମ୍ପୂର୍ଣ୍ଣ ପାରିବାରିକ ହୋଇଥିବା ଜଣାପଡିଛି ।

### ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶାର ପାର୍ଟନର ହେବ ସିଙ୍ଗାପୁର

## ଜାନୁଆରୀରେ ଓଡ଼ିଶା ଆସିବେ ସିଙ୍ଗାପୁର ରାଷ୍ଟ୍ରପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶାର ପାର୍ଟନର ହେବ ସିଙ୍ଗାପୁର । ସିଙ୍ଗାପୁର ରାଷ୍ଟ୍ରପତି ଜାନୁଆରୀରେ ଓଡିଶା ଯାତ୍ରା କରିବେ । ସିଙ୍ଗାପୁର ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ରେ ପ୍ରଥମ ଦେଶ ସହଯୋଗୀ ହେବ । ସିଙ୍ଗାପୁର ରାଷ୍ଟ୍ରପତି ଥରମାନ୍ ଶାନମୁଗରତନମ୍ ଜାନୁଆରୀରେ ଭାରତ ଯାତ୍ରା କରିବେ। ଏହି ଅବସରରେ ସିଙ୍ଗାପୁର ରାଷ୍ଟ୍ରପତି ଓଡିଶାକୁ ମଧ୍ୟ ଯାତ୍ରା କରିବେ। ଏହି ବିଷୟରେ ସିଙ୍ଗାପୁର ଭାରତରେ ହାଇ କମିଶନର୍ ସାଇମନ୍ ଓଙ୍ଗ୍ ତାଙ୍କର ଯାତ୍ରାକାଳୀନ ସମ୍ବାଦରେ ଓଡିଶା ସିଏମ୍ ମୋହନ ଚରଣ ମାଝିଙ୍କ ସହିତ ଲୋକ ସେବା ଭବନରେ ସାକ୍ଷାତ କରି କହିଛନ୍ତି।



ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧକ୍ଷା ପ୍ରମିଳା କୁମାରୀ ପ୍ରଧାନ ଓ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନଙ୍କ ବିଜେପିରେ ଯୋଗଦାନ

## ୱେଭ୍ସ ଏବଂ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜକୁ ନେଇ ସଚେତନତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ଆଇଆଇଟି ଭୁବନେଶ୍ୱର ପରିସରରେ ୱାର୍ଲ୍ଡ ଅଡିଓ ଭିଜୁଆଲ ଏଣ୍ଡ ଏଣ୍ଟରଟେନମେଣ୍ଟ ସମ୍ମିଟ୍ (ୱେଭ୍ସ) ଏବଂ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଏବଂ ରୋଡ ଶୋ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଯୋଗଦେଇ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲକର କହିଛନ୍ତି, ଭାରତ ସମେତ ସାରା ବିଶ୍ୱରେ ମନୋରଞ୍ଜନ, ଆନିମେସନ ଏବଂ ଗେମିଂ ଭଳି ଶିଳ୍ପର ବିସ୍ତାର ହେଉଛି । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ(ସିବିସି)ର ନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାଶ କହିଛନ୍ତି, ବର୍ତ୍ତମାନର କେନ୍ଦ୍ର ସରକାର ନୂଆ ଉଦ୍ଭାବନ, ବିଜ୍ଞାନ, ପ୍ରଯୁକ୍ତି, ରାଜନୀତି ଏବଂ ଅର୍ଥବ୍ୟବସ୍ଥା ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରାଇବାକୁ ଚାହୁଁଛନ୍ତି । ସରକାର ସୃଜନଶୀଳତା କ୍ଷେତ୍ରରେ ମଧ୍ୟ ଭାରତକୁ ପ୍ରତିଷ୍ଠିତ କରିବାକୁ ଚାହୁଁଛନ୍ତି ଯାହାଦ୍ୱାରା ଭାରତ 'ବିଶ୍ୱଗୁରୁ' ମାନ୍ୟତା ହାସଲ କରିପାରିବ। ଏହି ଲକ୍ଷ୍ୟ ନେଇ ଆସନ୍ତା ଫେବୃଆରୀରେ ୱେଭ୍ସ ସମ୍ମିଳନୀ ଆୟୋଜନ କରାଯିବ । ଏହି ପରିପ୍ରେକ୍ଷୀରେ କ୍ରିଏଟ୍ ଇନ ଇଣ୍ଡିଆ ଚାଲେଞ୍ଜରେ ଆଇଆଇଟି ଛାତ୍ରଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ଡକ୍ଟର ଦାଶ କହିଥିଲେ । କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ, କର୍ମଚାରୀଙ୍କ ସମେତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

### ମଶା ଉତ୍ପାତ ଯୋଗୁଁ ସିଡ଼ିଏବାସୀ ଅତିଷ୍ଠ

## ଡ୍ରେନେଜ ଓ ସ୍ୱେରେଜ ସଫା ନହେବାର ଫଳ



କଟକ(ଭାସ୍କର ନ୍ୟୁଜ୍): ସିଡ଼ିଏ, ସେକ୍ଟର-୬ ସ୍ଥିତ ମର୍କତ ନଗର ଅଞ୍ଚଳରେ ୫୦ହଜାରରୁ ଊର୍ଦ୍ଧ ଅନ୍ତେବାସୀ ଦୀର୍ଘଦିନ ଧରି ବସବାସ କରି ରହି ଆସୁଥିବା ବେଳେ ଚଳିତ ବର୍ଷ ମଶାର ଉତ୍ପାତ ଢ଼େର ଗୁଣ ବୃଦ୍ଧି ପାଇଛି ଫଳରେ ମର୍କତ ନଗର ଅନ୍ତେବାସୀ, ମଶା ଦାଉରୁ ରକ୍ଷା ପାଇବା ପାଇଁ ଦିନରେ ମଶାରୀ ଟାଙ୍ଗୁଥିବାର ପରିଲକ୍ଷିତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ କଟକ ମହାନଗର ନିଗମ ପକ୍ଷରୁ ନିମ୍ନ ମାନର ମଶା ତେଲ ଓ ଧୁଆଁ ଦିଆଯାଉଥିବାରୁ ମଶା ମରିବା ପରିବର୍ତ୍ତେ ବୃଦ୍ଧି ପାଉଛି । ଏପରିକି କଟକ ମହାନଗର ନିଗମର କର୍ମକର୍ତ୍ତାମାନେ ମଶା ଧୁଆଁ ଦେବା ଫଳରେ ବାହାର ମଶା ଘର ଭିତରେ ପ୍ରବେଶ କରୁଅଛି । ସନ୍ଧ୍ୟା ହେଲେ ମଶାର ଉତ୍ପାତ ଏପରି ବଢ଼ି ଯାଇଛି ଯେ ଗମନାଗମନ କରୁଥିବା ବ୍ୟକ୍ତିଙ୍କ ଆଖି ଓ ପାଟିରେ ମଶା ପଶିଯାଇ ଦୁର୍ଘଟଣା ହେଉଥିବାର ସୂଚନା ମିଳିଛି । ସିଡ଼ିଏ ସେକ୍ଟର-୬ରେ ଦୀର୍ଘ ଦିନ ଧରି ଡ୍ରେନେଜ ଓ ସ୍ୱେରେଜ ଗୁଡ଼ିକର ମରାମତି କିମ୍ବା ସଫେଇ ହେଉ ନାହିଁ । ଫଳରେ ସାମାନ୍ୟତମ ବର୍ଷାହେଲେ ସେକ୍ଟର-୬ ସ୍ଥିତ ମାଛ ଓ ମାଂସ ମାର୍କେଟ, ଲେମନ ହୋଟେଲ ଠାରୁ ରାଧାକୃଷ୍ଣ ବିହାର ଦେଇ ସାର୍ଥକ ପ୍ୟାଲେସ ଓ ସେକ୍ଟର-୭ ଅଟୋଷ୍ଟାଣ୍ଡଠାରୁ ସେକ୍ଟର-୬ ଓ ୭ ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇଥିବା ପରିଲକ୍ଷିତ ହେଉଛି । ଏଗୁଡ଼ିକର ମରାମତି କିମ୍ବା ସଫେଇ କରିବା ସହ ବର୍ଷାପାଣି ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର ଓ ମଶା ଉତ୍ପାତରୁ ରକ୍ଷା ପାଇବା ପାଇଁ କଟକ ମହାନଗର ନିଗମ ଦୃଢ଼ ପଦକ୍ଷେପ ନେବା ପାଇଁ ଅନ୍ତେବାସୀଙ୍କ ପକ୍ଷରୁ ଦାବୀ ହେଉଅଛି । ନଚେତ ବାଧ୍ୟ ହୋଇ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

## ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସ କନିଷ୍ଠ କିରାଣି ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସ କନିଷ୍ଠ କିରାଣି ଦେବଯାନୀ କରଙ୍କୁ ଗିରଫ କଲା ଭିଜିଲାନ୍ସ । ଜମି କାଗଜପତ୍ର ବାବଦକୁ ୨୦ ହଜାର ଲାଞ୍ଚ ନେଇ ଧରାପଡ଼ିଥିଲେ ଦେବଯାନୀ । ଅଫିସ୍ ଯାଞ୍ଚ ବେଳେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳିଥିଲା । ସୂଚନାଯୋଗ୍ୟ, ଗତକାଲି ଜଣେ ବ୍ୟକ୍ତିଙ୍କ ଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରେଡ ହ୍ୟାଣ୍ଡରେ ଧରିଥିଲା ଭିଜିଲାନ୍ସ । ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା ।

## ରାଜଧାନୀରେ ପୁଣି ଲଜ୍ୟା

୩ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ପୁଣି ଲଜ୍ୟା, ୩ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ଉଦ୍ୟମ । ଦୁଷ୍କର୍ମୀ ବବଲୁ ମହାପାତ୍ରକୁ ଗିରଫ କଲା ମଞ୍ଚେଶ୍ୱର ଥାନା ପୋଲିସ । ବବଲୁ ପୂର୍ବରୁ ମଧ୍ୟ ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ଜୁଭେନାଇଲ ଜେଲରେ ଥିଲା । ଚନ୍ଦ୍ରଶେଖରପୁର ଥାନା ପୋଲିସ ବବଲୁକୁ ଦୁଷ୍କର୍ମ ମାମଲାରେ ଗିରଫ କରିଥିଲା । ଗତ କିଛିଦିନ ପୂର୍ବରୁ ଜାମିନରେ ଆସିଥିଲା ଅଭିଯୁକ୍ତ। ଜାମିନରେ ଆସି ପୁଣି ଦୁଷ୍କର୍ମ ଉଦ୍ୟମ କରିଥିଲା ବବଲୁ ।

## କୃଷି ବିଭାଗର ୫ ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର କୃଷି ଭବନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଆଇଆରଆରଆଇ(ଓଜଜଓ), ଆଇସିଆରଆଇଏସଏଟି, ଆଇସିଏଆରଡ଼ିଏ, ଏମଏସଏସଆରଏଫ ଓ ଏଏଫସି ଇଣ୍ଡିଆ ଲିମିଟେଡ଼ ମଧ୍ୟରେ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ନେଇ ୫ ଟି ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ହୋଇଥିଲା । ରାଜ୍ୟରେ ପ୍ରାୟ ଅବ୍ୟବହୃତ ପ୍ରାୟ ୧୬ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମି ଥିବାବେଳେ ଏହାର ସଦ୍ ବ୍ୟବହାର ଏବଂ ମାଟିର ଉର୍ବରତା ହ୍ରାସକୁ ଦୃଷ୍ଟିରେ ରଖି କୃଷି ବିଭାଗ ୨୦୨୨-୨୩ ବର୍ଷରେ ୭୦ ହଜାର ହେକ୍ଟର ଜମିରେ ଧାନ ପରବର୍ତ୍ତୀ ପଡ଼ିଆ ଜମି ମ୍ୟାନେଜମେଣ୍ଟ ଆରମ୍ଭ କରିଥିଲେ । ଏହି ପ୍ରକଳ୍ପକୁ ସଫଳ କରିବା ପାଇଁ କୃଷି ବିଭାଗ ଆଇଆରଆରଆଇ, ଆଇସିଆରଆଇଏସଏଟି, ଆଇସିଏଆରଡ଼ିଏ, ଏମଏସଏସଆରଏଫ ଓ ଏଏଫସି ଇଣ୍ଡିଆ ଲିମିଟେଡ଼ ଭଳି ପ୍ରସିଦ୍ଧ ଅନ୍ତର୍ଜାତୀୟ ତଥା ଜାତୀୟ ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି । ରାଜ୍ୟ ସରକାରଙ୍କ ତରଫରୁ ପ୍ରାୟ ୨ଲକ୍ଷ ହେକ୍ଟର ଅମ୍ଳୀୟ ଅଂଚଳରେ ମାଟିର ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଡୋଲୋମିଟିକ୍ ଚୂନ ପଥର ଯୋଗାଇ ଦିଆଯାଉଛି । ପ୍ରକଳ୍ପର ଅବସ୍ଥିତି ଓ ଅଗ୍ରଗତି ପରୀକ୍ଷଣ ନିମନ୍ତେ ରିଅଲ ଟାଇମ ମନିଟରିଂ ସିଷ୍ଟମର ବ୍ୟବହାର କରାଯିବ ।

## ଶ୍ରୀଜଗନ୍ନାଥ ଭକ୍ତି ସମ୍ମିଳନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଚେତନା ପରିଷଦ, ଓଡ଼ିଶା, ଭୁବନେଶ୍ୱର ଆନୁକୂଲ୍ୟରେ କିସ୍ ଶ୍ରୀବାଣୀକ୍ଷେତ୍ର ଗୁଣ୍ଡିଚା ମନ୍ଦିର ପରିସରରେ 'ଶ୍ରୀଜଗନ୍ନାଥ ଭକ୍ତି ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଭକ୍ତି ସମ୍ମିଳନୀକୁ ଗଜପତି ମହାରାଜ ଦିବ୍ୟସିଂହ ଦେବ ମହାରାଜ ଉଦ୍‌ଘାଟନ କରିଥିଲେ। ବାବା ସଚିଦାନନ୍ଦ ଦାଶ ମହାରାଜ କିସ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ, ଡଃ ହରେକୃଷ୍ଣ ଶତପଥୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଚିନ୍ମୟ ମିଶନ ପଟିଆଲା ପଞ୍ଜାବ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ମହାରାଜଙ୍କୁ ଭବ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୬୦ ମନ୍ଦିରର କର୍ମକର୍ତ୍ତା ସମେତ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାରକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇ ଜଗନ୍ନାଥ ଜୟଧ୍ୱନି ଦେଇଥିଲେ। ଉକ୍ତ ସମ୍ମିଳନୀକୁ ସଂସ୍ଥାର ସଭାପତି ବିଶ୍ୱନାଥ ମହାନ୍ତି ସଂଚାଳନ ଓ ସଂଯୋଜନା କରିଥିଲେ ଓ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଅତିଥି ଦେବୋ ଭବରେ ବିଶ୍ୱାସ କରେ-ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରବାସୀ ଭାରତୀୟ ସମ୍ମିଳନୀ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୋଟିଏ ହାଇପାୱାର କମିଟିରେ ବୈଠକ ଶେଷ ହୋଇଛି । ଆମର ସୌଭାଗ୍ୟ ଯେ ଚଳିତଥର ଭୁବନେଶ୍ୱରରେ ହେବ ପ୍ରବାସୀ ଭାରତୀୟ ଦିବସ । ଓଡ଼ିଶା ଅତିଥି ଦେବୋ ଭବରେ ବିଶ୍ୱାସ କରେ । ଓଡ଼ିଶାକୁ ସାଂସ୍କୃତିକ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଦେଖେଇବାକୁ ଆମେ ଚେଷ୍ଟା କରିବୁ । ସୁରକ୍ଷାଠୁ ନେଇ ରହିବା, ବୁଲିବା ସବୁ ଦାୟିତ୍ୱ ପର୍ଯ୍ୟଟନ ବିଭାଗର । ଭୁବନେଶ୍ୱର ସମେତ କଟକ, ପୁରୀ, କୋଣାର୍କ, ଚିଲିକା, ରତ୍ନଗିରି, ଲଳିତଗିରି, ଚଉଷଠି ଯୋଗିନୀ, ବେଲାଭୂମି, ଖଣ୍ଡଗିରୀ ଏବଂ ଉଦୟଗିରି, ଚିଲିକା ବାର୍ଡ ଫେଷ୍ଟିଭାଲ ଭଳି ସବୁ ସ୍ଥାନରେ ଭିତ୍ତିଭୂମି ସାଜଡ଼ିଛୁ ।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡୁଡନୁ ଫାଉଣ୍ଡେସନ୍ ଟ୍ରଷ୍ଟ ସମ୍ମାନିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୟାସବେରା ନିମାପଡ଼ା ୟୁଥ ଟ୍ରଷ୍ଟର ପଞ୍ଚମ ବାର୍ଷିକ ମହୋତ୍ସବ ଓ ସ୍ୱେଚ୍ଛାସେବୀ ସମ୍ମାନ ସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡୁଡନୁ ଫାଉଣ୍ଡେସନ୍ ଟ୍ରଷ୍ଟକୁ ସମ୍ମାନିତ କରାଯାଇଥିଲା । ଡୁଡନୁ ଫାଉଣ୍ଡେସନ୍ ଟ୍ରଷ୍ଟର ମୁଖ୍ୟ ପୁରୋଧା ଡୁଡନୁ ଏହି ସମ୍ମାନ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଠାରୁ ଗ୍ରହଣ କରିଥିଲେ । ଡୁଡନୁ ମାନସିକ ଅନଗ୍ରସର ସତ୍ତ୍ୱେ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଗୀତିକାର ଡ.ପଞ୍ଚାନନ ନାୟକ, ଓଡ଼ିଶା ହୋମିଓପାଥିକ୍ ଚିକିତ୍ସକ ସଂଘ ସଭାପତି ଡ.ନେତ୍ରାନନ୍ଦ ଭୋଇ ଯୋଗ ଦେଇଥିଲେ । ଏଥିସହ ଅନୁଷ୍ଠାନର ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ ଓ ସମ୍ପାଦକ ନିର୍ମଳ ପରିଜା ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଡୁଡନୁ ଏହି ସମ୍ମାନ ଗ୍ରହଣ କରି ବେଶ୍ ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ତାଙ୍କର ଅନୁଷ୍ଠାନକୁ ସେ ଆହୁରି ଲୋକଲୋଚନକୁ ଆଣି ସେବା ମନୋବୃତ୍ତି ଭାବନାକୁ ଆହୁରି ଅଗ୍ରଗାମୀ କରିବେ ବୋଲି କହିଥିଲେ । ବିଗତ ଦିନରେ ଏହି ଅନୁଷ୍ଠାନ ଗରିବ, ଦୁଃଖିରଙ୍କୁ ସାହାଯ୍ୟ କରି ବେଶ୍ ଚର୍ଚ୍ଚାର ପରିଧିକୁ ଆସିପାରିଛି ।

## ରାଜ୍ୟ ସାମୁଦ୍ରିକ ନୀତି ପ୍ରଣୟନ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ପ୍ରଭାବୀ ଓ ଫଳପ୍ରଦ ସାମୁଦ୍ରିକ ନୀତି ପ୍ରଣୟନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନସ୍ଥ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ନିର୍ଦ୍ଦେଶାଳୟ ଓ ଆଇଆଇଟି, ମାଡ୍ରାସସ୍ଥିତ ବନ୍ଦର, ଜଳପଥ ଓ ଉପକୂଳ ନିମନ୍ତେ ଜାତୀୟ ବୈଷୟିକ କେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏକ ସମୃଦ୍ଧ ତଥା ଉପଯୋଗୀ ସାମୁଦ୍ରିକ ନୀତି ପ୍ରଣୟନ ଉପରେ ଓଡ଼ିଶାର ଅର୍ଥନୈତିକ ବିକାଶ ନିର୍ଭର କରେ ବୋଲି ଉଲ୍ଲେଖ କରିଥିଲେ । ନ୍ୟାସନାଲ ଟେକ୍ନୋଲୋଜି ସେଣ୍ଟର ଫର ପୋର୍ଟସ, ୱାଟରୱେଜ୍ ଆଣ୍ଡ କୋଷ୍ଟସର ଡିନ୍ ପ୍ରଫେସର କନ୍ତରାଜ ମୁରଲୀ ଦୃଶ୍ୟଶ୍ରାବ୍ୟ ସାମୁଦ୍ରିକ ନୀତି ପ୍ରଣୟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ସରକାରୀ ବିଭାଗ ପଦାଧିକାରୀ, ପରିବହନ ତଥା ସାମୁଦ୍ରିକ ବାଣିଜ୍ୟ ବିଶେଷଜ୍ଞ, ବନ୍ଦର ପରିଚାଳକ ଏବଂ ବୋଟ୍ ମାଲିକ ସଂଘ ପ୍ରତିନିଧି ଉପସ୍ଥିତ ଥିଲେ ।

### ଡ୍ରେନ୍ ନିର୍ମାଣ ବେଳେ ଜଣେ ମୃତ, ଜଣେ ଗୁରୁତର ଘଟଣା

## ଓଏଚ୍‌ଆର୍‌ସିରେ ପିଟିସନ୍ ଦାୟର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ୍ରେନ୍ ନିର୍ମାଣ ବେଳେ ପାଚେରି ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଓ ଅନ୍ୟ ଜଣେ ଗୁରୁତର ଆହତ ହେବା ଘଟଣାକୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ମଙ୍ଗଳବାର ପିଟିସନ ଦାୟର ହୋଇଛି। କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ କ୍ଷତିପୂରଣ ରାଶି ହିସାବରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଓ ଆହତଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ସହ ଆହତଙ୍କ ଭଲ ହେବା ପର୍ଯ୍ୟନ୍ତ ସମସ୍ତ ମେଡିକାଲ ଖର୍ଚ୍ଚ ବହନ କରିବା ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ସୂଚନାନୁସାରେ, ଗତ ୮ ତାରିଖରେ ସିଏମ୍‌ସି ୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଡ଼ାନାସୀ ମଙ୍ଗଳାଛକ ଅଞ୍ଚଳରେ ଡ୍ରେନ୍ ନିର୍ମାଣ କାମ ଚାଲିଥିବା ବେଳେ ପାଚେରି ପଡ଼ି ଜଣକର ମୃତ୍ୟୁ ଓ ଅନ୍ୟ ଜଣେ ଆହତ ହୋଇଥିଲେ। ସମ୍ପୂର୍ଣ୍ଣ ଭାବରେ ସିଏମ୍‌ସିର ଅବହେଳା ପାଇଁ ଏଭଳି ଏକ ଦୁର୍ଘଟଣା ଘଟିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ମଧ୍ୟ ଏ ଦିଗରେ ଦାୟୀ। ତେବେ କଟକ ଡିସିପି ମାମଲାର ଉପଯୁକ୍ତ ତଦନ୍ତ କରିବା ସହ ସ୍ଥିତି ସମ୍ପର୍କରେ ଜଣାଇବା ସହ ଦୁର୍ଘଟଣା ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦେବା ନିମନ୍ତେ ସିଏମ୍‌ସି କମିଶନରଙ୍କୁ ଆଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି। ରାଜ୍ୟ ନଗର ଉନ୍ନୟନ ବିଭାଗର ପ୍ରମୁଖ୍ୟ ଶାସନ ସଚିବ, କଟକ ଜିଲାପାଳ, ସିଏମ୍‌ସି କମିଶନର, କଟକ ଡିସିପିଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି। ହାଇକୋର୍ଟର ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ଆବେଦନ କରାଯାଇଛି।

## ନବୀନଙ୍କୁ ଭେଟିଲେ ୯୦ରୁ ଉର୍ଦ୍ଧ୍ୱ ନିର୍ବାଚିତ ଜନପ୍ରତିନିଧି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଡ଼ମ୍ବା ନରସିଂହପୁର ନିର୍ବାଚନ ମଣ୍ଡଳୀର ୯୦ରୁ ଉର୍ଦ୍ଧ୍ୱର୍ ନିର୍ବାଚିତ ଜନପ୍ରତିନିଧି ବୃନ୍ଦ ଭୁବନେଶ୍ୱର ଠାରେ ଦଳର ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ବଡ଼ମ୍ବା ନରସିଂହପୁର ନିର୍ବାଚନ ମଣ୍ଡଳୀର ବିକାଶଧାରା ଓ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ସଭାପତି ଜନ ପ୍ରତିନିଧିଙ୍କ ସହ ସାକ୍ଷାତ କରି ଲୋକଙ୍କ ପାଇଁ କରୁଥିବା ସେବା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ବିଜେଡି ସମୟରେ ହୋଇଥିବା ଭଲ କାମ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜେଡି ସରକାରଙ୍କ ଯୋଜନା ଅନ୍ୟମାନଙ୍କ ପାଇଁ ମଡ଼େଲ ହୋଇଛି । ଭାରତ ସରକାର ବି ଆମର ଅନେକ ଯୋଜନା ଆପଣାଇଛନ୍ତି । ଭୋଟ ବ୍ୟାଙ୍କ ସୃଷ୍ଟି କରିବା କେବେ ବି ବିଜେଡି ସରକାରର ଲକ୍ଷ୍ୟ ନଥିଲା । ବିକାଶ ଓ କଲ୍ୟାଣ ହେଉଛି ଆମର ଫୋକସ ବୋଲି କହିବା ସହ ତାଙ୍କ ସରକାର ଆରମ୍ଭ କରିଥିବା ବିକାଶ ଓ କଲ୍ୟାଣ ଯୋଜନାରୁ ଓଡିଶାବାସୀଙ୍କୁ କେହି ବଞ୍ଚିତ କରିପାରିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ପୂର୍ବରୁ ଜନପ୍ରତିନିଧି ଦଳୀୟ କାର୍ଯ୍ୟାଳୟରେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭ୍ୟ ସଂଗ୍ରହ ଅଭିଯାନରେ ଭାଗ ନେଇଥିଲେ । ପ୍ରତିନିଧି ଦଳରେ କଟକ ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ମିଶ୍ର, ନରସିଂହପୁର ବ୍ଲକ ଅଧକ୍ଷା ସସ୍ମିତା ଜେନା, ନରସିଂହପୁର ବ୍ଲକ ଉପାଧକ୍ଷ ନାରାୟଣ ନାୟକ, ବଡ଼ମ୍ବା ବ୍ଲକ ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବିଜୁ ଜନତା ଦଳର ସମ୍ପାଦକ ସଦାନନ୍ଦ ସ୍ୱାଇଁ ତଥା ଜିଲ୍ଲା ପରିଷଦ ସଭ୍ୟ ଅଜୟ ପଣ୍ଡା, ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଗୀତାଞ୍ଜଳୀ ପାତ୍ର, ଜୟଶ୍ରୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମନ୍ତ୍ରୀ ଓ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କଲା ପିଷ୍ଟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ ରାଜ୍ୟରେ ଶିକ୍ଷା ଅଧିକାର ଆଇନ-୨୦୧୦କୁ ସଠିକ୍ ଭାବରେ କାର୍ଯ୍ୟକାରୀ ନକରି ଜାତୀୟ ଶିକ୍ଷାନୀତି-୨୦୨୦କୁ ଲାଗୁ କରିବାକୁ ବସିଛନ୍ତି ରାଜ୍ୟ ସରକାର। ପ୍ରାଥମିକ ବିଦ୍ୟାଳୟରେ ଭିତିଭୂମିର ବିକାଶ କରାଯାଉ ନାହିଁ କିମ୍ବା ଗୁଣାତ୍ମକ ଶିକ୍ଷା ନିମନ୍ତେ ଶ୍ରେଣୀ ପିଛା ନିୟମିତ ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ତରଫରୁ ୬ ଦଫା ଦାବି ନେଇ ସମସ୍ତ ମନ୍ତ୍ରୀ ଓ ବିଧାୟକଙ୍କୁ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଉପଦେଷ୍ଟା ଗଜେନ୍ଦ୍ର ମାଝୀ, ଲକ୍ଷ୍ମଣ ନାହାକ, ଗୋବିନ୍ଦ ମହନ୍ତ, ଅଗାଧୁ ସେଠୀ, ଜି. ଗୋପାଳ ରାଓ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ କରିବାକୁ ଅନୁରୋଧ କରିଛନ୍ତି।

### ଲିଙ୍ଗଭିତ୍ତିକ ହିଂସା ବିରୋଧରେ ଓଡ଼ିଶା କରିବ ମୁକାବିଲା

## ମହିଳାଙ୍କୁ ସୁରକ୍ଷିତ ପରିବେଶ ଦେବା ସମସ୍ତଙ୍କ ସାମୂହିକ କର୍ତ୍ତବ୍ୟ: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନାଇଟେଡ ନ୍ୟାସନାଲ ପପୁଲେସନ ଫଣ୍ଡ (ୟୁଏନେଫପିଏ)ର ସହଭାଗିତାରେ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ସହ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୧୬ ଦିନିଆ ସଚେତନତା ଅଭିଯାନର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଅଭିଯାନ ୩୦ ଜିଲ୍ଲାଟିକୁ ବ୍ୟାପି ଥିବାବେଳେ ଉଦଯାପନୀ ଉତ୍ସବରେ ଭୁବନେଶ୍ୱରସ୍ଥିତ ଶ୍ରୀୟା ଛକ ଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପ୍ରାୟ ୧ ହଜାର ମହିଳାମାନଙ୍କ ଦ୍ୱାରା ଏକ ମାନବଶୃଙ୍ଖଳ ସହ ପଦଯାତ୍ରା ଦ୍ୱାରା ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ପଦଯାତ୍ରା ସହ ବିଭିନ୍ନ ପ୍ରକାର ପଥପ୍ରାନ୍ତ ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ମଧ୍ୟ ଯୋଗ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳାମାନଙ୍କୁ ଉତ୍ସାହିତ କରି କହିଲେ ଯେ ଏକ ସଭ୍ୟ ସମାଜରେ ଲିଙ୍ଗଗତ ହିଂସାର କୌଣସି ସ୍ଥାନ ନାହିଁ । ସବୁପ୍ରକାର ବୃତ୍ତିରେ ମହିଳାମାନେ ନିଜ ଦକ୍ଷତା ପ୍ରମାଣ କରିପାରିଛନ୍ତି ଓ ସେମାନଙ୍କୁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ଦୃଢ଼ ମତ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ୟୁଏନେଫପିଏ ରାଜ୍ୟ ମୁଖ୍ୟ ମହମ୍ମଦ ନଦିମ୍ ନୁର ଉପସ୍ଥିତ ଥିଲେ । ଏହା ସହ ବିଭିନ୍ନ ଜିଲ୍ଲାରେ ମହିଳା ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବେସରକାରୀ ସଂଗଠନର ଅଧିକାରୀବୃନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀବୃନ୍ଦ ଓ ୟୁନାଇଟେଡ଼ ନ୍ୟାସନାଲ ପପୁଲେସନ ଫଣ୍ଡ (ୟୁଏନେଫପିଏ)ର ଅଧିକାରୀମାନେ ଉପସ୍ଥିତ ଥିଲେ ।

Government of Haryana | Kurukshetra Development Board | Partner State Odisha | Partner Country Tanzania

# International GITA Mahotsav 2024

28 November - 15 December

Kurukshetra, Haryana



सर्वधर्मान्परित्यज्य मामेकं शरणं व्रज।
अहं त्वा सर्वपापेभ्यो मोक्षयिष्यामि मा शुचः॥
भगवद्गीता 18.66

सम्पूर्ण कर्तव्य कर्मों का आश्रय छोड़कर तू केवल मेरी शरण में आ जा।
मैं तुझे सभी पापों से मुक्त कर दूंगा, शोक मत कर।

Abandoning all duties, come to Me alone for shelter.
Be not grieved, for I shall release you from all evils.

## Margsheersh Shukla Mokshada Ekadashi - Gita Jayanti Samaroh

11 December, 2024 | Venue : Kurukshetra

Chief Guests

**Sh. Manohar Lal**
Union Minister, Housing & Urban Affairs and Power

**Sh. Shivraj Singh Chouhan**
Union Minister, Agriculture & Farmers' Welfare and Rural Development

**Sh. Suryabanshi Suraj**
Minister of Odia Language, Literature & Culture

**Ms. Pindi Hazara Channa**
Minister, Tanzania

Presided over by

**Sh. Nayab Singh Saini**
Chief Minister, Haryana

### Main Programmes

| | | |
|---|---|---|
| 9:00 am | Jyotisar-The Birthplace of Gita and Sannihit Sarovar | Complete recitation of Srimad Bhagavadgita and Gita Yajna |
| 10:00 am | Theme Park, Kurukshetra | Global Gita Chanting by 18000 students |
| 11:00 am | Purushottampura Baag, Kurukshetra | Cultural Programmes in Odisha Pavilion |
| 02:00 pm | Srimad Bhagavadgita Sadan, Kurukshetra University | 48 Kos Tirtha Sammelan |
| 03:00 pm | In front of the Kurukshetra Development Board Office | Departure of Gita Shobha Yatra |
| 03:00 pm to 04:30 pm | Senate Hall, Kurukshetra | The Resonance of Dialogue: Panchjanye 'Haryana's Transformation' |
| 05:30 pm | Brahma Sarovar, Sannihit Sarovar & Jyotisar | Deepotsav |
| 05:30 pm | 48 Kos Kurukshetra region | Deepotsav at Tirthas |
| 06:00 pm | Purushottampura Baag, Brahma Sarovar | Gita Maha Aarti and Deep Daan |



"सभी देशवासियों को गीता जयंती की अनंत शुभकामनाएं।
श्रीमद्भगवद्गीता सदियों से मानवता का मार्गदर्शन करती आई है।
अध्यात्म और जीवन-दर्शन से जुड़ा यह महान ग्रंथ हर युग
में पथ प्रदर्शक बना रहेगा।"

- नरेन्द्र मोदी

Scan QR Code to join Global Gita Chanting

Scan QR Code to join 48 Kos Tirtha Sammelan

Information, Public Relations & Languages Department, Haryana

www.prharyana.gov.in | Follow us on @diprharyana

RO No.: 1089/13/1935/2025/30956/3059/21 Date Chandigarh, the 10/12/2024



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



### ସିରିଆରେ ଅସଦ ଶାସନର ଅନ୍ତ

## ଭାରତ ସହ ସୁସଂପର୍କକୁ ନେଇ ପ୍ରଶ୍ନବାଚୀ

ପଶ୍ଚିମ ଏସିଆର ଇସଲାମୀୟ ରାଷ୍ଟ୍ର ସିରିଆରେ ଦୀର୍ଘ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧର ପରିସମାପ୍ତି ଘଟି ବିଦ୍ରୋହୀ ଗୋଷ୍ଠୀ କ୍ଷମତା ଦଖଲ କରିଛନ୍ତି ଏବଂ ଏକଛତ୍ରବାଦୀ ଶାସକ ଅଲ୍ ଅସଦ୍ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ଅସଦ୍ ଦେଶ ଛାଡି ପଳାୟନ କରିବା ପରେ ରୁଷ ରାଜଧାନୀ ମସ୍କୋରେ ପହଞ୍ଚି ରାଜନୈତିକ ଆଶ୍ରୟ ନେଇଛନ୍ତି। ଏହା ଫଳରେ ବିଗତ ୫୪ ବର୍ଷ ଧରି ସିରିଆରେ ଶାସନ ଗାଦି ଦଖଲ କରି ରହିଥିବା ଅସଦ୍ ପରିବାରର ରାଜୁତିରେ ପୂର୍ଣ୍ଣଚ୍ଛେଦ ପଡିଛି। ଅଲ୍ ଅସଦ୍‌ଙ୍କ ସ୍ୱେଚ୍ଛାଚାରୀ ଶାସନକୁ ବିରୋଧ କରି ଗତ ୨୦୧୧ ମସିହାରୁ ସିରିଆରେ ବିଦ୍ରୋହ ମୁଣ୍ଡ ଟେକିଥିବା ସ୍ଥଳେ ଏବେ ବିଦ୍ରୋହୀଙ୍କ ଜିତାପଟ୍ ହେବା ସହିତ ଶାସନ କ୍ଷମତା ସେମାନଙ୍କ ହାତକୁ ଚାଲିଯାଇଛି। ବର୍ତ୍ତମାନ ଦେଶରେ ଗଣତାନ୍ତ୍ରିକ ପଦ୍ଧତିରେ ସରକାର ଗଠନ କରାଯାଇ ନାଗରିମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଓ ସ୍ୱାଧୀନତା ପ୍ରଦାନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଦେଶରେ କ୍ଷମତା ଦଖଲ କରିଥିବା ପ୍ରମୁଖ ବିଦ୍ରୋହୀ ସଂଗଠନ ହାୟତ୍ ତେହରିକ୍ ଅଲ ସାମ୍ (ଏଚ୍‌ଟିଏସ୍)ର ସୁପ୍ରିମୋ ଅବୁ ମହମ୍ମଦ ଜୋଲାନି ନୂତନ ସରକାର ଗଠନ ନେଇ ସୋମବାର ରାଜଧାନୀ ଦାମାସ୍କସ୍ ସ୍ଥିତ ମସ୍‌ଜିଦ୍‌ରେ ନିଜର ବକ୍ତବ୍ୟ ରଖିଛନ୍ତି। ତେବେ ଦେଶର ବର୍ତ୍ତମାନର ସ୍ଥିତି ଯେପରି ରହିଛି ସେଥିରେ ନୂଆ ସରକାର ଗଠିତ ହେବା ପରେ ଶାନ୍ତି ଫେରିବ କି ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ରାଜନୈତିକ ଓ ଆଞ୍ଚଳିକ ଭିତ୍ତିରେ ସିରିଆର ବିଭିନ୍ନ ସ୍ଥାନରେ ବହୁ ବିଦ୍ରୋହୀ ଓ ଆତଙ୍କବାଦୀ ସଂଗଠନ କାର୍ଯ୍ୟ କରୁଛନ୍ତି। ସେମାନେ ସମସ୍ତେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଗୋଟିଏ ଛାତ ତଳେ ଶାସନ କାର୍ଯ୍ୟ ପରିଚାଳନା କରିବା ଏକ ଦୁଃସାଧ ବ୍ୟାପାର ହୋଇପାରେ। ଏହା ବ୍ୟତୀତ ସିରିଆ ରାଜନୀତିକୁ ନେଇ ଆମେରିକା, ଇସ୍ରାଏଲ୍, ଇରାନ୍ ଓ ଇରାକ୍ ଆଦି ରାଷ୍ଟ୍ର ମୁଣ୍ଡ ଖେଳାଇବାର ସମ୍ଭାବନା ରହିଛି। ସୋମବାର ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ୍ ସିରିଆ ପ୍ରସଂଗରେ ଯେଉଁଳି ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି, ତାହା ଏହି ଆଶଙ୍କାକୁ ଦୃଢ଼ୀଭୂତ କରୁଛି। ବିଦ୍ରୋହ ସଫଳ ହେବା ପରେ ମଧ୍ୟ ସିରିଆରେ ପୁଣି ଆତଙ୍କବାଦ ମୁଣ୍ଡ ଟେକିବ ବୋଲି ଆଶଙ୍କା ପ୍ରକାଶ କରି ଆମେରିକା ଓ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି ଏବଂ ସୋମବାର ଦିନ ଘନ ଘନ ବୋମାମାଡ କରିଥିବାର ଖବର ମିଳିଛି। ବିଦ୍ରୋହର ନାୟକ ସାଜି କ୍ଷମତା ଦଖଲ କରିଥିବା ଏଚ୍‌ଟିଏସ୍ ଏକ ଜିହାଦୀ ଗୋଷ୍ଠୀ ଭାବରେ ଅଲ୍ କାଏଦା ଆତଙ୍କବାଦୀ ସଂସ୍ଥାରୁ ଜନ୍ମଲାଭ କରିଥିବାରୁ ଏହା ଉପରେ ଉଭୟ ଆମେରିକା ଓ ଇସ୍ରାଏଲ୍ ଭରସା କରିପାରୁନାହାନ୍ତି। ଅସଦ୍ ସରକାର ପତନ ପରେ ସିରିଆରେ ପୁଣି ଆତଙ୍କବାଦ ବୃଦ୍ଧି ପାଇବା ସହିତ ଆଇଏସ୍‌ଆଇଏସ୍ ସକ୍ରିୟ ହେବାର ଆଶଙ୍କା ବଢ଼ିଛି। ଆମେରିକା ଏବେ ଦକ୍ଷିଣ ସିରିଆ ଅଞ୍ଚଳରେ ୯୦୦ ଟ୍ରୁପ୍ ସେନା ମୁତୟନ କରିଥିବାବେଳେ ଆଇଏସ୍‌ଆଇଏସ୍ ଶିବିର ଓ ଅନ୍ୟ ଠିକଣା ଉପରେ ଆକାଶ ମାର୍ଗରୁ ଘନ ଘନ ଆକ୍ରମଣ ଜାରି ରଖିଛି। ଗତ ୨୦୧୯ ମସିହାରେ ଆଇଏସ୍‌ଆଇଏସ୍ ଆତଙ୍କୀ ସଂଗଠନ ସିରିଆର ବହୁ ଅଞ୍ଚଳ ନିଜ କବ୍‌ଜାକୁ ନେଇ ପ୍ରଭାବ ବିସ୍ତାର କରିଥିଲା। ମାତ୍ର ଆମେରିକାର କାର୍ଯ୍ୟାନୁଷ୍ଠାନ ଫଳରେ ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ହ୍ରାସ ପାଇଥିଲା। ବିତାଡିତ ରାଷ୍ଟ୍ରପତି ଅଲ୍ ଅସଦ୍ ଦେଶ ଛାଡି ପଳାଇବା ଏବଂ ବିଦ୍ରୋହୀଙ୍କ ହାତକୁ କ୍ଷମତା ଚାଲିଯିବା ପରେ ଏବେ ଭାରତ-ସିରିଆ ସଂପର୍କ କିପରି ରହିବ, ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି। ପଶ୍ଚିମ ଏସିଆର ଇସ୍‌ଲାମୀୟ ରାଷ୍ଟ୍ର ହୋଇଥିଲେ ମଧ୍ୟ ବିଗତ ଦିନରେ ସିରିଆର ଶାସକମାନେ ଭାରତ ସହ ସୁସଂପର୍କ ରଖିଥିଲେ। ୧୯୫୭ ମସିହାରେ ସିରିଆ ସହ ଭାରତର ସୁସଂପର୍କର ଭିତ୍ତି ପଡିଥିଲା, ଯାହା ଏଯାବତ୍ ବଳବତ୍ତର ରହିଥିଲା। ଏବେ ବିଦ୍ରୋହୀ ଶାସକ ଗୋଷ୍ଠୀ ଏହି ସୁସଂପର୍କକୁ ଅତୁଟ ରଖୁଛନ୍ତି କି ନାହିଁ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

# ଭାରତ ଧର୍ମ ନିରପେକ୍ଷ ଓ ସମାଜବାଦୀ କାହିଁକି ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ମାନ୍ୟବର ସୁପ୍ରିମ୍‌କୋର୍ଟ ଗତ ନଭେମ୍ବର ମାସ ୨୫ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ସମ୍ବିଧାନର ମୂଳ ପ୍ରସ୍ତାବନାରେ ୧୯୭୬ ମସିହାରେ ଜରୁରିକାଳୀନ ପରିସ୍ଥିତି ବେଳେ ଯୋଡ଼ାଯାଇଥିବା ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦକୁ ହଟାଯିବ ନାହିଁ ବୋଲି କହିଛନ୍ତି। କୋର୍ଟ କହିଛନ୍ତି ଯେ ଏ ଦୁଇ ଶବ୍ଦ ହେଉଛି ସମ୍ବିଧାନର ବୁନିଆଦି ଢାଞ୍ଚାର ଅତୁଟ ଅଙ୍ଗ। ଏଥିରୁ ସ୍ପଷ୍ଟ ଯେ ଆମ ସମ୍ବିଧାନ ନିର୍ମାତାମାନଙ୍କର ସ୍ପଷ୍ଟ ଲକ୍ଷ୍ୟ ଥିଲା ଯେ ସ୍ୱାଧୀନ ଭାରତ ଏମିତି ଏକ ରାଷ୍ଟ୍ର ହେବ ଯେଉଁଠି ସରକାର ବା ଶାସନର କୌଣସି ଧର୍ମ ରହିବ ନାହିଁ ଓ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ମିଳିବ। ସମାଜବାଦର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ସମାନ ଅଧିକାର ମିଳିବ। ଏପରିକି ରାଷ୍ଟ୍ରର ଆୟ ଓ ସମ୍ପତ୍ତିରେ ପ୍ରତ୍ୟେକ ନାଗରିକଙ୍କର ସମାନ ଭାଗିଦାରୀ ସ୍ଥିର ହୋଇପାରିବ। ଏଇଥିପାଇଁ ସମ୍ବିଧାନରେ ସମତା ଓ ବନ୍ଧୁତ୍ୱ ଶବ୍ଦ ରଖାଯାଇଛି ଏବଂ ପ୍ରତ୍ୟେକଙ୍କୁ ଏକ ସମାନ ଦୃଷ୍ଟିରେ ନ୍ୟାୟ ଉପଲବ୍ଧ କରାଯିବା କଥା କୁହାଯାଇଛି। ୧୯୭୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ସମ୍ବିଧାନର ୪୨ତମ ସଂଶୋଧନ କରିବା ବେଳେ କେବଳ ଯେ ଦୁଇଟି ଶବ୍ଦକୁ ଯୋଡ଼ାଯାଇଥିଲା ତାହା ନୁହେଁ ବରଂ ୮ଟି ପ୍ରମୁଖ ଉପବନ୍ଧ ଲେଖାଯାଇଥିଲା। ଏଥିରେ ସବୁଠାରୁ ମହତ୍ୱପୂର୍ଣ୍ଣ ନାଗରିକଙ୍କ ମୂଳ କର୍ତ୍ତବ୍ୟ ଥିଲା। ସମ୍ବିଧାନ ନିର୍ମାତାମାନେ କେବଳ ନଗରିକଙ୍କ ମୂଳ ଅଧିକାର ବାବଦରେ ଲେଖିଥିଲେ କିନ୍ତୁ ଜରୁରିକାଳୀନ ପରିସ୍ଥିତି ବେଳେ କର୍ତ୍ତବ୍ୟକୁ ମୂଳ ଭାବନାର ଅଂଶ ବୋଲି କୁହାଯାଇଥିଲା। ଏହାବ୍ୟତୀତ ପରିବେଷ ସଂରକ୍ଷଣ, ସମାନ ନ୍ୟାୟ ଓ ପ୍ରତ୍ୟେକ (ଗରୀବ) ନାଗରିକଙ୍କୁ ମାଗଣା ଆଇନ ସହାୟତା ଦିଆଯିବା, ଶ୍ରମିକଙ୍କ ପ୍ରବନ୍ଧନରେ ଭାଗିଦାରୀ ଏବଂ ଭାରତର ଅଖଣ୍ଡତା କଥା ମଧ୍ୟ ସମ୍ବିଧାନର ଅଂଶ ବୋଲି ୪୨ ତମ ସଂଶୋଧନରେ ଯୋଡି ଦିଆଯାଇଥିଲା। ଏଥିରେ ସର୍ବାଧିକ ମହତ୍ୱ ମୂଳ କର୍ତ୍ତବ୍ୟକୁ ତ ଦିଆଯାଇଥିଲା କିନ୍ତୁ ଗରୀବ ନାଗରିକଙ୍କ ପାଇଁ ରାଷ୍ଟ୍ର(ଦେଶ)ର ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ଦେଶରୁ ଜରୁରିକାଳୀନ ପରିସ୍ଥିତି ହଟିବା ପରେ ନିର୍ବାଚନରେ ଯେତେବେଳେ ବିରୋଧୀ ଦଳମାନଙ୍କ ମେଣ୍ଟ ଜନତା ପାର୍ଟି ସରକାର ଗଠନ କଲେ ସେତେବେଳେ ସମ୍ବିଧାନରେ ୪୩ତମ ଓ ୪୪ତମ ସଂଶୋଧନ କରାଯାଇଥିଲା ହେଲେ ଅଣ କଂଗ୍ରେସ ମେଣ୍ଟର ସରକାର ୪୨ତମ ସଂଶୋଧନ ବେଳେ ଯୋଡ଼ାଯାଇଥିବା ଦୁଇ ଶବ୍ଦ ଓ ଉପବନ୍ଧକୁ ହଟାଇନଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ ଇନ୍ଦିରା ଗାନ୍ଧୀ ୪୨ତମ ସଂଶୋଧନରେ ଏହି ଦୁଇ ଶବ୍ଦ ଯୋଡିଲେ କାହିଁକି ? ଏବେ ୪୨ ତମ ସଂଶୋଧନର ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦକୁ ନେଇ ଆପତ୍ତି ଉଠୁଛି କାହିଁକି ? ଏସବୁକୁ ବୁଝିବାକୁ ହେଲେ ଗୋଟିଏ କଥା ସ୍ପଷ୍ଟ ଯେ ବିରୋଧ କରୁଥିବା ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ନଜରରେ ସମାଜବାଦର ଅର୍ଥ ବୋଧହୁଏ ସାମ୍ୟବାଦ ନିକଟରେ ପହଞ୍ଚିଯାଉଛି। ସ୍ୱାଧୀନତା ଆନ୍ଦୋଳନ ବେଳେ ସ୍ପଷ୍ଟ ହୋଇଯାଇଥିଲା ଯେ ସ୍ୱାଧୀନତା ପାଇଁ ଲଢେଇ କରୁଥିବା କଂଗ୍ରେସ ପାର୍ଟି ସ୍ୱାଧୀନ ଭାରତରେ ଗାନ୍ଧୀଙ୍କ ସିଦ୍ଧାନ୍ତର ସମାଜବାଦ ଲାଗୁ କରିବ। କଂଗ୍ରେସର ଲକ୍ଷ୍ମୌ ଅଧିବେଶନରେ ପଣ୍ଡିତ ଜବାହାରଲାଲା ନେହେରୁ ସ୍ପଷ୍ଟ କରିଦେଇଥିଲେ ଯେ ତାଙ୍କ ଦଳ ଦେଶରେ ଜମିଦାରୀ ପ୍ରଥା ସମାପ୍ତ କରିବ ଏବଂ ଚାଷିଙ୍କୁ ଜମିର ମାଲିକାନା ହକ୍ ଦେବ। ନେହେରୁଙ୍କ ଏହି ବକ୍ତବ୍ୟ ପରେ ମୁସଲିମ୍ ଲିଗ୍‌ର ନେତା ଜିନ୍ନା ବିଗିଡି ଯାଇଥିଲେ କାରଣ ସେତେବେଳେ ମୁସଲିମ୍‌ଲିଗ୍‌ରେ କେବଳ ବଡ଼ ବଡ ମୁସଲିମ ଜମିଦାର ଓ ଧନୀ ବ୍ୟକ୍ତି ହିଁ ସଦସ୍ୟ ଥିଲେ।

୧୯୩୬ ମସିହାରେ ଯେତେବେଳେ ପ୍ରାନ୍ତିୟ ବିଧାନସଭାର ପ୍ରଥମ ନିର୍ବାଚନରେ କଂଗ୍ରେସ ବିଜୟୀ ହେଲା ସେତେବେଳେ କଂଗ୍ରେସ ଜମିଦାରୀ ଉଚ୍ଛେଦ ପାଇଁ ଉଦ୍ୟମ କଲା। କଂଗ୍ରେସର ଏହି ନିଷ୍ପତ୍ତିରେ କେବଳ ଯେ ମୁସଲିମଲିଗ୍ ଆତଙ୍କିତ ହେଲା ତା ନୁହେଁ ବରଂ ଇଂରେଜ ସରକାର ମଧ୍ୟ ଏଥିପାଇଁ ଅସନ୍ତୋଷ ପ୍ରକାଶ କରିବା ସହ ଭାରତ ସ୍ୱାଧୀନ ହେଲେ ସୋଭିଏତ ସଂଘର ବିଚାରଧାରାକୁ ଆପଣେଇ ନେବ ବୋଲି ଆଶଙ୍କା କରିଥିଲେ। ଏହା ହେଉଛି ଏକ ଐତିହାସିକ ତଥ୍ୟ। ପାକିସ୍ତାନୀ ମୂଳର ସ୍ୱିଡିସ୍ ରାଜନୀତି ବିଜ୍ଞାନୀ ଡ଼କ୍ଟର ଇସ୍ତିୟାକ ଅହମଦ ତାଙ୍କ ଲିଖିତ 'ଜିନ୍ନା ଉନକି ରାଜନୈତିକ ସଫଳତାଏଁ ଓ ବିଫଳତା ଏଁ ଓ ବଣ୍ଟୱାରା ମେଁ ଉନକି ଭୂମିକାନ୍ତ ପୁସ୍ତକରେ ଏକଥା ଉଲ୍ଲେଖ କରିଛନ୍ତି। ଏଣୁ ଏକଥା ସ୍ପଷ୍ଟ ହୋଇଯାଇଛି ସ୍ୱାଧୀନ ଭାରତରେ ସମାଜବାଦ କଂଗ୍ରେସର ଲକ୍ଷ ଥିଲା। ଏଥି ସହିତ ଧର୍ମ ନିରପେକ୍ଷତା ସମ୍ପର୍କରେ ମଧ୍ୟ ଆମେ କୌଣସି ଭ୍ରମରେ ରହିବାର ଆବଶ୍ୟକତା ନାହିଁ। ଏହି ଧର୍ମନିରପେକ୍ଷ ଶବ୍ଦ ସହ ଭାରତର ୫ହଜାର ବର୍ଷର ପୁରୁଣା ସଂସ୍କୃତି ଯୋଡି ହୋଇ ରହିଛି।

ଖ୍ରୀଷ୍ଟପୂର୍ବ ୩ ହଜାର ବର୍ଷ ପୂର୍ବର ସମୟ ପର୍ଯ୍ୟନ୍ତ ଧର୍ମ ଜୀବନର ଆବଶ୍ୟକ ଅଙ୍ଗ ନଥିଲା। କିନ୍ତୁ ଧୀରେ ଧୀରେ ଯେତିକି ଆର୍ଥିକ ବିକାଶ ଘଟିଲା ଏବଂ ସମ୍ପତ୍ତିର ମାଲିକ ହେବାର ବିଚାର ବଢିବାରେ ଲାଗିଲା ସେଇ ଅନୁସାରେ ଧର୍ମ ବିକଶିତ ହେବାରେ ଲାଗିଲା ଓ ଦେବୀ ଦେବତାଙ୍କ ସଂଖ୍ୟା ମଧ୍ୟ ବଢିବାକୁ ଲାଗିଲା। ପ୍ରଥମେ ସୂର୍ଯ୍ୟ ଉପାସନା ଠାରୁ ଆରମ୍ଭ କରି ଅନ୍ୟ ପ୍ରାକୃତିକ ଶକ୍ତି ମାନଙ୍କର ଉପାସନା ପଦ୍ଧତି ବିକଶିତ ହୋଇଥିଲା ଏବଂ କର୍ମକାଣ୍ଡର ସ୍ଥାପନା ବୈଦିକ କାଳରେ ହୋଇଥିଲା। ଏହା ପରେ ଜୈନ ଓ ବୌଦ୍ଧଧର୍ମ ପୁନଃ ପ୍ରକୃତିର ସତ୍ତାକୁ ଏକ ସ୍ୱରୂପ ଭାବେ ସ୍ୱୀକାର କରିଥିଲେ ଏବଂ ଏହି ସମୟରେ କୁହାଗଲା ଯେ 'ଧାରୟତି ସଃ ଧର୍ମଃ' ଅର୍ଥାତ୍ ଯିଏ ଧାରଣ କରିବାର ଯୋଗ୍ୟ ସିଏ ଧର୍ମ ଅଟେ। ଏଥିରେ ପୂଜା ପଦ୍ଧତି କଥା କେଉଁଠି ଉଲ୍ଲେଖ କରାଯାଇନାହିଁ। ହିନ୍ଦୁ ସଂସ୍କୃତି ଯାହାକୁ ଆମେ ମାନୁଛେ ତାହା ମନୁସ୍ମୃତିରୁ ହିଁ ଆସିଛି ଯେଉଁଥିରେ ୪ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୁଦ୍ରର ବ୍ୟବସ୍ଥା ରହିଛି। ଏହି ୪ବର୍ଣ୍ଣର ଲୋକଙ୍କ କାର୍ଯ୍ୟର ବିଭାଜନ କେବଳ ସମ୍ପତ୍ତି ସଞ୍ଚୟର ବ୍ୟବସ୍ଥା କୁ ହିଁ ଦର୍ଶାଇଥାଏ। ଏଭଳି ବିଶ୍ଳେଷଣ ଭାରତର ବିଜ୍ଞଜନମାନଙ୍କ ଦ୍ୱାରା କରାଯାଇଛି। ଏହିଥିପାଇଁ ସଂସ୍କୃତି ଏବଂ ଧର୍ମକୁ ଯେତେବେଳେ ଆମେ ଆମ ନିଜ ନିଜର ଦୃଷ୍ଟିରେ ଦେଖୁଛେ ସେତେବେଳେ ଆମ ମନରେ କେମିତି ଏକ କିଂଭୁତ କିମାକାର ଚିନ୍ତା ଉପୁଜିଥାଏ।

ଖ୍ରୀଷ୍ଟାବ୍ଦର ପ୍ରାରମ୍ଭ ଏବଂ ଯଦି ଆମେ ସମ୍ରାଟ କନିଷ୍କଙ୍କ ଶାସନ ସମୟକୁ ଦେଖିବା ତେବେ ସେତେବେଳେ ବୌଦ୍ଧ ଧର୍ମର ଅନୁଗାମୀମାନେ ଥିଲେ ଓ ସେତେବେଳ ମୂର୍ତ୍ତି ପୂଜା ମଧ୍ୟ ହେଉଥିଲା। ବୌଦ୍ଧ ଧର୍ମରେ ମହାଯାନର ପ୍ରାରମ୍ଭ ହେଲା ଓ ପାଲି ଭାଷାରେ ବୌଦ୍ଧ ସାହିତ୍ୟ ଲେଖା ଯାଇଥିଲା। ଏଥିସହ ସଂସ୍କୃତ ଭାଷାରେ ଲେଖିବାକୁ ମଧ୍ୟ ଅନୁମତି ମିଳିଥିଲା, ପୂର୍ବରୁ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ଶାସନଥିଲା ଓ ଚନ୍ଦ୍ରଗୁପ୍ତ ଜୈନ ଧର୍ମର ଅନୁଗାମୀ ଥିଲେ କିନ୍ତୁ ତାଙ୍କ ପୌତ୍ର ସମ୍ରାଟ ଅଶୋକ ବୌଦ୍ଧ ଧର୍ମକୁ ମାନୁଥିଲେ। ଏବେ ଆମେ ଯାହାକୁ ହିନ୍ଦୁ ସଂସ୍କୃତି ବୋଲି ମାନୁଛେ ତାହା ବହୁଳତା ବାଦ ଥିଲା ଏବଂ ଏଇଥିପାଇଁ ଆମେ ଭାରତୀୟ ପ୍ରାରମ୍ଭରୁ ହିଁ ଧର୍ମନିରପେକ୍ଷତାକୁ ମାନି ଆସୁଥିଲେ। ୨୦୦୦ ମସିହା ପାଖାପାଖି କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଥିଲା। ତାଙ୍କ ସରକାରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିଲେ ପ୍ରମୋଦ ମହାଜନ। ପ୍ରମୋଦ ମହାଜନ ଥରେ ସଂସଦକୁ ଭାରତୀୟ ସମ୍ବିଧାନର ମୂଳ ହାତଲେଖା କପିର ଜେରକ୍ସ କପି ଆଣି ଆସିଥିଲେ। ସେହି ମୂଳ କପିରେ ମର୍ଯ୍ୟାଦାପୁରୁଷୋତ୍ତମ ରାମଙ୍କ ଲଙ୍କା ବିଜୟ ପରେ ଅଯୋଧ୍ୟା ଫେରିବାର ଚିତ୍ର ସହ ବାଦଶାହ ଆକବର ଏବଂ ଟିପୁ ସୁଲତାନଙ୍କ ଚିତ୍ର ଅଙ୍କିତ ଥିଲା।

ପ୍ରମୋଦ ମହାଜନ ଲୋକସଭାରେ ଯୁକ୍ତି ଦର୍ଶାଇଥିଲେ ଯେ ଯେହେତୁ ସମ୍ବିଧାନର ମୂଳ କପିରେ ରାମଙ୍କ ଚିତ୍ର ରହିଛି ତେଣୁ ସମ୍ବିଧାନର ମୂଳ ପ୍ରସ୍ତାବନାରୁ ଧର୍ମନିରପେକ୍ଷ ଶବ୍ଦକୁ ହଟାଯିବା ଆବଶ୍ୟକ ଏବଂ ସମାଜବାଦ ଶବ୍ଦକୁ ମଧ୍ୟ ହଟାଯିବା ଆବଶ୍ୟକ କାରଣ ଭାରତ ଏବେ ବଜାର ମୂଳକ ଅର୍ଥବ୍ୟବସ୍ଥା ଅର୍ଥାତ୍ ପୁଞ୍ଜିବାଦର ନୀତିରେ ଚାଲିଛି। ଲୋକସଭାରେ ପ୍ରମୋଦ ମହାଜନଙ୍କ ଏହି ତର୍କ ବା ବୟାନକୁ ବିରୋଧ କରାଯାଇଥିଲା ଓ କୁହାଯାଇଥିଲା ଯେ ମୂଳ କପିକୁ ସୁନ୍ଦର କରିବା ପାଇଁ ଚିତ୍ରକର ନନ୍ଦଲାଲ ବୋଷ ଏହି ଚିତ୍ର ଆଙ୍କିଥିଲେ। କିନ୍ତୁ ତାଙ୍କ ଉଦ୍ଦେଶ୍ୟ ଧାର୍ମିକ ନଥିଲା ବରଂ ରାଷ୍ଟ୍ରୀୟ ଥିଲା। ପ୍ରମୋଦ ମହାଜନଙ୍କ ମନ୍ତବ୍ୟ/ଯୁକ୍ତିକୁ ସେତେବେଳେ କଂଗ୍ରେସ ନେତା ପ୍ରିୟରନ ଦାସ ମୁନସୀ ବ୍ୟାପକ ସମାଲୋଚନା କରିଥିଲେ। ଦାସ ମୁନସୀ କହିଥିଲେ ଯେ ଆର୍ଥିକ ଉଦାରୀକରଣ ନୀତିକୁ କଂଗ୍ରେସ ସରକାର ଲାଗୁକରିଥିଲା ଭାରତର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ। ନେହେରୁଙ୍କ ସମୟରୁ ଭାରତ ମିଶ୍ରିତ ଅର୍ଥବ୍ୟବସ୍ଥାକୁ ଆପଣେଇ ଚାଲିଥିଲା କିନ୍ତୁ ଡ଼କ୍ଟର ମନମୋହନ ସିଂହ କେନ୍ଦ୍ରରେ ଅର୍ଥମନ୍ତ୍ରୀ ଥିବାବେଳେ ଭାରତତର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଉଦାରୀକରଣ ନୀତିକୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଏହାର ଅସଲ ଉଦ୍ଦେଶ୍ୟ ଗରୀବଙ୍କୁ ସମ୍ପନ୍ନ କରିବା ଓ ଭାରତୀୟ ବହୁଳତା ବାଦ ସଂସ୍କୃତିକୁ ବଜାୟ ରଖିବା। ଏଣୁ ଏଥିରୁ ସ୍ପଷ୍ଟ ଯେ ମୂଳ କପିରେ ରାମାୟଣର ରାମ ଓ ଆକବରଙ୍କ ଚିତ୍ର କାହିଁକି ଅଙ୍କାଯାଇଥିଲା। ଏସବୁରୁ ଭାରତ କାହିଁକି ଧର୍ମ ନିରପେକ୍ଷ ଓ ସମାଜବାଦୀ ସେକଥା ସହଜରେ ବୁଝିହେବ।

# ଶିଶୁ ଯେବେ ଭୁଲ କରେ...



ଡକ୍ଟର ସୁରେଶ କୁମାର ନାୟକ
ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

ଶିଶୁଟିଏ ସାଧାରଣତଃ ବାଲ୍ୟକାଳରେ ଜିଜ୍ଞାସୁ ପ୍ରକୃତିର ହୋଇଥାଏ। ତେଣୁ ପିଲାବେଳେ କୌଣସି ମନୋଲୋଭା ଜିନିଷଟିଏ ଦେଖିଲେ ତା'ମନରେ ତାହା ଲୋଭ ଜାଗ୍ରତ କରାଏ। ଯାହାଫଳରେ ସେ କଳେବଳେ କୌଶଳେ ସେହି ଜିନିଷକୁ ଆଣିବାକୁ ପ୍ରୟାସ ଜାରି ରଖେ। ଏମିତିକି ବେଳେବେଳେ ଏହି ଜିନିଷ ଯଦି ପାଖ ପଡ଼ିଶା କାହାଘରେ ଥାଏ, ତେବେ ସେ ତାକୁ ଚୋରାଇ ଆଣିବାକୁ ପ୍ରୟାସ କରେ। ଏଭଳି କ୍ଷେତ୍ରରେ ଶିଶୁଟି ଯଦି ଧରା ପଡ଼ିଯାଏ ତାକୁ ବାପା ମାଆ ମାନେ ନାନା ପ୍ରକାର ଶାରୀରିକ ଦଣ୍ଡମାନ ଦେଇ ଦଣ୍ଡିତ କରିଥାନ୍ତି। ଏହା ଶିଶୁର କୋମଳ ମନରେ ବହୁତ ଆଘାତ ପହଞ୍ଚାଇ ଥାଏ। ଏହାଦ୍ୱାରା ତା'ର ଜିଦ୍ ବଢ଼ିଥାଏ। ବାପା ମାଆମାନେ ମନା କରୁଥିବା ଜିନିଷ ପ୍ରତି ତାର ଅଧିକ ଆସକ୍ତି ବଢ଼େ। ସେ ପିଲାବେଳୁ ସ୍ୱାଭାବତଃ ଚୋରି କରିବାର ଫଳରେ ବଡ଼ ହେଲେ ସେଥିରେ ଅଭ୍ୟସ୍ତ ହୋଇ ପଡ଼େ, ପ୍ରତ୍ୟେକ ଜିନିଷରେ ସେ ହାତଉଠା ପଣ କରିଥାଏ। ତେଣୁ ପିଲାଟି ଯଦି ଅପରାଧିକ କାର୍ଯ୍ୟରେ ଅଭ୍ୟସ୍ତ ରହିଥାଏ ତାକୁ ତାର ଅଭ୍ୟାସ ଛଡ଼ାଇବା ପାଇଁ ଦଣ୍ଡ ଦେଇ ନୁହଁ କୋମଳ ଭାଷାରେ ବୁଝାଇବା ଆବଶ୍ୟକ।

ପିଲାମାନେ ବେଶୀ ଅନୁକରଣୀୟ ପ୍ରିୟ ସେମାନେ ଯେଉଁ ପିଲାମାନଙ୍କ ସହିତ ମିଶୁଥାନ୍ତି ସେ ପିଲାର ଅଭ୍ୟାସ କେମିତି। ତା ସହିତ ମିଶି ପିଲାଟି ଭଲ କଥା ଶିଖୁଛିନା ଅପରାଧିକ କାର୍ଯ୍ୟରେ ବେଶୀ ନିମଗ୍ନ ରହୁଛି। ତା ମଧ୍ୟ ବାପା ମାଆମାନେ ନଜର ଦେବା ଦରକାର। ଶିଶୁଟି କେଉଁ ଅପରାଧ କରୁଛି, ସେଥିପାଇଁ ପରିବାର ଓ ପରିବେଶ କେତେ ଦାୟୀ ତାହା ମଧ୍ୟ ଅନୁଧ୍ୟାନ କରିବା ଉଚିତ। ଏହାପରେ ଯାଇ ବିହିତ ପ୍ରତିକାର ପାଇଁ ଉଦ୍ୟମ କରିବା ଆବଶ୍ୟକ। କାରଣ ରୋଗ ନଚିହ୍ନି ରୋଗୀକୁ ଔଷଧ ଦେଲେ ତାହା କେବେ ଫଳପ୍ରଦ ହୋଇନଥାଏ।

ତେଣୁ ପିଲାର ତ୍ରୁଟି ଚିହ୍ନି ତାର ସଂପୂର୍ଣ୍ଣ ନିରାକରଣ ତଥା ପ୍ରତିକାର କଲେ ଶିଶୁ ଓ ଅଭିଭାବକଗଣ ଉଭୟେ ଉପକୃତ ହେବେ। କିନ୍ତୁ ଶିଶୁର ସାମାନ୍ୟ ତ୍ରୁଟି ପାଇଁ ତାକୁ ସର୍ବ ସମ୍ମୁଖରେ କଠୋର ଦଣ୍ଡ ବିଧାନ କରାଯାଏ ଏବଂ ଅପମାନିତ କରାଯାଏ, ତେବେ ସେ ନିଜ ଜୀବନ ପ୍ରତି ବିତୃଷ୍ଣାଭାବ ପୋଷଣ କରିବା ସହିତ ନିଜ ଜୀବନକୁ ମଧ୍ୟ ବଳି ଦେବାକୁ ପଛାଇବ ନାହିଁ।

ତେଣୁ ଶିଶୁଟିଏ ତ୍ରୁଟି କରିବା ଯେତିକି ଅପରାଧ, ତାକୁ ନିରାକରଣ ନକରିବା ମଧ୍ୟ ଆମର ବଡ଼ ଅପରାଧ। ଏଥିପାଇଁ ଶିଶୁର ତ୍ରୁଟି ସୁଧାରି ଏକ ସୁସ୍ଥ ମନ ଶରୀର ସହ ତାକୁ ଗଢ଼ି ତୋଳିବା ପାଇଁ ପ୍ରାଥମିକ ସ୍ତରରୁ ସମସ୍ତଙ୍କର ସବୁକ୍ଷେତ୍ରରେ ଉଦ୍ୟମ ଏକାନ୍ତ ଆବଶ୍ୟକ।

# ବିଜ୍ଞାନସମ୍ମତ କାଳଗଣନା



ସର୍ବେଶ୍ୱର ବେହେରା
ଆଡ଼ଭୋକେଟ, ଖଟବିନସାହି, କଟକ
ମୋ-୮୨୪୯୩୯୩୫୯୧

ଇତିହାସର ଶତତ କାଳ ପ୍ରବାହ ହୋଇଥାଏ। ପରନ୍ତୁ ବିଦେଶୀ ଇତିହାସକାରମାନେ ଭାରତର ସ୍ୱାଭାବିକ କାଳ ପ୍ରବାହକୁ ମନଇଚ୍ଛା ବିକୃତ କରିଛନ୍ତି । ସେମାନେ ଭାରତର କାଳ ବିଭାଜନ ମନଗଢ଼ା, ତଥ୍ୟହୀନ, ଧୃଷ୍ଟତାପୂର୍ଣ୍ଣ ଓ ସୁନିୟୋଜିତ ଢ଼ଙ୍ଗରେ କରିଛନ୍ତି। ୟୁରୋପିୟାନ ମଡ଼େଲର ଆଧାରରେ ଭାରତୀୟ ଇତିହାସକୁ ତିନି ଭାଗରେ ବିଭକ୍ତ କରିଛନ୍ତି । ଏହାର ଜନକ ବିଦେଶୀ ଇତିହାସକାର ଜେମସ ମିଲ (୧୭୭୩-୧୮୩୬) ଥିଲା । ନିଜର ପୁସ୍ତକ ହିଷ୍ଟ୍ରି ଅଫ ବ୍ରିଟିଶ ଇଣ୍ଡିଆ (୧୮୧୭)ରେ ତିନୋଟି କାଳ- ହିନ୍ଦୁ କାଳ, ମୁସଲମାନ କାଳ ଓ ବ୍ରିଟିଶ କାଳ ରୂପେ ବିଭାଜିତ କରିଥିଲା। ତୃତୀୟ କାଳକୁ ବ୍ରିଟିଶ କାଳ ରୂପେ ବର୍ଣ୍ଣନା କରିବା ପଛରେ ଏକ ଷଡ଼ଯନ୍ତ୍ର ଥିଲା, ଯାହାକି ସମସ୍ତ ଖ୍ରୀଷ୍ଟିଆନ ଜଗତର ସହାନୁଭୂତି ମିଳିପାରିବ ଯଦ୍ୱାରା ଭାରତକୁ ଏକ ଖ୍ରୀଷ୍ଟିୟାନ ଦେଶରେ ପରିଣତ କରାଯାଇ ପାରିବ।


ଏଠାରେ ଉଲ୍ଲେଖନୀୟ ଯେ ଜେମ୍ସ ମିଲ ଭାରତର ଇତିହାସ ଜାଣିବା ପାଇଁ ନିଜର ଜୀବଦ୍ଦଶା ମଧ୍ୟରେ କଦାପି ସେ ଭାରତକୁ ଆସିନଥିଲା, କିମ୍ବା କୌଣସି ଭାରତୀୟଙ୍କୁ ସେ ସାକ୍ଷାତ କରିଥିଲା କିମ୍ବା ଭାରତର କୌଣସି ଭାଷା ସହିତ ପରିଚିତ ଥିଲା। ଏହି ଅଜ୍ଞାନତାକୁ ସେ ନିଜର ବରଦାନ ବୋଲି ସ୍ୱୀକାର କରୁଥିଲା । ନିରପେକ୍ଷ ବୋଲି ନିଜକୁ ପ୍ରମାଣିତ କରୁଥିଲା । ସେ ଭାରତର କୌଣସି ଗ୍ରନ୍ଥକୁ ଅଧ୍ୟୟନ ମଧ୍ୟ କରିନଥିଲା । ସେ ଭାରତର ଏହି କାଳ୍ପନିକ କାଳବିଭାଜନକୁ ଉପଯୋଗିତାର ସିଦ୍ଧାନ୍ତ (Principle of Utilitaramism) ଆଧାରରେ ସଠିକ ବୋଲି କହିଥିଲା । ଏହି ଆଧାରରେ ସେ ଭାରତରେ ଇଂରେଜ ଶାସନର ବୈଧତାକୁ ସ୍ୱୀକାର କରୁଥିଲା । ଇତିହାସକୁ ଏପରି ଢ଼ଙ୍ଗରେ ସେ ପ୍ରସ୍ତୁତ କରୁଥିଲା ଯେପରି ଭାରତୀୟମାନଙ୍କ ମଧ୍ୟରେ ଇଂରେଜ ଏକ ଶ୍ରେଷ୍ଠ ଜାତି ରୂପେ ପ୍ରତିପାଦନ ହୋଇପାରିବ । ସେ ବିଶ୍ୱର ସର୍ବୋଚ୍ଚ ସଭ୍ୟତାମାନଙ୍କ ମଧ୍ୟରେ ପ୍ରାଚୀନ ୟୁନାନ ତଥା ଆଧୁନିକ ୟୁରୋପ ବୋଲି ପ୍ରତିପାଦିତ କରିଥିଲା । ସେ ନିଜର ପୁସ୍ତକରେ ହିନ୍ଦୁମାନଙ୍କୁ ହୀନ ସିଦ୍ଧ କରିବା ପାଇଁ ଅସଭ୍ୟ ଭାଷାରେ ଗାଳି ଦେଇଥିଲା । ସେ ହିନ୍ଦୁମାନଙ୍କ ସଂସ୍କୃତି ଓ ସଭ୍ୟତାକୁ ବିଶ୍ୱର ନିକୃଷ୍ଟତମ ସଭ୍ୟତା ତଥା ସଂସ୍କୃତି ବୋଲି ଉଲ୍ଲେଖ କରିଥିଲା । ହିନ୍ଦୁମାନଙ୍କୁ ବର୍ବରତା ଓ ନିରଙ୍କୁଶ ବୋଲି କହିଥିଲା । ତା'ର ଚିନ୍ତନ ଭବିଷ୍ୟତର ବ୍ରିଟିଶ ଶାସକ ଓ ବିଦ୍ୱାନମାନଙ୍କ ପାଇଁ ମାର୍ଗଦର୍ଶକ ହୋଇଥିଲା। ହିନ୍ଦୁମାନଙ୍କ ପ୍ରତି ଏହି ନିକୃଷ୍ଟ ବିଚାର ଇଂରେଜମାନଙ୍କ ମଧ୍ୟରେ ଉଦୟ ହୋଇଥିଲା । ସେ ଭାରତର ବର୍ତ୍ତମାନ କାଳକୁ ମଧ୍ୟୟୁରୋପର ମଧ୍ୟକାଳ (୫୦୦-୧୫୦୦) ଖ୍ରୀଷ୍ଟାବ୍ଦର ଭାଗ ରୂପେ ବର୍ଣ୍ଣନା କରିଥିଲା । ଭାରତ ଇତିହାସର ଏହି ବିକୃତପୂର୍ଣ୍ଣ, ତର୍କହୀନ, ଅସଙ୍ଗତ ମୁଖ୍ୟତଃ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ, କ୍ଷମତା ଓ ଅହଙ୍କାରର ପରିଚାୟକ ଥିଲା।

ଦେଶ ବିଦେଶର ଅନେକ ବିଦ୍ୱାନମାନେ ଜେମ୍ସ ମିଲଙ୍କ ମନଗଢ଼ା କାଳବିଭାଜନକୁ କଟୁ ସମାଲୋଚନା କରିଥିଲେ । ଫେଡ୍ରେରିକ ଜନ (୧୭୯୯-୧୮୩୭) ଏହାକୁ 'ଘୃଣ୍ୟ' ଓ 'ଭୟଙ୍କର' ବୋଲି କହିଥିଲେ। ପ୍ରଫେସର ବି.ରାଘବାଚାର୍ଯ୍ୟ ଏହାକୁ ଧୃଷ୍ଟତାପୂର୍ଣ୍ଣ ବିସଙ୍ଗତି, ଭାରତକୁ ବିଭାଜିତ କରିବା ପାଇଁ ସୁନିୟୋଜିତ ପ୍ରଚେଷ୍ଟା ବୋଲି କହିଥିଲେ । ପ୍ରସିଦ୍ଧ ଚିନ୍ତକ ପ୍ରତାପ ସୁନ୍ଦର ଏହି ବିଭାଜନ ଐତିହାସିକ ଓ ତଥ୍ୟ ଆଧାରିତ ନୁହେଁ ।

ଇତିହାସର ଏହି କୃତ୍ରିମ ବିଭାଜନରେ କେତେ ପ୍ରଶ୍ନ ମନ ମଧ୍ୟରେ ଦେଖାଦେଇଥିଲା । ଏହା ଠିକ୍ ନୁହେଁ ଯେ ହିନ୍ଦୁ କାଳ ମଧ୍ୟରେ ଦେଶର ସମସ୍ତ ଶାସକ ହିନ୍ଦୁ ଥିଲେ । ଉଦାହରଣତଃ କୁଷାଣ ଶାସକ ଏପରି ଥିଲେ ଯେ, ପ୍ରଥମତଃ ହିନ୍ଦୁ ନଥିଲେ, ପରେ ସେମାନେ ବୌଦ୍ଧ ଧର୍ମ ଅବଲମ୍ବନ କରିଥିଲେ । ହର୍ଷବର୍ଦ୍ଧନଙ୍କ ପରେ ଯାହାକୁ 'ମୁସଲମାନ କାଳ' କୁହାଯାଉଛି ସେଥିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉତ୍ତର ତଥା ଦକ୍ଷିଣ ଭାରତରେ ରାଜପୁତମାନଙ୍କର ବିଶାଳ ସାମ୍ରାଜ୍ୟ ଥିଲା । ବାବରର ଆସିବା ସମୟରେ ମହାରାଣା ସାଙ୍ଗା ତଥା ମହାରାଜା କୃଷ୍ଣଦେବରାୟ ସାମ୍ରାଜ୍ୟ କ'ଣ ନଥିଲା ? ଏହିପରି ଆଧୁନିକ କାଳର କ'ଣ ବୈଶିଷ୍ଟ୍ୟ ରହିଛି ? ତା' ସହିତ ଏହା ମଧ୍ୟ ବିଚାରଣୀୟ ଯେ ଗୋଟିଏ କାଳରୁ ଅନ୍ୟ ଏକ କାଳକୁ ଲମ୍ଫ ପ୍ରଦାନ କରିବାରେ କୌଣସି ବୈଜ୍ଞାନିକ ଓ ସନ୍ତୁଳିତ ଆଧାର ଅଛି । କେଉଁ ତିଥି-କାଳର ପରିବର୍ତ୍ତନ ଏହାର ଆଧାର ହୋଇଛି ? ବ୍ରିଟିଶ ଇତିହାସକାରମାନଙ୍କ ଦ୍ୱାରା ରାଜନୈତିକ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଏପରି କାଳ ବିଭାଜନ କରିବା କେତେଦୂର ଯଥାର୍ଥ ? ଜେମ୍ସ ମିଲର ଏପରି କୃତ୍ରିମ ଓ ମୂର୍ଖତାପୂର୍ଣ୍ଣ କାଳ ବିଭାଜନ ସମଗ୍ର ଉନବିଂଶ ଶତାବ୍ଦୀର ପାଠ୍ୟକ୍ରମରେ ସାମିଲ ହୋଇଯାଇଥିଲା । ମାଉଣ୍ଟ ଷ୍ଟୁଆର୍ଟ ଏଲିଫିନ୍‌ସ୍ଟନ ନିଜର ଦୁଇଟି ରଚନା ଏହି ଆଧାରରେ ଉଲ୍ଲେଖ କରିଥିଲେ । ବି.ଏ.ସ୍ମିଥ ଏହାକୁ ଐତିହାସିକ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ । ଏଚ.ଏଚ.ସ୍ମିଥ ଏହାକୁ ଐତିହାସିକ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ । ଏଚ.ଏଚ.ଡାଡୱେଲ ନାମକ ଐତିହାସିକ ମଧ୍ୟ ଏହି କ୍ରମକୁ ଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ପରେ ମଧ୍ୟ ଇତିହାସ ପୁସ୍ତକରେ ଏହି କାଳ ବିଭାଜନ ଦେଖିବାକୁ ମିଳିଛି । ଶରୀର ପରିବର୍ତ୍ତନ ହେଲା, କିନ୍ତୁ ଆତ୍ମା ଯଥାବତ ହୋଇ ରହିଗଲା। ଭାରତର ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍କୁଲ ଆଦି ଇତିହାସ ପାଠ୍ୟପୁସ୍ତକରେ ଆଜି ମଧ୍ୟ ଏପରି କାଳ ବିଭାଜନ ଉଲ୍ଲେଖ ରହିଛି ।

କୌଣସି ଦେଶର ଇତିହାସ ବିଦେଶୀ ଆକ୍ରମଣକାରୀଙ୍କ ଦ୍ୱାରା ଲିଖିତ ହୋଇପାରିବ ନାହିଁ । ଭାରତର ଇତିହାସ ଏଠାକାର ହିନ୍ଦୁମାନଙ୍କର ଜୟ ପରାଜୟର ଇତିହାସ । ସଂସ୍କୃତିପ୍ରଧାନ ଦେଶ ହେବା ଯୋଗୁଁ ଏହାର କାଳ ବିଭାଜନ ସାଂସ୍କୃତିକ ରାଷ୍ଟ୍ରବାଦର ପରିବର୍ତ୍ତନର ଆଧାରରେ ହେବା ଆବଶ୍ୟକ । ବ୍ରିଟିଶ ରାଜନୈତିକ ରାଷ୍ଟ୍ରବାଦ ଧାରାରେ ହୋଇଥିବା କାଳବିଭାଜନକୁ ପରିବର୍ତ୍ତନ କରିବା ଆବଶ୍ୟକ । ଭାରତ ରାଷ୍ଟ୍ରର ଉନ୍ନତି ପାଇଁ ଇଂରେଜମାନଙ୍କ ଦ୍ୱାରା ଲିଖିତ ଇତିହାସକୁ ପରିବର୍ତ୍ତନ କରିବାର ସମୟ ଅଛି ।

# ଅଶାନ୍ତସ୍ୟ କୁତଃ ସୁଖଂ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଆଜିର ପାର୍ଥିବ ଓ ଜାଗତିକ ସଂସାରରେ ସମସ୍ତେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଚାହାଁନ୍ତି। କହିବାକୁଗଲେ ସର୍ବଦା ଶାନ୍ତି ପ୍ରାପ୍ତ ନିମିତ୍ତ ସମସ୍ତେ ଆଶା ରଖନ୍ତି। ମାତ୍ର ଏହି ଶାନ୍ତି କେଉଁଠାରୁ ପ୍ରାପ୍ତ ହେବ ସେ ସମ୍ବନ୍ଧରେ କେହି କେବେ ଚିନ୍ତାର ଅବକାଶ ରଖନ୍ତିନାହିଁ। କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶାନ୍ତ ଭାବ ମାନେ ସାମ୍ୟ ଅବସ୍ଥା। ପ୍ରବୃତ୍ତି ଅଭିଭୂତି ଓ ସ୍ୱାର୍ଥାନ୍ଧତାର ଆକୁଳ ବିକୁଳ ଯେତେ କମିଯାଏ, ମନୁଷ୍ୟ ସେତେ ଶାନ୍ତ ହୁଏ। ଶାନ୍ତ ଅବସ୍ଥାରେ ସତ୍ ବା ଅସ୍ତିତ୍ୱ ପ୍ରତି ପ୍ରେମ ଜାଗେ। ମନୁଷ୍ୟ ଗୁରୁମୁଖୀ ଓ ଈଶ୍ୱରମୁଖୀ ହୁଏ। ଅନ୍ତର ଭିତରେ ସେବା ମନୋଭାବ ଜାଗି ଉଠେ। ଗୁରୁ ହେଉଛନ୍ତି ଭଗବାନଙ୍କର ସାକାର ମୂର୍ତ୍ତି ଓ ଅଖଣ୍ଡ। ଗୁରୁଙ୍କୁ ସେବା କରୁ କରୁ ମନୁଷ୍ୟ ଭିତରେ ଦାସ୍ୟ ଭାବ, ସଖ୍ୟ ଭାବ, ବାତ୍ସଲ୍ୟଭାବ, ମଧୁରଭାବ ଓ ସନ୍ନ୍ୟାସଭାବ ଜାଗ୍ରତ ହୁଏ। ମଧୁର ଭାବର ତାତ୍ପର୍ଯ୍ୟ ହେଉଛି, ନିଜର ଜୀବନ ଓ ଚରିତ୍ରକୁ ସର୍ବତୋ ଭାବରେ ଗୁରୁଙ୍କର ଉପଭୋଗ୍ୟ କରି ଉଠାଇ ନିଜେ ସୁଖୀ ହେବା। ଆଉ ଏହା ହିଁ ହେଉଛି ଶାନ୍ତ ବା ସମାହିତ ଅବସ୍ଥା।

ଶାନ୍ତିର ପ୍ରଥମ ସୋପାନ ଅହିଂସା । ଏଥିପାଇଁ ସବୁଠାରୁ ପ୍ରଥମେ ଶବ୍ଦରେ ଅହିଂସା ଆଚରଣ କରିବାକୁ ହେବ । ଲକ୍ଷ୍ୟ ରଖିବାକୁ ହେବ ଯେପରି ଆମ ଓଠରୁ ଏମିତି ଶବ୍ଦ ବାହାରି ନଯାଉ ଯାହା ଅନ୍ୟକୁ କଷ୍ଟ ଦେବ । ଯଦି ସମ୍ଭବ ଆମର କଥା ଏମିତି ହେବା ଦରକାର ଯାହା ଦୁଃଖୀ ହୃଦୟ ପାଇଁ ମଲମ ହେବ । ଯଦି ହୃଦୟରେ କେହି ଦୁଃଖର ବୋଝ ନେଇ ଆମ ପାଖକୁ ଆସିଛି, ସେ ଆମ ପାଖରୁ ଯିବାବେଳେ ତା' ହୃଦୟର ଦୁଃଖ ହାଲ୍‌କା ହୋଇଯାଇଥିବା ଆବଶ୍ୟକ । ତା'ର ହୃଦୟକୁ ଶାନ୍ତି ମିଳିବା ଉଚିତ । ଏଥିସହ ମନରୁ ଚିନ୍ତା ଓ ଡ଼ର ମଧ୍ୟ ଚାଲିଯିବା ଦରକାର । ଶାନ୍ତିର ଦ୍ୱିତୀୟ ସୋପାନ ପ୍ରେମ। ଆମ ଭିତରେ ଏମିତି ପ୍ରେମଭାବ ରହିବା ଆବଶ୍ୟକ ଯାହା ସବୁ ସୀମାର ବନ୍ଧନରୁ ମୁକ୍ତ ହୋଇଥିବ । ଆମ ପାଖକୁ ଯିଏ ବି ଆସୁ, ସେ ଯେଉଁ ଧର୍ମର, ଯେଉଁ ଲିଙ୍ଗର, ଯେଉଁ ଦେଶର ହୋଇଥାଉ ନା କାହିଁକି, ଆମେ ତାକୁ ପ୍ରେମର ବନ୍ଧନରେ ବାନ୍ଧିନେବା ଆବଶ୍ୟକ । ବାହ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯିବା ଅପେକ୍ଷା ଆମେ ସମସ୍ତଙ୍କ ହୃଦୟର ସୌନ୍ଦର୍ଯ୍ୟକୁ ବୁଝିପାରିବା ଆବଶ୍ୟକ । ଆମ ଦୁଆରକୁ ଯିଏ ବି ଆସୁ, ସେ ପ୍ରେମର ଅନନ୍ୟ ଅନୁଭବ ନେଇ ଫେରୁ, ଯାହା କି ସେ ଅନ୍ୟ କେଉଁଠାରେ ମଧ୍ୟ ପାଇ ନଥିବ । ଏହାପରେ ଆମ ଠାରୁ ଅନ୍ୟଜଣେ ଯାହା ବି ପାଇବ ତାହା ଅଶାନ୍ତିର କାରଣ ହେବନି ।

ଶାନ୍ତି ମିଳିବାର ତୃତୀୟ ସୋପାନ ସତ୍ୟ । ଆମେ ସବୁବେଳେ ନିଜ ପ୍ରତି ସ୍ୱଚ୍ଛ ରହିବା, ଜୀବନର ପ୍ରତି ମୋଡ଼ରେ ସତ୍ କହିବା ଓ ସତ୍ ଜୀବନ ଜିଇବା । ଆମେ କାହାକୁ ଧୋକା ଦେବାନି କିମ୍ବା କାହାପ୍ରତି କପଟ ଆଚରଣ କରିବା ନାହିଁ । ଆଖପାଖର ସମସ୍ତେ ଅସ୍ୱଚ୍ଛ ହୋଇଗଲେ ବି ଆମେ ଆଦର୍ଶରୁ ବିଚ୍ୟୁତ ହେବାନାହିଁ । ଆମେ ଆମର ସମ୍ବନ୍ଧ ପ୍ରତି ନିଷ୍ଠାବାନ ଓ ସଚ୍ଚୋଟ ରହିବା । ଯାହାକୁ ଆମେ ଭଲପାଏ ତାକୁ ମିଛ କହିଲେ ସେ ଜାଣିପାରେ ଓ କଷ୍ଟପାଏ ସେଥିରେ । ଏହାଦ୍ୱାରା ଆମର ସମ୍ପର୍କ ଓ ଚରିତ୍ର ଉଭୟ ନଷ୍ଟ ହୁଏ । ତେଣୁ ଯେଉଁ ବିଚାର ହୃଦୟରେ ଅଛି ତାହା ବାକ୍ୟ ଓ କର୍ମରେ ପ୍ରକାଶିତ ହେବା ଉଚିତ୍ ।

ଆମେ ଅଳ୍ପ କିଛି ସମୟ ପାଇଁ ଅନ୍ୟକୁ ଧୋକା ଦେଇପାରିବା, ମାତ୍ର ଈଶ୍ୱରଙ୍କ ଦୃଷ୍ଟିକୁ ଧୋକା ଦେଇପାରିବା ନାହିଁ । ସବୁବେଳେ ସତ୍ୟର ହିଁ ବିଜୟ ହୁଏ । ଶାନ୍ତିର ମୂଳଦୁଆ ନମ୍ରତା । ନମ୍ରତାର ଅର୍ଥ ଆମ ମନରେ ଏହି ବିଚାର ଆସିବ - ଆମ୍ଭେ ସମସ୍ତେ ଗୋଟିଏ ସୃଷ୍ଟିର ଅଂଶ । କେବଳ ଈଶ୍ୱର ହିଁ ମହାନ । ଈଶ୍ୱରଙ୍କ ଆଗରେ ଆମେ ସାମାନ୍ୟ ବାଳକ । ତାଙ୍କ ବିନା ଆମର ଅସ୍ତିତ୍ୱ ନାହିଁ । ନମ୍ରତା ଦ୍ୱାରା ଅନ୍ୟର ବିଶେଷତ୍ୱର ସମ୍ମାନ କରିବା ଶିଖନ୍ତୁ ଏବଂ ନିଜ ପାଖରେ ଥିବା ଗୁଣ ନିମନ୍ତେ ଈଶ୍ୱରଙ୍କ ଠାରେ କୃତଜ୍ଞ ରୁହନ୍ତୁ । ନମ୍ରତାରେ ଆମେ ସେହି ଘୃଣା ଓ କଠୋରତାକୁ ଶେଷ କରିପାରିବା ଯାହାକି ଆଜି ବିଭିନ୍ନ ଧର୍ମ, ଜାତି, ଭାଷା ଓ ସମ୍ପ୍ରଦାୟ ମଧ୍ୟରେ ଖେଳିଯାଇଛି । ନମ୍ରତା ଆମ ସମସ୍ତଙ୍କୁ ଏକ କରିପାରିବ, ହିଂସା ଓ ଯୁଦ୍ଧକୁ ଶେଷ କରିପାରିବ । ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ଶାନ୍ତି ମାନେ ମନର ଗତିହୀନ ଅବସ୍ଥା ନୁହେଁ, ସୁକେନ୍ଦ୍ରିକ ଓ ସକ୍ରିୟ ଭାବେ ଚାଲିବା ଦ୍ୱାରା ମନର ଯେଉଁ ଅବସ୍ଥା ଆସେ ତାହା ହିଁ ଶାନ୍ତି। ସୁକେନ୍ଦ୍ରିକ କର୍ମ ମାଧ୍ୟମରେ ସାଫଲ୍ୟ ଆସିଲେ ହିଁ ଶାନ୍ତି ପ୍ରାପ୍ତି ହୁଏ। ଶାନ୍ତି ମାନେ ସାମ୍ୟହରା ଅବସ୍ଥା ନୁହେଁ, ନିନ୍ଦ ଅବସ୍ଥା ନୁହେଁ। ପରିବର୍ତ୍ତନ ମଧ୍ୟରେ ସମତା ହିଁ ଶାନ୍ତି। ଅତୁଟ ଭକ୍ତି ଓ ଅନୁରାଗ ଆମ୍ଭ ମାନଙ୍କୁ ଶାନ୍ତି ଆଣିଦେଇପାରେ। ସୁକେନ୍ଦ୍ରିକ ନ ହେଲେ ମନ ସ୍ୱତଃ ହିଁ ବିଚ୍ଛିନ୍ନ ହୁଏ ଓ ଭାଙ୍ଗିଯାଏ। ଶାନ୍ତିର ଏକମାତ୍ର ପଥ ହେଉଛି ପ୍ରବୃତ୍ତି-ଅଭିଭୂତିରୁ ମୁକ୍ତି ଓ ଇଷ୍ଟ ବା ଗୁରୁଙ୍କ ଠାରେ ଆତ୍ମ ସମର୍ପଣ। ପ୍ରବୃତ୍ତି ଅଭିଭୂତ ହେଲେ ସତ୍ତା ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ। ଶାନ୍ତିର ପଥ ହେଲା ଇଷ୍ଟ ବା ସଦ୍‌ଗୁରୁଙ୍କ ଠାରେ ଅଚ୍ୟୁତ ନିଷ୍ଠା ଓ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହେବା। ଇଷ୍ଟ ହେଉଛନ୍ତି ଖୁଣ୍ଟି। ସତ୍ତା ସମ୍ବର୍ଦ୍ଧନା ସମ୍ବନ୍ଧୀୟ ଜ୍ଞାନ ଯିଏ ଆଚରଣ କରି ଜାଣିଛନ୍ତି ସେ ହିଁ ଇଷ୍ଟ। ଇଷ୍ଟଙ୍କ ଉପରେ ଅଚ୍ୟୁତ ଟାଣ ହିଁ ଶାନ୍ତିର ବଡ଼ଦାଣ୍ଡ। ଆମ୍ଭମାନଙ୍କ ଭିତରେ ସୁରତ ଅଛି, ସଂସକ୍ତିର ଆକୃତି ଅଛି, ଆସକ୍ତି ଅଛି ଓ ଏ ସବୁ ଇଷ୍ଟ ବା ଗୁରୁଙ୍କ ଠାରେ ଅଚ୍ୟୁତ ହେଲେ, ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାର ଉପଚୟୀ ହେଲେ ଗୁରୁଙ୍କର ନୀତି ଗୁଡ଼ିକ ପ୍ରକାଶ ହୋଇଉଠେ ଚରିତ୍ରରେ। ସେତେବେଳେ ପ୍ରବୃତ୍ତି ଗୁଡ଼ିକ ସ୍ୱାଭାବିକ ଭାବରେ ନିୟନ୍ତ୍ରିତ ହୁଏ ଓ ଜ୍ଞାନ, ପ୍ରଜ୍ଞା ଓ ଚରିତ୍ରର ସମାହାରରେ ବ୍ୟକ୍ତିର ଆତ୍ମାଭିମୁଖୀ ପ୍ରକାଶ ଘଟେ। ସଙ୍ଗାତ୍ ସଞ୍ଜାୟତେ ଶ୍ରଦ୍ଧା, ଶ୍ରଦ୍ଧୟା ଦୃଷ୍ଟି ଶୁଦ୍ଧତା, ଦୃଷ୍ଟି ଶୁଦ୍ଧେର୍ହି ବିଶ୍ୱାସଃ, ବିଶ୍ୱାସାତ୍ ନିର୍ବିଚାରତା, ନିର୍ବିଚାରାତ୍ ଭବେତ୍ ପ୍ରେମ, ପ୍ରେମାଣ୍ଟାତ୍ମ ସମର୍ପଣଂ। ଶାନ୍ତିର ପଥ ହେଉଛି ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ପୁସ୍ତକର ଦେବବାଣୀ - ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଶାନ୍ତି ଓ ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।' ଶ୍ରୀ ଶ୍ରୀ ଠାକୁର ବଜ୍ର ନିର୍ଘୋଷିତ କଣ୍ଠରେ ଆହ୍ୱାନ ଦେଲେ - ସଦ୍‌ଗୁରୁଙ୍କୁ ଧରିବାକୁ ପଡ଼ିବ, ନାମ କରିବାକୁ ପଡ଼ିବ, ସତ୍‌କର୍ମ କରିବାକୁ ପଡ଼ିବ। ଯେଭଳି ଶରୀର ପାଇଁ ଖାଦ୍ୟ ଆବଶ୍ୟକ ସେହିଭଳି ମନ-ପ୍ରାଣ ଓ ସୁରତକୁ ତା'ର ଉପଯୁକ୍ତ ଖାଦ୍ୟ ପ୍ରତିଦିନ ଦେବା ଆବଶ୍ୟକ। ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର ହେଲା ମନ-ପ୍ରାଣ ଓ ସୁରତର ପ୍ରଧାନ ଖାଦ୍ୟ। ଗୁରୁ ହିଁ ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା। ଗୁରୁମୟ ହେଲେ ହିଁ ଜୀବନ ଗୌରବମୟ ହୁଏ। ସମସ୍ତ ପ୍ରେରିତ ପୁରୁଷମାନେ ହିଁ ବୈଶିଷ୍ଟ୍ୟପାଳୀ ଆପୂରୟମାଣ। ଉତ୍ସମୁଖୀନତା ହିଁ ସେମାନଙ୍କର ଚରିତ୍ରଗତ ଲକ୍ଷଣ। ସେମାନେ ଅନନ୍ତ ଜ୍ଞାନ ଓ ଗୁଣର ଭଣ୍ଡାର ହେବା ସତ୍ତ୍ୱେ ମଧ୍ୟ କୌଣସି ହୀନମନ୍ୟ ଅହଙ୍କାରର ଅଧୀନ ହୁଅନ୍ତି ନାହିଁ। ତାଙ୍କ ସଂସ୍ପର୍ଶରେ ମନୁଷ୍ୟର ଆତ୍ମିକ ଚେତନା ସ୍ୱତଃ ହିଁ ଉଦ୍‌ବୋଧିତ ହୋଇଉଠେ। ସେମାନେ ନିଜେ ସମାହିତ ପ୍ରବୃତ୍ତିର ପୁରୁଷ ବୋଲି ଯେକୌଣସି ସମସ୍ୟାର ସମାଧାନର ପଥ ଦେଖାଇଥାନ୍ତି। ଇଷ୍ଟ ଗୁରୁ ଓ ପୁରୁଷୋତ୍ତମଙ୍କୁ ପ୍ରତ୍ୟାଶା ରହିତ ଭଲ ପାଇବା ମାଧ୍ୟମରେ ଶାନ୍ତି ଆସେ। ସେଥିପାଇଁ ଦ୍ୱାପର ଯୁଗରେ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି - ନାସ୍ତିବୁଦ୍ଧିରଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା, ନ ଚାଭାବୟତଃ ଶାନ୍ତି ରଶାନ୍ତସ୍ୟ କୁତଃ ସୁଖଂ।



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲା ପାଟଣା-ସାହାରପଡ଼ା ବିକାଶ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବିଧାନସଭା ପ୍ରକୋଷ୍ଟରେ ଭେଟି ପାଟଣାକୁ ଉପଖଣ୍ଡ ମାନ୍ୟତା ଦାବି ଓ ପୂର୍ତ୍ତ ବିଭାଗର ଡାକବଙ୍ଗଳାର ପୁନଃ ଉଦ୍ଧାର ନେଇ ଦାବିପତ୍ର ପ୍ରଦାନ କରିଛନ୍ତି । ବିଧାୟକ ନାଏକଙ୍କ ସହ ପାଟଣାର ସାମାଜିକ କର୍ମୀ ଅଜୟ କୁମାର ଦାଶ, ସାହାରପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୌତମ ନାଏକ, ଭାଜପା ନେତା କମଳାକାନ୍ତ ଦାଶ, ଦୁର୍ଗାଚରଣ ନାୟକ, ସାମାଜିକ କର୍ମୀ ବିଜୟ ରନ୍ ପତି, ଯୁଗଳଙ୍କ କିଶୋର ଦାଶ, ସରୋଜ କୁମାର ମିଶ୍ର, ଚପଳ ଚାନ୍ଦ ରଣ ସିଂ ପ୍ରମୁଖ ସାମିଲ ହୋଇଥିଲେ । ରାଜସ୍ୱ ମନ୍ତ୍ରୀ ତତ୍କାଳ କେନ୍ଦୁଝର ଜିଲାପାଳ ବିଶାଲ ସିଂଙ୍କୁ ଫୋନ ଯୋଗେ ଡାକବଙ୍ଗଳା ପୁନରୁଦ୍ଧାର ପାଇଁ ଏଷ୍ଟିମେଟ୍ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ପାଟଣାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବାକୁ ବିଚାର କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇ ଥିବା ପ୍ରତିନିଧି ମଣ୍ଡଳୀର ସଦସ୍ୟ ବିଜୟ ରନ୍ ପତି କହିଛନ୍ତି ।



# ୮ ଥର ୧୦୦ ଏମ୍‌ଏମ୍‌ଟି ପଣ୍ୟ ପରିଚାଳନା କରି କୀର୍ତ୍ତିମାନ ସ୍ଥାପନ କଲା ପାରାଦୀପ ବନ୍ଦର

ପାରାଦୀପ(ଭାସ୍କର ନ୍ୟୁଜ): ଦେଶର ଏକ ନମ୍ବର ପାରାଦୀପ ବନ୍ଦର ନିଜର ଟ୍ରାକ ରେକର୍ଡରେ ଅଭିବୃଦ୍ଧି ଘଟାଇ ଲଗାତାର ଅଷ୍ଟମ ବର୍ଷ ୧୦୦ ମିଲିୟନ ମେଟ୍ରିକ ଟନ (ଏମ୍‌ଏମ୍‌ଟି) ଟାର୍ଗେଟ ଅତିକ୍ରମ କରି ଚଳିତ ଡିସେମ୍ବର ୯ ତାରିଖରେ ୧୦୦.୧୩ ଏମ୍‌ଏମ୍‌ଟି ପଣ୍ୟ କାରବାର କରି ସର୍ବକାଳୀନ ବୃହତ ବନ୍ଦର ଇତିହାସରେ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି । ସୂଚନାଯାଉ କି, ଗତ ୨୦୨୩ ଆର୍ଥିକ ବର୍ଷ ଡିସେମ୍ବର ୧୮ ତାରିଖରେ ୨୬୨ ଦିନରେ ୧୦୦ ଏମ୍‌ଏମ୍‌ଟି ପଣ୍ୟ ପରିଚାଳନାର ରେକର୍ଡ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହି ରେକର୍ଡ ୨୫୩ ଦିନରେ ଅର୍ଥାତ ୯ ଦିନ ପୂର୍ବରୁ ଏହି ଦୃଢତମ କୀର୍ତ୍ତିମାନ ସ୍ଥାପନ ହୋଇପାରିଛି । ତେବେ ଲୁହାପଥର ଚାହିଦା ହ୍ରାସ ଏବଂ ତାପଜ କୋଇଲା ଭଳି ବୃହତ ବଜାର ଅଭାବ ସତ୍ତ୍ୱେ ପାରାଦୀପ ବନ୍ଦରର ଏହି ରେକର୍ଡ ବେଶ ମହତ୍ୱ ରଖେ । ଏସବୁ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୫୦ ଏମ୍‌ଏମ୍‌ଟି ପଣ୍ୟ ପରିଚାଳନା କରିବାର ଲକ୍ଷ୍ୟ ପାଇଁ ପ୍ରସ୍ତୁତ ଅଛି । ପୂର୍ବ ଆର୍ଥିକବର୍ଷ ତୁଳନାରେ ଆଇରନ ଓର ଏବଂ ପେଲେଟ୍ ପରିଚାଳନାରେ ୨.୨୩% ଅଭିବୃଦ୍ଧି ଘଟିଥିବା ବେଳେ ଟବର୍ଭାଗି ଥର୍ମାଲ୍ କୋଇଲା ନିୟନ୍ତ୍ରଣ



ବନ୍ଦରରେ ପରିଚାଳିତ ସମୁଦାୟ କାର୍ଗୋ ପରିମାଣର ୩୦% ରୁ ଅଧିକ ଅଟେ ଏବଂ ଏଥିରେ ୩.୫୭% ଅଭିବୃଦ୍ଧି ଘଟିଛି । ସେହିଭଳି, କଣ୍ଟେନରାଇଜଡ୍ କାର୍ଗୋ ପରିମାଣ ୧୨୩.୦୧% ବୃଦ୍ଧି ପାଇଛି ଏବଂ ଚଳିତ ଆର୍ଥିକ ବର୍ଷରେ ଜିପସମ୍ ଏବଂ ଫ୍ଲକ୍ସ ୨୬.୫୫% ଉଲ୍ଲେଖନୀୟ ବୃଦ୍ଧି ପାଇଛି । ଏହିପରି ପାରାଦୀପ ବନ୍ଦର ଦେଶର ଏକ ଉପକୂଳ ପରିବହନ ହବ୍ ଭାବରେ ଉଭା ହେଉଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦରର ଏହି ଐତିହାସିକ କୃତିତ୍ୱ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ପ୍ରେରଣା, ଗତିଶୀଳ ନେତୃତ୍ୱ ଏବଂ ମାର୍ଗଦର୍ଶନ ପାଇଁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ସଫଳତା ପାଇଁ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସମସ୍ତ ଅଧିକାରୀ, କର୍ମଚାରୀ, ଶିଳ୍ପ ଉପଭୋକ୍ତା, ଷ୍ଟିଭେଡୋରସ୍, ଷ୍ଟିମର ଏଜେଣ୍ଟ, ଟ୍ରେଡ୍ ୟୁନିଅନ, ପିପିପି ଅପରେଟରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏତଦବ୍ୟତୀତ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମାର୍ଗ ମନ୍ତ୍ରାଳୟ, ଓଡ଼ିଶା ସରକାର, କଷ୍ଟମ ବିଭାଗ, ରେଳ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗର ଅବିରତ ସମର୍ଥନ ପାଇଁ ବନ୍ଦର ଏହି ସଫଳତା ହାସଲ କରିଥିବା ନେଇ କହିଛନ୍ତି ବନ୍ଦର ଅଧ୍ୟକ୍ଷ ଶ୍ରୀ ପି.ଏଲ.ହରନାଦ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନାଜରୁ ଦାସଗୁପ୍ତା, ଟ୍ରାଫିକ ପରାମର୍ଶଦାତା ଆଶିଷ କୁମାର ବୋଷ ଏବଂ ଟ୍ରାଫିକ ମ୍ୟାନେଜର ଜି. ଏଡିସନ ପ୍ରମୁଖ ଉପସ୍ଥିତ ଥିଲେ ।

# ସୋରଡା ଏନ୍‌ଏସିର ଦୁର୍ନୀତି ଚରମ ସୀମାରେ: କାଗଜକଲମରେ ଲକ୍ଷ ଲକ୍ଷ ଟଙ୍କାର ବେନିୟମ କାର୍ଯ୍ୟ

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡା ଏନ୍‌ଏସିର ୫୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ନାମରେ ଲକ୍ଷ ଲକ୍ଷ ଟଙ୍କାର ବେନିୟମ କାର୍ଯ୍ୟ ଅବାଧରେ ବିଲ ଓ ନିଯୁକ୍ତିର କାମ ଚାଲିଛି । ମାତ୍ର କମିସନ କାରବାର ଭାବେ ୧୦୦୦ରୁ ୧୫୦୦୦ ଟଙ୍କ ଦଳମାନଙ୍କୁ ୨ଜଣ କଣ୍ଟ୍ରାକ୍ଟରଙ୍କ ସହରର ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ ନାମରେ ସମ୍ପୂର୍ଣ୍ଣ ଓ୍ୱାର୍ଡର କାଉନସିଲରଙ୍କ ଅଜାଣତରେ ସେମାନଙ୍କ ଓ୍ୱାର୍ଡରେ ଲକ୍ଷ ଲକ୍ଷ ଟଙ୍କା କାମ କରାଯାଇଥିବା ଅଭିଯୋଗ ଆମ ପ୍ରତିନିଧିଙ୍କ ଠାରେ କହିବା ସହିତ ଯେତେଗୁଡ଼ିଏ କାର୍ଯ୍ୟ ସହରର ବିଭିନ୍ନ ପ୍ରକଳ୍ପ କରାଯାଇଛି ଏବଂ ଫଳକ ଲଗାଇ ଉଦ୍‌ଘାଟନ କରାଯାଇଛି । ସେହି ଫଳକରେ ପ୍ରକଳ୍ପର ମୂଲ୍ୟ ଲେଖାଯାଇ ପୁଣି କଲରରେ ଲିଭା ଯାଇଥିବାରୁ ପ୍ରକଳ୍ପ କାର୍ଯ୍ୟ ବିନିଯୋଗର ଅର୍ଥ ଲୋଖାରପାର ଓ ଦୁର୍ନୀତି ଗନ୍ଧ ପଦାକୁ ଆସିଛି । ସେହିପରି ସହରର ବର୍ଜ୍ୟବସ୍ତୁ ଓ ସାନିଟେସନ କାମରେ ନିୟୋଜିତ କରାଯାଇଥିବା ଏସ୍‌ଏଚ୍‌ଜି ନିୟୁ ପଞ୍ଚାନନ ମା' ସରୋଷୀ ଦଳଗୁଡିକର ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟମାନଙ୍କୁ ନେଇ ଦଳଗୁଡ଼ିକ ଓ ଏନ୍‌ଏସି. ସୋରଡାଙ୍କ ମଧ୍ୟରେ ହୋଇଥିବା ସେମାନଙ୍କ ଚୁକ୍ତିନାମାର ନକଲ ସେମାନଙ୍କୁ ଦେଇଥିବା ନିଯୁକ୍ତି ପତ୍ରର ନକଲ ଦେଇଥିବା କିଏ କେଉଁ ଦାୟିତ୍ୱରେ କାର୍ଯ୍ୟ କରିବେ ତାର କାର୍ଯ୍ୟାବଳିର ନକଲ ଦେଇନଥିବା ତାର ମନୋମୁଖି



ଛଟେଇ ଆଦେଶନାମା ନ ଦେବା ମାସିକ ଦରମା ଟଙ୍କା ନିୟମାନୁଯାଇ ମିଳୁନଥିବା ବେଆଇନ ଭାବେ ଶ୍ରମିକଙ୍କ ବାହାନାରେ ୩ ମାସର କାମ କରି ୪ ମାସରେ କମ ପାରିଶ୍ରମିକ ଦେବା ଆଦେଶର ଉଲଂଘ କରି ସେମାନଙ୍କୁ ମାନସିକ ଓ ହଇରାଣ କରି ସେମାନଙ୍କୁ ଶାରୀରିକ ନିର୍ଯାତନା ଦେବା ୨ ମାସର ଦରମା ବନ୍ଦ କରିବା, ଜାତିଆଣ ଆକ୍ଷେପ କରି ସର୍ବସାଧାରଣରେ ଦୁର୍ବ୍ୟବହାର କରି ଅପମାନିତ କରିବା ସହ ଚିକିଟିର ପୂର୍ବତନ ମନ୍ତ୍ରୀ ଉଷାଦେବି ଲୋକ କରି ଜଣେ ଟ୍ୟାକ୍ସ ଆଦାୟ କର୍ମୀ ଓ ଚିକିଟିରୁ ଆସି କାର୍ଯ୍ୟ କରିଥିବା ସାନିଟାରି ଏକ୍ସପର୍ଟ ଶ୍ରୀ ମହାନ୍ତି ମିଳିତ ଭାବେ ଲାଞ୍ଚ କାରବାରରେ ଲିପ୍ତ ରହି ଉକ୍ତଲୋକ କରି ହାତି ସାହିରୁ ଏନ୍‌ଏସି ଅଫିସ ପରିସରରେ ପତିତୁଣ୍ଡ ଡାଷ୍ଟରେ ପଡି ହାତରେ ଗଉଥିବା ବେଳେ ଆମ ପ୍ରତିନିଧି ଏଏଓଙ୍କ୍ ଏବଂ ତାଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ନୋଡାଲ ଅଫିସରଙ୍କୁ ଟେଲିଫୋନରେ କୌଣସି ସନ୍ତୁଷ୍ଟ ଉତ୍ତର ଦେଉନଥିବା ଅଫିସର ସମସ୍ତ ବିଷୟ ସନ୍ଦେହ ଘେରରେ । ସୋରଡା ବିଧାୟକ ନୀଳମଣି ବିଶୋଇ ସମସ୍ତ ଦୁର୍ନୀତିର ତଦନ୍ତ ଦାବିକରି ଗଣମାଧ୍ୟମରେ ପ୍ରକଶ କରିଛନ୍ତି । ଏଣୁ ଗଂଜାମ ଜିଲ୍ଲାପାଳ, ଭିଜିଲାନ୍ସ ଓ ଗୃହ ଓ ନଗର ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶଶୀଭୂଷଣ ଯୁବକ ସଂଘ ସଭାପତି ଆରପଲ୍ଲି ସାରଥି ଦାବି କରିଛନ୍ତି ।

# ହାତୀ ଶାବକର ମୃତଦେହ ଠାବ

ଟାଙ୍ଗି(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ବନ ବିଭାଗ ଡିଭିଜନର ରଣପୁର ବନ ବିଭାଗ ରେଞ୍ଜ ଅଞ୍ଚଳର ମୟୂରଝାଲିଆ ଗାଁର ବରକୋଲାରେ ନିକଟସ୍ଥ ସାହାଡ଼ା ଜଙ୍ଗଲ ମଧ୍ୟରେ ପଡ଼ିଛି ହାତୀ ଶାବକର ମୃତଦେହ । ମୃତ ହାତୀ ଶାବକର ବୟସ ୨/୩ ମାସ ହେବ ଏବଂ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ, ହାତୀ ଶାବର ମୃତଦେହକୁ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରଣପୁର ବନ ବିଭାଗ ପକ୍ଷରୁ କୁହାଯାଇଛି । ରଣପୁର ବନ ବିଭାଗର ଦାୟିତ୍ୱ ହୀନତା ଯୋଗୁଁ ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ।

# ଟ୍ରକ୍ ମାଲିକ ସଂଘର ଡାଲମିଆ କାରଖାନା ଗେଟ୍ ସମ୍ମୁଖରେ ଧାରଣା



ଟାଙ୍ଗି-ଚୌଦ୍ୱାର(ଭାସ୍କର ନ୍ୟୁଜ): ମଙ୍ଗଳବାର ଟ୍ରକ ମାଲିକ ସଂଘ କଟକ ଜିଲ୍ଲା ଟାଙ୍ଗି ବିଶ୍ରାମିରେ ଡାଲମିଆ କାରଖାନା ଫାଟକ ସମ୍ମୁଖରେ ୧୫ ଦଫା ଦାବି ନେଇ ଧାରଣା ଦେଇଛନ୍ତି । ମାସେ ପୂର୍ବରୁ ମାଲିକ ସଂଘ ଧାରଣା ଦେଇଥିଲା ବେଳେ ଉଭୟ କମ୍ପାନୀ କର୍ତ୍ତୃପକ୍ଷ ଓ ଟ୍ରକ ମାଲିକ ସଂଘ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିବାରୁ ଟ୍ରକ ମାଲିକ ସଂଘ ଆନ୍ଦୋଳନକୁ ଓହ୍ଲାଇଛି । ମାଲିକ ସଂଘ ୧୫ ଦଫା ଦାବି ମଧ୍ୟରୁ ଭଡ଼ା ବୃଦ୍ଧି କରିବା ଏବଂ ନିୟମିତ ଭଡ଼ା ଏହି ଦୁଇଟି ମୁଖ୍ୟ ଦାବି ରହିଛି । ମାଲିକମାନେ ଅଭିଯୋଗ ଆଣିଛନ୍ତି ଯେ ଏହି କମ୍ପାନୀର ଆଉ ଏକ ଶାଖା ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ଥିବା ସିମେଣ୍ଟ କମ୍ପାନୀରେ ଆମଠାରୁ ଦୁଇଗୁଣ ଭଡ଼ା ପ୍ରଦାନ କରୁଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଡେଡିକେଟ ଆଳରେ କିଛି ମୁଷ୍ଟିମେୟ ଲୋକଙ୍କ ଗାଡ଼ିକୁ ଅବିରିତ ଭାବେ ଭଡ଼ା ମିଳୁଥିବା ବେଳେ ଅନ୍ୟ ସ୍ଥାନୀୟ ଗାଡିଙ୍କୁ ଗୋଟିଏ ଭଡ଼ା ପାଇବା ପାଇଁ ୩ ଦିନ ଅପେକ୍ଷା କରିବାକୁ ପଡୁଛି । ୬ ଓ ୧୨ ଚକିଆ ଗାଡ଼ିକୁ ଅଣଦେଖା କରି ୨୨ ଚକିଆକୁ ପ୍ରାଧାନ୍ୟ ଦେଉଛି । ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ ସମୟ ବିକ୍ଷୋଭ ଚାଲୁ ରହିବା ସହ କମ୍ପାନୀ ମଧ୍ୟକୁ କୌଣସି ଗାଡ଼ି ଛଡ଼ା ହବନି ବୋଲି ବିକ୍ଷୋଭକାରି ଚେତାବନୀ ଦେଇଛନ୍ତି ।

# ମାଂସ ଜବତ: ୬ ଦୁର୍ଦ୍ଦାନ୍ତ ଶିକାରୀ କୋର୍ଟଚାଲାଣ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଦୁଧିଆଣି ପଞ୍ଚାୟତ ରାମଯୋଡି ଗ୍ରାମରୁ ମଙ୍ଗଳବାର ଶିମିଳିପାଳ ବନ୍ୟଜନ୍ତୁ କାର୍ଯ୍ୟାଳୟ ପକ୍ଷରୁ ୬ ଦୁର୍ଦ୍ଦାନ୍ତ ଶିକାରୀଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ବାରହା ଓ ସମ୍ବର ମାଂସ ଜବତ କରାଯାଇଥିବା ବେଳେ ଶିକାରରେ ବ୍ୟବହୃତ ଧନୁ ଓ ତୀରଗୁଡ଼ିକୁ ମଧ୍ୟ ଜବତ କରାଯାଇଛି । କିଛିବର୍ଷ ପୂର୍ବରୁ ରାମଯୋଡି ଗ୍ରାମରୁ ୬୭ ପରିବାରକୁ ସ୍ୱତନ୍ତ୍ର ପୁନର୍ବାସନ ଯୋଜନା ଅନ୍ତର୍ଗତରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରା ଉଠାଇବା ପରେ ସେଠାରେ ଜଙ୍ଗଲ ସୃଷ୍ଟି କରାଯାଇଥିଲା । ରାମଯୋଡି ସଂଲଗ୍ନ ଅଞ୍ଚଳ ଶିମିଳିପାଳର କୋର ଅଞ୍ଚଳ ହୋଇଥିବା ଯୋଗୁଁ ଅଧିକାଂଶ ସମୟରେ ବାଘଙ୍କ, ସମ୍ବର, ହରିଣ ପ୍ରଭୃତି ଦେଖାଯାଉଥିବା ଏବଂ ଉକ୍ତ ସ୍ଥାନରେ ଆଉ କିଛି ପରିବାର ରହିଯାଇଥିବା ଯୋଗୁଁ ବନ୍ୟଜନ୍ତୁଙ୍କ ଶିକାର ସହଜ ହୋଇଥିଲା । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ରାମଯୋଡି ସଂଲଗ୍ନ କୋର ଅଞ୍ଚଳରେ ଟ୍ରପ କ୍ୟାମେରା ଗୁପ୍ତ ଭାବେ ଲଗାଯାଇଥିବା ଯୋଗୁଁ ଶିକାରୀଙ୍କୁ ଧରିବାରେ ବିଭାଗ ସଫଳ ହୋଇଥିଲା । ଅଭିଯୁକ୍ତଙ୍କ ନାମରେ ଲାଗେନ୍ଦ୍ର ଗାଗରାଇ, ରାଇଙ୍ଗ ସିଂ ଖୁଣ୍ଟିଆ, ରାମଦାସ ଦେହୁରୀ, ବୁଧୁ କୋରାଇ, ଯୋଗେନ୍ଦ୍ର ହେମ୍ବ୍ରମ ଏବଂ ଦୁବରାଇ ସିଂ ଖୁଣ୍ଟିଆ । ଅଭିଯୁକ୍ତମାନେ ରାତିମତ ବନ୍ୟଜନ୍ତୁ ଶିକାର କରୁଥିବା ନେଇ ପୂର୍ବରୁ ବିଭାଗ ନିକଟରେ ଖବର ଥିଲା । ବିଭାଗୀୟ ଉପନିର୍ଦ୍ଦେଶକ ଡ଼.ସମ୍ରାଟ ଗୌଡାଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତଙ୍କୁ ଗିରଫ ପରେ ତଲାସୀ ନେବା ବେଳେ ଧନୁ, ତୀର, ବାରାହା ଓ ସମ୍ବର ମାଂସ ଜବତ କରାଯାଇଥିଲା ।

# ନିମାପଡ଼ା ଉପ-କାରାଗାରରେ ପ୍ରିଜନ୍ସ ଫରମେସନ୍ ଡ଼େ' ପାଳିତ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଉପ-କାରାଗାରରେ ପ୍ରିଜନ୍ସ ଫରମେସନ୍ ଡ଼େ' ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜେଲର ଅଧୀକ୍ଷିକା ସ୍ମିତା ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼ଃ କ୍ଷମାନିଧି ସେଠୀ, ଡ଼ଃ ଅଶୁତୋଷ ଜେନା, ସହକାରୀ ଜେଲର ଭବାନୀ ଶଙ୍କର ପୃଷ୍ଟି, ଜେଲ ଫାର୍ମାସିଷ୍ଟ ଜୟନ୍ତ କୁମାର ବେହେରାଙ୍କ ସମେତ ଜେଲର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ନିମାପଡ଼ା ନୟା ସବେରା ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ତଃବାସୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ତଃବାସୀମାନେ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହେବା ସହ ଜେଲ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଜେଲ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଜେଲ ଭିତରେ କୌଣସି ଦ୍ୱନ୍ଦ୍ୱ ନଥିବା କାରଣରୁ ଅଧୀକ୍ଷିକା ସ୍ମିତା ମହାନ୍ତି ସମସ୍ତଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ । ଜେଲ ପରିସରରେ କଏଦୀଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅଧୀକ୍ଷିକାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବାରୁ ପ୍ରଶଂସାର ପାତ୍ର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଗଛକଟାକୁ ବିରୋଧ କରି ଜଙ୍ଗଲ କମିଟିର ଧାରଣା

ଏରସମା(ଭାସ୍କର ନ୍ୟୁଜ): ଜେଏସ୍ ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳ ପରିସରରେ ଥିବା ଗଛ ଓ ଗଛର ମୂଳ ତାଡିବାକୁ ବିରୋଧ କରି ଏରସମା ବ୍ଲକ ନୂଆଗାଁ ବାଲିସାହି ୧୬୫ ଘର ଜଙ୍ଗଲ କମିଟି ପକ୍ଷରୁ ମଙ୍ଗଳବାର ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜଙ୍ଗଲ କମିଟିକୁ ନଜଣାଇ ଗତ ସୋମବାର ପ୍ରକଳ୍ପ ଅଞ୍ଚଳରେ ଥିବା ତାଳ, କାଜୁ ଓ ପଟାସ ଗଛ କଟାଯିବା ଏବଂ ଗଛର ମୂଳ ମେସିନ ଲଗାଇ ତଡା ଯାଉଥିବା ଖବର ପାଇଥିଲା ଜଙ୍ଗଲ କମିଟି । ସତ୍ୟାସତ୍ୟ ଜାଣିବା ପାଇଁ ଜଙ୍ଗଲ କମିଟିର କିଛି ସଦସ୍ୟ ମେସିନ ସହାୟତାରେ କଟାଯାଇଥିବା ଗଛର ମୂଳ ଓପଡ଼ା ଯାଉଥିବା ଦେଖି ବିରୋଧ କରିଥିଲେ । ଘଟଣା ସ୍ଥଳରେ ଅଭୟଚାନ୍ଦପୁର ପୋଲିସ କମିଟି ସଦସ୍ୟଙ୍କୁ ଧମକ ଦେବାରୁ ସେମାନେ ଗାଁକୁ ଫେରିଆସି ଘଟଣା ସଂପର୍କରେ ଜଣାଇଥିଲେ । ଘଟଣା ନେଇ ସୋମବାର ରାତିରେ ଜଙ୍ଗଲ କମିଟିର ଏକ ଜରୁରୀ ବୈଠକ ହୋଇ ବିରୋଧ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମଙ୍ଗଳବାର ସକାଳେ ନୂଆଗାଁ ବାଲିସାହି ଜଙ୍ଗଲ କମିଟି ସଭାପତି ବିଜୟ ନାୟକ, ସମ୍ପାଦକ ସର୍ବେଶ୍ୱର ମଲ୍ଲିକ, ଉପ ସଭାପତି ବିଷ୍ଣୁ ଚରଣ ଲେଙ୍କାଙ୍କ ନେତୃତ୍ୱରେ ସ୍ମୃତି ମନ୍ତ୍ରୀ, ଅନାମ୍ବର ପଡିଆରୀ, ମାନ ଗୋବିନ୍ଦ ପ୍ରଧାନ, ସୁଭାଷ ଲେଙ୍କା, ଭାଗବତ ଦଳାଇ, ଲକ୍ଷ୍ମୀଧର ଖୁଣ୍ଟିଆ, ତୀର୍ଥରାଜ ମନ୍ତ୍ରୀ, କମଳା ନାୟକ ଓ ଚାଇଁ ଦାସଙ୍କ ସମେତ ଶତାଧିକ ପୁରୁଷମହିଳା ନୂଆଗାଁ ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ନିକଟସ୍ଥ ଜେଏସ୍ ଡବ୍ଲ୍ୟୁ ଗେଟ୍ ନିକଟରେ



ଦୀର୍ଘସମୟ ଧାରଣା ଦେଇଥିଲେ । କମ୍ପାନୀ ପ୍ରତିଶ୍ରୁତି ପୂରଣ ନକରି, ପାନବରଜ, ଚିଙ୍ଗୁଡି ଘେରି ପ୍ରଭୃତି କ୍ଷତିପୂରଣ ନଦେଇ ଗଛ କାଟୁଥିବା ଅଭିଯୋଗ କରିଥିଲେ । ଘଟଣା ସ୍ଥଳରେ ଜେଏସ୍ ଡବ୍ଲ୍ୟୁ ବରିଷ୍ଠ ଅଧିକାରୀ ମିତ୍ରଭାନୁ ଚୌଧୁରୀ, ରଘୁନାଥ ହୋତା, ଶୈଳେନ୍ଦ୍ର ମାଝୀ, ପିଆର୍ ଓ ପୀନାକୀ ମହାନ୍ତି, ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା ଜଙ୍ଗଲ କମିଟି ସହ ଆଲୋଚନା କରିଥିଲେ । କଟାଗଛର ମୂଳ ଓ କେତେ ନୂଆଗଛ ରହିଛି ତାହାର ହିସାବ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣର ପ୍ରତିଶ୍ରୁତି ଦେବା ପରେ ଜଙ୍ଗଲ କମିଟିର ଧାରଣା ପ୍ରତ୍ୟାହୃତ ହୋଇଛି ।

# ଦେଶୀ ମଦ ଦୋକାନ ନିକଟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଦେଶୀ ମଦର ବହୁଳ ପ୍ରସାର ହେଉଥିବା ବେଳେ ମଦ ସେବନ କରି ଅନେକ ବ୍ୟକ୍ତି ଅପରାଧିକ କାର୍ଯ୍ୟ ଘଟାଇବା ପାଇଁ ପଛାଉ ନାହାନ୍ତି । ମୁସଲିମ୍ ବସ୍ତି ପୋଲ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ମଦ ବିକ୍ରିହେଉଥିବା ନେଇ ବର୍ଷେ ତଳେ କେତେକ ବ୍ୟକ୍ତି କ୍ୟାବିନ୍ ବାଡ଼େଇବା ସହ ମଦ ବୋତଲ ଭାଙ୍ଗିଥିଲେ । ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଥିଲା । ପ୍ରତ୍ୟେକ ଦିନ ଏଠାରେ ପେଟି ପେଟି ଦେଶୀ ମଦ ବିକ୍ରି ହେଉଥିବା ବେଳେ ଜଣେ ବ୍ୟକ୍ତି ଦେଶୀ ମଦସେବନ କରି ସେହି ଜାଗାରେ ଥିବା ପରିତ୍ୟକ୍ତ କ୍ୟାବିନ ଭିତରେ ପଡ଼ି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି । ପାଟପୁର ମୁସଲିମ୍ ବସ୍ତି ନିକଟସ୍ଥ ଜଇନାବଦ ଦଳିତ ସାହି ନିକଟରେ ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ ଆଗରେ ଜଣେ ମଦ ବିକ୍ରି କରୁଛନ୍ତି । ଘରେ ମଧ୍ୟ ବ୍ୟାପକ ଦେଶୀ ମଦ ମହଜୁଦ ରଖିଛନ୍ତି । କେନ୍ଦ୍ର ସାମ୍ନାରେ ଏକ ଭଙ୍ଗା କ୍ୟାବିନ୍ ମଧ୍ୟରୁ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ଦେଖି କେତେକ ବ୍ୟକ୍ତି ପୋଲିସକୁ ଖବର ଦେଇଥିଲେ । ପୋଲିସ ଶବ ବାହାର କରିବା ପରେ ତାଙ୍କ ପରିଚୟ ମିଳିଛି । ମୃତ ବ୍ୟକ୍ତି ହେଉଛନ୍ତି ନିମାପଡ଼ା ଏନ୍‌ଏସି ଅଧିନସ୍ଥ ତଳଅଣ୍ଡିଆର ଗୋବିନ୍ଦ ଭୋଇ (୬୦) । ଘଟଣା ନେଇ ସାଧାରଣରେ ତୀବ୍ର ଉତ୍ତେଜନା ଦେଖା ଦେଇଛି । ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି ।

# ୩ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ କର୍ମଚାରୀଙ୍କ ତାଲିକା ମାଗିଲେ ସବ୍ କଲେକ୍ଟର

ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ତିନିବର୍ଷରୁ ଉର୍ଦ୍ଧ କାର୍ଯ୍ୟରତ କର୍ମଚାରୀମାନଙ୍କ ତାଲିକା ମାଗିଲେ ଉପଜିଲ୍ଲାପାଳ । ଏଠାରେ ପ୍ରକାଶଥାଉ କି ଗତ ନଭେମ୍ବର ୨୫ ତାରିଖରେ ରଘୁନାଥପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନସୁଣାଣି ଶିବିରରେ ସମାଜ ବିକାଶ ମିଶନ ସେଚ୍ଛାସେବୀ ସଂଗଠନର ସମାଜସେବୀ ସରିତ ମହାପାତ୍ର ରଘୁନାଥପୁର ଅଞ୍ଚଳରେ ତିନିବର୍ଷରୁ ଉର୍ଦ୍ଧ କାର୍ଯ୍ୟରତ କର୍ମଚାରୀଙ୍କ ବଦଳି ଓ ଆର୍ଥିକ ଅନିୟମିତତା ସମ୍ପର୍କରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତିକରି ପଦକ୍ଷେପ ସ୍ୱରୂପ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମଙ୍ଗଳବାର ଚିଠି ନଂ ୨୧୦୯୮ ରଘୁନାଥପୁର ତହସିଲଦାର, ବିଡିଓ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କର୍ମଚାରୀମାନଙ୍କ ତାଲିକା ମାଗିଥିବା ଜଣାଯାଇଛି ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଆନ୍ଧ୍ର ସୀମାନ୍ତ ବର୍ତ୍ତି ବନ୍ଧୁଗାଁ ଥାନା ଅଧିନସ୍ଥ କୁତ୍ରାବେଡ଼ା ନିକଟରେ ଜଣେ ବ୍ୟକ୍ତିଙ୍କୁ ଅଜଣା ଗାଡ଼ି ଧକ୍କା ଦେବା ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ବନ୍ଧୁଗାଁ ବ୍ଲକ୍ ସଦରଠାରୁ ରାୟଗଡ଼ା ଯାଇଥିବା ରାସ୍ତାରେ ଜଣେ ବ୍ୟକ୍ତି ଚାଲି ଚାଲି ଯାଉଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ଏନେଇ ଗାଡ଼ିକୁ ଗ୍ରାମବାସୀ ଅଟକାଇ ବନ୍ଧୁଗାଁ ଥାନାକୁ ଖବର ଦେବା ପରେ ପୋଲିସ ତଦନ୍ତ କରି ଫେରିଛି । ମୃତ ବ୍ୟକ୍ତି ଜଣକ ହେଲେ ଗୁଲୁମିଗୁଡା ଗ୍ରାମର ଦିନା ହୁଲୁକା ।

# ପାନୀୟ ଜଳପ୍ରକଳ୍ପ ନିର୍ମାଣରେ ଅନିୟମିତତା, ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ମସୁଧା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ଗ୍ରାମପଞ୍ଚାୟତ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଛି । ପୁରୁଣା ପାଚେରୀ ଓ ପମ୍ପ ହାଉସ ଘରେ ନାମକୁ ମାତ୍ର ପ୍ଲାଷ୍ଟର କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରିନେବା ନିମନ୍ତେ ମସୁଧା ଚାଲିଥିବାର ଅଭିଯୋଗ ହେଉଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ତରଫରୁ କେଂଟାଳୋ ଗାମପଂଚାୟତ ମଲ୍ଲିପୁର ଠାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ କେତେ ଟଙ୍କା ମଞ୍ଜୁର ହୋଇଛି ଏ ସମ୍ପର୍କରେ ଲୋକଙ୍କୁ କୌଣସି ସୂଚନା ଫଳକ ଦିଆନଯାଇ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ପାଇପ୍ ବିଛା ଯାଉଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଦୀର୍ଘ ୧୦ ବର୍ଷ ତଳେ ଏହି ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ନିମାଣ କରାଯାଇଥିଲା । ଏହି ପ୍ରକଳ୍ପ କୌଣସି କାମରେ ଆସିନଥିଲା । ପ୍ରକଳ୍ପ ଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଥିଲା ବେଳେ ଠିକାଦାର ଓ ଯନ୍ତ୍ରୀ ଅସାଧୁ ମେଣ୍ଟ କରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ତେବେ ଏହି ପକଳ୍ପରୁ ଟୋପାଏ ହେଲେ ପାଣି ବାହାରି ନଥିଲା କିମ୍ବା



ତାହା ଲୋକଙ୍କ କୌଣସି କାର୍ଯ୍ୟରେ ଆସିନଥିଲା । ଅପରପକ୍ଷରେ ଏହି ପୁରୁଣା ପ୍ରକଳ୍ପକୁ ଦେଖାଇ ସରକାରୀ ରାଜକୋଷରୁ ପୁନର୍ବାର ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିନେବା ନିମନ୍ତେ ମସୁଧା ଚାଲିଥିବାର ଅଭିଯୋଗ ହୋଇଛି । ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଦୀର୍ଘ ବର୍ଷ ହେଲା ପଡିରହିଥିବା ପୁରୁଣା ପ୍ରକଳ୍ପର ପମ୍ପ ହାଉସ ଘରକୁ ନାମକୁ ମାତ୍ର ରଙ୍ଗମାରି ନୂତନ ଘର ନିର୍ମାଣ କରାଯାଇଛି ଦର୍ଶାଇବା ନିମନ୍ତେ ମସୁଧା ଚାଲିଛି । ସେହିପରି ଭାବେ ପୂର୍ବରୁ ରହିଥିବା ଭଙ୍ଗା ପାଚେରୀ ଉପରେ ନାମକୁ ମାତ୍ର ସିମେଣ୍ଟ ବାଲି ପ୍ଲାଷ୍ଟର କରାଯାଉଥିବା ଅଭିଯୋଗ ହୋଇଛି । ସେହିପରି ଭାବେ ନୂତନ ଭାବେ କୌଣସି ପାଇପ ଷ୍ଟାଣ୍ଡ ନିର୍ମାଣ କରାଯାଇ ନାହିଁ । ପୂର୍ବରୁ ନିର୍ମାଣ କରାଯାଇଥିବା ପାଇପ ଷ୍ଟାଣ୍ଡ ଗୁଡ଼ିକୁ ନାମକୁମାତ୍ର ମରାମତି କରାଯାଉଥିବା ଅଭିଯୋଗ ହୋଇଛି । ତେବେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଅସାଧୁ ମେଣ୍ଟ କରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିନେବା ନିମନ୍ତେ ମସୁଧା ଚଳାଇଥିବାର ଅଭିଯୋଗ ହୋଇଛି । ତେବେ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବଡ ଧରଣର ଘୋଟାଲା ହୋଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ଏହି ପ୍ରକଳ୍ପ ନିର୍ମାଣରେ ହୋଇଥିବା ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର

ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଖଇରାମୁଣ୍ଡା ଗ୍ରାମ ନିକଟରେ ୫୩ ନଂ ଜାତୀୟ ରାଜପଥରେ ମଙ୍ଗଳବାର ସକାଳ ସାଢେ ୮ରେ ଏକ ଯାତ୍ରୀବାହୀ ବସ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି । ମୁଣ୍ଡେଇଲୋ ପଞ୍ଚାୟତ ଅନ୍ତର୍ଗତ ନାଉପାଳ କାଟେଣି ଗ୍ରାମର ସାଗର ପ୍ରଧାନ (୨୨), ସୁମନ୍ତ ପରିଡା (୫୩), ପିନୁ ସାହୁ (୧୮) ଏକ ବାଇକରେ ଗାଁ ନିକଟସ୍ଥ ପଡିଆଭଙ୍ଗା ଗ୍ରାମକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଭୋଲାନାଥ ନାମକ ଯାତ୍ରୀବାହୀ ବସ୍ ଦ୍ରୃତଗତିରେ ତାଳଚେର ଦିଗକୁ ଯାଉଥିବା ବେଳେ ଏମାନଙ୍କୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକ ସାଗର ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ସୁମନ୍ତ ଓ ପିନୁ ଉଭୟଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବା ବେଳେ, ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଘଟଣା ଘଟିବା କ୍ଷଣି ବସ୍‌ଟି ପରଜଙ୍ଗ ଥାନା ଅଧିନସ୍ଥ ସରାଙ୍ଗ ଫାଣ୍ଡିରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ପରିବାର ଲୋକ ଏବଂ ସ୍ଥାନୀୟ ଲୋକ କ୍ଷତିପୂରଣ ଦାବିରେ ରାଜପଥ ଉପରେ ରାସ୍ତାରୋକ ଖବର ଲେଖା ହେବା ପର୍ଯ୍ୟନ୍ତ ଜାରି ରହିଥିଲା ।

# ବାଲୁଗାଁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲୁଗାଁ(ଭାସ୍କର ନ୍ୟୁଜ): ଚିଲିକା ବ୍ଲକ ଅନ୍ତର୍ଗତ ବାଲୁଗାଁ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ୩୧ ତମ ବାର୍ଷିକ ଉତ୍ସବ ଶିବ ଜ୍ୟୋତି ଧାମ ପରିସରରେ ମହାଆଡମ୍ବରରେ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ନଗର ପରିକ୍ରମା କରି ପୂର୍ବାହ୍ନରେ ଆଧାତ୍ମିକ ସଭା ଆୟୋଜନ କରାଯାଇଥିଲା । ଅତିଥି ପରିଚୟ ଏବଂ ଅତିଥି ସ୍ୱାଗତ ସହିତ ବ୍ରହ୍ମା କୁମାରୀ ଭାଇଭଉଣୀଙ୍କ ବହୁ ଆଧାତ୍ମିକ ବାଣୀ ଏବଂ ଅତିଥିଙ୍କ ଅନୁଭୂତି ପରେ ଆଶ୍ରମର କଳାକାରଙ୍କ ଦ୍ୱାରା ବିଭିନ୍ନ ଆଧାତ୍ମିକ ନାଟକ ପରିବେଷଣ କରାଯାଇଥିଲା । ଅତିଥି ଭାବେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଲୁଗାଁ ଏନଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବିଧାୟକ ପାର୍ଥ ପ୍ରଦୀପ କୁମାର ସ୍ୱାଇଁ, ବ୍ରହ୍ମାକୁମାରୀ କଟକ ସବ ଜୋନ ନିର୍ଦ୍ଦେଶୀକା ବିକେ କମଳେଶ, ସହନିର୍ଦ୍ଦେଶୀକା ତଥା ଜ୍ଞାନ ଦର୍ପଣ ପତ୍ରିକାର ମୁଖ୍ୟ ପରିଚାଳିକା ବିକେ ସୁଲୋଚନା, ବ୍ରହ୍ମାକୁମାରୀ ସୁଜାତା, ବାଲୁଗାଁ ଶାଖା ପରିଚାଳିକା ବିକେ ସରିତା, ବିକେ ଲତା, ବିକେ ଭଗବାନ ଭାଇଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିକେ ସୁରେନ୍ଦ୍ର ଏବଂ ବିକେ ଉଷା ମଞ୍ଚ ପରିଚାଳନା କରିଥିବା ବେଳେ ବିକେ ଭଗବାନ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ବେଦାନକ୍ଷି ପ୍ରଧାନ ଏବଂ ସବ୍ ଜୁନିଅର ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ସାତଭିକ କୁମାର ଜାଲି, ଆଦିତ୍ୟରାଜ ପ୍ରଧାନ ଏବଂ କୃତି ଦୀପନ ବଳବନ୍ତରାୟଙ୍କୁ ଅତିଥି ଗହଣରେ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ଶତାଧିକ ଓମଶାନ୍ତି ଭାଇଭଉଣୀଙ୍କ ସହ ଜନସାଧାରଣ ଯୋଗ ଦେଇଥିଲେ ।

# ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ କାନ୍ତକବି ଜୟନ୍ତୀ ପାଳିତ




ତିହିଡି(ଭାସ୍କର ନ୍ୟୁଜ): ପାରିବାରିକ ପରମ୍ପରା ଓ ସମସାମୟିକ ରାଜନୈତିକ ପୃଷ୍ଠଭୂମି କାନ୍ତସାହିତ୍ୟକୁ ଜାତୀୟବାଦୀ ଚେତନାରେ ଅଭିମନ୍ତ୍ରିତ କରିଥିବା ବେଳେ ବ୍ୟକ୍ତିଗତ ଦୁର୍ଭାଗ୍ୟ ଓ ଦୁର୍ଗତି ତାଙ୍କ ଅନ୍ତରକୁ ବିଷାଦରେ ଆର୍ଦ୍ର କରିଥିଲା । ଦୁଃଖ ଓ ଆର୍ତ୍ତର ସ୍ୱର ଯେତେବେଳେ ଈଶ୍ୱରୀୟ ଭାବବୋଧରେ ପ୍ଲୁତ ହୋଇଥିଲା, ସେତେବେଳେ ଆଶାବାଦର ଗୀତି ଝଙ୍କୃତ ହୋଇଥିଲା ବୋଲି ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ସ୍ଥାନୀୟ ବ୍ରିଗେଡିୟର ସୈନିକ ସ୍କୁଲ୍ ପରିସରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ ତମ ଜୟନ୍ତୀ ଉତ୍ସବ ଓ କବିତା ପାଠୋତ୍ସବରେ ଅତିଥି ମତବ୍ୟକ୍ତ କରିଛନ୍ତି । ମଞ୍ଚର ଉପଦେଷ୍ଟା ସ୍ତମ୍ଭକାର ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଯୋଗଦେଇ ତିହିଡ଼ିରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯିବା ସହିତ କାନ୍ତ ସଙ୍ଗୀତକୁ ରବୀନ୍ଦ୍ର ସଙ୍ଗୀତ ଭଳି ମାନ୍ୟତା ମିଳିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ କାନ୍ତ ରଚନାବଳୀର କାଳଜୟୀ ଆବେଦନ ଉପରେ ଆଲୋକପାତ କରିଥିଲେ । କବୟିତ୍ରୀ ବିଶ୍ୱମୈତ୍ରୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାନ୍ତ କବିତାସନ୍ଧ୍ୟାରେ କବିଶ୍ରୀ ଗୋଲୋକ ପ୍ରସାଦ ବୈୟାରୀ,ବିପ୍ଳବ ରଞ୍ଜନ ପତି, ରଘୁନାଥ ପାତ୍ର, ମଥୁରା ମୋହନ ବେହେରା, ପି :ହୃଷୀକେଶ, ଦେବେନ୍ଦ୍ର ମହାଲିକ ରବିକୁମାର ମହାନ୍ତି, କଳ୍ପତରୁ ସେଠୀ, ମନୋଜ ପାଣିଗ୍ରାହୀ,ଗୌରାଙ୍ଗ ନନ୍ଦ, ବସନ୍ତ ଦାସ, ଅମୁଲ୍ୟ ସେନାପତି, ଜ୍ୟୋତିକୃଷ୍ଣ ସାମଲ,ସୁବାସ ମହାନ୍ତି, ଅଭୟ ଦାସ, ମୁକୁନ୍ଦଦେବ ନାୟକ, ଆଶୁତୋଷ କରଣ, ପ୍ରଫୁଲ୍ଲ ପାଢ଼ୀ, ହରିହର ମଲ୍ଲିକ ରୀନାରାଣୀ ପାତ୍ର, ବୈକୁଣ୍ଠନାଥ ଓଝା, ପୀତାମ୍ବର ସେଠୀ, ଅବ୍ଦୁଲ ଦୟାନ, ରତିକାନ୍ତ ଦାସ, ମୁସ୍ତାକ ଗହ୍ୱର ପ୍ରମୁଖ କବିତାପାଠ କରିଥିଲେ । କଣ୍ଠଶିଳ୍ପୀ ଓ କବି ପୁଷ୍ପାଞ୍ଜଳି ତ୍ରିପାଠୀ ପ୍ରାରମ୍ଭିକ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ଯୁବକବି ସୁବ୍ରତ ମିଶ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ଯୁବକବି ନିରଞ୍ଜନ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଞ୍ଚର ଆବାହକ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଓ ସଂଯୋଜକ ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜର ୨୬ ଶ୍ରେଷ୍ଠ ଚାଷୀ ଓ ୫ ପ୍ରତିଭାଙ୍କୁ ବାବୁଲାଲ ଅଗ୍ରୱାଲା ସ୍ମୃତି ପୁରସ୍କାର

ବାରିପଦା(ଭାସ୍କର ନ୍ୟୁଜ): ବେସରକାରୀ ଉଦ୍ୟମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ବୋଲି ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି, ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ମୁଖ୍ୟବକ୍ତା ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସମାଜସେବୀ ମୁରାରୀଲାଲ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇ ମତପୋଷଣ କରିଛନ୍ତି । ଜିଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରାଙ୍କ ସଂଯୋଜନାରେ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କୁ ଚୟନ କରାଯାଇ ଏହି ସ୍ମୃତି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି । ଏଥିସହିତ ବିଭିନ୍ନ କ୍ଷେତ୍ରର କୃତି ସମ୍ପନ୍ନ ୫ଜଣ ବରିଷ୍ଠ ପ୍ରତିଭାଧାରୀ ରାଇରଙ୍ଗପୁରର ବର୍ଷିୟାନ ଆଇନଜୀବୀ ରସାନନ୍ଦ ଲେଙ୍କା, ବରିଷ୍ଠ ସାରସ୍ୱତ ସାଧକ ହରନାରାୟଣ ମିଶ୍ର, କୃଷି ବିଶେଷଜ୍ଞ ରାସେଶ୍ୱର ସାହୁ, ଜଷ୍ଟିସ୍ ଦେବବ୍ରତ ଦାଶ ଏବଂ ଚଳଚିତ୍ର ଜଗତର ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ




କକ୍ଷରେ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ବାବୁଲାଲ ଅଗରୱାଲାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ବାର୍ଷିକ ଜିଲାସ୍ତରୀୟ ବାବୁଲାଲ ଅଗରୱାଲ ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତପୋଷଣ ସହ କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ସମ୍ଭବ ନ ଥିବାରୁ ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ହେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତି ରସାନନ୍ଦ ଲେଙ୍କା, ରାସେଶ୍ୱର ସାହୁ ଓ ଚିନ୍ମୟ ଦାସ ପଟ୍ଟନାୟକ ପ୍ରମୁଖଙ୍କ ସହ ଅବସରପ୍ରାପ୍ତ ସିଡିଏମଓ ଡା. କୈଳାସ ଚନ୍ଦ୍ର ମହାପାତ୍ର, ପଣ୍ଡିତ ଭାଗବତ ପଣ୍ଡା ଓ ବର୍ଷିୟାନ ଶିକ୍ଷାବିତ ନନ୍ଦ କୁମାର ମହାପାତ୍ର ପ୍ରମୁଖ ବାବୁଲାଲ ଅଗରୱାଲାଙ୍କ ସ୍ମୃତିଚାରଣ କରି କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଆଦିତ୍ୟ ପଣ୍ଡା, କୃତି ଶିକ୍ଷକ ଡ. ଶଶଧର ବିଶ୍ୱାଳ ଓ ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ ପ୍ରମୁଖ ଉତ୍ସବର ବିଭିନ୍ନ କାର୍ଯ୍ୟ ନିର୍ବାହ କରିଥିଲେ । ପ୍ରାରମ୍ଭରେ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ଶେଷରେ ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଦେଇଥିଲେ । ଉତ୍ସବରେ ଜିଲାର ୨୬ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ଗୌତମ ମହାନ୍ତ (ବାରିପଦା), ସଂଜୀବ କୁମାର ନାୟକ (ବଡସାହି), ନୀଳକଣ୍ଠ ସେଠୀ (ବେତନଟୀ), କମଳ ଚନ୍ଦ୍ର ମହାନ୍ତ (ବାଙ୍ଗିରିପୋଷି), ମନୋରଞ୍ଜନ ସାହୁ (ମୋରଡା), ତାରାକାନ୍ତ ଭୋଇ (ରାସଗୋବିନ୍ଦପୁର), ସୁନା ସିଂ (ସାରସକଣା), ରବୀନ୍ଦ୍ର ହେମ୍ବ୍ରମ (ଶୁଳିଆପଦା), ଭରତ ବେହେରା (ଶାମାଖୁଣ୍ଟା), ରବୀନ କୁମାର ଦଣ୍ଡପାଟ (କୁଳିଅଣା), ସୀମାରାଣୀ ଦାସ (ଖୁଣ୍ଟା), ଅଜିତ କୁମାର ପରିଡା (ଗୋପବନ୍ଧୁ ନଗର), ଶିବଶଙ୍କର ଟୁଡୁ (ଉଦଳା), ରାଜୀବ କୁମାର ଜେନା (କପ୍ତିପଦା), ଜେନା ନାଏକ (ବିଶୋଇ), ସୁଗ୍ରୀବା ମାଝୀ (ରାଇରଙ୍ଗପୁର), ମାସାଂ ହେମ୍ବ୍ରମ (ବିଜାତୋଳା), ଯୋଗେନ୍ଦ୍ର ମହାନ୍ତ (ବହଳଦା), ସୁନ୍ଦର ମୋହନ ହେମ୍ବ୍ରମ (ତିରିଙ୍ଗ), ରାମେଶ୍ୱର କଣ୍ଡାଙ୍କେଲ (ଜାମଦା), ସାମୁ ନାଏକ (କୁସୁମୀ), କଟୀଚନ୍ଦ୍ର ମହାନ୍ତ (ଯଶିପୁର), ଗହ୍ମା ମହାନ୍ତ (କରଞ୍ଜିଆ), ପରେନ୍ଦ୍ର ମଢେଇ (ଠାକୁରମୁଣ୍ଡା), ପ୍ରହ୍ଲାଦ ମହାନ୍ତ (ରରୁଆଁ) ଏବଂ ଦେବେନ୍ଦ୍ର ନାଥ ସାମୁରାୟ (ଶୁକ୍ରୁଲୀ) ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ ।



ବଡ଼ଚଣା, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୯ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୯୯ଟି, ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଶିବାଶିଷ ମହାରଣା, ଉପଜିଲ୍ଲାପାଳ ଅଂଶୁମାନ ଶତପଥି, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଡ଼ଚଣା ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଦର୍ପଣ ମାନସ ରଞ୍ଜନ ତ୍ରିପାଠୀ, ଡିଆଇପିଆର୍ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ନୂଆସାହିର ଗ୍ରାମବାସୀ ଘରଡିହ ପଟ୍ଟା ପାଇବାରୁ ବଞ୍ଚିତ



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଇନ୍ଦିପୁର ଗ୍ରାମ ନୂଆସାହିର ବାସିନ୍ଦା ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ସିଂହଦେଓଙ୍କ ସାନ ଭାଇ ଗୌରେନ୍ଦ୍ର ପ୍ରତାପ ସିଂହଦେଓଙ୍କ ଠାରୁ ସନତପତ୍ର ପାଇ ୧୯୪୨ମସିହାରୁ ଜନବସତି କରି ଦୀର୍ଘଦିନ ଧରି ରହି ଆସୁଥିବାବେଳେ ଅଦ୍ୟାବଧି ଘରଡିହ ପଟ୍ଟା ପାଇବାରୁ ବଞ୍ଚିତ ହୋଇପଡିଛନ୍ତି । ଏ ନେଇ ଅଞ୍ଚଳବାସୀ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ଭେଟି ରାଜାଙ୍କ ଠାରୁ ପ୍ରାପ୍ତ ସନତ ପତ୍ର ଓ ଲାଖିରାଜ ସତ୍ୱର ନକଲ କପି ପ୍ରଦାନ କରିବା ସହ ଘରଡିହ ପଟ୍ଟା ନିଜ ନାମେ କରାଇବା ପାଇଁ ଅନୁରୋଧ କରିଛନ୍ତି । ସୂଚନାଥାଉ କି, ୧୩.୩.୧୯୪୨ ମସିହାରେ ଗୌରେନ୍ଦ୍ର ପ୍ରତାପ ସିଂହଦେଓ ତାଙ୍କ ନାମେ ଖା ଲାଖରାଜ୍ ସତ୍ୱ ଅନୁଯାୟୀ ନିଜ ଦଖଲରେ ଥିବା ସାବକ ଖାତା ନମ୍ବର-୫, ପ୍ଲଟ ନମ୍ବର ୧୯୦୭, ୧୯୦୮ ଓ ୧୯୫୨ରେ ବସତି ସ୍ଥାପନ ନିମନ୍ତେ ସତ୍ୱ ପ୍ରଦାନ କରିଥିଲେ । ଏ ନେଇ ତତ୍କାଳୀନ ଏସଡିଓ ମଧ ବସତି ସ୍ଥାପନ ପାଇଁ ଅଂଚଳବାସୀଙ୍କୁ ଅନୁମତି ପ୍ରଦାନ କରିଥିଲେ । ତପୂରେ ୧୯୫୭, ୧୯୫୮ ମସିହାରେ ଗୌରେନ୍ଦ୍ର ପ୍ରତାପ ସିଂହଦେଓଙ୍କ ଦ୍ୱାରା ପ୍ରଦତ ଜମିକୁ ଅମିନଙ୍କ ଦ୍ୱାରା ଚିହ୍ନଟ କରାଇ ଅଞ୍ଚଳବାସୀଙ୍କୁ ଦେଇଥିଲେ । ୧୯୫୨ ମସିହାରୁ ଜନବସତି କରି ଗ୍ରାମବାସୀମାନେ ରହିଆସୁଛନ୍ତି, ହେଲେ ଆଜି ସୁଦ୍ଧା ସମସ୍ତ ଗ୍ରାମବାସୀ ଘରଡିହ ପଟ୍ଟା ପାଇବାରୁ ବଞ୍ଚିତ ହୋଇପଡିଛନ୍ତି । ୮୨ବର୍ଷ ଧରି ଗୋଟିଏ ଜାଗାରେ ରହିଆସୁଥିଲେ ମଧ ନିଜ ନାମେ ପଟ୍ଟା ନଥିବାରୁ ପିଲାମାନଙ୍କ ଜାତି ସାର୍ଟିଫିକେଟ ସହିତ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଆସୁଥିବାର ଅଞ୍ଚଳବାସୀ ସାଂସଦ ଶ୍ରୀ ପାଣିଙ୍କୁ ଜଣାଇଥିଲେ । ଗୌରେନ୍ଦ୍ର ପ୍ରତାପ ସିଂହଦେଓଙ୍କ ଦ୍ୱାରା ପ୍ରଦତ୍ତ କିଛି ଘରଡିହକୁ କିଛି ଲୋକ କୌଣସି ମତେ ରହିଥିବା ଜାଗାକୁ ନିଜ ନାମରେ ପଟ୍ଟା କରିନେବାକୁ ସକ୍ଷମ ହୋଇଛନ୍ତି । ଯାହାକି ସ୍ୱାଗତଯୋଗ୍ୟ ଅଟେ । ଅବଶିଷ୍ଟ କିଛି ଲୋକ ପଟ୍ଟା ପାଇବା ନିମନ୍ତେ ତହସିଲଦାର, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ଉଚ୍ଚ ନ୍ୟାୟାଳୟଙ୍କର ଆଶ୍ରୟ ନେଇଥିଲେ ମଧ କୌଣସି ସୁଫଳ ପାଇପାରି ନାହାଁନ୍ତି । ଉପରୋକ୍ତ ଅଧିକାରୀମାନେ ତହସିଲ କାର୍ଯ୍ୟାଳୟକୁ ସଠିକ ତଦାରଖ କରି ତଥ୍ୟ ପ୍ରଦାନ କରିବାକୁ କେବଳ ନିର୍ଦ୍ଦେଶନାମା ଦେଇଛନ୍ତି । କିନ୍ତୁ ତହସିଲ କାର୍ଯ୍ୟାଳୟ ଯେଉଁ ତଥ୍ୟ ପ୍ରଦାନ କରୁଛନ୍ତି, ଯାହାକି ପ୍ରଜା ପଟ୍ଟା ପାଇବାରୁ ବଞ୍ଚିତ ହେବେ, କିନ୍ତୁ ଯେଉଁ ଅଧାରୁ ଅଧିକ ଲୋକ ସେହି ବସ୍ତିରେ ପଟ୍ଟା ପାଇଛନ୍ତି ସମାନ ଜନବସତି ରହି, ତେବେ ଅବଶିଷ୍ଟ ବାସିନ୍ଦା କାହିଁକି ପଟ୍ଟା ପାଇବାରୁ ବଞ୍ଚିତ ରହିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ପରିପ୍ରେକ୍ଷୀରେ ଇନ୍ଦିପୁର ନୂଆସାହି ବାସିନ୍ଦା କ୍ଷୀରୋଦ କୁମାର ସାହୁ, ପ୍ରଭାକର ସାହୁ, ବିଜୟ କୁମାର ରଥ, ଗୁଣନିଧି ବେହେରା, ଜ୍ୟୋତି ତାଙ୍କର ନାୟକ, ନରେଶ କୁମାର ସାହୁଙ୍କ ସମେତ ଗ୍ରାମର ପ୍ରମୁଖ ବ୍ୟକ୍ତିବିଶେଷ ଢେଙ୍କାନାଳ ଲୋକସଭା ସାଂସଦ ଶ୍ରୀ ପାଣିଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରି ପଟ୍ଟା ପାଇବା ନିମନ୍ତେ ନିବେଦନ କରିଥିଲେ ।

# କଙ୍ଗ୍ରାରେ ଧାନମଣ୍ଡି ଉଦ୍‌ଘାଟିତ



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ କଙ୍ଗ୍ରା ଠାରେ ୨୦୨୪-୨୫ ବର୍ଷ ଖରିଫ୍ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଅଞ୍ଚଳଗୁମା ଲେମ୍ପ୍ ସଭାପତି ଦିଲ୍ଲୀପ ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷା ନିଲେନ୍ଦ୍ରି ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୋନ ୧ର ଜିଲ୍ଲା ପରିଷଦ ସଭ୍ୟା କ୍ରୀଷ୍ଣା ମଞ୍ଜରୀ ବିଷୋୟୀ, କୁକୁଡ଼ାବାଇ ସରପଞ୍ଚ ରତ୍ନା ଜାନି, ଚାଷୀ ରମାପତି ବିଷୋୟୀ, ଅଞ୍ଚଳ ଗୁମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ ଓ ଯୋଗାଣ ନୀରିକ୍ଷକ ରୋହିତ ମାଝୀ ମଞ୍ଚାସିନ ରହିଥିଲେ । ଅନ୍ୟମାନଙ୍କ ମଧରେ କଙ୍ଗ୍ରା ରାଜସ୍ୱ ନୀରିକ୍ଷକ ମାନସୀ ରଶ୍ମୀ ରାଣୀ ଓଦୁ ଓ କୃଷି ଅଧିକାରୀ ଧିରେନ କୁମାର ବେନ୍ୟା ଉପସ୍ଥିତ ରହିଥିଲେ । ସୋମବାର ପାତ୍ରପୁଟ, ବୁଧବାର କଣ୍ଟାଗାଁ, ଶନିବାର ଅଞ୍ଚଳ ଗୁମ୍ପାଠାରେ ମଣ୍ଡି ହେବା ସହ ଚଳିତ ବର୍ଷ ଗୁରୁବାର ବଦଳରେ ମଙ୍ଗଳବାର କଙ୍ଗ୍ରାଠାରେ ମଣ୍ଡି ହେବା ବୋଲି ସୂଚନା ମିଳିଛି । ଏହି ମଣ୍ଡିରେ କଙ୍ଗ୍ରା, କୁକୁଡ଼ାବାଇ ଓ କାମତା ତିନୋଟି ପଞ୍ଚାୟତର ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ କରିପାରିବେ । ସରକାରଙ୍କ ନିଷ୍ପତ୍ତି ପ୍ରକାରେ ଏହି ବର୍ଷ ଧାନ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା ସହ ପ୍ରୋତ୍ସାହନ ରାଶି ୮୦୦ ସହ ଟଙ୍କା ମିଳିବ ବୋଲି ଘୋଷଣା କରାଯାଇଛି । ସମୁଦାୟ ୩୧୦୦ ଚାଷୀମାନଙ୍କୁ ଦେବା ପାଇଁ ସରକାର ଘୋଷଣା କରିଛନ୍ତି । ତେବେ ଚାଷୀମାନେ ଟୋକେନ୍ ବାବଦରେ କୌଣସି ତଥ୍ୟ ଜାଣିବା ପାଇଁ ହେଲେ ଲେମ୍ପ୍ ସହ ଯୋଗାଯୋଗ କରିବେ ଓ ଧାନ ମଣ୍ଡିକୁ ଆଣିବା ପାଇଁ ଲେମ୍ପ୍ ନିର୍ଦ୍ଦେଶକ ସୁଶୀଲ ମହାପାତ୍ର କହିଥିଲେ । ଚାଷୀମାନେ କିପରି ଧାନ ବିକ୍ରି କରି ଅଧିକରୁ ଅଧିକ ଲାଭବାନ ହୋଇପାରିବେ ତାହା ଆଲୋଚନା ହୋଇଥିଲା । ମଣ୍ଡିଗୁଡିକରେ ମିଲରମାନେ କଟନି ଛଟନୀ ନକରି ସୁରୁଖୁରୁରେ ଚାଷୀମାନଙ୍କ ଧାନ ଯେପରି କିଣିବେ ସେ ବିଷୟରେ ଧାନ ଦେବା ପାଇଁ ଚାଷୀମାନେ କହିଥିଲେ । ଏହି ମଣ୍ଡିରେ ନିୟନ୍ତ୍ରିତ ବଜାର କମିଟି ନବରଙ୍ଗପୁରର କୃଷ୍ଣଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ପାଳ ଓ ବିଜୁ ହରିଜନ ଯୋଗଦେଇ ଥିବାବେଳେ କୌଣସି ମିଲର୍ସ ଆସି ନଥିଲେ । ଆଜିର ମଣ୍ଡି ଉଦ୍‌ଘାଟନରେ ତିନୋଟି ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ଅଞ୍ଚଳଗୁମା ଲେମ୍ପ୍ ନିର୍ଦ୍ଦେଶକ ଶୁଶିଲ କୁମାର ମହାପାତ୍ର ଆୟୋଜନ କରିଥିଲେ ।

# ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ): ଓଡ଼ିଶାର ସର୍ବପୁରାତନ ଶିକ୍ଷକ ସଂଗଠନ (ଓଷ୍ଟା) ତରଫରୁ ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପ୍ରତି ବର୍ଷ ଭଳି ଏହି ବର୍ଷ ପଟ୍ଟାମୁଣ୍ଡାଇ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ନିକଟସ୍ଥ ବଜ୍ର ମହାକାଳୀ ବିଦ୍ୟାଳୟ, ଅଠର ବାଟିଆଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକରେ ୪୮ଟି ବିଦ୍ୟାଳୟରୁ ପ୍ରାୟ ୩୦୦ରୁ ଅଧିକ ପିଲାମାନେ ୧୦ଟି ବିଭାଗରେ ଭାଗ ନେଇଥିଲେ । ପ୍ରଥମେ ସଂଗଠନର ପତାକାକୁ ସଭାପତି ବିଜୟ କୁମାର ଆଚାର୍ଯ୍ୟ ଦ୍ୱାରା ଉତ୍ତୋଳନ କରିଥିଲେ । ପରେ ସଭା କାର୍ଯ୍ୟ ଉଦ୍‌ଘାଟନ ହୋଇଥିଲା । ଏହି ସଭାରେ ସଂଯୋଜନ କରିଥିଲେ କାର୍ଯ୍ୟକାରୀ ସଦସ୍ୟ ଶିକ୍ଷକ ଦିଲ୍ଲୀପ କୁମାର ରାଉତ, ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶ୍ରୀମତୀ ଦୀପ୍ତମୟୀ ପରିଡ଼ା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତପନ ସିଂ, ସନମାନ ଅତିଥି ଭାବେ ନିର୍ମଳ ନାୟକ, ବାବାଜୀ ଚରଣ ଦାସ, ମଧୁଚନ୍ଦ୍ରା ଶର୍ମା, ତପରଞ୍ଜନ ବେହେରା ଉପସ୍ଥିତ ରହି ପିଲାମାନଙ୍କର ଅନ୍ତର୍ନିହିତ ଗୁଣର କିପରି ବିକାଶ ହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୁସୟା ମିଶ୍ର ସ୍ୱାଗତ ଭାଷଣ ରଖିଥିଲେ । ସେହିପରି ଉଦ୍‌ଯାପନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ସଭାପତି ଅଶୋକ ପରିଡ଼ା, ଶିକ୍ଷକ ନେତା ପ୍ରଣବ ଜେନା, ଗୋକୁଳ ରାଉତ, ରଞ୍ଜନ ବେହେରା, ତ୍ରୀଲୋକ ମିଶ୍ର, ସମାଜ ସେବୀ ସୁଶୀଲ ପରିଡ଼ା, ଯୁବ ଶିକ୍ଷକ ନେତା ଗିରିଜା ସାମଲ, ମଳୟ ଜେନା ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ମଣ୍ଡଳସ୍ତରୀୟ ଶିଶୁ ଉତ୍ସବରେ ପ୍ରଥମ, ଦ୍ୱିତୀୟ ସ୍ଥାନ ରଖିଥିବା ପିଲାମାନେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଉତ୍ସବରେ ବିଚାରକ ଭାବେ ସୁରଜ ଦାସ, ଜ୍ଞାନରଞ୍ଜନ ପରିଡ଼ା, ରାଜଲକ୍ଷ୍ମୀ ମଲିକ, ପ୍ରଫୁଲ୍ଲ ନାୟକ ଯୋଗ ଦେଇଥିଲେ । ଶେଷରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଗ୍ରାମବାସୀ ତଥା ଓଷ୍ଟାର ବ୍ଲକ କାର୍ଯ୍ୟକାରୀ ସଦସ୍ୟ ଏହି ଉତ୍ସବକୁ ସାହାଯ୍ୟ ସହଯୋଗ କରିଥିଲେ ସମ୍ପାଦକ ଅକ୍ଷୟ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମାନବାଧିକାର ଦିବସ ପାଳିତ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ ଓ ଯୁକ୍ତତିନି ବିଭାଗର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ୟୁନିଟ୍ ତରଫରୁ ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ଯୁକ୍ତତିନି ଅଧକ୍ଷ ବିଜୁ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ସିଏସଏନାର ଅଧିକାରୀ ଜ୍ଞାନ ସାଗର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବାଧିକାର କଣ ଏବଂ ଏହା କିପରି ବଜାୟ ରହିବ ସେ ନେଇ ସମସ୍ତେ ସଚେତନ ହୋଇ ନିଜ ନିଜ ଅଧିକାର ବିଷୟ ଜାଣିବା ସହିତ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସିଏସଏନାର ଦ୍ୱାରା ଏକ ରଚନା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଭାଗ ନେଇ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଅଧ୍ୟାପିକା ମୌତୁସୀ ପ୍ରଧାନ, ମହିମା ରାଣୀ ରାଜୁ, ଜୟଶ୍ରୀ ପଟ୍ଟନାୟକ, ଉଦୟ ଭାନୁ ପଣ୍ଡା, ଯୁକ୍ତ ତିନି ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ଦାସ ଏବଂ ଅଧ୍ୟାପକ ପବିତ୍ର ମଣ୍ଡଳ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଯଶୋବନ୍ତ ଗରଡା ପରିଚାଳନା କରିଥିଲା ବେଳେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରବ ଅବସରରେ ଚିତ୍ରକଳା ପ୍ରଦର୍ଶନୀ

କୋରାପୁଟ, (ଭାସ୍କର ନ୍ୟୁଜ): ଜୟପୁର ବିକ୍ରମ ଚାରୁ ଓ କାରୁକଳା ସରକାରୀ ବିଦ୍ୟାଳୟରେ ଆଦିବାସୀ ମହୋତ୍ସବ ପରବ ଅବସରରେ ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଜୟପୁର ଉପଜିଲ୍ଲାପାଳ ଆକାବରମ ଶସ୍ୟା ରେଡ୍ଡି ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜୟପୁର ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃତିବାସ ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଓ ବିଦ୍ୟାଳୟ ଅଧକ୍ଷ ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରୁ ଭାଗ ନେଇଥିବା ୪୦ ପ୍ରତିଯୋଗୀ ଚିତ୍ରକଳା ପ୍ରଦର୍ଶନ କରିଥିଲେ । ମୋ କୋରାପୁଟ ଓ ମୋ ଗୌରବ ଉପରେ ଚିତ୍ରାଙ୍କନ କରିଥିଲେ । ପ୍ରତିଯୋଗିତାରେ କଳା ଶିକ୍ଷକ କ୍ରିଷ୍ଣା ପାଙ୍ଗି, ଅର୍ଚ୍ଚନା ଦାସ, କର୍ମଚାରୀ କେ ସୁନିଲ କୁମାର, ସୁରେନ୍ଦ୍ର ବାଘ ଓ ଶ୍ରୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ




କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା କୋଟପାଡ଼ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଓ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ଅଧକ୍ଷତାରେ ଜୟପୁର ଉପଜିଲ୍ଲାପାଳ ଆକାବରମ ଶସ୍ୟା ରେଡ୍ଡି, କୋଟପାଡ ବିଡିଓ ବିକ୍ରମ ଦୋରା, ତହସିଲଦାର ନୀଳକଣ୍ଠ ନାଇଡୁ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂଜା ରାଉତ, ବ୍ଲକ ଅଧକ୍ଷା, ଏନ୍‌ଏସି ଅଧକ୍ଷ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକେ ଉପସ୍ଥିତ ଥିଲେ । ଏଥିରେ ମୋଟ ୩୬ଟି ଅଭିଯୋଗ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଶୁଣାଣି କରିଥିଲେ । ଏନ୍‌ଏସି ଅଞ୍ଚଳର ପ୍ରତ୍ୟେକ ଓ୍ୱାର୍ଡର ମଦ ଦୋକାନ ବନ୍ଦ କରିବା, ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଦୋକାନ ଗୃହଗୁଡିକ ଉଚ୍ଛେଦ, ସାହନୀମୁଣ୍ଡା ଅଞ୍ଚଳର କେନାଲ ମରାମତି, ମାଲାମାଲ ଅଞ୍ଚଳର ଜଙ୍ଗଲରେ ଗଛକଟା ବନ୍ଦ, ଚିତ୍ରା ଅଞ୍ଚଳରେ କଲ୍ୟାଣ ମଣ୍ଡପ ନିର୍ମାଣ ଏବଂ ଜଙ୍ଗଲ ଜମିପଟ୍ଟା ପ୍ରଦାନ ନେଇ ଅଭିଯୋଗ ହୋଇଥିଲା । କୋଟପାଡ ଅଞ୍ଚଳରୁ ବହୁ ପୁରାତନ ଦମୟନ୍ତୀ ସାଗର ଓ ଦେବାନ ମୁଣ୍ଡା ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟବନ୍ଦ ଥିବା ଯୋଗୁଁ ଉକ୍ତ ଜଳାଶୟଗୁଡିକର ପୁରୁଣା ଦସ୍ତାବିଜ ଟ୍ରେସ୍ ମ୍ୟାପ ଚିହ୍ନଟ କରାଯିବ ସହ କାର୍ଯ୍ୟ ଆରମ୍ଭ କରିବା ନେଇ ମୋ ଦମୟନ୍ତୀ ସାଗର କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ସମସ୍ତ ଅଭିଯୋଗ ଗୁଡିକୁ ଜିଲ୍ଲାପାଳ ଅନୁଧ୍ୟାନ କରି ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ସମାଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# କୃଷ୍ଣ ଗୋପାଳ ସମାଜର ବାର୍ଷିକୋତ୍ସବ

କେନ୍ଦୁଝର, (ଭାସ୍କର ନ୍ୟୁଜ): କୃଷ୍ଣ ଗୋପାଳ ସମାଜ, କେନ୍ଦୁଝରର ବାର୍ଷିକ ଉତ୍ସବ ତଥା ବନ୍ଧୁମିଳନ ବଡ଼ ଘାଗରାର ପ୍ରକୃତି କୋଳରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ କୃଷ୍ଣ ଗୋପାଳ ସମାଜର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡାକ୍ତର ପୁରୁଷୋତ୍ତମ ପ୍ରଧାନ ଯୋଗ ଦେଇଥିଲେ । ସୋମ୍ୟଶ୍ରୀଙ୍କ କୃଷ୍ଣ ଭକ୍ତି ସଂଗୀତ ଗାନ ପରେ ଯୁଗ୍ମ ସମ୍ପାଦକ ଡକ୍ଟର କୁଳମଣି ପ୍ରଧାନଙ୍କ ସଂଯୋଜନା ତଥା ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଇଂ ପ୍ରଶାନ୍ତ କୁମାର ବୈଦ୍ୟ, ଇଂ ଧାନ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଡାକ ସହ ନିର୍ଦ୍ଦେଶକ କୃପାସିନ୍ଧୁ ଗିରି, ଗୌତମ ଚରଣ ଗିରି, ଗିରିଶ କୁମାର ପ୍ରଧାନ, ସରୋଜିନୀ ପ୍ରଧାନ, ତେଜସ୍ୱିନୀ ପ୍ରଧାନ ଯୋଗ ଦେଇଥିଲେ । ଉପସଭାପତି ଭାଗିରଥି ଗିରି ସ୍ୱାଗତ ସମ୍ଭାଷଣ କରି କୃଷ୍ଣ ଗୋପାଳ ସମାଜର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକ ହରିଶ ଚନ୍ଦ୍ର ପ୍ରଧାନ କୃଷ୍ଣ ଗୋପାଳ ସମାଜର ଜନ କଲ୍ୟାଣକାରୀ ଦିଗ ଉପରେ ଆଲୋଚନା କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ମୁଖ୍ୟ ଅତିଥି ଡାକ୍ତର ପୁରୁଷୋତ୍ତମ ପ୍ରଧାନ କୃଷ୍ଣ ଗୋପାଳ ସମାଜର ବହୁମୁଖୀ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଦିନେ ଏହା ଗୋପାଳ ସମାଜର ବିରାଟ ବଟବୃକ୍ଷ ପରି ଛିଡା ହୋଇ ମଙ୍ଗଳକାରୀ ହେବ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଇଂ ପ୍ରଶାନ୍ତ କୁମାର ବୈଦ୍ୟ କୃଷ୍ଣ ଗୋପାଳ ସମାଜର ଗରିବ, ଅସହାୟ, ଆର୍ଥିକ ଦୁର୍ବଳ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପଢୁ ଥିବା ବିଦ୍ୟାର୍ଥୀଙ୍କୁ ସାହାଯ୍ୟ କରିବାକୁ ମତ ପୋଷଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଗଣ କୃଷ୍ଣ ଗୋପାଳ ସମାଜକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ କରିବା ସହ ସମସ୍ତେ ସ୍ୱେଚ୍ଛାକୃତ ଭାବେ ସେବା ଯୋଗାଇ ଦେବାକୁ ନିବେଦନ କରିଥିଲେ । ସଭାପତି ଏ ସମାଜର ବିକାଶ ଓ ସଭ୍ୟସଭ୍ୟାମାନଙ୍କର ନିରନ୍ତର ସାହାଯ୍ୟ କାମନା କରିଥିଲେ । ବରିଷ୍ଠ ଉପଦେଷ୍ଟା ଆଡ଼ଭୋକେଟ ବିଭୁତି ଭୂଷଣ ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ ଉପସ୍ଥିତି ଥିଲେ । ଏହି ଅବସରରେ ବର୍ଷିଆନ ମହିଳା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ପ୍ରଧାନ, ଶ୍ରୀମତୀ ପ୍ରଧାନ, ଜାଇଫୁଲ ପ୍ରଧାନଙ୍କୁ ସ୍ୱତନ୍ତ ଭାବେ ଆତିଥି ଗଣ ଭବ୍ୟ ସମ୍ବର୍ଦ୍ଧନା ଦେବା ସହ ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ । ସେହିପରି ସୌମ୍ୟାଶ୍ରୀ ପ୍ରଧାନ, ଅଭିଷେକ ପ୍ରଧାନ, ଗିରିଜା ନନ୍ଦନ ପ୍ରଧାନ, ସାର୍ଥକ ପ୍ରଭୁଦତ୍ତ ପ୍ରଧାନ, ସତ୍ୟନାରାୟଣ ଗିରି, ସୋନାଲି ଗିରି, ଦୀପକ ଗିରି, ବିଜୟାନନ୍ଦ ଗିରି, ବିଦ୍ୟାଧର ପ୍ରଧାନ, ବିଚିତ୍ରାନନ୍ଦ ଗିରିଙ୍କୁ ତାଙ୍କ ନିଃସ୍ୱାର୍ଥପର ସେବା ପାଇଁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶତାଧିକ ଅତିଥିଙ୍କୁ ସ୍ୱାଗତ କରିଥିଲେ ହୃଦାନନ୍ଦ ପ୍ରଧାନ, ରମାକାନ୍ତ ପ୍ରଧାନ, ବିଷ୍ଣୁ ଚରଣ ଗିରି, ଅଧ୍ୟାପକ ମୀନକେତନ ଗିରି, ଜୟଦେବ ଗିରି, ସରୋଜ କୁମାର ପ୍ରଧାନ, ଅରେନ୍ଦ୍ର କୁମାର ଗିରି, ମମତା ପ୍ରଧାନ, ଆଦିତ୍ୟ ପ୍ରଧାନ, ମନ୍ଦୋଦରୀ ପ୍ରଧାନ । ମଧ୍ୟପ୍ରଦେଶ, ଛତିଶଗଡ, ବିହାର, ଝାଡ଼ଖଣ୍ଡରେ ଥିବା କୃଷ୍ଣ ଗୋପାଳ ସମାଜର ସଭ୍ୟମାନେ ଯୋଗ ଦେଇଥିଲେ । ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସହ ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ପ୍ରଦୂଷଣ ବୋର୍ଡର ଜଳର ଗୁଣାତ୍ମକ ମାନ ଯାଞ୍ଚ




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ସହ ବିଭିନ୍ନ ସ୍ଥାନ ପରିଦର୍ଶନ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଜଳ ଗୁଣାତ୍ମକ ମାନ ଯାଞ୍ଚ କରିଛନ୍ତି । ସୂଚନା ମୁତାବକ ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରଣ ଆଜି ବିଶ୍ୱର ଏକ ବଡ଼ ଆହ୍ୱାନ । ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବେଦନାର ସହିତ ଏହି ଆହ୍ୱାନକୁ ସାମ୍ନା କରିବା ପାଇଁ ବିସ୍ତୃତ ରଣନୀତି ପ୍ରସ୍ତୁତ କରିଛି । ମାନବ ସମାଜର ସ୍ୱାସ୍ଥ୍ୟରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି । ପ୍ରଦୂଷଣ କମାଇବା ପାଇଁ ପ୍ରତିକାର ଏବଂ ହ୍ରାସ ସମ୍ବନ୍ଧିୟ ବ୍ୟବସ୍ଥା ହେଉଛି ପ୍ରମୁଖ ଅସ୍ତ୍ର । ମଙ୍ଗଳବାର ପୂର୍ବାହ୍ନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶରେ କୋଷ୍ଟାଲ ମ୍ୟାନେଜମେଣ୍ଟ ସେଲ (ଆଇସିଜେଏମ୍‌ପି /ଓ ଏସ୍‌ପିସିବି)ର ଚାରିଜଣିଆ ଟିମ୍ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ ସହ ଦେବୀନଦୀ ଏହାର ଶାଖାନଦୀ ଅଞ୍ଚଳ ପରିଦର୍ଶନ କରିଥିଲେ । ପରିଦର୍ଶନ ଟିମ୍ ମଧ୍ୟରେ କନିଷ୍ଠ ଗବେଷକ ମଳୟ ରଞ୍ଜନ ମଲ୍ଲିକ, ଲ୍ୟାବ ଟେକ୍ନିସିଆନ ନିରଞ୍ଜନ ଦାଶ ପ୍ରମୁଖ ସାମିଲ ଥିଲେ । ଅସ୍ତରଙ୍ଗ ଅଞ୍ଚଳର ନାନପୁର, କେଲୁଣୀ ମୁହାଁଣ, ଦେବୀ ନଦୀ, ନଗର, ନୂଆଗଡ ଜେଠି ଅଞ୍ଚଳ ପରିଦର୍ଶନ କରିଥିଲେ । ମୁଖ୍ୟତଃ ଚିଙ୍ଗୁଡ଼ି ଘେରିରୁ ନିର୍ଗତ ବିଷାକ୍ତ ଜଳ ନଦୀ ଜଳକୁ ପ୍ରଦୂଷଣ କରୁଛି । ଏହା ସହ ବିଭାଗୀୟ ଅଧିକାରୀ ନଦୀର ଜଳ ଗୁଣାତ୍ମକ ମାନକୁ ବୋର୍ଡ ଦ୍ୱାରା ଯାଞ୍ଚ କରାଯାଇଛି । ଯଥା ସମ୍ଭବ ପ୍ରଦୂଷଣକୁ ହ୍ରାସ କରାଇବା ପାଇଁ କାର୍ଯ୍ୟ ଜାରି ରହିଛି ବୋଲି କହିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ।

# ଅଚାନକ ଯୋଗାଣ ବିଭାଗ ଅଧିକାରୀଙ୍କ ହୋଟେଲରେ ଚଢ଼ାଉ



ଅସ୍ତରଙ୍ଗ, (ଭାସ୍କ ନ୍ୟୁଜ): ପୁରୀ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଅସ୍ତରଙ୍ଗ ବଜାରର ବିଭିନ୍ନ ଖାଦ୍ୟ ଦୋକାନ ଓ ହୋଟେଲରେ ୫ଜଣିଆ ଟିମ୍‌ର ଅଚାନକ ଚଢ଼ାଉ ହୋଇଛି । ସୂଚନା ମୁତାବକ ମଙ୍ଗଳବାର ମଧ୍ୟାହ୍ନରେ ପୁରୀ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ୫ଜଣିଆ ଟିମ୍ ମଧ୍ୟରେ ପୁରୀ ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ, ସହକାରୀ ଯୋଗାଣ ଅଧିକାରୀ ଜି. ପ୍ରଶାନ୍ତ ରାଓ, ପୁରୀ ସଦର ଯୋଗାଣ ନିରୀକ୍ଷକ ପ୍ରଦୀପ୍ତ ସେଠି, କାକଟପୁର ଯୋଗାଣ ନିରୀକ୍ଷକ ଦେବଜ୍ୟୋତି ଦାଶ ଓ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ଅସ୍ତରଙ୍ଗ ବଜାରରେ ଥିବା ଖାଦ୍ୟ ଦୋକାନ ସହ ବିଭିନ୍ନ ହୋଟେଲ ରେ ଅଚାନକ ଚଢ଼ାଉ କରି ଖାଦ୍ୟ ପ୍ରସ୍ତୁତ ହେଉଥିବା ସ୍ଥାନ ବୁଲିବା ସହ କେଉଁ ଗ୍ୟାସ ହୋଟେଲ ବ୍ୟବହାର ହେଉଛି ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ କିଛି ହୋଟେଲରୁ ଗ୍ୟାସ ଟାଙ୍କି ଜବତ କରିଥିଲେ । ଚଢ଼ାଉ ହେବା ଜାଣି ଅସ୍ତରଙ୍ଗ ବଜାରରେ ଥିବା ଅନେକ ଖାଦ୍ୟ ଦୋକାନ, ଫାଷ୍ଟଫୁଡ୍ ଓ ହୋଟେଲରେ କିଛି ସମୟ ଚଢ଼ାଉ ଭୟରେ ତାଲା ଝୁଲିଥିଲା । ଅନେକ ବ୍ୟବସାୟୀଙ୍କୁ ବିଭାଗୀୟ ଅଧିକାରୀମାନେ ଗ୍ୟାସ ସମ୍ପର୍କରେ ସଚେତନ କରିବା ସହ ନିୟମ ଉଲ୍ଲଂଘନ କଲେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଥିଲେ । ଜନଗହଳି ପୂର୍ଣ୍ଣ ମାର୍କେଟ ଉପରେ ଚାଲିଛି ନିଆଁ ସହ ଖେଳ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଖୋଲିଛି ଗ୍ୟାସ ଫିଲିଂ ଦୋକାନ । ଏଭଳି ଗ୍ୟାସ ଫିଲିଂ ଦୋକାନଗୁଡିକ ସରକାରୀ ନିୟମ ଅନୁଯାୟୀ ଖୋଲିଛି ନା ବେଆଇନ ଭାବେ ଚାଲିଛି ଏହାର ଉତ୍ତର କାହା ନିକଟରେ ନାହିଁ । କୌଣସି କାରଣବଶତଃ ଯଦି କିଛି ଅଘଟଣ

- ଗ୍ୟାସ ଟାଙ୍କି ଜବତ
- ଅନେକ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ତାଲା

ଘଟେ ତେବେ ସେଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠିଛି । ଅସ୍ତରଙ୍ଗ ଅଞ୍ଚଳରେ ଦୋକାନ ବଜାରଗୁଡିକର ଅବସ୍ଥା ଯାହା ସେଥିରେ ଯଦି କୌଣସି ଗୋଟିଏ ଦୋକାନରେ କିଛି ଅଘଟଣ ଘଟିଲେ ତାହା ଚାରିଆଡ଼େ ବ୍ୟାପି ପୂରା ବଜାର ଜଳି ପୋଡି ପାଉଁଶ ହୋଇଯିବାର ଆଶଙ୍କା ରହୁଛି । ଏଭଳି କ୍ଷେତ୍ରରେ ଯୋଗାଣ ବିଭାଗ ଠାରୁ ଆରମ୍ଭ କରି ଗ୍ୟାସ ବିତରକ କମ୍ପାନୀ, ପୋଲିସ ଓ ଅଗ୍ନିଶମ ବିଭାଗ କାହାର ଏଥି ପ୍ରତି ନିଘା ନଥିବା ପରି ମନେ ହେଉଛି । ପ୍ରଶାସନିକ କଟକଣା ଅଭାବରୁ ଏବେ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ପଞ୍ଚାୟତରେ ଲଗାମ୍ ଛଡା ବେଆଇନ ଗ୍ୟାସ କାରବାର ଦିନକୁ ଦିନ ବଢ଼ିଚାଲିଛି । ସରକାର ଲୋକଙ୍କ ପାଇଁ ୧୬କେଜି ସିଲିଣ୍ଡର ଠାରୁ ଆରମ୍ଭ କରି ଅନ୍ୟ ଛୋଟ ବଡ଼ ଗ୍ୟାସ ଟାଙ୍କି ଯୋଗାଇ ଦେଉଛନ୍ତି । ଏପରିକି ୩କେଜି ସିଲିଣ୍ଡର ମଧ ବଜାରରେ ମିଳୁଛି । ଏହି ସବୁ ଲାଇସେନ୍ସଧାରୀ ଦୋକାନୀ ଓ ଡିଲରମାନେ ବିକ୍ରି କରିବାର ନିୟମ ରହିଛି । ହେଲେ ଅସ୍ତରଙ୍ଗ ଅଞ୍ଚଳରେ ଶତାଧିକ ଲୋକଙ୍କ ଗ୍ୟାସ କାର୍ଡ ନ ଥିବା ବେଳେ ବିଭିନ୍ନ ହୋଟେଲ, ହଷ୍ଟେଲ ଠାରୁ ଆରମ୍ଭ କରି ଭଡ଼ାରେ ରହୁଥିବା ଛାତ୍ରଛାତ୍ରୀଙ୍କ ସମେତ କର୍ମଜୀବୀଙ୍କ କୌଣସି ସ୍ୱତନ୍ତ୍ର ସୁବିଧା ନାହିଁ । ଖୁଚୁରା ଗ୍ୟାସ ପାଇଁ ସରକାରୀ ସ୍ତରରେ ବିଶେଷ ସୁବିଧା ନାହିଁ । ଫଳରେ ଗ୍ୟାସ ଫିଲିଂ ପାଇଁ ଏମାନେ ଛୋଟ ମୋଟ ଦୋକାନୀଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ବଡ଼ ଟାଙ୍କିରୁ ଗ୍ୟାସ ବିପଦପୂର୍ଣ୍ଣ ଭାବେ ଛୋଟ ଟାଙ୍କିଗୁଡିକୁ ବେଫିକର ଭାବେ ଫିଲିଂ ହେଉଛି । ଅସ୍ତରଙ୍ଗ ଅଞ୍ଚଳରେ ଗୋଟିଏ କିମ୍ବା ୨ଟି ନୁହେଁ ଅନେକ ଦୋକାନ ଚୋରାରେ ଗ୍ୟାସ ଫିଲିଂ କରୁଥିବା ଅଭିଯୋଗ ହେଉଛି । ଅସ୍ତରଙ୍ଗ ଅଞ୍ଚଳର କୁଣ୍ଡେଶ୍ୱର, ସରିପୁର, ଶିଶୁଅ, ପୋଟଳଛକ, କଣମଣ ଛକ, ପାଟଳଦା ଛକ, ହୀରାଦେଇପୁର ଛକ, ଖଣ୍ଡାସାହି, ଆଳସାହି, ନଗର, ନୂଆଗଡ ଛକ, ଅସ୍ତରଙ୍ଗ କଲେଜ ଛକ, ଏଡ଼ବାଂଶ ସମେତ ବିଭିନ୍ନ ସ୍ଥାନରେ ଗଳିକନ୍ଦୀରେ ଛତୁ ଫୁଟିଲା ପରି ଗ୍ୟାସ ଦୋକାନ ଖୋଲିଛି । ଏହି ସବୁ ଛୋଟ ଦୋକାନଗୁଡିକରେ ସରକାରୀ ଦର ଠାରୁ ଅଧିକ ଦରରେ ଗ୍ୟାସ ବିକ୍ରି କରାଯାଉଥିବା ବେଳେ ଗ୍ୟାସର ମାପକୁ ନେଇ ମଧ ପ୍ରଶ୍ନ ଉଠୁଛି । ହଠାତ କିଛି ଅଘଟଣ ଘଟିଲେ ତା'ର ମୁକାବିଲା କରିବା ପାଇଁ ଏହି ଦୋକାନଗୁଡ଼ିକରେ ଆନୁସଙ୍ଗିକ ସୁବିଧା ମଧ ନାହିଁ ।

# ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ

ବୋଲଗଡ,(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ତପନ କୁମାର ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗ ଦେଇ ୫ ପ୍ରକାର ନିଆଁ ଅଙ୍ଗାରଜାତୀୟ ନିଆଁ, ତୈଳ ଜାତୀୟ ନିଆଁ, ଗ୍ୟାସ ଜାତୀୟ, ଧାତୁ ଜାତୀୟ ଓ ରୋଷେଇ ଜାତୀୟ ନିଆଁ ସମ୍ପର୍କରେ ଛାତ୍ରଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ଗୋଷ୍ଠୀ ଓ ସଚେତନ ନାଗରିକମାନଙ୍କୁ ସଚେତନ କରିଥିଲେ । ପରେ ସିଲିଣ୍ଡର ଗ୍ୟାସ ନିଆଁ, ତୈଳ ନିଆଁ ଲିଭାଇବା ପାଇଁ ଫୋମର ବ୍ୟବହାର ଓ ପାଣିରେ ବୁଡ଼ି ଯିବା ସମୟରେ ସେଫଟି କିଟ୍ ଆଦି ବ୍ୟବହାର କରିବା ସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରିଥିଲେ । ଶେଷରେ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସମାଜସେବୀ ଯୋଗେଶ୍ୱର ପଣ୍ଡା, ମାନସ ରଞ୍ଜନ ପଣ୍ଡା ଓ ସୁବ୍ରତ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

# ମାଲ୍ୟବନ୍ତ ମହୋତ୍ସବ ନେଇ ମିନି ମାରାଥନ୍



ମାଲକାନଗିରି,(ଭାସ୍କର ନ୍ୟୁଜ): ମାଲ୍ୟବନ୍ତ ମହୋତ୍ସବ ନେଇ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଏମ୍‌ଭି-୧୧ ଗ୍ରାମରୁ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଏହି ମିନି ମାରାଥନ ଦୌଡ଼ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ । ମାଲ୍ୟବନ୍ତ ମହୋତ୍ସବ ଅବସରରେ ଯେଉଁ ମିନି ମାରାଥନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉଛି ତାହା କ୍ରୀଡ଼ା ପ୍ରେମୀଙ୍କ ପାଇଁ ଏକ ବିଶେଷ ସୁଯୋଗ । ନିଜର ପ୍ରତିଭାକୁ ପ୍ରଦର୍ଶନ କରିବା ସହ ଶାରୀରିକ ବିକାଶରେ ମଧ ଏହା ସହାୟକ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ସୁସ୍ଥ ଶରୀର ହିଁ ମାନସିକ ବିକାଶ ତଥା ଜଣେ ବ୍ୟକ୍ତିର ସର୍ବାଙ୍ଗୀନ ଉନ୍ନତି ଦିଗରେ ସାହାଯ୍ୟ କରିଥାଏ । ଅନ୍ୟମାନଙ୍କ ମଧରେ ସୀମା ସୁରକ୍ଷା ବଳ ମାଲକାନଗିରି ମୁଖ୍ୟାଳୟ ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଉପସ୍ଥିତ ଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା । ଏଥିରେ ସୀମା ସୁରକ୍ଷା ବଳ ପୋଲିସ, ସ୍ଥାନୀୟ ପୋଲିସ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅର୍ଥାତ୍ ପ୍ରାୟ ୫୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଜିଲ୍ଲା କ୍ରୀଡ଼ା ବିଭାଗର କର୍ମଚାରୀଙ୍କ ସହଯୋଗରେ ଏହା ପରିଚାଳିତ ହୋଇଥିଲା । ଯେଉଁମାନେ କୃତକାର୍ଯ୍ୟ ହେଲେ ସେମାନଙ୍କୁ ମାଲ୍ୟବନ୍ତ ମହୋତ୍ସବରେ ସମ୍ମାନିତ କରାଯିବ ।




କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକର ସୂଚନା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କେ. ସୋନାଲ୍ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜନ ଶୁଣାଣି ଶିବିରରେ ମୋଟ ୮୫ ଅଭିଯୋଗ ପଂଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୭ଟି ଓ ଗୋଷ୍ଠୀଗତ ବା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୮ଟି ଅଭିଯୋଗ ପଂଜିକୃତ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମ୍ପର୍କିତ ୪ଟି, ଆବାସ ଯୋଜନା ସମ୍ପର୍କିତ ୫ଟି, ଜମିଜମା ସମ୍ପର୍କିତ ୩୪ଟି, ପେନସନ୍ ସମ୍ପର୍କିତ ୧,ପୋଲିସ ସହାୟତା ପାଇଁ ୬ଟି ଏବଂ ଅନ୍ୟାନ୍ୟ ୨୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ତତ୍କାଳ ୨ ଅଭିଯୋଗର ଫଇସଲା କରାଯାଇଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସପି ଭଵାନୀ ସଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଟୀ, ଉପଜିଲ୍ଲାପାଳ ପ୍ରସାଦ କୁମାର ତରାଇ, କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ତହସିଲଦାର ସୋରୁପ ରଞ୍ଜନ ବେହେରା, ତିର୍ତ୍ତୋଲ ଏସପିଡିଓ ଚିନ୍ମୟ ରାଉତ ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ପାନୀୟ ଜଳଯୋଗାଣ ବିଭାଗରେ ବ୍ୟାପକ ଦୁର୍ନୀତି

## ସତର ବର୍ଷ ଧରି ଗାଦି ମାଡ଼ିବସିଛନ୍ତି କନିଷ୍ଠ ଯନ୍ତ୍ରୀ




ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍) :ରାଜ୍ୟ ସରକାରଙ୍କ ନିୟମାନୁସାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଗୋଟିଏ ସ୍ଥାନରେ ମାତ୍ରାଧିକ ୩ବର୍ଷ କାର୍ଯ୍ୟ କରିପାରିବେ । ୩ବର୍ଷ ପରେ ତାଙ୍କର ଅନ୍ୟ ସ୍ଥାନକୁ ବଦଳି ହୋଇଥାଏ । ଫଳରେ ସରକାରୀ ଦପ୍ତରରେ ଦୁର୍ନୀତି କମିବା ଠାରୁ ପରିଚାଳନା କାର୍ଯ୍ୟ ସନ୍ତୁଳନ ରୁହେ। ହେଲେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି । ଗତ କିଛିଦିନ ତଳେ ପଟ୍ଟାମୁଣ୍ଡାଇ ବ୍ଲକରେ କର୍ମଚାରୀ ବଦଳି ନିର୍ଦ୍ଦେଶ ଆସିଥିଲା । ସେମାନେ ଉକ୍ତ ସ୍ଥାନରେ ରହିବା ଲାଗି ବିଭିନ୍ନ ଦିଗରୁ ସୁପାରିଶ କରି ସେହିସ୍ଥାନରେ କୁଣ୍ଡଳି ମାରି ବସିରହିଛନ୍ତି। ଏଥିନେଇ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବଢୁଥିବା ବେଳେ ସାଧାରଣ ଲୋକେ ନ୍ୟାୟ ଓ ସରକାରୀ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ବ୍ଲକ ବହୁ ମୁଖିଆଙ୍କ ସମେତ ଅନ୍ୟ ବଡ ଅଧିକାରୀ ମାନେ ବଦଳି ହେଉଥିବା ବେଳେ କିନ୍ତୁ ଏହି ଅଧିକାରୀ ଓ କର୍ମଚାରୀମାନେ ଯେକୌଣସି ମତେ ସେମାନଙ୍କର ଆସ୍ଥାନ ଜମାଇ ରହୁଛନ୍ତି। ଯାହାଫଳରେ ଏଠାକୁ ଆସୁଥିବା ନୂତନ ମୁଖିଆମାନେ ସେମାନଙ୍କ ଉପରେ ଭରସା କରିବା ପାଇଁ ବାଧ ହେଉଛନ୍ତି । ଯାହା ଫଳରେ ବହୁ ସମୟରେ ସେମାନେ ବଡ ଅଧିକାରୀମାନଙ୍କ ଧ୍ୟାନ ହଟାଇବା ପାଇଁ ସେମାନଙ୍କୁ ଭୁଲ ଦିଗରେ ସୂଚନା ପ୍ରଦାନ କରି ବର୍ଷବର୍ଷ ଧରି ଫାଇଦା ଉଠାଉଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଆର ଡବ୍ଲୁଏସଏସ ଜେଇ ପଟ୍ଟାମୁଣ୍ଡାଇ ବ୍ଲକରେ ଦୀର୍ଘ ଦିନ ରହି ବ୍ଲକ୍‌ରେ ବହୁ ଦୁର୍ନୀତିରେ ଜଡିତ ଅଛନ୍ତି। ସିଏ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବିଭିନ୍ନ ପାନୀୟ ଜଳ ଯୋଗାଣରେ ହେଉଥିବା ଦୁର୍ନୀତିରେ ଲିପ୍ତ। ପଟ୍ଟାମୁଣ୍ଡାଇର ବିଭିନ୍ନ ପଞ୍ଚାୟତରେ ବସା ଯାଉଥିବା ନଳକୂପକୁ ଠିକାଦାରକୁ ହାତ କରି ପୁରୁଣା ପାଇପ ଓ ପୁରୁଣା ନଳକୂପ ବସାଇ ନୂତନ ନଳକୂପର ବିଲ ପାସ କରାଇ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଲକ୍ଷ ଲକ୍ଷ ଟଙ୍କା ଲୁଟିବା ସହିତ ଠିକାଦାରମାନଙ୍କୁ ବି କୋଟିପତି ବନାଇଛନ୍ତି। ରାଜ୍ୟ ସରକାରଙ୍କ ଗାଇଡ ଲାଇନରେ ଅଛି ଜଣେ କର୍ମଚାରୀ ତିନି ବର୍ଷରୁ ଅଧିକା ଦିନ ଗୋଟେ ଅଫିସ ରେ ରହିପାରିବେ ନାହିଁ। କିନ୍ତୁ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ପାନୀୟ ଜଳ ଯୋଗାଣ ର ଜେଇ ବାବୁ ଆଜିକୁ ଦୀର୍ଘ ସତର ବର୍ଷ ଧରି ପଟ୍ଟାମୁଣ୍ଡାଇ ବ୍ଲକ ରେ ଆଡା ଜମାଇ ପଟ୍ଟାମୁଣ୍ଡାଇ ବ୍ଲକରୁ ପାନୀୟ ଯୋଗାଣ ବିଭାଗ ରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିବା ସହିତ ସମସ୍ତ ସାମ୍ବାଦିକ ,ପ୍ରଶାସନ କୁ ନାଲି ଆଖି ଦେଖାଇ ଚୁପ୍ କରାଇ ନିଜ ଗାଦିକୁ ମାଡି ବସି ରହଛନ୍ତି। ନିଜେ ସବୁବେଳେ ଚାରିଆଡ଼େ ଗାଇ ବୁଲୁଛି ବିଧାୟକ ମୋର୍ ଓ ମନ୍ତ୍ରୀ ମୋର୍,ଉପର ବିଭାଗର ଅଧିକାରୀ ମୋର୍ ।ମୁଁ ସେମାନଙ୍କୁ ମୋଟା ଅଙ୍କର ଟଙ୍କା ପ୍ରତି ମାସ ରେ ଦେଉଛି। ସେଥିପାଇଁ ମୁଁ ପଟ୍ଟାମୁଣ୍ଡାଇ ବ୍ଲକରେ ସତର ବର୍ଷ ରୁ ଊର୍ଦ୍ଧ୍ୱ ଦିନ ରହିଛି ଆଗକୁ ମଧ ରହିବି। ପଟ୍ଟାମୁଣ୍ଡାଇ ବ୍ଲକ ବିଶ୍ୱଜିତ୍ ମିଶ୍ର ଜେ ଇ କାହା ବାହୁ ଛାୟା ତଳେ ଦୀର୍ଘ ସତର ବର୍ଷ ହେଲା ବ୍ଲକ୍ ରେ ନିଜ ଗାଦି କୁ ମାଡି ବସିଛି ତାହାର ତଦନ୍ତ ହେଲେ ଦୁର୍ନୀତି ସହିତ ନେତା ଓ ପ୍ରଶାସନ ଙ୍କର ପ୍ରକୃତ ମୁଖା ଖୋଲି ପାରନ୍ତା । ପୁଣି ଜେଇଙ୍କ ନାଁ ରେ ଆସିଛି ସଙ୍ଗୀନ ଅଭିଯୋଗ ଦୀର୍ଘ ସତର ବର୍ଷ ହେଲା ପଟ୍ଟାମୁଣ୍ଡାଇ ବ୍ଲକ ଥିବା ସମସ୍ତ ପୁରୁଣା ଟିଓ୍ୱେଲ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଓ ତିନି ହଜାରରୁ ଊର୍ଦ୍ଧ୍ୱ ଜିଆଇ ପାଇପ ଟେଣ୍ଡର କରି ବିକ୍ରିନ କରି ସିଏ ପାଇପ ଓ ଟିଓ୍ୱେଲକୁ କୁଆଡେ ନେଲେ ସେହି ଜିନିଷ ନା ବ୍ଲକ୍ ଷ୍ଟୋର ଘରେ ଅଛି ନା ତାକୁ ଅନାମି ନାମ ଧାରୀ ଙ୍କୁ କମ ମୂଲ୍ୟ ରେ ବିକ୍ରି କରି ଦେବାର ଆଶଙ୍କା ଦେଖା ଦେଇଛି। ଯଦି ଜଳ ଯୋଗାଣ ବିଭାଗ ର ଉପରିସ୍ଥ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ତଦନ୍ତ କରାଗଲେ କେତେ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଛି ତାହାର ସତ୍ୟାସତ୍ୟ ପଦାକୁ ଆସିଲେ ପ୍ରକୃତ ଦୋଷୀ ଧରା ପଡ଼ି ଦଣ୍ଡ ପାଇପାରନ୍ତା।

### ରାଜସୁନାଖଳା ମହୋତ୍ସବ-କାଉଁରୀର ଦ୍ୱିତୀୟ ସନ୍ଧ୍ୟା

# ମନମୋହିଲା ଢୋଲ ମହୁରୀ



ବୋଲଗଡ(ଭାସ୍କର ନ୍ୟୁଜ୍): ରାଜସୁନାଖଳା ମହୋତ୍ସବ 'କାଉଁରୀ-୨୦୨୪' ଦ୍ୱିତୀୟ ସନ୍ଧ୍ୟାରେ ଢୋଲ ମହୁରୀ ନୃତ୍ୟ ରେ ଦର୍ଶକ ବିଭୋର ହୋଇଥିଲେ। ଏହି ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ସ୍ଥାନୀୟ ରଣପୁର ବିଧାୟକ ତଥା ରାଜ୍ୟ ବିଧାନସଭାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ଭାବେ କୋରେଇ ବିଧାୟକ ତଥା ସିନେ ତାରକା ଆକାଶ ଦାଶ ନାୟକ ଯୋଗଦେଇଥିଲେ । ଏଥିରେ ସମ୍ମାନୀତ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ , ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ , କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ , ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ସ୍ଥାନୀୟ ସମିତି ସଭ୍ୟ ତପନ କୁମାର ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ ।ଏହି କାର୍ଯ୍ୟକ୍ରମରେ ସଭାରେ ମହୋତ୍ସବ କମିଟି ସମ୍ପାଦକ ଜୟନ୍ଦ୍ର ବେହେରା ବିବରଣୀ ପାଠ କରିଥିବା ବେଳେ ମହୋତ୍ସବର ପ୍ରତିଷ୍ଠାତା ତଥା ସଭାପତି ଚିତ ରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ପୁରୁଲିଆ ଛଉ, ବଲାଙ୍ଗୀରର ସମ୍ବଲପୁରୀ ନୃତ୍ୟ, ପାରମ୍ପରିକ ବିବିଧ ନୃତ୍ୟ, ସମରକଳା, ଆସାମର ବିହୁ, ଓଡିଶୀ ନୃତ୍ୟ ଓ ଢୋଲ ମହୁରୀ କାର୍ଯ୍ୟକ୍ରମ ମନମୋହିଥିଲା ।ଏହି ଶୀତୁଆ ସନ୍ଧ୍ୟାରେ ରଣପୁର, ବୋଲଗଡ଼ ,ଭାପୁର ବେଗୁନିଆ ବ୍ଲକର ହଜାର ହଜାର ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଦେଶାତ୍ମକ ବୋଧ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ତହସିଲଦାରଙ୍କ ଦାୟିତ୍ୱ ହସ୍ତାନ୍ତର



ବୋଲଗଡ(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧାଜିଲ୍ଲା ଅନ୍ତର୍ଗତ ବୋଲଗଡ ତହସିଲଦାର ନିବେଦିତା ପରିଡ଼ାଙ୍କ ଗତ ଅକ୍ଟୋବର ୧୭ ତାରିଖରେ ରାଜ୍ୟ ସରକାରଙ୍କ ବଦଳି ତାଲିକାର କ୍ରମିକ ନଂ-୧୦୬ ଅନୁଯାୟୀ ତାଙ୍କର ବଦଳି ହୋଇଥିଲା। ତାଙ୍କୁ ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଭାବେ ନୂତନ ଦାୟିତ୍ୱ ମିଳିଥିଲା ।ତେବେ ତାଙ୍କ ବଦଳିକୁ ନେଇ ବୋଲଗଡ ଅଞ୍ଚଳର ବୁଦ୍ଧିଜୀବୀ, ରାଜନେତା, ଚାଷୀ ନେତା,ଗଣମାଧ୍ୟମର ପ୍ରତିନିଧି ଓ ସାଧାରଣ ଜନତା ମାନେ ଦୁଃଖ ପ୍ରକାଶ କରିବା ସହ ବଦଳି ବାତିଲ କରିବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ଙ୍କୁ ଦସ୍ତଖତ ସମ୍ବଳିତ ନିବେଦନପତ୍ର ପ୍ରଦାନ କରିଥିଲେ। କାରଣ ତାଙ୍କର ବୋଲଗଡ଼ ତହସିଲ କାର୍ଯ୍ୟାଳୟରେ ୧ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ସର୍ବସାଧାରଣଙ୍କ ବିକାଶମୂଳକ କାର୍ଯ୍ୟର ଉପଯୋଗ ହେବାକୁଥିବା ଅନେକ ସରକାରୀ ଜାଗା ଜବରଦଖଲ ମୁକ୍ତକରିବା, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ,କୃଷକଙ୍କୁ ଫସଲହାନୀ ସହାୟତା ରାଶି ପ୍ରଦାନ ସହ ଓ ଲାଞ୍ଚ କାରବାର ରୋକି ସାଧାରଣରେ ପ୍ରିୟପାତ୍ର ହୋଇ ପାରିଥିଲେ ।ତେବେ ଏହି ବଦଳି ପରେ ଜିଲ୍ଲାପାଳଙ୍କ ପକ୍ଷରୁ ରିଲିଭ ନିର୍ଦ୍ଦେଶ ମିଳିନଥିବା କାରଣରୁ ଏହି ପ୍ରକ୍ରିୟା ବିଳମ୍ବିତ ହୋଇଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳି ଓ ପୋଷ୍ଟିଂ ନେଇ ଚେତାବନୀ ପ୍ରଦାନ ପରେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସେହି କ୍ରମରେ ବୋଲଗଡ଼ ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ା ସୋମବାର ତହସିଲ କାର୍ଯ୍ୟାଳୟର କାର୍ଯ୍ୟରତ ଆଡିସିନାଲ ତହସିଲଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

## ମାଣବସା ପାଇଁ ଧାନକେଣ୍ଡା ବିକ୍ରି

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) :ଆରମ୍ଭ ହୋଇଯାଇଛି ମାର୍ଗଶିର ମାସ।ନଭେମ୍ବର ୨୧ତାରିଖ ପ୍ରଥମ ଗୁରୁବାର ହୋଇଥିବା ବେଳେ ୧୨ତାରିଖ ଚତୁର୍ଥ ଗୁରୁବାର। ଘରେ ଘରେ ଧାନ ମାଣିକ୍ୟରେ ବିରାଜିବେ ମା 'ଲକ୍ଷ୍ମୀ। ଏଣୁ ଚଳଚଞ୍ଚଳ ହୋଇଉଠିଛି ପୁରପଲ୍ଲୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଦେଖାଦେଇଛି ଗୃହଲକ୍ଷ୍ମୀ ଧାନ ମାଣିକ୍ୟ ପୂଜାର ତତ୍ପରତା। ଏହି ପୂଜାରେ ଲାଗୁଥିବା ସାମଗ୍ରୀ ଅନେକ ମିଳୁନଥିବାରୁ ବଜାରରେ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ଜମୁଛି। ଧାନ କେଣ୍ଡାରୁ ଆରମ୍ଭ କରି ଦୁବ, ବରକୋଳି ପତ୍ର ପର୍ଯ୍ୟନ୍ତ ସବୁ ଜିନିଷ ବିକ୍ରି ହେଉଛି। ମା ଲକ୍ଷ୍ମୀଙ୍କୁ ଆରାଧନା ପାଇଁ ଅସ୍ତରଙ୍ଗ ରେ ପୂଜା ସାମଗ୍ରୀ ବଜାର ବସିଛି। ସବୁ ପ୍ରକାର ପୂଜା ସଜ ବିକ୍ରି ହେଉଛି। ଅନେକ ଲୋକ ବିଭିନ୍ନ ଗାଁ ରୁ ଆସି ଏଠାରେ ବେପାର କରୁଥିବା ବେଳେ ଆଉ କିଛି ବ୍ୟବସାୟୀ ମା 'ଲକ୍ଷ୍ମୀଙ୍କ ପୂଜାରେ ଲାଗୁଥିବା ଜିନିଷ ଆଣି ଦୋକାନରେ ବିକ୍ରି କରୁଛନ୍ତି। ମାଣବସା କୁ ଦୃଷ୍ଟିରେ ରଖି କିଛି ବ୍ୟବସାୟୀ ସମସ୍ତ ପୂଜା ସାମଗ୍ରୀ ଯୋଗାଇ ଦେଉଛନ୍ତି। ଏଥିରେ ସେମାନେ ମଧ ଦୁଇ ପଇସା ରୋଜଗାର କରୁଛନ୍ତି। ୧୨ତାରିଖ ରେ ଚତୁର୍ଥ ଗୁରୁବାର ଥିବାରୁ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଲକ୍ଷ୍ମୀବଜାର ରେ କିଛି ବ୍ୟବସାୟୀ ବିଭିନ୍ନ ପ୍ରକାର ପୂଜା ସାମଗ୍ରୀ ଧାନକେଣ୍ଡା, ପଦ୍ମ ଫୁଲ, ହଳଦୀ, ଗନ୍ଧା, ହରିଡ଼ା, ଝୁଣା, ଗଙ୍ଗାଜଳ, କଉଡ଼ି, ଦୁବଘାସ, ଗୋଟା ବିରି, ଧଳା ଧାନ, ପେଣ୍ଟା ଧାନ, ଗେଣ୍ଡୁ ଫୁଲ ଏପରିକି କାଳୀ ଗାଈ ଗୋବର ଭଳି ଅନେକ ଜିନିଷ ବିକ୍ରି ହେଉଛି। ମାଣବସା ସାଧାରଣତଃ ସେର, ମାଣ, ପିଢା, ଖଟୁଲି ପୂଜା ହୋଇଥାଏ।

# ବିଦ୍ୟାଳୟର ସମ୍ମାନ ରଖିଲା ପଟ୍ଟାମୁଣ୍ଡାଇ ଝିଅ ଲକ୍ଷ୍ମୀ






ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍) : ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ ର ନବମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀ ବିହାନି। ପିତା- ହଂସରାଜ୍ ବିହାନି ଓ ମାତା - ବିଦ୍ୟା ବିହାନିଙ୍କର ସାନ ଝିଅ। ବିଦ୍ୟାଳୟ ରେ ପାଠ ପଢା ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟରେ ଖୁବ ଆଗ୍ରହ ରଖିଥାଏ। ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ର କମାଣ୍ଡର ସାଙ୍ଗକୁ ଖେଳରେ ସମସ୍ତଙ୍କ ଆଗରେ। ଏ ବର୍ଷ ଆମ ବିଦ୍ୟାଳୟ ଲକ୍ଷ୍ମୀ ଭଳି ସୁନା ଝିଅକୁ ଛାତ୍ରୀ ଭାବରେ ପାଇ ଗର୍ବିତ। ଲକ୍ଷ୍ମୀ ଏଥର ନାମ ରଖିଛି ।ଏବର୍ଷ ଜାତୀୟ ସ୍ତରର ବେସ୍ ବଲ୍ ଖେଳିବାକୁ ମନୋନୀତ ହୋଇଛି। ସେ ୧୭ବର୍ଷ ରୁ କମ ବୟସ ର ବାଳିକା ବିଭାଗରୁ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ତରଫରୁ ଆସନ୍ତା ୧୧ ଡିସେମ୍ବର ରୁ ୧୫ ଦିନ ପାଇଁ ଦିଲ୍ଲୀ ଯାଇ ଜାତୀୟ ସ୍ତରରେ ବେସ୍ ବଲ୍ ଖେଳିବ। ଏ ଖବର ପାଇ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ତଥା ଲକ୍ଷ୍ମୀ ର ବ୍ୟକ୍ତିଗତ କୋଚ୍ ଶଶାଙ୍କ ଶେଖର ସାହୁ ଖୁବ ଖୁସି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜୟ କୁମାର ରାଉତରାୟ ନ ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ,ଏନସିସି ଶିକ୍ଷକ ସରୋଜ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ନାୟକ, ତାପସ କୁମାର ବେହେରା, ଗୋମତି ସ୍ୱାଇଁ, ଅନିତା ଧଳ, ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଶୈଳବାଳା ଆଚାର୍ଯ୍ୟ, ମାନସୀ ମହାନ୍ତି, ତପସ୍ୱିନୀ ମଲ୍ଲିକ, ଶ୍ରୀକାନ୍ତ କୁମାର ମଲ୍ଲିକ ଓ ଗାୟତ୍ରୀ ସାହୁ ପ୍ରଭୃତି ପ୍ରାଥନା ସଭାରେ ଉପସ୍ଥିତ ରହି ଲକ୍ଷ୍ମୀକୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାର ଭବିଷ୍ୟତ ଉଜ୍ଜଳ ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କଲେ।

# ଭକ୍ତଚରଣ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ବୈଠକ ଓ ବନ୍ଧୁମିଳନ




ବୋଲଗଡ(ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକର କବିତୀର୍ଥ ସାନପଦର ଗ୍ରାମ ରେ ଜନ୍ମଗ୍ରହଣ କରିଥିବା ଓଡ଼ିଆ ସାହିତ୍ୟ ଜଗତର ମହାନ୍ କବି ତଥା ମଥୁରାମଙ୍ଗଳ ,ଗୋପମଙ୍ଗଳ, ମନବୋଧ ଚଉତିଶା, କଳାକଳେବର ଚଉତିଶା ,ମନଃଶିକ୍ଷା ଓ ବୈଦ୍ୟ ଶାସ୍ତ୍ର ପରି କାବ୍ୟ ର ରଚୟିତା ବୈଷ୍ଣବ କବି ଭକ୍ତଚରଣ ଦାସଙ୍କ ରଚନାବଳୀ ତଥା ସାରସ୍ୱତ କୃତିକୁ ଲୋକାଭିମୁଖୀ କରିବା ନିମନ୍ତେ ଭକ୍ତଚରଣ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ପରିବର୍ଦ୍ଧିତ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ କବିପୀଠ ଠାରେ ସଭାପତି ତ୍ରିଲୋଚନ ମହାନ୍ତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ରାଜକିଶୋର ବ୍ରହ୍ମା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାନପଦର ଗ୍ରାମରେ ଜନ୍ମଗ୍ରହଣ କରିଥିବା ପାଞ୍ଚଜଣ କବି ଯଥା ଭକ୍ତଚରଣ ଦାସ , ଦନେଇ ଦାସ , ପିଣ୍ଡିକ ଶ୍ରୀଚନ୍ଦନ, ଅନନ୍ତ ପାତାଳସିଂହ,ନାରୀକବି ନେତ୍ରମଣି ଙ୍କ କାବ୍ୟ ସାହିତ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ଗ୍ରାମ ପକ୍ଷରୁ ପରିଷଦ ର ନୂତନ କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବ ସମ୍ମତି କ୍ରମେ ଭକ୍ତଚରଣ ସାହିତ୍ୟ ସଂସ୍କୃତି ପରିଷଦର ନୂତନ ସଭାପତି ଭାବେ ଶ୍ରୀମାନ ଶ୍ରୀକାନ୍ତ କୁମାର ନାୟକ ଓ ସମ୍ପାଦକ ଭାବେ ବିକ୍ରମ କେଶରୀ ସାମନ୍ତରାୟ ଙ୍କୁ ମନୋନୀତ କରାଯାଇଥିଲା। ଏହି କମିଟି ତଥା ପରିଷଦ ସମସ୍ତ କବି ମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ତିଥି କିପରି ରାଜ୍ୟ ସ୍ତରରେ ପାଳନ କରାଯିବ ସେଥିପାଇଁ କାର୍ଯ୍ୟ କରିବା ସହ କବି ମାନଙ୍କର କାବ୍ୟ ଓ ରଚନାବଳୀ କିପରି ଲୋକାଭିମୁଖୀ ହୋଇପାରିବ ସେ ଦିଗରେ ରେ କାର୍ଯ୍ୟକରିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବୈଠକ ରେ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର,ଅଜୟ କୁମାର ମଙ୍ଗରାଜ,ଅର୍ଜୁନ ପଟ୍ଟନାୟକ, ସୁରେଶ ଚନ୍ଦ୍ର ମହାପାତ୍ର,ଯୋଗୀନାଥ ନାୟକ,ବିଜୟ କୁମାର ସାହୁ ,ବିଜୟ କୁମାର ଗୁମାନସିଂହ, ଗଗନ କୁମାର ସ୍ୱାଇଁ , ମଧୁସୂଦନ ସାମନ୍ତରାୟ ,ପ୍ରକାଶ ଚନ୍ଦ୍ର ସିଂହ, ରମେଶ ମହାରଣା , ଶରତ ସ୍ୱାଇଁ , ଅଶୋକ କୁମାର ନାୟକ , ଅର୍ଜୁନ ଦାସ , ମାନସ ରଞ୍ଜନ ସାମନ୍ତରାୟ , ପ୍ରକାଶ ଚନ୍ଦ୍ର ନାୟକ ,ପ୍ରଦୀପ ମହାପାତ୍ର,କୈଳାଶ ନାୟକ , ଅନାମ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ। ପରିଶେଷ ରେ କବି ଭକ୍ତଚରଣ ତଥା ସମସ୍ତ କବି ମାନଙ୍କର କାବ୍ୟ ସାହିତ୍ୟ ଓ ରଚନାବଳୀକୁ ଲୋକାଭିମୁଖୀ କରିବା ନିମନ୍ତେ ଅହରହ ନିରନ୍ତର ପ୍ରୟାସ କରୁଥିବାରୁ ନୂତନ ସଭାପତି ଶ୍ରୀକାନ୍ତ କୁମାର ନାୟକଙ୍କୁ ଗ୍ରାମ ପକ୍ଷରୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କୁ ବ୍ୟାପକ କରିବା ପାଇଁ ମତ ପ୍ରକାଶ ପାଇଥିଲା ଓ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।


# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୪ ଉଦ୍‌ଘାଟିତ






ବାରିପଦା(ଭାସ୍କର ନ୍ୟୁଜ୍) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୪ ଉଦ୍‌ଘାଟିତ ହୋଇ ଯାଇଛି । ଆଗାମୀ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । କୁଳପତି ନିଜ ବକ୍ତବ୍ୟରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିବା ସହ କେବଳ ଶାରୀରିକ ସ୍ତରରେ ନୁହେଁ ମାନସିକ ସ୍ତରରେ ମଧ ଫିଟ୍ ରହିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ କରିବା ପାଇଁ ଦିନକୁ ଦିନ ହଜିଯାଉଥିବା ପାରମ୍ପରିକ ଭାରତୀୟ ଖେଳଗୁଡ଼ିକର ଆୟୋଜନ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଫିଟ୍ ଇଣ୍ଡିଆର ଶପଥ ପାଠ କରାଯାଇଥିଲା । କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ଓ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧୀରସାଇକେଲ ଚାଳନା, ତର୍କ, ପ୍ରବନ୍ଧ, କୁଇଜ୍, ପୋଷ୍ଟର, ଦଉଡ଼ିଡିଆଁ, ଦୌଡ଼, ଯୋଗ, ଓ ବିଭିନ୍ନ ପାରମ୍ପାରିକ ଭାରତୀୟ କ୍ରୀଡ଼ା ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ରାଶିଫଳ


ବୁଧବାର, ୧୧ ଡିସେମ୍ବର ୨୦୨୪


**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲ ପାଇବା ରହିବ । ଶୀଘ୍ର ଶୀଘ୍ର କାମ ପୂରଣ ହୋଇପାରେ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ଶାନ୍ତି ରହିବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ଏବଂ ଶାନ୍ତି ରହିବ ।



**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ । ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ । ବ୍ୟବସାୟ ଭଲ ହେବ । ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ । ପ୍ରତିଦ୍ୱନ୍ଦ୍ୱିତା ହେବ ।


**ମିଥୁନ:** ବୈଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ । ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ ।



**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବ୍ୟସ୍ତ ହୁଅ ନାହିଁ । ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ ।


**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ । ଋଣରେ ହ୍ରାସ ଘଟିବ । ତୃପ୍ତି ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ଚାକିରିରେ ସୁସଙ୍ଗତତା ରହିବ । ବିନିଯୋଗ ଭଲ ହେବ ।



**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଲାଭ ସୁଯୋଗ ଆସିବ । ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ । ଜିନିଷଗୁଡିକ ସହଜ ରଖନ୍ତୁ।


**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବ୍ୟବସାୟ ଭଲ ହେବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ । ବିନିଯୋଗ ଭଲ ହେବ।


**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଳାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ ।


**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ଅନୁକୂଳ ହେବ । ରିସ୍କ ନେବାକୁ ସାହସ କର । ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ ।


**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ । ସୁଖର ମାଧ୍ୟମ ସଂଗ୍ରହ ହେବ । ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ ।


**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ । ସୁଖର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ । ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ । ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ପୂଜାପାଠ ଓ ସତ୍‌ସଙ୍ଗରେ ଆଗ୍ରହ ରହିବ ।


**ମୀନ:** ବ୍ୟବସାୟ ଭଲ କରିବ । ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ । ଆୟ ଜାରି ରହିବ । ରିସ୍କ ନିଅ ନାହିଁ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ ।


ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଗୁଣପୁର / ରାୟଗଡ଼ (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଗୁଣପୁର ଉପଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ରାୟଗଡ଼ ଜିଲ୍ଲାପାଳ, ଶ୍ରୀମତୀ ପାରୁଲ ପାଟାୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରଣ ଦୀପ ସେଭିକ ସହୋତା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୬୧ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୪୭ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୪ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ଆଜି ଦୁଇ ଜଣଙ୍କ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଚାରିଶି ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଦୁଇ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରି ଜିଲ୍ଲାପାଳ ପ୍ରଦାନ କରିଥିଲେ । ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ପାରିବାରିକ ସମସ୍ୟା , କୃଷି ସମସ୍ୟା, ରାସ୍ତା ତିଆରି, ବିଦ୍ୟୁତ ସଂଯୋଗ, ମଣି ପରିଚାଳନା ଜଳସେଚନ, ଭତ୍ତା, ଅଙ୍ଗନବାଡି ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟା ଉପସ୍ଥାପିତ ହୋଇଥିଲା ।

# ୧୦ ମନରେଗା ଶ୍ରମିକ ଲକ୍ଷପତି ଭାବେ ସମ୍ମାନୀତ



ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଢୋଲାମୁଣ୍ଡା ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଉପମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ବ୍ଲକ୍ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ବିଡ଼ିଓ ହେମନ୍ତ ପୁଟା, ଡେପୁଟି କଲେକ୍ଟର ଶେଖ୍ ନସିମ , ସ୍ଥାନୀୟ ସରପଞ୍ଚ ପଦ୍ମିନୀ ମାଝୀ, ସମିତି ସଭ୍ୟ ବିଶ୍ୱମ୍ବର ମାଝୀ ପ୍ରମୁଖ ଅତିଥି ହିସାବରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ପଞ୍ଚାୟତର ୧୦ ଗୋଟି ପରିବାର ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନର ଶ୍ରମ ଦାନ କରି ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଲେଖାଏଁ ପାଇ ଲକ୍ଷପତି ହୋଇଥିବାରୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ କରତାଳି ମଧ୍ୟରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ଚିତଲ ତାଣ୍ଡି, ଗୋପି ଦିପ, ପୁରୁଷମ୍ ରାଉତ, ଡୋଲାମଣି ମାଝୀ, ଅଣ୍ଟିଏନ୍ ମାଝୀ, ଅକ୍ରୁର ନାଗ୍, ଲୋଚନ୍ ରାଉତ, ନିଳାମ୍ବର ରାଉତ, ଜଦବା ମାଝୀ ଏବଂ ରାଜାରାମ ମାଝୀ । ଏହି ପଞ୍ଚାୟତରେ ୧୪୪୬ ଜଣ ମନରେଗା ଶ୍ରମିକ ଭାବରେ ପଞ୍ଜୀକୃତ ହୋଇଛନ୍ତି ଏବଂ ସମସ୍ତଙ୍କ ଶ୍ରମିକ କାର୍ଡ ଆଧାର ଲିଙ୍କ ହେଇଛି । ଏହା ସହିତ ଦୁଇ ଜଣ ବ୍ୟକ୍ତି ଜଗନ୍ନାଥ ମୋହରା ଓ ପବିତ୍ର ମୋହରା ମନରେଗା ଯୋଜନାରେ ୯୦ ଦିନରୁ ଅଧିକ କାମ କରିଥିବାରୁ ସେମାନଙ୍କୁ ନିର୍ମାଣ ଶ୍ରମିକ ହିସାବରେ ପଞ୍ଜୀକୃତ କରି ଲେବର୍ କାର୍ଡ ପ୍ରଦାନ କରାଗଲା । ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଂଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ମତ୍ସ୍ୟ ଅଧିକାରୀ ବିଷ୍ଣୁ ପ୍ରସାଦ ଦ୍ୱାରି, ଲିଡ୍ ବ୍ୟାଙ୍କ୍ ମେନେଜର ସୀତାରାମ ମେହେର, ଉଦ୍ୟାନ କୃଷି ଅଧିକାରୀ ଆରାଧନା ଶବର ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ସୂଚନା ଯୋଗ୍ୟଯେ ଜିଲ୍ଲାରେ ସମସ୍ତ ଶ୍ରମିକଙ୍କୁ ବିଭିନ୍ନ ବିଭାଗରୁ କାମ ଯୋଗଦେବା ପାଇଁ ଜିଲ୍ଲାପାଳ ଲାଇନ୍ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ବର୍ତ୍ତମାନ ପଂଚାୟତରେ ଅନେକ ଶ୍ରମ ଭିତ୍ତିକ ପ୍ରକଳ୍ପ କାମ ଆଗେଇ ଚାଲିଛି । ବ୍ୟାଙ୍କ୍ ଜରିଆରେ ଅନେକ ମହିଳା ସ୍ୱୟଂ ସହାୟକ ଦଳଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଇଛି । ସେମାନେ ଋଣ ନେଇ ଠିକ୍ ସମୟରେ ପରିଶୋଧ ମଧ୍ୟ କରୁଛନ୍ତି । ଜିଲ୍ଲାପାଳ ପଞ୍ଚାୟତବାସୀଙ୍କ ପ୍ରୟାସ ଏବଂ ସଫଳତାର ଭୂରି ଭୂରି ପ୍ରଶଂସା କରିଥିଲେ । ସେମାନଙ୍କୁ ଉଦବୋଧନ ଦେଇ କହିଲେଯେ ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନର କାମ ସରକାର ଯୋଗାଇଦେବେ । ଏଥିରୁ ସେମାନଙ୍କୁ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଲେଖାଏଁ ମିଳିବ । ଏଥିରୁ ଗାଁ ପାଇଁ ବନ୍ଧ ଘାଟ ପୋଖରୀ ରାସ୍ତା ଜଳ ବିଭାଜିକା ପ୍ରକଳ୍ପ ଇତ୍ୟାଦି ସମ୍ପଦ ମଧ୍ୟ ସୃଷ୍ଟି ହୋଇ ପାରିବ । ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ମା ଭଉଣୀ ମାନେ ଘରର ପୁରୁଷ ଲୋକମାନଙ୍କୁ ସଚେତନ କରାନ୍ତୁ । ଆମ ଜିଲ୍ଲା ରେ ଏବେ ପ୍ରତିଦିନ ୪୦ ହଜାର ପାଖାପାଖି ଶ୍ରମିକ ମନରେଗା ଯୋଜନାରେ କାମ କରି ଦୈନିକ ମୋଟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପାରଣା ପାଉଛନ୍ତି । ନୂଆପଡ଼ା ଜିଲ୍ଲା ମନରେଗା ଯୋଜନାରେ ଶ୍ରମିକମାନଙ୍କୁ କାମ ଯୋଗାଇବାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି । ସମସ୍ତ ଶ୍ରମିକ ଏହି ସୁଯୋଗର ସଦୁପଯୋଗ କରନ୍ତୁ । ଆଜିର ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଶହ ଶହ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ ।

## ଭାନପୁରରେ ଅଭିଯୋଗ ଶୁଣାଣି ଶିବିର

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ସ୍ଥାନୀୟ ସରପଞ୍ଚ ରୀନା ଜାଲ ଅଧ୍ୟକ୍ଷତା କରିଥିବା ବେଳେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍ଠ ବିଭାର, ଏପିଓ ପ୍ରଶାନ୍ତ କୁମାର



ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ଗ୍ରାମୀଣ ଆବାସ ସମ୍ପର୍କିତ ୨୯୫, ରେଶନ କାର୍ଡ ସମ୍ପର୍କିତ ୭୬, ପାନୀୟ ଜଳ ଯୋଗାଣ ୨ , ଭତ୍ତା ୧୧, ସ୍ୱାସ୍ଥ୍ୟ ସମ୍ପର୍କିତ ୪୦, ଅନ୍ୟାନ୍ୟ ୧୦ ଟି ଅଭିଯୋଗ ହୋଇଥିବା ଜଣାଯାଇଛି । ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିବା ବେଳେ ଡିଲେଶ୍ୱର୍ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ■ ଗନ୍ଧମାର୍ଦ୍ଦନ ଆମ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ସମ୍ପର୍କିତ ଆଲୋଚନାଚକ୍ର

# ସ୍ଥାୟୀ ସୁରକ୍ଷା ପାଇଁ ବିଧାନସଭାରେ ସଂକଳ୍ପ ପତ୍ର ପାରିତ ଦାବି




ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗନ୍ଧମାର୍ଦ୍ଦନ ଆମ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ସମ୍ପର୍କିତ ଆଲୋଚନା ଚକ୍ର ତ୍ରିଲୋଚନ ପୁଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାୟ, ବିଶିଷ୍ଟ ଚାଷୀ ନେତା ଲିଙ୍ଗରାଜ ପ୍ରଧାନ, ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାସ, ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ଶର୍ମା, ନାରୀ ନେତ୍ରୀ ଶଶିରେଖା ଧରୁଆ , ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବପରିଷଦର ଆବାହକ ଜୟସିଂହ ପୁଝାରୀ, ସାହାରା ପାଣ୍ଡୁର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ସେମାନେ କହିଥିଲେ ଯେ ଗନ୍ଧମାର୍ଦ୍ଦନ ପାହାଡ଼ ପ୍ରାକୃତିକ ସମ୍ପଦରେ ଭରପୂର । କୃଷି, ଜୈବ ବିବିଧତା, ଲଘୁ ବନଜାତ ଦ୍ରବ୍ୟ, ଔଷଧୀୟ ବନଲତା ଓ ଗଛପତ୍ରରେ ଭରପୂର । ଏହା ଉଭୟ ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ଶତାଧିକ ଗାଁ ର କୃଷି ଓ ଅର୍ଥନୀତିର ମାଧ୍ୟମ ସହିତ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଦ୍ୱାରା ଜୀବନ ଜୀବିକା ମାଧ୍ୟମ ସୃଜିତ ହୋଇଛି । ବିଗତ ଅଶୀ ଦଶକରେ ତତ୍କାଳୀନ ରାଜ୍ୟ ସରକାର ପାହାଡ଼କୁ ବାଲ୍କୋ କମ୍ପାନୀକୁ ବକ୍ସାଇଟ ଖନନ ପାଇଁ ଦେଇଥିବା ବେଳେ କମ୍ପାନୀ ପକ୍ଷରୁ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ପାଖରେ ମୁଣ୍ଡ ନୁଆଁଇ ଫେରି ଯାଇଥିଲା । ଯାହା ଥିଲା ପରିବେଶ ଓ ଜଙ୍ଗଲ ସୁରକ୍ଷାର ସଫଳ ଅଧ୍ୟାୟ । ଏହା ପରେ ଅନେକ ଥର ପାହାଡ଼କୁ କମ୍ପାନୀ ହାତକୁ ଦେବାପାଇଁ ଉଦ୍ୟମ କରି ବିଫଳ ହୋଇଥିବା ବେଳେ କିଛି ଦିନ ତଳେ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଉଠୁଥିବା ଗାଁରେ ଆଦାନୀ କମ୍ପାନୀ ବନିକରଣ ପାଇଁ ଜମି କିଣା ଘଟଣା ଜଣା ପଡ଼ିବା ପରେ ଅଞ୍ଚଳରେ ଗନ୍ଧମାର୍ଦ୍ଦନ ପ୍ରତି ବିପଦ ଥିବା ଆଶଙ୍କା କରି ବିଭିନ୍ନ ସଙ୍ଗଠନ ପ୍ରତିକ୍ରିୟା ରଖିଥିବା ବେଳେ ଖପ୍ରାଖୋଲ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବପରିଷଦ ତରଫରୁ ୧୪ ଦିନ ହେଲା ତହସିଲ କାର୍ଯ୍ୟାଳୟ ନିକଟରେ ଧାରଣା ଦିଆଯାଉଛି । ରାଜ୍ୟ ସରକାର ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ବିଧାନସଭାରେ ଏକ ସଂକଳ୍ପ ପତ୍ର ପାରିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଲୋଚନାଚକ୍ରରେ ଶତାଧିକ ପରିବେଶ ପ୍ରେମୀ ଯୋଗଦେଇଥିବା ବେଳେ ଗୋପାଳ ନିଆଳ ଧନ୍ୟବାଦ ଦେଇଥିଲେ । ସୂଚନାଯୋଗ୍ୟ ପୂର୍ବରୁ ଏ ନେଇ ବିଧାନସଭାରେ ଶୂନ୍ୟ କାଳରେ ଆଲୋଚନା ହୋଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଗନ୍ଧମାର୍ଦ୍ଦନରେ ଖଣି ଖୋଳାର କୌଣସି ପ୍ରସ୍ତାବ ନଥିବା ସ୍ପଷ୍ଟ କରିଛନ୍ତି ।

# ଆର୍‌ଏସ୍‌ଏସ୍ ପକ୍ଷରୁ ସେବା ସପ୍ତାହ ପାଳିତ




ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡା ନଗର ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସେବା ସପ୍ତାହର ଶୁଭାରମ୍ଭ ହେଇଯାଇଛି । ସୂଚନା ଅନୁସାରେ ଏହି ସେବା ସପ୍ତାହ ୭ ଦିନ ଧରି ରାୟଗଡ଼ା ନଗର ରେ ଚାଲୁ ରହିବ । ସେବା ହିଁ ପରମ ଧର୍ମ ବାର୍ତ୍ତା ନେଇ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ସେବା ଭାବନା ଜାତ କରିବା ଉଦ୍ଦେଶ୍ୟ ରେ ଏହି ସେବା ସପ୍ତାହ ପାଳନ କରଯାଉଥିବା ନଗର କାର୍ଯ୍ୟବାହ ବିଦ୍ୟା ଭୂଷଣ ପଣ୍ଡା ସୂଚନା ଦେଇଛନ୍ତି । ତେବେ ସେବା ସପ୍ତାହ ପାଳନ ଅବସରରେ ୨୫ ତାରିଖରେ ନଗରର ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଏବଂ ଚତୁର୍ପାଶ୍ୱ କୁ ସଫା ସୁତରା କରି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ତେବେ ଏହି ୭ ଦିନ ଧରି ହେବାକୁ ଥିବା ସେବା ସପ୍ତାହରେ ସ୍ୱଚ୍ଛତା, ରୋଗୀଙ୍କୁ ଫଳ ଏବଂ ଶୁଖିଲା ଖାଦ୍ୟ ବଣ୍ଟନ, ବୃକ୍ଷ ରୋପଣ, ପ୍ରକୃତି ବନ୍ଦନ, ମାଗଣା ରକ୍ତ ପରୀକ୍ଷଣ ଓ ଚିହ୍ନଟ, ମାଗଣା ସ୍ୱାସ୍ଥ୍ୟ ଶିବିର ଭଳି ଅନେକ ସେବା କାର୍ଯ୍ୟକ୍ରମ କରାଯିବ । ତେବେ ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ଶ୍ୟାମ କୁମାର ଦାଶ, ପ୍ରମୋଦ ମହାନ୍ତି, ଯୋଗେଶ୍ୱର ଦାସ, ଗଣେଶ କୁମାର ସାହୁ, ଆନନ୍ଦ ରାଉଳ, ଦୁର୍ଗା ମାଧବ ଘୋଷ, ପ୍ରଶାନ୍ତ କୁମାର ଦାସ, ଅଜୟ ବିଶ୍ୱସର୍ମା, ସିକନ୍ଦର ମେଲକା, ଶ୍ରୀନିବାସ ସାହୁ, ଗଣେଶ ବେହେରା, ଏମ ବିଦ୍ୟା ସାଗର, ଶଶୀ ଭୂଷଣ ହୋତା, ମାଲେଶ୍ୱର ରାଓ, ସୋମନାଥ ପାଣିଗ୍ରାହୀ, ରାଜେଶ କୁମାର ପାଣିଗ୍ରାହୀ, ମନୋଜ କୁମାର ଗୌଡ଼ଙ୍କ ସହ ପ୍ରମୁଖ ସ୍ୱୟଂସେବକ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବୃଷଭ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତିନ୍ଦ୍ର କୁମାର ପଣ୍ଡା, ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନଅଭିଯୋଗ ଶୁଣାଣିରେ ଯୋଗଦାନ କରି ବୃଷଭ ଗ୍ରାମ ପଞ୍ଚାୟତ ସମେତ ବାଇଝଲ ,ଗାଇବା ଓ ପରିଡ଼ା ପଞ୍ଚାୟତର ସମୁଦାୟ ମୋଟ-୮୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୨୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୪୫ ଓ ୯ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଅନ୍ୟ ସବୁ ସମସ୍ତ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁନେମୀ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର , ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ ନାୟକ ସ୍ଥାନୀୟ ସରପଞ୍ଚ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣି ରେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ ଦ୍ୱାରା ବିନା ମୂଲ୍ୟରେ ଆଇନ୍ ସେବା



ମାଲକାନଗିରି (ଭାସ୍କର ନ୍ୟୁଜ୍): ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନିସେବା ଯୋଗାଇଦେବା ଲକ୍ଷ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ହେବାକୁ ଯାଉଛି । ଚଳିତ ମାସ ୧୪ ତାରିଖରେ ହେବାକୁଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ମାଲକାନଗିରି ଜିଲ୍ଲା କୋର୍ଟ ସମେତ ନିକଟବର୍ତ୍ତୀ ଏମ ଭି ୭୯, ମାଥିଲି, କୁଡୁମୁଲୁଗୁମ୍ମା କୋର୍ଟ ପରିସରରେ ଅନୁଷ୍ଠିତ ହେବ । ଏଥିରେ ମକଦ୍ଦମା ସ୍ତରୀୟ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ଚେକ୍ ବାଉଁସ ସମ୍ବନ୍ଧୀୟ ମାମଲା , ଟଙ୍କା ପୁନରୁଦ୍ଧାର ମାମଲା , ମୋଟର ଯାନ ଦୁର୍ଘଟଣା ଜନିତ , ଶ୍ରମ ବିବାଦ ଜନିତ ମାମଲା,ବିଦ୍ୟୁତ୍,ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ ( ବିବାହ ବିଚ୍ଛେଦ ବ୍ୟତୀତ), ଉଚ୍ଚ ନ୍ୟାୟାଳୟ ଓ ଦେୱାନି ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରି ସଂପର୍କିତ ଅବସର ପ୍ରାପ୍ୟ ସହିତ ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ଅନ୍ୟାନ୍ୟ ଦ୍ୱେନିମାମଲା, (ଭଡ଼ା, ସହଜ ଅଧିକାର ନିର୍ଦ୍ଦିଷ୍ଟ କାର୍ଯ୍ୟ ଦକ୍ଷତା ସୁଟ୍,ନିର୍ଦ୍ଦେଶକ ସୁଟ) ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଫାଇସଲା ହେବ । ପ୍ରାକ୍ ମକଦ୍ଦମା ସ୍ତରୀୟ (କୋର୍ଟରେ ଦାୟର ହୋଇନଥିବା ମାମଲା) ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ୟ , ଦ୍ୱୋନୀ (ସାଲିସ ବିହୀନ ବିବାଦକୁ ଛାଡି) ରକ୍ଷଣ । ବେକ୍ଷଣ ମାମଲା ଓ ଅନ୍ୟାନ୍ୟ ମୋକଦ୍ଦମାର ଫୈସଲା ହେବ । ପୂର୍ବାହ୍ନ ୧୦ ଘଟିକାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ । ଜିଲ୍ଲା ଦୌରା ଜଜ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ସୂଚନା ଦେଇଛନ୍ତି ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଠାରେ ଓଷ୍ଟା ତରଫରୁ ୪୧ ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ତର୍କ , କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପଲିଖନ , କବିତା ରଚନା, ଏକ ଅଭିନୟ , ଏକକ ନୃତ୍ୟ , ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ସରପଞ୍ଚ ବୈଦ୍ୟନାଥ ମିଶ୍ର , ମୁଖ୍ୟବକ୍ତା ରୂପେ ଲୁହାସିଂହା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଧାକାନ୍ତ ସୁଆର, ସମ୍ମାନିତ ଅତିଥି ରୂପେ ଜିଲ୍ଲା କମିଟି ସଦସ୍ୟ ତଥା ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦ, ଓଷ୍ଟା ବ୍ଲକ ସଭାପତି ଗୋପାଳ ଚନ୍ଦ୍ର ବେହେରା , ସମ୍ପାଦକ ଅଜୟ ଭୋଇ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ଶେଷରେ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଐତିହାସିକ ପୋଡାଗଡ଼ ପୀଠ ଉପରେ କେବେ ପଡ଼ିବ ପ୍ରଶାସନର ନଜର



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଣ୍ଡାରିଗୁଡା ପଞ୍ଚାୟତ ଅଧୀନରେ ଥିବା ପୋଡାଗଡ଼ ପର୍ଯ୍ୟଟନ ସ୍ଥଳୀ ଓଡିଶା ମାନଚିତ୍ରରେ ସ୍ଥାନ ପାଇଥିଲେ ମଧ ବର୍ତ୍ତମାନ ଅବହେଳିତ ଅବସ୍ଥାରେ ପଡି ରହିଛି । ଏହି ପର୍ଯ୍ୟଟନ ସ୍ଥଳୀରେ ଗମନା ଗମନ ପାଇଁ ରାସ୍ତା ସମସ୍ୟା, ପାଣି, ବିଜୁଳି ସମସ୍ୟା, ବିଶ୍ରାମ ପାଇଁ କୌଣସି ବ୍ୟବସ୍ଥା ନାହିଁ ତେଣୁ ଲୋକେ ଏହି ପର୍ଯ୍ୟଟନ ସ୍ଥଳୀରୁ ମୁହଁ ମୋଡି ଅନ୍ୟତ୍ର ଯାଉଛନ୍ତି । ଐତିହାସିକ ପୋଡାଗଡ଼ ପର୍ଯ୍ୟଟନ ସ୍ଥଳୀ ଏଠାରେ ରହିଛି ରାଜା ରାଜୁଡା ଶାସନରେ ଥିବା ଅନେକ କିମ୍ବଦନ୍ତୀ । ଏହି ପର୍ଯ୍ୟଟନ ସ୍ଥଳୀରେ ଲୋକ କଥା ଅନୁସାରେ ୧୫୦୦ ବର୍ଷର ଐତିହ୍ୟ ରହିଛି । ନଳ ବଂଶ ରାଜାଙ୍କ ରାଜତ୍ୱ ସମୟର ଅନେକ ଐତିହାସିକ ଶିଳାଲିପି, ପଥର ରେ ଖୋଦେଇ ହୋଇଥିବା ଚିତ୍ରକଳା ହଜିଯାଇଥିବାବେଳେ ଆଉ କିଛି ସଂଗ୍ରହାଳୟରେ ରଖାଯାଇଛି । ରାଜାଙ୍କ ଇଷ୍ଟଦେବୀ ଉପର ପାହାଡ଼ ଉପରେ ଏବେ ମଧ୍ୟ ସ୍ଥାନୀୟ ଲୋକଙ୍କ ଦ୍ୱାରା ପୂଜା ପାଉଛନ୍ତି । ସେହି ସମୟର ଶିଳାଲିପି, ଶୁଆ ସାରି ପଞ୍ଜୁରୀ ରହିଛି । ହେଲେ କାଳ କ୍ରମେ ରକ୍ଷଣାବେକ୍ଷଣର ଅଭାବରୁ ସେଗୁଡିକ ବିଲୁପ୍ତ ହେବାରେ ଲାଗିଛି । ପଞ୍ଚଦଶ ଶତାବ୍ଦୀର ଐତିହ୍ୟ କିମ୍ବଦନ୍ତୀ ଏବେ ପ୍ରାୟ ବିଲୁପ୍ତ ଅବସ୍ଥାରେ । ଦୁର୍ଭାଗ୍ୟର କଥା ଉପର ପାହାଡ଼କୁ ଯିବାକୁ ସିଡିର ବ୍ୟବସ୍ଥା ନାହିଁ ତେଣୁ ଅଧିକାଂଶ ଲୋକେ ଏବେ ଉପର ପାହାଡ଼କୁ ଯିବାକୁ ଭୟ କରୁଛନ୍ତି । ଏହି ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ ପାଇଁ ଏକ ବର୍ଷ ପୂର୍ବରୁ ପୂର୍ବତନ ସରକାର ପ୍ରାୟ ତିନିକୋଟି ଟଙ୍କା ଅନୁଦାନ ଦେଇଥିଲେ । ତାହା ସମୁଦ୍ରକୁ ଶଙ୍ଖେ ପାଣି ହୋଇଥିଲା । ସେହି ଟଙ୍କାରେ ଯେଉଁ ସବୁ କାର୍ଯ୍ୟ ହେବାକୁ ଥିଲା ତାହା ଚୁକ୍ତି ମୁତାବକ ତିନିମାସ ପୂର୍ବରୁ ସରିବା କଥା ତାହା ଆଜି ଯାଏଁ ଅଧାପନ୍ତରିଆ ହୋଇ ମନ୍ଥର ଗତିରେ ଚାଲିଛି । ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶୀଘ୍ର ସାରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି । କିଛି ବର୍ଷ ପୂର୍ବରୁ ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ତଥା ପଡୋଶୀ ଜିଲ୍ଲାରୁ ଲୋକଙ୍କ ଭିଡ଼ ଜମୁଥିଲା ପୋଡାଗଡ଼ ପର୍ଯ୍ୟଟନ ସ୍ଥଳୀଠାରେ କିନ୍ତୁ ବର୍ତ୍ତମାନ ଏହି ସ୍ଥାନରେ ଖାଁ ଖାଁ ଦେଖିବାକୁ ମିଳୁଛି । ରାଜ୍ୟ ସଂସ୍କୃତି ବିଭାଗ ଯଦି ଏଥିପ୍ରତି ଧାନ ଦେଇ ଏହାର ଉନ୍ନତି ପାଇଁ ଚେଷ୍ଟା କରନ୍ତି ତାହାଲେ ପର୍ଯ୍ୟଟକ ପୁଣି ଆସି ଏହାର ସୌନ୍ଦର୍ଯ୍ୟ କୁ ଉପଭୋଗ କରିଥାନ୍ତେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ■୧୪ ଦିନରେ ପହଞ୍ଚିଲା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆନ୍ଦୋଳନ

# ସାମିଲ ହେଲେ ପ୍ରଫୁଲ୍ଲ, ଲିଙ୍ଗରାଜ, ପିସିସି ସଭାପତି ଶରତ ପଟ୍ଟନାୟକ





ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଚାଲିଥିବା ଗଣଧାରଣା ୧୪ ଦିନରେ ପହଞ୍ଚିଛି । ରବିବାର ଦିନ ବିଶିଷ୍ଟ ପରିବେଶ ବିତ ପ୍ରଫୁଲ୍ଲ ସାମନ୍ତରା ଏବଂ ବିଶିଷ୍ଟ ଚାଷୀ ନେତା ଲିଙ୍ଗରାଜ ପଧାନ, କଂଗ୍ରେସର ବରିଷ୍ଠ ନେତା ଶରତ ପଟ୍ଟନାୟକ ଆନ୍ଦୋଳନରେ ସାମିଲ ହୋଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପ୍ରକାଶ କରିଛନ୍ତି । ପୂର୍ବରୁ ଆନ୍ଦୋଳନରେ ଆୟୁର୍ବେଦିକ ପାରମ୍ପରିକ ବୈଦ୍ୟ ସଂଘ , ପଟଣାଗଡ ବଣିକ ବଣିକ ସଂଘ, ଏସ ଟି ଏସ ଟି ମିଳିତ ମଞ୍ଚ ପଦ୍ମପୁର ଉପଖଣ୍ଡ , ଗୋଣ୍ଡୱାନ ଛାତ୍ର ସଂଗଠନ (ଜେଏସ ୟୁ) ,ଏଲଡିଏ ସଂଗଠନ, ବିଂଝାଲ ଛାତ୍ର ସଂଗଠନ ଖପ୍ରାଖୋଲ ବ୍ଲକ, ଏଆଇଡିଏସ ଓ ସଂଗଠନ , ଗନ୍ଧମାର୍ଦ୍ଦନ ସୁରକ୍ଷା ଅଭିଯାନ ବରଗଡ଼ ସଂଗଠନ ପ୍ରମୁଖ ସାମିଲ ହୋଇଥିଲେ । କଂଗ୍ରେସର ବରିଷ୍ଠ ନେତା ଶ୍ରୀ ପଟ୍ଟନାୟକ ଆନ୍ଦୋଳନରେ ସାମିଲ ହୋଇ ଯଦି ସରକାର ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ପାଇଁ ସ୍ଥାୟୀ ଆଇନ ନଆଣିଲେ ଆଗାମୀ ଦିନରେ ଗଣଧାରଣାରେ ହଜାର ହଜାର ଲୋକ ସାମିଲ ହୋଇ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ । ପରେ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ଓ ବିଶିଷ୍ଟ ଚାଷୀ ନେତା ନେତା ଲିଙ୍ଗରାଜ ପଧାନ ଆନ୍ଦୋଳନରେ ସାମିଲ ହୋଇ ଗନ୍ଧମାର୍ଦ୍ଦନ ପର୍ବତର ରେ ଖଣି ଖାଦାନ ନକରିବା ସହ ଝରଣା , ଔଷଧୀୟ ବୃକ୍ଷଲତା , ଜୀବଜନ୍ତୁ ର ସୁରକ୍ଷା କରିବା ପାଇଁ କହିଥିଲେ । ଓଡ଼ିଶା ସରକାର ବିଧାନସଭା , ଲୋକସଭା ରେ ସ୍ଥାୟୀ ସୁରକ୍ଷା ପାଇଁ ସଂକଳ୍ପ ପତ୍ର ପାରିତ ପାଇଁ କହିଥିଲେ । ବିଧାନସଭାର ପବିତ୍ର ଗୃହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ରକ୍ତ ମାଂସ ମାଟିରେ ମିଶିବା ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ଦେବା ବୋଲି କହିଥିବାରୁ ତାଙ୍କୁ ସାଧୁବାଦ୍ ଦେଇଥିବା ବେଳେ ଆଗକୁ ଗନ୍ଧମାର୍ଦ୍ଦନ ପର୍ବତର ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ପବିତ୍ର ଗୃହରେ ଏକ ସଂକଳ୍ପ ପତ୍ର ପାରିତ କରିବା ପାଇଁ କହିଥିଲେ । ଏହା ସହ ଗନ୍ଧମାର୍ଦ୍ଦନ ପର୍ବତରେରେ ମାଇନିଙ୍ଗ ପାଇଁ ଆବେଦନ କରିଥିବା କମ୍ପାନୀ ମାନଙ୍କ ଆବେଦନକୁ ଖାରଜ କରିବା ପାଇଁ କହିଥିଲେ । ଗନ୍ଧମାର୍ଦ୍ଦନ ପ୍ରାକୃତିକ ସମ୍ପଦର ନିକଟରେ ବନି କରଣ ବିପଦପୂର୍ଣ୍ଣ । ଏଠାରେ ପ୍ରାକୃତିକ ବୃକ୍ଷ ଲତା ଓ ଔଷଧୀୟ ବୃକ୍ଷରେ ପରିପୂର୍ଣ୍ଣ । ଏଠାରେ ଚାଷ ଜମିକୁ ବିକ୍ରି କରି ବନିକରଣର ଆବଶ୍ୟକତା ନାହିଁ । ମାଟି ବିକି ଖଣି ଖାଦାନ କରି ରାଜସ୍ୱ ବଢ଼େଇବା ପରିବେଶ ପାଇଁ ବିପଦପୂର୍ଣ୍ଣ । ତେଣୁ ଅଞ୍ଚଳରେ ମାଟି ବିକ୍ରି କରିବାର ଆବଶ୍ୟକତା ନାହିଁ ବୋଲି ପ୍ରକାଶ କରିଥିଲେ । ଗଣଧାରଣାରେ ଆବାହକ ଜୟସିଂହ ପୁଝାରୀ , ଉପଦେଷ୍ଟା ଟେକେନ୍ଦ୍ର ଜାଲ , ସୁଶିଲ ନାଏକ, ରାଜ କୁମାର ସେଟ, ବିପ୍ର ବିଶି , ଟିକେଶ୍ୱର୍ ଧରୁଆ ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ

ଗୁଣପୁର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଦ୍ୟା ନିକେତନ ନିକଟ ଆମ୍ବତୋଟା ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ୭ ଗୋଟି କଲେଜର ୩୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ଦଉଡି ଟଣା, ମ୍ୟୁଜିକାଲ୍ ଚେୟାର, ସଂଗୀତ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସାଂଗଠନିକ ଅଧିବେଶନରେ ବିଦ୍ୟାର୍ଥୀ ପରିଷଦ କ'ଣ ତାହା ବୁଝାଇବା, ବିଭିନ୍ନ ଆୟାମ ଓ ଗତିବିଧି ର ପରିଚୟ ଦେବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜ ରୁଚି ଅନୁଯାୟୀ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂଘ ଚାଳକ ନନ୍ଦୀ ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ଦେବବ୍ରତ ଆଚାର୍ଯ୍ୟ, ଜିଲ୍ଲା ପ୍ରମୁଖ ଶେଷସାୟୀ ସେନାପତି, ନଗର ପ୍ରମୁଖ ପ୍ରଫୁଲ୍ଲ ଲିମା କଲେଜ ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଇନ୍ଦ୍ରାକ୍ଷୀ ଦାଶ, ମୁରଲୀ ପଣ୍ଡା, ଦେବବ୍ରତ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଚଳିତ ବର୍ଷ ୨୦୨୪-୨୫ ପାଇଁ ବିଭିନ୍ନ କଲେଜ କ୍ୟାମ୍ପସ୍ ଟିମ୍‌ରେ ଥାୟାରାମ୍ମା ମହିଳା ମହାବିଦ୍ୟାଳୟରେ ତୁଳସୀ ଶବର ଓ ଦେବାଞ୍ଜଳୀ ପ୍ରଧାନୀ, ଗୁଣପୁର ମହାବିଦ୍ୟାଳୟରେ ଆଦିତ୍ୟ ପାଢ଼ୀ, ବଂଶଧାରା ମହାବିଦ୍ୟାଳୟରେ ଡନ୍ ଲିମା, ମହର୍ଷି ଗୁରୁକୁଳରେ ଆଦିତ୍ୟ ବେହେରା, ଗୁପ୍ତ ମହେଶ୍ୱର ସାହୁ, ଡ଼ମ୍ବସରା +୨ ରେ ଘାସିନାଥ ଗମାଙ୍ଗ, ଡମ୍ବସରା +୩ ରେ ଶ୍ରୀଧର ଜଟିଆଙ୍କୁ ସଭାପତି ଦାୟିତ୍ୱ ଦିଆଗଲା । ସେହିଭଳି ଗୁଣପୁର ନଗର ଟିମ୍ ନିମନ୍ତେ ଲକ୍ଷ୍ମୀ ମହାକୁଡ଼ଙ୍କୁ ସଭାପତି, ପ୍ରଫୁଲ୍ଲ ଶତପଥୀ, ସସ୍ମିତା ବାଉରୀ ଏବଂ ପୁଣ୍ୟଶ୍ଳୋକ ସାହୁ ଙ୍କୁ ନଗର ଉପସଭାପତି, ସାଇ ପାଣିଗ୍ରାହୀଙ୍କୁ ସମ୍ପାଦକ, ପ୍ରିୟବ୍ରତ ରଥଙ୍କୁ ଟେକ୍ନିକାଲ ବିଦ୍ୟାର୍ଥୀ ପ୍ରମୁଖ, ସୁନୀତା ତରାଇ ଙ୍କୁ ପାଠଚକ୍ର ପ୍ରମୁଖ, ଜିତେନ୍ଦ୍ର ପଣ୍ଡୁସାହୁ ଙ୍କୁ ସେବାର୍ଥେ ବିଦ୍ୟାର୍ଥୀ ପ୍ରମୁଖ, ବୈଶାଳୀ କୋଲାଙ୍କୁ ବିକାଶାର୍ଥେ ବିଦ୍ୟାର୍ଥୀ ପ୍ରମୁଖ, ଗୁପ୍ତେ ମହେଶ୍ୱରଙ୍କୁ ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ, ସ୍ୱାଗତ ପାଲ୍‌ଙ୍କୁ ଖେଲୋ ଭାରତ ପ୍ରମୁଖ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଭାଗ ପ୍ରମୁଖ ଉମାଶଙ୍କର ଦାଶ, ଜିଲ୍ଲା ପ୍ରମୁଖ ସମ୍ପାଦକ ସାଇ ପାଣିଗ୍ରାହୀ, ଉପସଭାପତି ପ୍ରଫୁଲ୍ଲ ଶତପଥୀ, ଦେବାଶିଷ ସେନାପତି, ଜିଲ୍ଲା ସଂଯୋଜକ ବି ସତୀଶ କୁମାର, ବି ରବି କୁମାର, ଶିବ ଡାକୁଆ, ଚନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ୫କେଜି ଓଜନର ଆଇଇଡି ବୋମା ଉଦ୍ଧାର



ମାଲକାନଗିରି(ଭାସ୍କର ନ୍ୟୁଜ୍): ଛତିଶଗଡ଼ ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିଲୋପ ଅଭିଯାନ ଅଧୀନରେ ରବିବାର ଦିନ ୧୬୮ କେନ୍ଦ୍ରୀୟ ରିଜର୍ଭ ପୋଲିସ ଦଳ ପେଡ଼ାଗେଲୁର ନିକଟରେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ପେଡ଼ାଗେଲୁର ଗାଁରେ ଥିବା ମୋକୁର ପଟେଲପାରା ନିକଟରେ ଥିବା କଞ୍ଚା ରାସ୍ତାରେ ନକ୍ସଲମାନଙ୍କ ଦ୍ୱାରା କମାଣ୍ଡ ସୁଇଚ୍ ସିଷ୍ଟମ ସହିତ ୫ କିଲୋଗ୍ରାମ ଓଜନ ବିଶିଷ୍ଟ ଆଇଇଡି ବୋମା ସ୍ଥାପିତ ହୋଇଥିବା ଯବାନମାନେ ଦେଖୁଥିଲେ । ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଏହାକୁ ସୁରକ୍ଷିତ ଉଦ୍ଧାର କରିଛି । ନିରାପତ୍ତା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ନକ୍ସଲମାନଙ୍କ ଦ୍ୱାରା ଏହି ଆଇଇଡି ବୋମା ଖଞ୍ଜା ଯାଇଥିଲା । ଏହାପରେ ତଲାସୀ ଅଭିଯାନକୁ ଆହୁରି ଜୋର୍‌ଦାର କରାଯାଇଛି ।

# ସାହିତ୍ୟ ସମାରୋହ ଓ କବିତା ଆସର

ଗୁଣପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକସ୍ତରୀୟ ଚଇତି ମହୋତ୍ସବ ୨୦୨୪ ଅବସରରେ ପ୍ରଥମଥର ପାଇଁ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ସାହିତ୍ୟ ସମାରୋହ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଚଇତି କମିଟି ଅଧ୍ୟକ୍ଷ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସଭାପତିତ୍ୱ ଓ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷା ଇନ୍ଦିରା ଅଧିକାରୀ, ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଶ୍ରୀରଙ୍ଗ ନାୟକ,ପ୍ରତାପ ରାୟ,ଭାଗିରଥି ବେହେରା ,ସମାଜସେବୀ ଅକ୍ଷୟ ଦାସ,ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ପ୍ରାୟ ୬୦ଜଣ କବି କବିୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରାମନାଗୁଡ଼ା ଅଞ୍ଚଳରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ସହ ଆଗାମୀ ପିଢ଼ି ତଥା ଛାତ୍ରଛାତ୍ରୀଙ୍କୁ ସାହିତ୍ୟ କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରିବ ବୋଲି ତହସିଲଦାର ଶ୍ରୀ ପାଣିଗ୍ରାହୀ ମତ ରଖିଥିଲେ । କବିତା ପାଠ କରିଥିବା ସମସ୍ତ କବି କବୟିତ୍ରୀ ଙ୍କୁ ପ୍ରଶାସନ ତରଫରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ,ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ସଂଯୋଜନା କରିଥିଲେ । ଶିକ୍ଷକ ରମେଶ ମିଶ୍ର, ଦୁର୍ଗାପ୍ରସାଦ ଶତପଥୀ,ଅକ୍ଷୟ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସହକାରୀ ଯନ୍ତ୍ରୀ ପ୍ରତାପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଜଣେ ୩୫ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଗତ ୬ ତାରିଖ ଦିନ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ପୁଲିସ ଅମର ପଲ (୩୨ )ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀଣୀ ରୋଜାଲିନ ପଟେଲ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁସାରେ, ଗତ ବର୍ଷ ଅଭିଯୁକ୍ତ ଅମର ପଲ ଓ ତାଙ୍କ ସ୍ତ୍ରୀ ସହିତ ପୀଡ଼ିତା ମହିଳାଙ୍କ ବନ୍ଧୁତା ହୋଇଥିଲା । ହେଲେ କିଛିଦିନ ପରେ ଅଭିଯୁକ୍ତ ଜଣକ ପୀଡ଼ିତା ମହିଳାଙ୍କ ମୃଦୁ ପାନୀୟରେ ନିଶା ଦେଇ ଛାତ ଉପରକୁ କୌଣସି କାମରେ ପଠାଇବା ପରେ ସେଠାରେ ତାଙ୍କୁ ଦୁଷ୍କର୍ମ କରିଥିଲା । ଠିକ ଏହି ଘଟଣାର ଏକ ମାସ ପରେ ପୀଡ଼ିତା ମହିଳା ଗର୍ଭବତୀ ଥିବା ଜାଣିବାକୁ ପାଇଲେ । ଏ ବାବଦରେ ଅଭିଯୁକ୍ତଙ୍କୁ ଜଣାଇବା ପରେ ସେ ତାଙ୍କୁ ଗର୍ଭପାତ କରିବାକୁ ମନା କରିବା ସହିତ ବିବାହର ପ୍ରତିଶ୍ରୁତି ଦେଇଥିଲେ । ସେପଟେ ଚଳିତ ବର୍ଷ ମଇ ମାସରେ ପୀଡ଼ିତା ମହିଳା ଝାରସୁଗୁଡ଼ାର ଏକ ଘରୋଇ ଡାକ୍ତରଖାନାରେ ଶିଶୁ ପୁତ୍ର ଜନ୍ମ କରିଥିଲେ । ଏହି ଘଟଣା ପରେ ଘରର ବାତାବରଣ ଠିକ ନଥିବାରୁ ଛୁଆକୁ ଏକ ଦମ୍ପତିକୁ ପ୍ରଦାନ କରିବା ଓ ପରିସ୍ଥିତି ଠିକ ହେବା ପରେ ନେଇ ଆସିବେ ବୋଲି ଅମର ପୀଡ଼ିତା ମହିଳାଙ୍କୁ କହିଥିଲେ । ଅମରଙ୍କ କହିବା ଅନୁସାରେ ପୀଡ଼ିତା ତାହା ମଧ୍ୟ କରିଥିଲେ । ଅନ୍ୟପକ୍ଷରେ ପୀଡ଼ିତା ମହିଳା ନିଜ ଛୁଆକୁ ମାଗିବାକୁ ଯିବାରୁ ଅଭିଯୁକ୍ତ ଅମର ପଲ ମାଡ଼ପିଟ ଓ ଗାଳି ଗୁଲଜ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି ।



ପୁରୀ (ଭାସ୍କର ନ୍ୟୁଜ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ କାର୍ଯ୍ୟକ୍ରମ ନିମିତ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଉଦବୋଧନ ଦେବା ସହିତ ଏହି କାର୍ଯ୍ୟକ୍ରମ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଡାକ୍ତର ବିନୋଦ ବିହାରୀ ରଥ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଉପସ୍ଥିତ ରହି ମହିଳା ଓ ଘରୋଇ ହିଂସା ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ ଏବଂ ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଭାବରେ ପ୍ରକାଶ କରିଥିଲେ । ଡାକ୍ତର ଲଳାଟେନ୍ଦୁ ମିଶ୍ର, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ) ଘରୋଇ ହିଂସାରୁ ନିବୃତ ରହିବା ପାଇଁ କେଉଁ କେଉଁ ପଦକ୍ଷପ ନିଆଯାଇପାରିବ ସେ ବିଷୟ ସୂଚନା ଦେଇଥିଲେ । ତତ୍-ସହିତ ସରକାରୀ ବିଧିବ୍ୟବସ୍ଥା ଓ ଡାକ୍ତରଖାନାରେ ଦିଆଯାଉଥିବା ସହାୟତା ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିଥିଲେ । ଆଇନ ଉପମୁଖ୍ୟ ସହାୟତା ପ୍ରତିରୋଧ ପରିଷଦର ଜ୍ୟୋତି ଶଙ୍କର ହରିଚନ୍ଦନ ମହିଳା ଓ ଘରୋଇ ହିଂସା ନିମିତ୍ତ ଆଇନରେ ଥିବା ନିୟମ କାନୁନ ଉପରେ ଆଲୋକପାତ କରିଥିଲେ ।



## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମହୋତ୍ସବ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲାକନଗିରି ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ତରଫରୁ ଏକ ଜିଲ୍ଲାସ୍ତରୀୟ ମହୋତ୍ସବ ମାଲକାନଗିରି ସଦର ବ୍ଲକ ଏମ୍.ଭି. ୭ ଜଗନ୍ନାଥପାଲ୍ଲି ବିଦ୍ୟାଳୟ ଖେଳ ପଡିଆ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି କା ର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ନବରଙ୍ଗପୁରସାଂସଦ ପ୍ରତିନିଧି ସଂଜୟ ସରକାର, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଅଂଶଗ୍ରହଣ କରିଥିଲା ଅତିଥଇ ମାନେ ଉଭୟ ବିଭାଗ ତରଫରୁ ହୋଇଥିବା ବିଭିନ୍ନ ଷ୍ଟଲ ପରିଦର୍ଶନ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଜଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ ରତ୍ନାକର ସାହୁ ଅତିଥଇମାନଙ୍କୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ଉଦ୍ଦଶ୍ୟରେ ସୁଚନା ପ୍ରଦାନ କରିଥିଲେ। କୃଷି କ୍ଷେତ୍ରରେ ଉନ୍ନତ ଧ୍ରଣର ଯନ୍ତ୍ରପାତି ବ୍ୟବହାର, ଉନ୍ନତ କିସମର ବିହନ, କୀଟନାସକ ଔଷଧ, ମୃତିକା ପରୀକ୍ଷା, ମାଛ ଚାଷ ପାଇଁ ପୋଖରୀ ଗୁଡିକୁ କିପରି ପରିଷ୍କାର ପରିଛନ୍ନ ରଖିବା ସହ ଜଳ ବିଶୋଧନ ଅତ୍ୟନ୍ତ ଆବଶ୍ୟକ। ଆଗାମୀ ଦିନରେ ଏହି ଚାଷ ଆମ ଜିଲ୍ଲାରେ ଚାହିଦା ମେଂଟାଇବା ସହ ଅନ୍ୟ ଜିଲଲ୍ଲା ଓ ରାଜ୍ୟକୁ ରପ୍ତାନି କଲେ ଚାଷୀ ମାନଙ୍କ ଆର୍ଥିକ ଉନ୍ତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

# ଅନ୍ତର୍ଜାତୀୟ ମହୋଦଧି ଦିବସ




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ମହୋଦଧି ଦିବସ ଅନୁଷ୍ଠିତ ହୋଇଛି। ବିଭିନ୍ନ ଦେଶରୁ ପ୍ରତିନିଧିଙ୍କ ସହ ଅନେକ ଖେଳାଳି ଏହି ପ୍ରତିଯୋଗିତାରେ ସାମିଲ୍ ହୋଇଛନ୍ତି। ଏହି ଅବସରରେ ଆନ୍ତର୍ଜାତିକ ବିଚ୍ ୱାଟର ସ୍ପୋର୍ଟସ ତଥା ସାମୁଦ୍ରିକ ଜଳକ୍ରୀଡା ମଧ୍ୟ ଅନୁଷ୍ଠିତ ହୋଇଛି। ପୁରୀର ସାମାଜିକ ସଂଗଠନ ଦି ବେଲ୍ ପକ୍ଷରୁ ଏହି ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ବେଳାଭୂମିର ସ୍ୱଚ୍ଛତା, ସମୁଦ୍ର ଜଳରାଶି ସଫା ରଖିବା ଏବଂ ପରିବେଶ ସନ୍ତୁଳନ ରକ୍ଷା ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଛି। ତେବେ ପୁରୀରେ ସ୍ପୋର୍ଟସ ଟୁରିଜିମ୍ କୁ ଲୋକପ୍ରିୟ କରାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ବିଚ୍ ଓ ଓସେନ୍ ସ୍ପୋର୍ଟସ କାର୍ଣ୍ଣିଭାଲ୍ ର ମଜା ଉପଭୋଗ କରୁଛନ୍ତି ଦର୍ଶକ। ପୁରୀକୁ ଆସୁଥିବା ପର୍ଯ୍ୟଟକ ପାଇଲେ ରୋମାଞ୍ଚ ଭରା ନୂଆ ଅନୁଭୂତି। ସମୁଦ୍ର କୂଳରେ ଆଜିଠାରୁ ମହୋଦଧି ଦିବସ ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟଟକ ମାନେ ରୋମାଞ୍ଚ ଭରା ବିଭିନ୍ନ ସାମୁଦ୍ରିକ ଜଳକ୍ରୀଡା ଦେଖିବାକୁ ପାଇଛନ୍ତି। ପୁରୀର ସାମାଜିକ ସଂଗଠନ ଦି ବେଲ୍ ପକ୍ଷରୁ ଅନୁଷ୍ଠିତ ହୋଇଛି ଆନ୍ତର୍ଜାତୀୟ ସାମୁଦ୍ରିକ ଜଳକ୍ରୀଡା ପ୍ରତିଯୋଗିତା। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ ଟି ଦେଶରୁ ୩୫ ଜଣ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସହ ୬ଶହ ପ୍ରତିଯୋଗୀ ଭାଗ ନେଇଛନ୍ତି। ଉତ୍ସବର ପ୍ରଥମ ଦିନରେ ଇଣ୍ଡୋ-ଶ୍ରୀଲଙ୍କା ଜୀବନ ରକ୍ଷାକାରୀ କ୍ରୀଡା ମୁଖ୍ୟ ଆକର୍ଷଣ ଥିଲା। ସମୁଦ୍ରର ଗଭୀର ଜଳରାଶିରେ କ୍ରୀଡାବିତ ମାନେ ଏସ୍ ୟୁ ପି ବା ଷ୍ଟାଣ୍ଡ ଅପ୍ ପେଡେଲ୍ ବୋଟ ରେ ନିଜର କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ। ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଏଠାକାର ସ୍ୱର୍ଣ୍ଣାଭ ବେଳାଭୂମିରେ ଏଭଳି ଦୁଃସାହସିକ କ୍ରୀଡା ଆୟୋଜନ ହୋଇଥିବାରୁ ଅନୁଷ୍ଠାନର ? ଏଭଳି ପ୍ରୟାସକୁ ସ୍ୱାଗତ କରିଛନ୍ତି କ୍ରୀଡାବିତ। ପୁରୀରେ ବିଚ୍ ସ୍ପୋର୍ଟସ ଟୁରିଜିମ୍ କୁ ଲୋକପ୍ରିୟ କରାଇବା ପାଇଁ ଦି ବେଲ୍ ପକ୍ଷରୁ ଏହି ଆନ୍ତର୍ଜାତିକ କ୍ରିଡ଼ା ପ୍ରତିଯୋଗୀତା ଆୟୋଜନ କରାଯାଇଛି। କେବଳ ସେତିକି ନୁହେଁ ବିଚ୍ ୱାଟର ସ୍ପୋର୍ଟସ ପ୍ରତିଯୋଗିତା ସହ ଫୁଡ କୋର୍ଟ, ଅନ୍ୟାନ୍ୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆମେରିକାର ମିଆଁମି ଏବଂ ମରିନା ବିଚ୍ ରେ ବିଭିନ୍ନ ସାମୁଦ୍ରିକ ଜଳକ୍ରୀଡା ପାଇଁ ବେଶ୍ ପ୍ରସିଦ୍ଧି ରହିଛି। ତେବେ ଭାରତରେ ପୂର୍ବ ଉପକୂଳ ବଙ୍ଗୋପସାଗରରେ ସାମୁଦ୍ରିକ ଜଳକ୍ରୀଡା ପାଇଁ ଅପାର ସମ୍ଭାବନା ରହିଥିବା ବେଳେ ପୁରୀ ବିଚ୍ ସାମୁଦ୍ରିକ ଜଳକ୍ରୀଡା ପାଇଁ ବେଶ୍ ଉତ୍କୃଷ୍ଟ ସ୍ଥାନ। ଏଣୁ ପୁରୀରେ ସାମୁଦ୍ରିକ ଜଳକ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ପୁରୀ ବିଚ୍ ସାରା ବିଶ୍ୱରେ ବିଚ୍ ସ୍ପୋର୍ଟସ ଟୁରିଜିମ୍ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିବ। ସେହିପରି ପୁରୀର ଅନେକ ଯୁବ ମତ୍ସ୍ୟଜୀବୀ ମାନେ ଏହି ସାମୁଦ୍ରିକ ଜଳକ୍ରୀଡା କ୍ଷେତ୍ରରେ ନିଜର ଦକ୍ଷତା ଓ ପାରଦର୍ଶିତା ବଳରେ ବେଶ୍ ଭଲ କ୍ୟାରିୟର କରିପାରିବେ ବୋଲି କହିଥିଲେ ଆୟୋଜକ। ଗତ କିଛିଦିନ ପୂର୍ବରୁ ପୁରୀ ବିଚ୍ ରେ ଭାରତୀୟ ନୌସେନା ଦିବସ ପାଳନ ହୋଇଥିବା ବେଳେ ଏହାକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଦର୍ଶକ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଏବେ ପୁରୀ ବିଚ୍ ରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ମହୋଦଧି ଦିବସ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ପ୍ରକାରର ସାମୁଦ୍ରିକ ଜଳକ୍ରୀଡା ଦେଖିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବା ଦେଖିବାକୁ ମିଳିଛି।

### ସ୍ପଷ୍ଟ କଲା କ୍ରାଇମବ୍ରାଞ୍ଚ

## ବିଦେଶରୁ ଆସିଥିଲା ଧମକପୂର୍ଣ୍ଣ ମେଲ୍

କଟକ/ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତମାସ ୨୯ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ପୋଲିସ ମହାନିର୍ଦ୍ଦେଶକ ଏବଂ ମହାନିରୀକ୍ଷକମାନଙ୍କ ୫୯ତମ ସର୍ବଭାରତୀୟ ସମ୍ମିଳନୀ ପୂର୍ବରୁ ଏବଂ ସମ୍ମିଳନୀ ସମୟରେ ଆସିଥିବା ଧମକପୂର୍ଣ୍ଣ ମେଲ୍ ନେଇ କ୍ରାଇମବ୍ରାଞ୍ଚ ସ୍ପଷ୍ଟ ତଥ୍ୟ ପ୍ରଦାନ କରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ଦୁଇଟି ସ୍ଥାନରୁ ଭିପିଏନ୍ ସିଷ୍ଟମ ବ୍ୟବହାର କରାଯାଇ ଏହି ମେଲ୍ ପଠାଯାଇଥିଲା। ଗୋଟିଏ ମେଲ କାନାଡାରୁ ଆସିଥିବାବେଳେ ଅନ୍ୟଟି ଆମେରିକାରୁ ଆସିଥିବା ଆଶଙ୍କା କରାଯାଉଛି। ଏ ନେଇ କେନ୍ଦ୍ରୀୟ ଏଜେନ୍ସିକୁ ଅବଗତ କରାଯିବା ସହ ଆବଶ୍ୟକ ହେଲେ ଇଣ୍ଟରପୋଲର ସହାୟତା ନିଆଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଆହୁରି କୁହାଯାଇଛି ଯେ ଯାଞ୍ଚବେଳେ ଜଣାପଡ଼ିଛି, ଅଡିଓ ରେକର୍ଡ ମଧ୍ୟ ଦେଶବାହାରୁ ଆସିଥିଲା। ଏହାକୁ ଇଣ୍ଟରନେଟ୍ ଆପ୍ ଜରିଆରେ ପ୍ରସ୍ତୁତ କରାଯାଇଥିଲା। ଧମକପୂର୍ଣ୍ଣ ମେଲ୍ ଓ ଅଡିଓ ରେକର୍ଡ ଆସିବାରେ ଓଡ଼ିଶାର କାହାର ଲିଙ୍କ୍ ନାହିଁ ବୋଲି ଏବେ ସ୍ପଷ୍ଟ ହୋଇଛି। ଏପରିକି ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କ ନିକଟକୁ ମଧ୍ୟ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଡିଜି ସମ୍ମିଳନୀବେଳେ ଖଲିସ୍ତାନୀ ଆତଙ୍କବାଦୀ ଗୁରୁଓ୍ୱନ୍ତ ସିଂ ପନ୍ନୁର ଫଟୋ ଥାଇ ମେଲ୍ ଓ ଅଡିଓ କଲ୍ ରେକର୍ଡ ଆସିବା ଘଟଣା ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନିଦ ହଜାଇ ଦେଇଥିଲା। ଏହି ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ୨୯ ତାରିଖରେ ଉଦ୍‌ଘାଟନ କରିଥିଲେ। ଏହାର ଦ୍ୱିତୀୟ ଦିନ ଓ ଉଦ୍‌ଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ଯାପନୀ ଅଭିଭାଷଣରେ ସୁରକ୍ଷା ଆହ୍ୱାନର ଜାତୀୟ ଓ ଅନ୍ତର୍ଜାତୀୟ ଦିଗ ଉପରେ ମଧ୍ୟ ବ୍ୟାପକ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଆକାଂକ୍ଷୀ ଭାରତକୁ ନେଇ ଦେଶର ଦ୍ୱିଗୁଣିତ ଏଆଇ ଶକ୍ତିକୁ ଉପଯୋଗ କରି ଏହି ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ ସେ ପୋଲିସ ନେତୃତ୍ୱକୁ ଆହ୍ୱାନ ଦେଇଥିଲେ।

### ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ସରକାରଙ୍କ ଉଦ୍ୟମ

## ଗଠନ ହେବ ଟାସ୍କଫୋର୍ସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସିକା ଚିନି କଳର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯିବ। ଏହି ଟାସ୍କ ଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ମାନେ ସଦସ୍ୟ ଭାବେ ରହିବେ। ମଙ୍ଗଳବାର ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ନିମନ୍ତେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଚିନି କଳ ଏକ ପୁରାତନ ଚିନି କଳ। ଏହା ଉପରେ ଅନେକ ଚାଷୀ ନିର୍ଭର କରନ୍ତି। ତେଣୁ, ଏହାର ଉନ୍ନତିକରଣ ଓ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ । ଏହି ଟାସ୍କ ଫୋର୍ସ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟଗୁଡିକୁ ପରିଦର୍ଶନରେ ଯାଇ ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବା ପରେ ଏହାର ରିପୋର୍ଟ ଆଧାରରେ ଚିନି କଳର ପୁନରୁଦ୍ଧାର କରାଯିବ । ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତ କରଣ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଅବକାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ହସ୍ତ ତନ୍ତ, ବୟନ, ହସ୍ତ ଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟକ ସରୋଜ କୁମାର ପାଢୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ, କୃଷି, ସମବାୟ ତଥା ଅବକାରୀ ବିଭାଗ ସଚିବ ଏବଂ ଗଞ୍ଜାମ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

### ଗୋଆ ଗଣମାଧମ ପ୍ରତିନିଧିଙ୍କ ଓଡିଶା ପରିଦର୍ଶନ

## ଓଡ଼ିଶାର କାଳଜୟୀ କୃତି-କୀର୍ତ୍ତି, ସୌନ୍ଦର୍ଯ୍ୟ-ସଂସ୍କୃତି, ଆଚାର-ବିଚାର ଦେଖି ହେଲେ ଅଭିଭୂତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଗୋଆ ସୂଚନା ଓ ପ୍ରସାରଣ ବିଭାଗର ନିର୍ଦ୍ଦେଶକ ଦୀପକ ବନ୍ଦେରକରଙ୍କ ନେତୃତ୍ୱରେ ପ୍ରଥମଥର ପାଇଁ ଓଡିଶା ପରିଦର୍ଶନରେ ଆସିଥିବା ଗୋଆର ଗ୍ରାମାଞ୍ଚଳ ଗଣମାଧମ ପ୍ରତିନିଧିଙ୍କ ଦଳ ଆଜି ପୂର୍ବାହ୍ନରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବିଧାନସଭା ଗୃହ ପରିଚାଳନା, ପାଠାଗାର, ନେଭା, ଗବେଷଣା ବିଭାଗ ଓ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ । ନିଜର ଆଞ୍ଚଳିକ ଓଡ଼ିଆ ଭାଷାରେ ବିଧାନସଭା ପରିଚାଳନା ହେଉଥିବା ଏବଂ ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଓ ସ୍ୱକୀୟ ଆଭିଜାତ୍ୟକୁ ସବୁକ୍ଷେତ୍ରରେ ପ୍ରାଧାନ୍ୟ ଦେଉଥିବାର ଦେଖି ସେମାନେ ଆନନ୍ଦ ପ୍ରକାଶ କରିବା ସହ ବାସ୍ତବରେ ଏହି ରାଜ୍ୟରେ ସାଧାରଣ ଲୋକଙ୍କ ସରକାର ଚାଲିଛି ବୋଲି ପ୍ରକାଶ କରିଥିଲେ ଓ ଅପରାହ୍ନରେ ଓଡିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବୁଲି ଦେଖିବା ସହ ଗୋଆର ଆଦିମ ଜନଜାତି ଏବଂ ଓଡ଼ିଶାର ଜନଜାତିଙ୍କ ବେଶପୋଷାକ, ଅଳଙ୍କାର, ଜୀବନ-ଜୀବିକାରେ ଅନେକ ସାମଞ୍ଜସ୍ୟ ଥିବା ଉଲ୍ଲେଖ କରିବା ସହ ସଂଗ୍ରହାଳୟରୁ ବିଭିନ୍ନ ଉପାଦେୟ ପୁସ୍ତିକା ଆଗ୍ରହର ସହ ସଂଗ୍ରହ କରିଥିଲେ । ତାପରେ ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନ ଆକର୍ଷଣ ଉଦୟଗିରି ପାହାଡ଼ରେ ସମ୍ରାଟ ଖାରବେଳଙ୍କ ପୃଷ୍ଠପୋଷକତାରେ ନିର୍ମିତ ଗୁମ୍ଫା ଓ ଚିତ୍ରାବଳୀର ସୌନ୍ଦର୍ଯ୍ୟଦେଖି ଓ ସେ ସମ୍ପର୍କିତ ଐତିହାସିକ ପୃଷ୍ଠଭୂମି ଏବଂ କାହାଣୀମାନ ଶୁଣି ଅତିଥିମାନେ ଅଭିଭୂତ ହୋଇଥିଲେ । ସେ ସମୟର କଳିଙ୍ଗଶିଳ୍ପୀମାନଙ୍କର ପ୍ରସ୍ତର କର୍ତ୍ତନ,ଖୋଦନର ଶୈଳୀ, କଳା ଓ କାରୁକାର୍ଯ୍ୟ ଅତୀବ ଚମତ୍କାର ଥିଲା ବୋଲି ସେମାନେ ମତପ୍ରକାଶ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଗୋଆ ସୂଚନା ଓ ପ୍ରସାରଣ ବିଭାଗର ନିର୍ଦ୍ଦେଶକ, ଅଧିକାରୀ ଏବଂ ଗ୍ରାମାଞ୍ଚଳ ଗଣମାଧମ ପ୍ରତିନିଧିଙ୍କ ଦଳଙ୍କୁ ଭବ୍ୟସ୍ୱାଗତ କରାଯିବ ସହ ନିର୍ଦ୍ଦେଶକ ଶ୍ରୀ ସାମଲ ପ୍ରାଚୀନସମୟରୁ ଦକ୍ଷିଣ-ପୂର୍ବ ଏସିଆର ପ୍ରବେଶପଥ ଭାବେ ପରିଗଣିତ ଓଡ଼ିଶାର କାଳଜୟୀ କୃତି-କୀର୍ତ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି-ବିବିଧ ପରମ୍ପରା, ପ୍ରାକୃତିକ ବିଭବ ଓ ଏହାର ବିପୁଳତା, କଳା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରର ଅଗ୍ରଗତି, ହୀରାକୁଦ ନଦୀବନ୍ଧ ଓ ଅନ୍ୟାନ୍ୟ ବିଷୟରେ ଅତିଥିମାନଙ୍କୁ ଅବଧାରଣ ଦେବା ସହ ସୂଚନା ଓ ଲୋକ ସମ୍ପର୍କ ବିଭାଗର ବିଭିନ୍ନ ବିଭାଗ ଓ ଅଧିକାରୀଙ୍କ କାର୍ଯ୍ୟଧାରା, ଉପଖଣ୍ଡ ଓ ଜିଲ୍ଲାସ୍ତରର ଅଧିକାରୀ ଓ ସେମାନଙ୍କ କାର୍ଯ୍ୟଧାରା, ଗଣମାଧମ ପ୍ରତିନିଧିମାନଙ୍କ ପାଇଁ ଓଡିଶା ସରକାର କାର୍ଯ୍ୟକାରି କରିଥିବା ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରି ଯୋଜନା ଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ । ଏହା ସହ ଗୋଆ ସୂଚନା ଓ ପ୍ରସାରଣ ବିଭାଗର ନିର୍ଦ୍ଦେଶକ ଶ୍ରୀ ବନ୍ଦେରକରଙ୍କ ଠାରୁ ଗୋଆ ସରକାର ଗଣମାଧମ ପ୍ରତିନିଧିମାନଙ୍କ ପାଇଁ କରିଥିବା ବିଭିନ୍ନ ଲୋକହୈତେଷୀ ଯୋଜନା ବିଷୟରେ ପଚାରି ବୁଝିଥିଲେ ଓ ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ଗୁରବୀର ସିଂ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଉପ ଶାସନ ସଚିବ ଏସକେ କଲାମୁଦିନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନା ଅଧିକାରୀ ଶ୍ରୀ ସୁଜିତ ସ୍ୱାଇଁ ଏବଂ ସୌରଭ ପ୍ରଧାନ ଗୋଆ ପ୍ରତିନିଧିଦଳଙ୍କୁ ଓଡିଶା ପରିଦର୍ଶନରେ ସହଯୋଗ କରୁଛନ୍ତି ।

## ନିଆଳୀରେ ନକଲି ସାମ୍ବାଦିକଙ୍କ ଦୌରାତ୍ମ୍ୟ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ନିର୍ବାଚନ ମଣ୍ଡଳୀରେ ବହୁ ନକଲି ସାମ୍ବାଦିକ ବୁଲୁଥିବା ଦେଖିବାକୁ ମିଳିଛି। ବିନା ଆର. ଏନ. ଆଇ. ନମ୍ବର ନଥିବା ପୋର୍ଟାଲ ଖୋଲି ସାଧାରଣ ଲୋକଙ୍କୁ ହଇରାଣ ହରକତ କରୁଥିବା ଦେଖିବାକୁ ମିଳିଛି। ଏମିତିକି ସରକାରୀ ଅଫିସର ମାନେ ଆମ ବନ୍ଧୁ ବୋଲି ପରିଚୟ ଦେଇ ଇଟାଭାଟି ମାଲିକ ବାଲିଘାଟ ମାଲିକ କାଠ ବେପାରୀ ମଦ ବେପାରି, ମଦ ବେପାରୀ ଜୁଆ ଖେଳାଳି ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିଦେବାକୁ କହି ମୋଟା ଅଙ୍କର ଚାନ୍ଦା ନେଉଛନ୍ତି। ନକଲି ସାମ୍ବାଦିକ ଙ୍କ ଏଭଳି ଦ୍ୱାରମ୍ୟ ରେ ଅସଲି ସାମ୍ବାଦିକ ମାନେ ତ୍ରାହି ତ୍ରାହି ଡାକିଲେଣି ଗାଡ଼ିରେ ପ୍ରେସ ଲେଖି ଚାନ୍ଦା ଆଦାୟ କରିବାରେ ଏକମାତ୍ର ସୁବିଧା ହେଉଥିବାରୁ ନିଜ ଇୟୁଟୁବ ଚ୍ୟାନେଲ ରେ ଅଫିସର ମାନଙ୍କ ସପକ୍ଷ ରେ ନିୟୁଜ କରି ଏମାନଙ୍କ ପ୍ରିୟ ପାତ୍ର ହୋଇ ସାଧାରଣ ଲୋକଙ୍କୁ ଲୁଟୁଛନ୍ତି। ଏଭଳି ନିଆଳି ନିର୍ବାଚନ ମଣ୍ଡଳୀରେ ନକଲି ସାମ୍ବାଦିକ ମାନଂକୁ ଚିନ୍ହଟ କରିବା ସହ ଅଫିସର ମାନଂକ ନାମ ବଦନାମ କରୁଥିବା ସାମ୍ବାଦିକ ଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି (ଭାସ୍କର ନ୍ୟୁଜ): ମାନ୍ୟବର ଜିଲ୍ଲା ତଥା ଦୌରା ଜଜ୍ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚାଲାଣଗୁଡା ସ୍ଥିତ କସ୍ତୁରବା ବାଳିକା ବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ମାନବିକ ଅଧିକାର ଦିବସ ଉପଲକ୍ଷେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ତଥା ଆଇନ ସେବା ପ୍ରାଧିକରଣ ର ମାନ୍ୟବର ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ର ପ୍ରମୁଖ ଆଇନ୍ ସେବା ପ୍ରତିରକ୍ଷା ଓକିଲ ତଥା ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ,ସହାୟକ ଅଇନ ସେବା ପ୍ରତିରକ୍ଷା ଓକିଲ ସାଗର ପାଣିଗ୍ରାହୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାନ୍ୟବର ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ଓ ପ୍ରତିରକ୍ଷା ଓକିଲ ଗଣ ଆଇନ ସେବା ପ୍ରାଧିକରଣ ଆଇନ-୧୯୮୭,ବିଭିନ୍ନ ମାନବିକ ଅଧିକାର ଆଇନ ବୁଝାଇବା ସହ ଶିଶୁ ସୁରକ୍ଷା, ବାଲ୍ୟ ବିବାହ ପ୍ରତିରୋଧ, ପୋକ୍ସୋ ଆଇନ ସଂପର୍କରେ ଉପସ୍ଥିତ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ଏଥିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଯୋଗଦାନ କରିଥିଲେ।

## ଜଗଦୀପଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ

ନୂଆଦିଲ୍ଲୀ : ସଂସଦର ଶୀତକାଳୀନ ଅଧିବେଶନ ବିଭିନ୍ନ ପ୍ରସଙ୍ଗକୁ ନେଇ ବେଶ୍ ସରଗରମ ରହିଛି। ଏଥିସହ ଜାତୀୟ ରାଜନୀତି ମଧ୍ୟ ଜୋର ଧରିଛି। ସ୍ଥିତି ଏପରି ହୋଇଛି ଯେ ବିରୋଧୀ ମେଣ୍ଟ ମଙ୍ଗଳବାର ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିଛନ୍ତି । ଧନଖଡ଼ଙ୍କୁ କେବଳ ରାଜ୍ୟସଭା ଅଧ୍ୟକ୍ଷ ପଦରୁ ନୁହେଁ, ଉପରାଷ୍ଟ୍ରପତି ପଦରୁ ମଧ୍ୟ ହଟାଇବା ପାଇଁ ବଡ଼ ଯୋଜନା କରୁଥିବାର ସୂଚନା ମିଳିଛି। ଅବିଶ୍ୱାସ ପ୍ରସ୍ତାବ ନୋଟିସରେ ରାଜ୍ୟସଭାର ବିରୋଧୀଦଳର ପ୍ରାୟ ୭୦ଜଣ ସାଂସଦ ଦସ୍ତଖତ କରିଛନ୍ତି । ଏଥିରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ସମାଜବାଦୀ ପାର୍ଟି ଓ ଅନ୍ୟାନ୍ୟ ଦଳ ମଧ୍ୟ ସାମିଲ ରହିଛନ୍ତି । ସୂଚନାଯୋଗ୍ୟ ଯେ ରାଜ୍ୟସଭାରେ ଏନଡିଏର ୧୧୫ରୁ ଅଧିକ ସାଂସଦ ରହିଛନ୍ତି। ଏଭଳି ସ୍ଥିତିରେ ବିରୋଧୀ ଆଣିଥିବା ଅବିଶ୍ୱାସ ପ୍ରସ୍ତାବ କେତେଦୂର ସଫଳ ହେବ ତାକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି । ଯଦି ସମ୍ବିଧାନର ଧାରା ୬୭ (ବି)କୁ ପର୍ଯ୍ୟାଲୋଚନା କରାଯାଏ ତେବେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ହଟାଇବା ପାଇଁ ୧୪ ଦିନର ନୋଟିସ ଦିଆଯାଇଥାଏ। ଏଥିସହ ରାଜ୍ୟସଭା ଓ ଲୋକସଭାରେ ବିରୋଧୀଙ୍କ ପାଖରେ ସଂଖ୍ୟାଗରିଷ୍ଠତା ଥିବା ନିହାତି ଆବଶ୍ୟକ । କିନ୍ତୁ ବିରୋଧୀଙ୍କ ଗଣିତକୁ ଦେଖିଲେ ଏହା ଅସମ୍ଭବ ବୋଲି ମନେ ହେଉଛି । ତଥାପି କଂଗ୍ରେସ ଏବଂ ସହଯୋଗୀ ଦଳ ବିଶ୍ୱାସ କରୁଛନ୍ତି, ଏପରି କରିବା ଦ୍ୱାରା ଇଣ୍ଡିଆ ମେଣ୍ଟ ମଜବୁତ ହେବ । ଅନ୍ୟପକ୍ଷରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏ ନେଇ କି ଭୂମିକା ଗ୍ରହଣ କରିବେ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତର୍ଜମା ପରେ ପଦକ୍ଷେପ ନିଆଯିବ ବୋଲି ବିଜେଡିର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଚଳିତବର୍ଷ ଅଗଷ୍ଟରେ ଇଣ୍ଡିଆ ମେଣ୍ଟର ସଦସ୍ୟମାନେ ଧନଖଡ଼ଙ୍କୁ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ରାଜ୍ୟସଭାରେ ବିଜେଡିର ବର୍ତ୍ତମାନ ୭ଜଣ ସଦସ୍ୟ ରହିଛନ୍ତି ।

## ପାରାଦୀପ ବନ୍ଦରରେ ୭୮ ବାଂଲାଦେଶୀ

ପାରାଦୀପ,୧୦।୧୨(ଭାସ୍କର ନ୍ୟୁଜ): କୋଷ୍ଟଗାର୍ଡ ପାରାଦୀପ ନିକଟ ସମୁଦ୍ର ଭିତରୁ ୭୮ଜଣ ବାଂଲାଦେଶୀ ନାଗରିକଙ୍କୁ ଧରିବା ପରେ ବନ୍ଦର ନିକଟକୁ ଆଣିଛି। ଦୁଇଟି ବଡ଼ ମାଛଧରା ବୋଟ୍‌ରେ ଏହି ୭୮ଜଣ ରହିଥିଲେ। ସେମାନେ ଭାରତୀୟ ଜଳସୀମା ଭିତରକୁ ପଶି ଆସିବା ପରେ କୋଷ୍ଟଗାର୍ଡ ସେମାନଙ୍କୁ ଧରିଥିଲା। ଦୁଇଟିଯାକ ମାଛଧରା ବୋଟ୍‌କୁ ମଧ୍ୟ ବନ୍ଦର ନିକଟକୁ ଅଣାଯାଇଛି। ସେମାନେ ମତ୍ସ୍ୟଜୀବୀ ନା ଅନୁପ୍ରବେଶକାରୀ ସେ ନେଇ ତଦନ୍ତ ଆରମ୍ଭ ହୋଇଛି।

## ରାଜ୍ୟସ୍ତରୀୟ କବିତା ଆସର ଉର୍ମି

ପୁରୀ (ଭାସ୍କର ନ୍ୟୁଜ): ମହୋଦଧି ଦିବସ-୨୦୨୪ ଅବସରରେ ଏକ ରାଜ୍ୟସ୍ତରୀୟ କବିତା ଆସର 'ଉର୍ମି ' ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି ଓ କବି ଶିବ ସୁନ୍ଦର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ କୁଳମଣି ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବସ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ଓ କବି ଡକ୍ଟର ମନସା ଶ୍ରୀଚନ୍ଦନ ଏବଂ ଡକ୍ଟର ପ୍ରଦ୍ୟୁତି ଦାଶ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆସରରେ କବି ଶୈଳବାଳା ମହାପାତ୍ର, ମାନସ ରଞ୍ଜନ ମହାପାତ୍ର, ଉମାକାନ୍ତ ମହାପାତ୍ର, ସନ୍ନ୍ୟାସୀ ନାୟକ, ଶ୍ୟାମ ପ୍ରକାଶ ସେନାପତି, ମୀନତି ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଦେବୀ, ପୌର୍ଣ୍ଣମାସି ଦେବୀ, ସୁଶ୍ରୀ ହରପ୍ରିୟା ସାହୁ, ମିନତୀ ମିଶ୍ର, ପ୍ରବାସିନୀ ମିଶ୍ର, ସୁନନ୍ଦା ମହାନ୍ତି, ଶୁଭଶ୍ରୀ ପ୍ରିୟଦର୍ଶିନୀ ପାଢୀ, ଭବାନୀ ଶଙ୍କର ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, କରୁଣାକର ଭୋଳ ପ୍ରମୁଖ ମହୋଦଧି ଓ ସମୁଦ୍ର କୁ ନେଇ କ୍ଷୁଦ୍ର କବିତା ପାଠ କରିଥିଲେ ଓ କବିମାନଙ୍କୁ ଏହି ଅବସରରେ ପ୍ରସଂଶାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁଜିତ କୁମାର...

ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଦଳୀୟ ବିଧାୟକ ଓ ରାଜ୍ୟସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ନାମାଙ୍କନପତ୍ର ଦାଖଲ ପରେ ବିଜେପିର ରାଜ୍ୟସଭାପତି ମନମୋହନ ସାମଲ କହିଥିଲେ ଯେ ସୁଜିତ କୁମାର ରାଜ୍ୟସଭାକୁ ମନୋନୀତ ହେଲେ ଓଡ଼ିଶାର ସ୍ୱାର୍ଥପାଇଁ ଉଠୁଥିବା ସ୍ୱର ଅଧିକ ସୁଦୃଢ଼ ହେବ । ଅନ୍ୟପକ୍ଷରେ ସୁଜିତ କୁମାର ମଧ୍ୟ କହିଥିଲେ, ରାଜ୍ୟର ସ୍ୱାର୍ଥପାଇଁ ସେ ସ୍ୱର ଉତ୍ତୋଳନ କରିବେ । ସୂଚନାଯୋଗ୍ୟ ଯେ ବୁଧବାର ନାମାଙ୍କନ ଯାଞ୍ଚ ଏବଂ ଗୁରୁବାର ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସ ରହିଛି। ତେବେ ଏକାଧିକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନଥିବାରୁ ସୁଜିତ କୁମାର ରାଜ୍ୟସଭା ଯିବା ସ୍ପଷ୍ଟ ହୋଇଛି।

## ୧୭ରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ



ପୁରୀ (ଭାସ୍କର ନ୍ୟୁଜ) : ଆସନ୍ତା ଡିସେମ୍ବର ୧୭ ତାରିଖରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏହି ସୂଚନା ଦେଇଥିଲେ। ଦ୍ୱିତୀୟ ଭୋଗ ମଣ୍ଡପ ବା ଦ୍ୱିପ୍ରହର ଧୂପ ଶେଷ ପରେ ଦିନ ୧ ଟା ରୁ ସନ୍ଧ୍ୟା ୬ଟା ଯାଏଁ ଏଏସଆଇ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ କରିବ। ଏହି ସମୟରେ ଶ୍ରଦ୍ଧାଳୁ ମାନେ କେବଳ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ତେବେ କିଛି ବିଶେଷ ଦିନ, ଶନିବାର, ରବିବାର, ଡିସେମ୍ବର ୩୧, ନବବର୍ଷ ଏବଂ ନୀତି ବହୁଳ ଦିବସରେ ମରାମତି କାର୍ଯ୍ୟ ବନ୍ଦ ରହିବ। ତିନିମାସ ଭିତରେ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଶେଷ କରିବାକୁ ଏଏସଆଇ ସମୟ ମାଗିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଥିଲେ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମୟରେ ଏସଓପି ଅନୁଯାୟୀ କେବଳ ପ୍ରାଧିକୃତ ସେବାୟତ, ଶ୍ରୀମନ୍ଦିର ପ୍ରଶାସନ ଓ ଏଏସଆଇ ର କର୍ମଚାରୀ ମାନେ ଉପସ୍ଥିତ ରହିବେ। ସମସ୍ତ ସୁରକ୍ଷା ଉପକରଣ ସମସ୍ତେ ପରିଧାନ କରିବେ। ତେବେ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଶେଷ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯାଇ ରତ୍ନଭଣ୍ଡାରକୁ ଅଣାଯିବ। ଏହାପରେ ରତ୍ନଭଣ୍ଡାର ଭିତରେ ହିଁ ସମସ୍ତ ରତ୍ନ ଅଳଙ୍କାରର ଗଣତି ମଣତି କରାଯିବ। ସେପଟେ ଏଏସଆଇ ସୁପରିଟେଣ୍ଡେଣ୍ଟ ଡି.ବି ଗଡନାୟକ କହିଥିଲେ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ଏଏସଆଇ ଚେଷ୍ଟା କରିବ। ଏହି କାର୍ଯ୍ୟ କେବେ ଶେଷ ହେବ ତାହା ଏବେ କହିବା ସମ୍ଭବପର ନୁହେଁ ବୋଲି କହିଥିଲେ ଏଏସଆଇ ଅଧିକାରୀ। ଲେଜର ସ୍କାନିଂରେ ରତ୍ନଭଣ୍ଡାରର କାନ୍ଥ ଏବଂ ଚଟାଣରେ ଫାଟ ଥିବା ରିପୋର୍ଟ ମିଳିସାରିଥିବାରୁ ଭଲଭାବରେ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ କରାଯିବ। ସେପଟେ ଆସନ୍ତା ଡିସେମ୍ବର ୧୬ ରେ ପହିଲି ଭୋଗ ନୀତି ନିର୍ଘଣ୍ଟ ଏବଂ ଦେବାଭିଷେକ ଓ ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ନୀତି କାନ୍ତି କୁ ଦୃଷ୍ଟିରେ ରଖାଯାଇ ମହାପ୍ରଭୁଙ୍କ ଦିବା ପହୁଡ଼ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ।

AU SMALL FINANCE BANK
Registered Office : 19-A Dhuleshwar Garden, Jaipur, Rajasthan, India, 302001.
www.aubank.in

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **16 Dec 2024 between 11:00 AM - 3:00 PM (Time)** at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink https://gold.samil.in)**

**BHADRAK** - 24660000451798 24660000860248 24660001849473 24660001894356 | **CUTTACK** - 24660000423972 24660001163373 24660001844572 24660001918314 24660001920729 24660001934343 24660001960013 | **CUTTACK-LINK ROAD** - 24660000419350 | **HINJILICUT** - 24660000430548 24660000477459 24660000537337 24660001075478 24660001809769 | **JAJPUR** - 24660001530093 | **KUAKHIA** - 24660000406454 24660000567740 24660000658949 24660000877896 24660001853704 24660001931848 |

Note: The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
Manager
AU Small Finance Bank Limited



ନୂଆଦିଲ୍ଲୀ: ଚଳିତ ବର୍ଷ ଦେଶରେ ଅନୁଷ୍ଠିତ ୩ଟି ଜାତୀୟ ଲୋକ ଅଦାଲତରେ ୭ କୋଟି ୨୦ ଲକ୍ଷରୁ ଅଧିକ ମାମଲାର ସମାଧାନ ହୋଇଥିବା ଜଣାପଡିଛି । ସୁପ୍ରିମକୋର୍ଟ ବିଚାରପତି ତଥା ଜାତୀୟ ଆଇନସେବା ପ୍ରାଧିକରଣ – ନାଲସାର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ବି.ଆର.ଗଭାଇ ଏହି ତଥ୍ୟ ଦେଇ କହିଛନ୍ତି, ଏହିସବୁ ଲୋକ ଅଦାଲତଗୁଡିକରେ ବହୁଦିନ ଧରି ପଡ଼ିରହିଥିବା ମାମଲା ଏବଂ ନ୍ୟାୟିକ ବିବାଦର ସମାଧାନ କରାଯାଇଛି । ମାନବାଧିକାର ଦିବସ ଅବସରରେ ଜଷ୍ଟିସ ଗଭାଇ କହିଛନ୍ତି, ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ବର୍ଷକୁ ତିନିଥର ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନ କରିଥାଏ ଏବଂ ଏଥିରେ ଆପୋଷ ବୁଝାମଣା କରିଥାରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ମାମଲା ଗୁଡ଼ିକର ସମାଧାନ କରାଯାଇଥାଏ । ସେ କହିଛନ୍ତି, ନାଲସାର ମାର୍ଗଦର୍ଶନ ଅନୁଯାୟୀ ଅନ୍ୟ ଆଇନସେବା ପ୍ରାଧିକରଣ ଗୁଡ଼ିକ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ନିଶୁଳ୍କ ଆଇନ୍ ସହାୟତା ଯୋଗାଇ ଦେଉଥିନ୍ତି । ଏଥିସହ ମାନବିକ ଅଧିକାରର ସୁରକ୍ଷା ଲାଗି ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରିଥାଏ ।

# ବିଶ୍ୱ ଗଠନର ଆଧାର ହେଉ ନ୍ୟାୟ ଏବଂ ମାନବୀୟ ମର୍ଯ୍ୟାଦା: ରାଷ୍ଟ୍ରପତି



ନୂଆଦିଲ୍ଲୀ: ଭାରତ ଦାରିଦ୍ର୍ୟ ଓ କ୍ଷୁଧାରୁ ମୁକ୍ତି ଏବଂ ଯୁବବର୍ଗଙ୍କୁ ସମାନ ସୁଯୋଗ ପ୍ରଦାନ କରିବା କ୍ଷେତ୍ରରେ ବିଶ୍ୱ ସମ୍ମୁଖରେ ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଉଭା ହୋଇଛି । ନୂଆଦିଲ୍ଲୀରେ ମଙ୍ଗଳବାର ଜାତୀୟ ମାନବାଧିକାର ଆୟୋଗ ପକ୍ଷରୁ ଆୟୋଜିତ ମାନବାଧିକାର ଦିବସ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ୫ ହଜାର ବର୍ଷରୁ ଅଧିକ ସମୟର ସଭ୍ୟତା ଓ ଐତିହ୍ୟ ସହିତ ଭାରତ ଦୀର୍ଘ ଦିନ ଧରି ସହାନୁଭୂତି, କରୁଣା ଏବଂ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମୁଦାୟ ମଧ୍ୟରେ ବ୍ୟକ୍ତିବିଶେଷଙ୍କ ପରସ୍ପର ସହ ଜଡ଼ିତ ମୂଲ୍ୟବୋଧକୁ ବଜାୟ ରଖିବାରେ ସଫଳ ହୋଇଛି । ଜାତୀୟ ମାନବାଧିକାର ଆୟୋଗ ଏବଂ ନ୍ୟାୟପାଳିକା ଓ ପ୍ରମୁଖ ସହଭାଗିଙ୍କ ସମେତ ଅନ୍ୟାନ୍ୟ ଆୟୋଗଙ୍କ ପ୍ରୟାସକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି ନ୍ୟାୟ ଏବଂ ମାନବୀୟ ମର୍ଯ୍ୟାଦା ସମ୍ପନ୍ନ ସମାଜ ଆଧାରିତ ବିଶ୍ୱ ଗଠନରେ ଯୋଗଦାନ ନିମନ୍ତେ ଆହ୍ୱାନ ଦେଇଛନ୍ତି ।

# ଗଣଦୁଷ୍କର୍ମର ଶିକାର ନାବାଳିକାଙ୍କ ଗର୍ଭପାତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଗୌହାଟୀ: ଆସାମରେ ଗଣଦୁଷ୍କର୍ମର ଶିକାର ହୋଇଥିବା ନାବାଳିକାଙ୍କ ଗର୍ଭପାତ କରିବାକୁ ଗୌହାଟି ହାଇକୋର୍ଟ ଦେଇଛନ୍ତି ନିର୍ଦ୍ଦେଶ । ଆସାମ ତିନସୁକିଆ ଜିଲ୍ଲାର ଜଣେ ୧୪ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇ ୬ ମାସର ଗର୍ଭବତୀ ଥିଲେ । ଏନେଇ ଏକ ଗଣମାଧ୍ୟମରେ ଖବର ପ୍ରସାରଣ ପରେ କୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ଏହାର ଶୁଣାଣି କରିଥିଲେ । ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନାବାଳିକା ଜଣକ ନିଜ ସାଙ୍ଗଙ୍କ ସହ ଖେଳୁଥିବା ସମୟରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ୭ଜଣ ଗଣଦୁଷ୍କର୍ମ କରିଥିଲେ । ଏହି ୭ଜଣଙ୍କ ମଧ୍ୟରେ ୪ଜଣ ନାବାଳକ ମଧ୍ୟ ରହିଛନ୍ତି । ତେବେ ଏନେଇ ଗୌହାଟି ଉଚ୍ଚନ୍ୟାୟାଳୟ ନିଜ ଆଡୁ ମାମଲା ରୁଜୁ କରିବା ପରେ ସମସ୍ତ ୭ ଅଭିଯୁକ୍ତଙ୍କୁ ପୋଲିସ ଗତ ମାସରେ ଗିରଫ କରିଛି । ଅନ୍ୟପଟେ ନାବାଳିକାଙ୍କର ମେଡିକାଲ ରିପୋର୍ଟ ଗତ ଡିସେମ୍ବର ୭ତାରିଖରେ ହାଇକୋର୍ଟରେ ଦାଖଲ କରାଯାଇଥିଲା । ଏହାକୁ ତର୍ଜମା କରିବା ପରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ ଓ ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ଗର୍ଭପାତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତିନସୁକିଆ ଜିଲ୍ଲା ମେଡିକାଲ ବୋର୍ଡ ଓ ଶିଶୁ ବିକାଶ କମିଟି ସହ ସମନ୍ୱୟ ରକ୍ଷା କରି ନାବାଳିକାଙ୍କ ଗର୍ଭପାତ ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରିବାକୁ ମାମଲାର ଶୁଣାଣି କରୁଥିବା ବେଞ୍ଚ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ।

# ଇଭିଏମ୍ ଓ ଭିଭିପାଟ୍‌ରେ କୌଣସି ଅମେଳ ନାହିଁ: ନିର୍ବାଚନ ଆୟୋଗ



ମୁମ୍ବାଇ: ମହାରାଷ୍ଟ୍ର ନିର୍ବାଚନରେ ବଡ଼ ବିଜୟ ହାସଲ କରି ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ସରକାର ଗଢ଼ି ସାରିଲାଣି । ହେଲେ ଏବେ ବି ପରାଜୟକୁ ଗ୍ରହଣ କରିପାରୁନାହାନ୍ତି ବିରୋଧୀ । ଚିରାଚରିତ ଭାବେ ଇଭିଏମ୍ ଉପରେ ଦୋଷ ଲଦିବା ସହ ଭିଭିପାଟ୍ ସ୍ଲିପ୍ ସଂଖ୍ୟାରେ ମେଳ ଖାଉନଥିବା ଅଭିଯୋଗ କରିଛନ୍ତି ବିରୋଧୀ ମହାବିକାଶ ଅଘାଡ଼ି ମେଣ୍ଟର ସମସ୍ତ ଦଳ । ତେବେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଓ ଭିଭିପାଟ ସ୍ଲିପରେ କୌଣସି ଅମେଳ ନଥିବା ସ୍ପଷ୍ଟ କରିଛନ୍ତି ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ । ସୁପ୍ରିମକୋର୍ଟ ଓ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଅନୁଯାୟୀ, ରାଜ୍ୟର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଯେକୌଣସି ୫ଟି ଲେଖାଏଁ ଭୋଟ କେନ୍ଦ୍ରରେ ବ୍ୟବହୃତ ଭିଭିପାଟ୍ ସ୍ଲିପ୍‌କୁ ଗଣି ଏହାକୁ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟାରେ ମେଳ କରିବା ବାଧ୍ୟତାମୂଳକ । ଏହି ପ୍ରକ୍ରିୟା ମହାରାଷ୍ଟ୍ରରେ ନଭେମ୍ବର ୨୩ ଭୋଟ ଗଣତି ଦିନ ମଧ୍ୟ ହୋଇଥିଲା । ଭୋଟ ଗଣତି ପାଇଁ ରହିଥିବା ପର୍ଯ୍ୟବେକ୍ଷକ ଓ ସବୁ ଦଳର ପ୍ରାର୍ଥୀମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ହୋଇଥିବା ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ୨୮୮ ନିର୍ବାଚନ ମଣ୍ଡଳୀରୁ ମୋଟ ୧୪୦୦ ଭିଭିପାଟ୍ ସ୍ଲିପ୍ ଗଣା ହୋଇଥିଲା । ହେଲେ କୌଣସି ସ୍ଥାନରେ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ଭିଭିପାଟ୍ ସ୍ଲିପ୍ ଓ ଇଭିଏମ୍ ଭୋଟ ଗଣତିରେ ତାଳମେଳ ନଥିବା ଅଭିଯୋଗ ଆସିନାହିଁ । ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ସମସ୍ତ ନିୟମ ଅନୁସରଣ କରାଯାଇଥିବା ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

# ଦେଶରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର ବଢୁଛି

ନୂଆଦିଲ୍ଲୀ: ଦେଶରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର ବୃଦ୍ଧି ପାଉଛି । ବିଶେଷ କରି ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ଏହି ହାରରେ ଉଲ୍ଲେଖନୀୟ ପ୍ରଗତି ଦେଖିବାକୁ ମିଳିଛି ବୋଲି ଅବଧିକାଳୀନ ଶ୍ରମ ଶକ୍ତି ସର୍ବେକ୍ଷଣ ତଥ୍ୟରୁ ଜଣାପଡ଼ିଛି । ଏଲଏଫପିଆର ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ସାମଗ୍ରିକ ଆର୍ଥିକ ଅନ୍ତର୍ଭୂକ୍ତୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ । ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ସଦସ୍ୟ ଡକ୍ଟର ଶମିକା ରବି ଏବଂ ଦିଲ୍ଲୀର ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନର ଗବେଷକ ଡକ୍ଟର ମୁଦିତ କପୁରଙ୍କ ଦ୍ୱାରା କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଜାତୀୟ ସ୍ତରରେ ଗ୍ରାମୀଣ ମହିଳା ଏଲଏଫପିଆର ୨୪.୬%ରୁ ୪୧.୫% କୁ ବଢ଼ିଛି । ସେହିପରି ସହରାଞ୍ଚଳ ଏଲଏଫପିଆର ସାମାନ୍ୟ ବୃଦ୍ଧି ପାଇ ୨୦.୪% ରୁ ୨୫.୪%ହୋଇଛି । ଏଥିରେ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ ପାର୍ଥକ୍ୟ ରହିଛି । ଗ୍ରାମାଞ୍ଚଳରେ ଝାଡ଼ଖଣ୍ଡ ଏବଂ ବିହାର ଭଳି ରାଜ୍ୟରେ ଉଲ୍ଲେଖନୀୟ ସୁଧାର ଦେଖିବାକୁ ମିଳିଛି । ଉତ୍ତରପୂର୍ବ ରାଜ୍ୟ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛନ୍ତ । ଜାତୀୟ ସ୍ତରରେ ସହରାଞ୍ଚଳରେ ସାମଗ୍ରିକ ଭାବେ ସାମାନ୍ୟ ଅଭିବୃଦ୍ଧି ଘଟିଛି । ତେବେ ସହରାଞ୍ଚଳ ଗୁଜରାଟରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି କିନ୍ତୁ ସହରାଞ୍ଚଳ ତାମିଲନାଡୁରେ ସାମାନ୍ୟ ପରିବର୍ତ୍ତନ ଆସିଛି । ପ୍ରାୟ ସବୁ ରାଜ୍ୟରେ ମହିଳା ଏଲଏଫପିଆର ବୃଦ୍ଧି ପାଇଛି, ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଅଧିକ ଲାଭ ଦେଖିବାକୁ ମିଳିଛି । ଅବିବାହିତ ମହିଳାଙ୍କ ତୁଳନାରେ ଗ୍ରାମାଞ୍ଚଳରେ ବିବାହିତ ମହିଳାମାନେ ଅଧିକ ଅଂଶଗ୍ରହଣ ଅଭିବୃଦ୍ଧି ଦେଖାଇଛନ୍ତି । ରାଜସ୍ଥାନ ଓ ଝାଡ଼ଖଣ୍ଡ ଭଳି ରାଜ୍ୟରେ ବିଶେଷ କରି ବିବାହିତ ମହିଳାଙ୍କ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ତେବେ ଆଞ୍ଚଳିକ ଓ ଆନ୍ତଃରାଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଭିନ୍ନତା ରହିଛି । ଉତ୍ତର ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବ ଏବଂ ହରିୟାଣାରେ ମହିଳା ଏଲଏଫପିଆର କମ୍ ରହିଛି । ପୂର୍ବ ରାଜ୍ୟଗୁଡ଼ିକ ମଧ୍ୟରେ, ଗ୍ରାମୀଣ ବିହାରରେ ଦେଶର ସର୍ବନିମ୍ନ ଏଲଏଫପିଆର ଥିଲା, କିନ୍ତୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି-ବିଶେଷକରି ଗ୍ରାମୀଣ ବିବାହିତ ମହିଳାଙ୍କ କ୍ଷେତ୍ରରେ । ଉତ୍ତରପୂର୍ବ ରାଜ୍ୟ ମଧ୍ୟରେ ଗ୍ରାମାଞ୍ଚଳରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ଏବଂ ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶ ଆଗୁଆ ରହିଛନ୍ତି । ଉତ୍ତର-ପୂର୍ବାଞ୍ଚଳର ସହରାଞ୍ଚଳରେ ବିବାହିତ ମହିଳାଙ୍କ ମଧ୍ୟରେ ମଧ୍ୟମ ଧରଣର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ବିବାହିତ ମହିଳାଙ୍କ ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଛି । ପଶ୍ଚିମ ଏବଂ ଦକ୍ଷିଣ ରାଜ୍ୟରେ ଏଲଏଫପିଆରର ଅଭିବୃଦ୍ଧି ମୁଖ୍ୟତଃ ଗ୍ରାମୀଣ ମହିଳାଙ୍କ ମଧ୍ୟରେ କେନ୍ଦ୍ରୀଭୂତ ହୋଇଥିବା ବେଳେ ସହରାଞ୍ଚଳରେ ସାମାନ୍ୟ ବୃଦ୍ଧି ଘଟିଛି । ଭାରତରେ ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ଗ୍ରାମାଞ୍ଚଳରେ ମହିଳା ଏଲଏଫପିଆରରେ ଯଥେଷ୍ଟ ବୃଦ୍ଧି ଘଟିଛି । ବିଗତ ଦଶ ବର୍ଷ ମଧ୍ୟରେ ସରକାରଙ୍କ ଅନେକ ଯୋଜନା, ବିଶେଷ କରି ଗ୍ରାମୀଣ ମହିଳାମାନଙ୍କୁ ଲକ୍ଷ୍ୟ କରି କାର୍ଯ୍ୟକାରୀ କରାଯାଇଥିବାରୁ ସେସବୁର ସୁଫଳ ପ୍ରତିଫଳିତ ହୋଇଛି । ଗ୍ରାମୀଣ ମହିଳାଙ୍କ ପାଇଁ ଯୋଜନା ଗୁଡ଼ିକ ମଧ୍ୟରେ ମୁଦ୍ରା ଋଣ, 'ଡ୍ରୋନ ଦିଦି' ଯୋଜନା ଏବଂ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ଅଧୀନରେ ସଂଗଠିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସୁଦୃଢ଼ କରିବା ଦ୍ୱାରା ଏ କ୍ଷେତ୍ରରେ ସଫଳତା ମିଳିଛି । ସମଗ୍ର ଭାରତରେ ମହିଳାଙ୍କ ନେତୃତ୍ୱାଧୀନ ବିକାଶର ଦୃଷ୍ଟିକୋଣ ସହିତ ଆହୁରି ଅନେକ ପଦକ୍ଷେପ ଯୋଡ଼ି ହୋଇଛି ଯାହା ମହିଳାଙ୍କ ସଶକ୍ତିକରଣକୁ ସକ୍ଷମ କରିଛି ।। ସୂଚନାଯୋଗ୍ୟ, ଗବେଷଣା ପତ୍ରରେ ୨୦୧୭-୧୮ ପରଠାରୁ ଭାରତୀୟ ରାଜ୍ୟ ବିଶେଷକରି ଗ୍ରାମାଞ୍ଚଳରେ ମହିଳା ଏଲଏଫପିଆରରେ ଉଲ୍ଲେଖନୀୟ ପୁନରୁଦ୍ଧାର ଉପରେ ଆଲୋକପାତ କରି ବିସ୍ତୃତ ଆର୍ଥିକ ବିଶ୍ଳେଷଣ ଉପସ୍ଥାପନ କରାଯାଇଛି ।

# ଅମର ସହିଦ ବୀର ନାରାୟଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ଛତିଶଗଡ଼ର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଅମର ସହିଦ ବୀର ନାରାୟଣ ସିଂହଙ୍କୁ ବଳୀଦାନ ଦିବସରେ ରାଜଧାନୀ ରାୟପୁରର ଜୟସ୍ତମ୍ଭ ଛକଠାରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏଥିସହ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ନମନ ମଧ୍ୟ କରିଥିବା ସୂଚନା ମିଳିଛି । ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ଆଦିମ ଜାତି ବିକାଶ ମନ୍ତ୍ରୀ ରାମବିଚାର ନେତାମ୍, ଜଙ୍ଗଲ ମନ୍ତ୍ରୀ କେଦାର କଶ୍ୟପ, ବିଧାୟକ ପୂରନ୍ଦର ମିଶ୍ରାଙ୍କ ସମେତ ଅନେକ ଜନପ୍ରତିନିଧି ଏହି ଅବସରରେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ମାତୃଭୂମି ପ୍ରତି ବୀର ନାରାୟଣ ସିଂହଙ୍କର ବହୁ ଯୋଗଦାନ ରହିଥିଲା । ଦେଶର ସ୍ୱାଧୀନତା ପାଇଁ ସେ ନିଜ ଜୀବନକୁ ମଧ୍ୟ ବାଜି ଲଗାଇଦେଇଥିଲେ । ସେ ଗରିବ ଓ କୃଷକମାନଙ୍କର ସାଥୀ ହୋଇ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ମନପ୍ରାଣ ଉତ୍ସର୍ଗ କରିଦେଇଥିଲେ । ଯଦିଓ ସେ ଏକ ଜମିଦାର ପରିବାରରୁ ଆସିଥିଲେ, ତଥାପି ସେ ଆଦିବାସୀ, କୃଷକ ଏବଂ ଗରିବଙ୍କ ପାଇଁ ଲଢ଼େଇ ଜାରି ରଖିଥିଲେ । ୧୮୫୬ ମସିହାର ନଅଙ୍କ ଦୁର୍ଭିକ୍ଷ ସମୟରେ ସେ ଭୋକରେ ରହୁଥିବା ଗରିବମାନଙ୍କୁ ବଞ୍ଚାଇବା ପାଇଁ ସେ ନିଜ ଗୋଦାମକୁ ଖୋଲି ଦେଇଥିଲେ । ୧୮୫୭ ମସିହାରେ ସେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସାମିଲ ହୋଇଥିଲେ । ଯାହାଫଳରେ ଛତିଶଗଡ଼ ଜନତା ତାଙ୍କୁ ଦେଶଭକ୍ତ ଭାବେ ପ୍ରତିବାଦିତ କରିବା ପାଇଁ କୁଣ୍ଠା ପ୍ରକାଶ କରୁନଥିଲେ । ଶ୍ରୀ ସାଏ ଆହୁରି କହିଥିଲେ ଯେ, ଶ୍ରୀ ସିଂହଙ୍କ ସଂଘର୍ଷ ମାତୃଭୂମି ପ୍ରତି ଥିବା ସମର୍ପଣ ଭାବ ଏବଂ ବଳୀଦାନ ଆଜିର ଯୁବପିଢ଼ି ପାଇଁ ପ୍ରେରଣା ଯୋଗାଇବ ।

# ସିରିଆ ବିଦ୍ରୋହ ପରେ ଇସ୍ରାଏଲ୍-ଆମେରିକାର ମିଳିତ ଆକ୍ରମଣ

ୱାଶିଂଟନ: ମଧ୍ୟପ୍ରାଚ୍ୟର ଅବସ୍ଥା ଗୁରୁତର ହେବାରେ ଲାଗିଛି । ଇସ୍ରାଏଲ, ଆମେରିକା ଏବଂ ତୁର୍କୀ ଭଳି ଅନେକ ଦେଶର ସାମରିକ କାର୍ଯ୍ୟକଳାପ ଯୋଗୁ ସିରିଆରେ ତିକ୍ତତା ଆହୁରି ବୃଦ୍ଧି ପାଇଛି । ନିକଟରେ ଇସ୍ରାଏଲ୍ ବାୟୁସେନା ସିରିଆରେ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଥିଲା । ଏହି ଆକ୍ରମଣର ଉଦ୍ଦେଶ୍ୟ ହେଉଛି ସିରିଆ ସେନାର ଅସ୍ତ୍ରଶସ୍ତ୍ର ନଷ୍ଟ କରିବା । ବଶର ଅଲ-ଅସଦ ସରକାରଙ୍କ ପତନ ପରେ ସିରିଆ ସେନାର ଅସ୍ତ୍ରଶସ୍ତ୍ର ଆତଙ୍କବାଦୀ ଗୋଷ୍ଠୀଙ୍କ ହାତରେ ପଡିବାର ଆଶଙ୍କା ରହିଛି । ଏହି ସମୟରେ ଆମେରିକା ଏବଂ ତୁର୍କୀ ମଧ୍ୟ ସେମାନଙ୍କ ଲକ୍ଷ୍ୟ ହାସଲ କରିବା ପାଇଁ ବାୟୁ ଏବଂ ସ୍ଥଳ ଆକ୍ରମଣ କରିଥିଲେ । ମାନବ ଅଧିକାର ପାଇଁ ସିରିଆର ପର୍ଯ୍ୟବେକ୍ଷକ ଅନୁଯାୟୀ ଇସ୍ରାଏଲ୍ ସିରିଆରେ ୧୦୦ରୁ ଅଧିକ ଏୟାର ଷ୍ଟ୍ରାଇକ୍ କରିଛି । ଏହି ଆକ୍ରମଣରେ ବାରାଜ ବୈଜ୍ଞାନିକ ଅନୁସନ୍ଧାନ କେନ୍ଦ୍ର ସମେତ ଅନେକ ଉଚ୍ଚ ମୂଲ୍ୟର ଲକ୍ଷ୍ୟଭେଦ କରିବା ଲାଗି ଟାର୍ଗେଟ କରାଯାଇଥିଲା । ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଗିଦିୟନ୍ ସାର ନିଶ୍ଚିତ କରିଛନ୍ତି ଯେ, ରାସାୟନିକ ଅସ୍ତ୍ରଶସ୍ତ୍ର ଏବଂ ଦୂରଗାମୀ କ୍ଷେପଣାସ୍ତ୍ର ନଷ୍ଟ କରିବା ଏହି ଆକ୍ରମଣର ଉଦ୍ଦେଶ୍ୟ । ଇସ୍ରାଏଲ ଭୟ କରୁଛି ଯେ, ଏହି ଅସ୍ତ୍ରଶସ୍ତ୍ରଗୁଡିକ ଆତଙ୍କବାଦୀ ଗୋଷ୍ଠୀଙ୍କ ହାତରେ ପଡିପାରେ । ଇସ୍ରାଏଲ୍ ନିକଟରେ ଗୋଲାନ୍ ହାଇଟ୍ସ ବଫର୍ ଜୋନ୍ ଦଖଲ କରିଛି । ସେହିପରି ଆମେରିକା ମଧ୍ୟ ସିରିଆରେ ଆତଙ୍କବାଦୀ ସଂଗଠନ ଆଇଏସଆଇଏସର ଶିବିର ଉପରେ ୭୫ ଏୟାର ଷ୍ଟ୍ରାଇକ୍ କରିଛି ଏବଂ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଅନୁଯାୟୀ ଏହା ବି-୫୧ ବୋମା ବର୍ଷଣକାରୀ ଏବଂ ଏଫ-୧୫ଇ ଯୁଦ୍ଧ ବିମାନ ବ୍ୟବହାର କରି ଆକ୍ରମଣ କରିଛି ।

# ବାଣିଜ୍ୟ

ନୂଆଦିଲ୍ଲୀ: ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ହାଇପର ଭାଲ୍ୟୁ ପ୍ଲାଟଫର୍ମ 'ସପ୍ସି' ଏହାର ବହୁ ପ୍ରତୀକ୍ଷିତ 'ଏଣ୍ଡ ଅଫ୍ ସିଜିନ୍ ସେଲ୍' ଜରିଆରେ ୨୦୨୪କୁ ଉଚ୍ଚସ୍ତରରେ ପହଞ୍ଚାଇଛି । ଡିସେମ୍ବର ୭ରୁ ଡିସେମ୍ବର ୧୫, ୨୦୨୪ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଏହି ସେଲ୍‌ରେ ଗ୍ରାହକଙ୍କ ପାଇଁ ୫୦ ଲକ୍ଷରୁ ଅଧିକ ଷ୍ଟାଇଲ୍ ୧୪୯/- ଟଙ୍କାରୁ କମ୍ ରହିଛି, ଯାହା ଟ୍ରେଣ୍ଡି, ବଜେଟ୍ ଅନୁକୂଳ ଫ୍ୟାଶନ୍ ପାଇଁ ଚୂଡ଼ାନ୍ତ ଗନ୍ତବ୍ୟସ୍ଥଳରେ ପରିଣତ ହୋଇଛି । ଗୁଣବତା ଏବଂ ବିବିଧତା ଉପରେ ଧ୍ୟାନ ଦେଇ ଏହି ସେଲ୍ ୨୦୨୪ର ସବୁଠାରୁ ବଡ଼ ଫ୍ୟାସନ ସେଲ୍ ହେବ, ଯାହା ଦ୍ୱାରା ଗ୍ରାହକମାନେ ଗୋଟିଏ ଛାତ ତଳେ ସବୁକିଛି ପାଇପାରିବେ । ବିକ୍ରେତା/ବ୍ରାଣ୍ଡଦ୍ୱାରା ପ୍ରଦାନ କରାଯାଇଥିବା ଫ୍ଲାସ୍ ଫ୍ୟାସନ୍ ଡିଲ, ଷ୍ଟାଇଲ୍ ଲୁଟ୍ ଆଭର ଏବଂ ମେଗା ପ୍ରାଇସ୍ କ୍ରାସ୍ ଠାରୁ ଆରମ୍ଭ କରି ଗ୍ରାହକମାନେ ନିଜ ମନପସନ୍ଦର ଅଫରର ଲାଭ ଉଠାଇପାରିବେ । ସପ୍ସର ବିଜନେସ୍ ହେଡ୍ ପ୍ରତ୍ୟୁଷା ଅଗ୍ରୱାଲ କହିଛନ୍ତି, ଫ୍ୟାସନ୍ କେବଳ ଟ୍ରେଣ୍ଡ୍ ନୁହେଁ- ଏହା ଆମେ କିଏ ତାହାର ସମ୍ପ୍ରସାରଣ । ସୋପିର ଏଣ୍ଡ ଅଫ୍ ସିଜନ ସେଲ୍ ହେଉଛି ଗ୍ରାହକମାନଙ୍କୁ ଆତ୍ମବିଶ୍ୱାସର ସହ ସେମାନଙ୍କ ଶୈଳୀକୁ ଗ୍ରହଣ କରିବାକୁ ସଶକ୍ତ କରିବା । ନୂଆ ବର୍ଷକୁ ସ୍ୱାଗତ କରୁଥିବା ବେଳେ, ଆମେ ଭରତଙ୍କ ଦୋକାନୀମାନଙ୍କୁ ଜେନେରାଲ ଜେଡ୍ ଏବଂ ପିଲାଙ୍କଠାରୁ ଆରମ୍ଭ କରି ମିଲେନିୟଲ୍ ପର୍ଯ୍ୟନ୍ତ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏକ ସୁଚନ୍ତିତ ସଂଗ୍ରହ ଉପସ୍ଥାପନ କରିବାକୁ ଉତ୍ସାହିତ ।

# ଏମ୍ଏସ୍ ଧୋନୀଙ୍କ ସଫଳ ଅଭିଜ୍ଞତା ଆଲେନ୍ ଛାତ୍ରଙ୍କୁ ପ୍ରେରଣା ଦେବ




କୋଟା: ପ୍ରତ୍ୟେକ ଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଦେଶରେ ଏକ ବଡ ପଦକ୍ଷେପ ନିଆଯାଇଛି । ଦେଶରେ ଶିକ୍ଷା ଏବଂ କ୍ରୀଡ଼ାର ଦୁଇଟି ଆଇକନ୍ ଏକାଠି ହୋଇଛି । ଭାରତରେ ଇଞ୍ଜିନିୟରିଂ ଏବଂ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କ୍ଷେତ୍ରରେ ଏକ ଅଗ୍ରଣୀ ନାମ ଆଲେନ୍ କ୍ରିକେଟ୍ ଆଇକନ୍ ମହେନ୍ଦ୍ର ସିଂ ଧୋନିଙ୍କ ସହ ସହଭାଗୀ ହୋଇଛନ୍ତି । ଆଲେନ୍‌ଙ୍କ ସହ ସଂଯୋଗ କରି ଏମ୍ଏସ୍ ଧୋନି କହିଛନ୍ତି, ଯେତେବେଳେ ଆଲେନ୍ ଆପଣଙ୍କ ସହିତ ଅଛନ୍ତି ସେତେବେଳେ ସ୍ୱପ୍ନର କୌଣସି ପିନ୍ କୋଡ୍ ଦରକାର ନାହିଁ । ଯଦି ରାଞ୍ଚିର ଯୁବକମାନେ ବିଶ୍ୱକୁ ଜୟ କରିପାରନ୍ତି, ମୁଁ ବିଶ୍ୱାସ କରେ ଯେ ଉତ୍ସର୍ଗୀକୃତ, ଉପଯୁକ୍ତ ମାର୍ଗଦର୍ଶନ ଏବଂ ଏକ ସକରାତ୍ମକ ମାନସିକତା ସହିତ ସଫଳତା ସମ୍ଭବ-ଆପଣ କେଉଁଠାରୁ ଆସିଛନ୍ତି ନା କାହିଁକି । ଧୋନିଙ୍କ ଆସୋସିଏସନ, ଯିଏ ରାଞ୍ଚି ଠାରୁ ଆନ୍ତର୍ଜାତୀୟ କ୍ରିକେଟ୍ ପର୍ଯ୍ୟାୟରେ ସଫଳତା ହାସଲ କରିଛି, ଆଲେନ୍ ସଂଗଠନର ବିଶ୍ୱାସକୁ ପ୍ରତିଫଳିତ କରିଛନ୍ତି ଯେ ଯଦି ଛାତ୍ରଛାତ୍ରୀଙ୍କ ସଠିକ୍ ପ୍ରସ୍ତୁତି, ଅନୁଶାସନ ଏବଂ ମାର୍ଗଦର୍ଶନ ଥାଏ ତେବେ ପ୍ରତ୍ୟେକ ସ୍ୱପ୍ନ ପୂରଣ ହୋଇପାରିବ । ଶିକ୍ଷା କ୍ଷେତ୍ରରେ ଏକ ବିଶ୍ୱସ୍ତ ଅନୁଷ୍ଠାନ ଆଲେନ୍ ୫ ଲକ୍ଷରୁ ଅଧିକ ଛାତ୍ରଙ୍କୁ ଡାକ୍ତର ଏବଂ ଇଞ୍ଜିନିୟର ହେବାର ସ୍ୱପ୍ନକୁ ସାକାର କରିବାରେ ମାର୍ଗଦର୍ଶନ କରିଛନ୍ତି । ବର୍ତ୍ତମାନ ଆଲେନ୍ ଭାରତର ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ପାଇଁ ବିସ୍ତାର କରୁଛି ଏବଂ ନିଶ୍ଚିତ କରୁଛି ଯେ ପ୍ରତ୍ୟେକ ଛାତ୍ର ବିଶ୍ୱସ୍ତରୀୟ ସମ୍ବଳ ପାଇପାରିବେ । ଅଧ୍ୟୟନ କ୍ୟାମ୍ପସ ଏବଂ ଆଲେନ୍ ଅନ୍ଲାଇନ୍‌ର ଏହାର ବୃହତ ନେଟୱାର୍କ ମାଧ୍ୟମରେ, ଆମେ ନିଶ୍ଚିତ କରିବାକୁ ଚେଷ୍ଟା କରୁଛୁ ଯେ କୌଣସି ଛାତ୍ର ସଫଳତା ପାଇବାରେ ପଛରେ ନାହାଁନ୍ତି । ସହଭାଗୀତା ଉପରେ ଖୁସି ବ୍ୟକ୍ତ କରି ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ପିଭି ଲିମିଟେଡ୍‌ର ସିଇଓ ନିତିନ କୁକ୍ରେଜା କହିଛନ୍ତି, ଏମ୍ଏସ୍ ଧୋନି ନିଷ୍ଠା ଏବଂ ଉତ୍କର୍ଷତାକୁ ପ୍ରତିପାଦିତ କରନ୍ତି ଏବଂ ଏହି ଗୁଣଗୁଡିକ ଆଲେନ୍ ଏହାର ପ୍ରତ୍ୟେକ ଛାତ୍ରଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରିଥାଏ । ଭାରତକୁ ବିଶ୍ୱକପରେ ବିଜୟରେ ପହଞ୍ଚାଇବା ପାଇଁ ତାଙ୍କର ଅଧିନାୟକତ୍ୱ ପ୍ରମାଣ କରେ ଯେ ଯଦି ଉପଯୁକ୍ତ ମାର୍ଗଦର୍ଶନ ସହିତ ଅଭିଳାଷ ମେଳ ହୁଏ ତେବେ ସବୁକିଛି ସମ୍ଭବ । ଧୋନିଙ୍କ ସହ ମିଶି ଆମେ ସୀମାର ପ୍ରତିବନ୍ଧକ ଭାଙ୍ଗୁଛୁ । ଆମେ ସୁନିଶ୍ଚିତ କରୁଛୁ ଯେ ଭାରତର ପ୍ରତ୍ୟେକ କୋଣରୁ ଛାତ୍ରମାନେ ସମାନ ପ୍ରସ୍ତୁତି ପରିବେଶ ଏବଂ ସମ୍ବଳ ପାଇବେ । ଆଲେନ୍ ଅନ୍ଲାଇନ୍ ର ସିଇଓ ଅବା ମହେଶ୍ୱରୀ କହିଛନ୍ତି, ଟେକ୍ନୋଲୋଜି ଶିକ୍ଷାକୁ ପରିବର୍ତ୍ତନ କରିଛି । ବର୍ତ୍ତମାନ ଅବସ୍ଥାନ ଏବଂ ପ୍ରବେଶ ସହିତ ଜଡିତ ଚ୍ୟାଲେଞ୍ଜଗୁଡ଼ିକୁ ଅତିକ୍ରମ କରି ସମସ୍ତେ ସମାନ ଶିକ୍ଷା ଲାଭ କରୁଛନ୍ତି । ଇଖଖରଘ ଅନ୍ଲାଇନ୍ ମାଧ୍ୟମରେ, ଆମେ ଆମର ଶ୍ରେଣୀଗୃହରୁ ସିଧାସଳଖ ଛାତ୍ରମାନଙ୍କ ପରଦାରେ ସମାନ ବିଶ୍ୱସ୍ତ ମାର୍ଗଦର୍ଶନ ଏବଂ ଏକାଡେମିକ୍ ଉତ୍କର୍ଷ ଆଣୁ ଏବଂ ଆମର ଫଳାଫଳ ଏହା ପ୍ରମାଣ କରୁଛି । ଅଲ ଇଣ୍ଡିଆ ଆଇଆଇଟି-ଜେଇଇ ୨୦୨୪ରେ ଅଲ ଇଣ୍ଡିଆ ରାଙ୍କ -୬୯ ସହିତ ଉତ୍କୃଷ୍ଟ ଫଳାଫଳ ଦେଇଛି । ଆଲେନ୍ ଅନ୍ଲାଇନ୍‌ର ୧୧୨ ଛାତ୍ର ଦେଶର ଶ୍ରେଷ୍ଠ ଆଇଆଇଟି କଲେଜରେ ଆଡମିଶନ ପାଇଲେ ଏବଂ ୧୦୦ରୁ ଅଧିକ ଅନଲାଇନ୍ ଲାଇଭ୍ କୋର୍ସ ଛାତ୍ର ସରକାରୀ ମେଡିକାଲ କଲେଜରେ ଆଡମିଶନ ପାଇଲେ । ଏମ୍ଏସ୍ ଧୋନିଙ୍କ ସହ ଏହି ସହଯୋଗ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି କ୍ଷେତ୍ରରେ ଆଲେନ୍‌ର ନେତୃତ୍ୱକୁ ମଜବୁତ କରିବ ଏବଂ ଗୁଣାତ୍ମକ ଶିକ୍ଷାକୁ ସୁଗମ କରିବା ପାଇଁ ପ୍ରତିବଦ୍ଧତା ବଢାଇବ । ଏମ୍ଏସ୍ ଧୋନିଙ୍କ ଯୋଗଦାନ ବିଭିନ୍ନ ପୃଷ୍ଠଭୂମିରୁ ଛାତ୍ର ଏବଂ ସେମାନଙ୍କ ପରିବାରକୁ ସଶକ୍ତ କରିବା ଏବଂ ସେମାନଙ୍କୁ ହାସଲ କରିବା ପାଇଁ ଆଲେନ୍‌ର ମିଶନରେ ବିଶ୍ୱସନୀୟତା ଏବଂ ପ୍ରେରଣା ଯୋଗ କରିଥାଏ ।

# କୋଟକ ସିକ୍ୟୁରିଟିଜ୍ ପକ୍ଷରୁ ମାର୍କେଟ ଆଉଟଲୁକ୍ ଉନ୍ମୋଚିତ

ମୁମ୍ବାଇ: କୋଟକ ସିକ୍ୟୁରିଟିଜ ପକ୍ଷରୁ ୨୦୨୫ ବର୍ଷ ନିମନ୍ତେ ପୁଞ୍ଜି ବଜାର ସମ୍ପର୍କିତ ବିଭିନ୍ନ ଦିଗ (ମାର୍କେଟ ଆଉଟଲୁକ୍) ଉନ୍ମୋଚନ କରାଯାଇଛି । ଇକ୍ୱିଟି, କମୋଡିଟି ଏବଂ କରେନ୍ସି ଆଉଟଲୁକ୍ ସହିତ ମାକ୍ରୋ-ଇକୋନୋମିକ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରି କୋଟକ ସିକ୍ୟୁରିଟିଜ୍ ଏହି ରିପୋର୍ଟ ପ୍ରକାଶ କରିଛି, ଯାହାକୁ ନିବେଶକମାନେ ଆଗାମୀ ବର୍ଷ ନିମନ୍ତେ ଅନୁଧ୍ୟାନ କରିପାରିବେ । ଶ୍ରୀପଲ ଶାହ, ଏମ୍‌ଡି ଓ ସିଇଓ, କୋଟକ ସିକ୍ୟୁରିଟିଜ କହିଛନ୍ତି, 'ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ-ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତି ବଜାୟ ରଖିଛି, ଯାହା ଏହାକୁ ବିଶ୍ୱସ୍ତରର ନିବେଶକଙ୍କ ନିମନ୍ତେ ଏକ ସମ୍ମୋହକ ପୁଁନିବେଶ ସ୍ଥଳରେ ପରିଣତ କରିଛି । ଭାରତର ଦୀର୍ଘାବଧି ଅଭିବୃଦ୍ଧି ସାମର୍ଥ୍ୟକୁ ନେଇ ଆମେ ପୂର୍ଣ୍ଣ ଆଶାବାଦୀ ରହିଥିବାବେଳେ ଆମେ ନିବେଶକଙ୍କୁ ସତର୍କତାମୂଳକ ଆଶା ନେଇ ବଜାରରେ ପ୍ରବେଶ କରିବାକୁ ଉପଦେଶ ଦେଉଛୁ । ଆମେ ଅନୁମାନ କରୁଛୁ ଯେ ଇକ୍ୱିଟି ବଜାର ଅଧିକ ଗତିଶୀଳ ହେବ ଏବଂ କମୋଡିଟି କାରବାର ୨୦୨୫ରେ ତାହାର ଐତିହାସିକ ସର୍ବୋଚ୍ଚମ ଲକ୍ଷ୍ୟକୁ ପାର୍ କରିବ । ତାହାସହିତ ଶୀଘ୍ର ସମ୍ପତ୍ତି ସୃଷ୍ଟି କରିବା ନିମନ୍ତେ ଯୁବ ନିବେଶକମାନଙ୍କର ବର୍ଦ୍ଧିତ ସଂଖ୍ୟାରେ ଷ୍ଟକ ମାର୍କେଟରେ ପ୍ରବେଶ ମଧ୍ୟ ସାମଗ୍ରିକ ଭାବରେ ବଜାର ଅଭିବୃଦ୍ଧି ସହିତ ଯୋଗ କରିବ । ଆର୍ଥିକ ବର୍ଷ ୨୦୨୫ର ଦ୍ୱିତୀୟ ତ୍ରୟମାସିକ ଫଳାଫଳରୁ ଦୁର୍ବଳ ସାମଗ୍ରିକ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି, ଯେଉଁ ସମୟରେ ବ୍ୟାଙ୍କ ଓ କ୍ୟାପିଟାଲ ଗୁଡ୍ସ୍ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାବେଳେ ଆଇଟି ଏବଂ ଉପଭୋକ୍ତା କମ୍ପାନୀଗୁଡ଼ିକର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି ।

# ଟିପିସିଓଡିଏଲ୍‌ର ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଆକର୍ଷଣୀୟ ପୁରସ୍କାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ଉପଭୋକ୍ତାଙ୍କୁ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଉତ୍ସାହିତ କରିବା ଲାଗି 'ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ୍'ର ଶୁଭାରମ୍ଭ କରାଯାଇଛି । ଏହି ସ୍କିମ୍‌ରେ ଶୂନ ବକେୟା ସ୍ଥିତି ବଜାୟ ରଖିଥିବା ଓ ଡିଜିଟାଲ୍ ମାଧ୍ୟମରେ ବିଲ୍ ପୈଠ କରୁଥିବା ଉପଭୋକ୍ତାମାନଙ୍କୁ ରିୱାର୍ଡ ପ୍ରଦାନ କରାଯାଉଛି । ଏହି ସ୍କିମ୍‌ରେ ଯେଉଁ ଉପଭୋକ୍ତାମାନେ ଠିକ୍ ସମୟରେ ଓ ଡିଜିଟାଲ୍ ମାଧ୍ୟମରେ ବିଲ୍ ପ୍ରଦାନ କରୁଛନ୍ତି ସେମାନେ ଲକି ଡ୍ର'ରେ ଆକର୍ଷଣୀୟ ପୁରସ୍କାର ଜିତିବା ଲାଗି ଯୋଗ୍ୟ ବିବେଚିତ ହେଉଛନ୍ତି । ଏହି ଅଭିଯାନ ଦାୟିତ୍ୱବାନ ଉପଭୋକ୍ତାମାନଙ୍କୁ ରିୱାର୍ଡ ପ୍ରଦାନ କରିବା ସହିତ ଡିଜିଟାଲ୍ ପେମେଣ୍ଟର ପ୍ରସାର କରିବ ଯାହା ହେଉଛି ସୁବିଧାଜନକ ଓ ପରିବେଶ ମିତବ୍ୟୟୀ । ସ୍କିମ୍‌ର ଅଂଶ ସ୍ୱରୂପ ଉପଭୋକ୍ତାମାନେ ୪ ପ୍ରତିଶତର ଡିଜିଟାଲ୍ ରିହାତି ଭଳି ଅତିରିକ୍ତ ସୁବିଧା ଓ ଠିକ୍ ସମୟରେ ବିଲ୍ ପୈଠ ପାଇଁ ୟୁନିଟ୍ ପିଛା ୧୦ ପଇସାର ତ୍ୱରିତ ରିହାତି ପାଇପାରୁଛନ୍ତି । ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଉପଭୋକ୍ତାଙ୍କୁ ସଶକ୍ତ କରିବା ଓ ସ୍ଥାୟୀ ପରିବେଶ ଉପଯୋଗୀ ଅଭ୍ୟାସର ପ୍ରସାର କରିବା ଲାଗି କମ୍ପାନିର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଏହି ଅଭିଯାନ ସମ୍ପର୍କରେ ସେ କହିଛନ୍ତି ଯେ, ଅଭିନବ ସ୍କିମ୍ ଜରିଆରେ ଠିକ୍ ସମୟରେ ଦେୟ ପୈଠ କରିବା ଏବଂ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ଉତ୍ସାହିତ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ । ଡିଜିଟାଲ୍ ମାଧ୍ୟମରେ ବିଲ୍ ପୈଠ କରିବା ଉପଭୋକ୍ତାଙ୍କ ପାଇଁ ସୁବିଧାଜନକ ଓ ଏଥିରେ କାଗଜ ବ୍ୟବହାର କମ୍ ହେଉଛି ଯାହା ଏକ ସବୁଜ ଭବିଷ୍ୟତ ସୃଷ୍ଟିରେ ଆମକୁ ସହାୟକ ହେଉଛି ।

# 'ବେଦମ୍ରିତ ମହୁ' ଲଞ୍ଚ




ଝାରସୁଗୁଡା(ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିତ କୃଷକମାନେ ଲାଇକେରା ହନିଫେଡ୍ କୃଷକ ଉତ୍ପାଦକ ସଂଗଠନ ଅଧୀନରେ କାର୍ଯ୍ୟ କରୁଥିବା ଲାଇକେରାର କୁଶଳୀ ମହୁ ଚାଷୀଙ୍କ ଦ୍ୱାରା ନିର୍ମିତ ଏକ ପ୍ରିମିୟମ, ୧୦୦% ପ୍ରାକୃତିକ ମହୁକୁ ଉନ୍ମୋଚନ କରାଯାଇଛି । ଲାଇକେରାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତି, ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଏକତ୍ରିତ ହୋଇ ନିରନ୍ତର ଜୀବିକା ତଥା ପରିବେଶ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥିଲେ । ବେଦାନ୍ତ ଆଲୁମିନିୟମ ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ, ବେଦମ୍ରିତ ମହୁ ଅଭିନବ ତଥା ପ୍ରଭାବଶାଳୀ ଜୀବିକା ପ୍ରଣାଳୀ ମାଧ୍ୟମରେ ସ୍ଥିର ସମ୍ପ୍ରଦାୟ ଗଠନ ପାଇଁ ଆମର ପ୍ରତିବଦ୍ଧତାର ପ୍ରତିଫଳନ । ଏହି ପ୍ରକଳ୍ପ ଜୈବ ବିବିଧତାକୁ ମଧ୍ୟ ବୃଦ୍ଧି କରିଥାଏ ଏବଂ କୃଷି ଉତ୍ପାଦନକୁ ଦୃଢ଼ କରିଥାଏ । ଲାଇକେରା ହନିଫେଡ ଏଫପିଓର ସଚିବ ସୁଲତା ନାୟକ, ଏହି ଉଦ୍ୟମକୁ ପ୍ରଶଂସା କରି କହିଛନ୍ତି, ମହୁମାଛି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ଯାହା କେବଳ ଚାଷୀଙ୍କୁ ଅତିରିକ୍ତ ଆୟର ଉତ୍ସ ଯୋଗାଇ ନଥାଏ ବରଂ ପରିବେଶରେ ମଧ୍ୟ ବିଶେଷ ଅବଦାନ ଦେଇଥାଏ, ଯାହା କୃଷି ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ନିଜର ଅଭିଜ୍ଞତା ବାଣ୍ଟି ଲାଇକେରାର ମହୁମାଛି କୃଷକ ହରିଶ ପଟେଲ କୃତଜ୍ଞତା ଜଣାଇ କହିଛନ୍ତି, ପୂର୍ବରୁ ସ୍ଥିର ଆୟ ସୁଯୋଗ ପାଇବାରେ ଆମେ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ । ଆମକୁ ମହୁମାଛି ପ୍ରଶିକ୍ଷଣ ଦେବା ଏବଂ ଆବଶ୍ୟକ ସମ୍ବଳ ଯୋଗାଇବାରେ ବେଦାନ୍ତର ସମର୍ଥନ ସହିତ, ବର୍ତ୍ତମାନ ଆମର ଜୀବିକାର ଏକ ନିର୍ଭରଯୋଗ୍ୟ ଉତ୍ସ ଅଛି ।

# 'ଡାଏଲିସିସ୍ ଅନ୍ କଲ୍' ପ୍ରଚଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏସିଆର ସର୍ବବୃହତ ଡାଏଲିସିସ୍ ନେଟୱାର୍କ ନେଫ୍ରୋପ୍ଲସ୍ ଏହାର 'ଡାଏଲିସିସ୍ ଅନ କଲ୍' ସେବା ଭୁନନେଶ୍ୱରରେ ଶୁଭାରମ୍ଭ କରିଛି, ଯାହା ଉଚ୍ଚ ଗୁଣମାନର ଡାଏଲିସିସ୍‌କୁ ଅଧିକ ସୁଲଭ ଓ ସହଜରେ ଉପଲବ୍ଧ କରାଇବାକୁ ରଖିଥିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି । ଏହି ସମ୍ପ୍ରସାରଣ ନେଫ୍ରୋପ୍ଲସ୍‌ର ସୁପ୍ରସିଦ୍ଧ ଡାଏଲିସିସ୍ ଅନ କଲ୍ ସେବା ଭୁବନେଶ୍ୱର ସହରକୁ ଆଣିଛି ଏବଂ ଏହାଦ୍ୱାରା ରୋଗୀମାନଙ୍କୁ ସେମାନଙ୍କ ନିଜ ଘରେ ସ୍ୱାଚ୍ଛନ୍ଦ୍ୟ ଓ ସୁବିଧା ଡାଏଲିସିସ୍ ସେବା ଗ୍ରହଣ କରିବାକୁ ସମର୍ଥ କରାଉଛି । ଡାଏଲିସିସ୍ ଅନ କଲ୍ ସେହି ରୋଗୀମାନଙ୍କ ପାଇଁ ଏକ ନବୋନ୍ମେଷୀ ପ୍ରୟାସ ହୋଇଛି, ଯେଉଁମାନେ ସେମାନଙ୍କ ବୟସ, ଯାତାୟତକୁ ନେଇ ସମସ୍ୟା, ଦୂରତା ଅଥବା କେବଳ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଡାଏଲିସିସ୍ କ୍ଲିନିକକୁ ଯିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଡିଓସି ସହିତ ରୋଗୀମାନେ ଜଣେ ଆଟେଣ୍ଡାଣ୍ଟଙ୍କ ବିନା ଆବଶ୍ୟକତାରେ ଡାଏଲିସିସ୍ କରାଇପାରିବେ, ଯେଉଁଥିରେ ପରିବାର ସଦସ୍ୟମାନେ ସେମାନଙ୍କର ସ୍ୱାଭାବିକ କାର୍ଯ୍ୟ ନିମନ୍ତେ ଯାଇପାରିବେ । ବିକ୍ରମ ଭୁପ୍ଲାଲା, ପ୍ରତିଷ୍ଠାତା ଓ ଗ୍ରୁପ୍ ସିଇଓ, ନେଫ୍ରୋପ୍ଲସ୍ ଏହି ଶୁଭାରମ୍ଭ ସମ୍ପର୍କରେ ପ୍ରକାଶ କରି କହିଛନ୍ତି, ଡାଏଲିସିସ୍ ଅନ କଲ୍ ରୋଗୀମାନଙ୍କ ଘରେ ସେମାନଙ୍କ ସ୍ୱାଚ୍ଛନ୍ଦ୍ୟରେ ସୁଲଭ ମୂଲ୍ୟରେ ଉଚ୍ଚ ଗୁଣମାନର ଡାଏଲିସିସ୍ ସେବା ଯୋଗାଇ ଦେଉଛି । ନିୟମିତ ହୋମ୍ ଡାଏଲିସିସ୍ ଏହି ସେବା ତୁଳନାରେ ଉଲ୍ଲେଖନୀୟ ଭାବରେ ଅଧିକ ବ୍ୟୟସାପେକ୍ଷ ।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର





ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବହୁ ବର୍ଷ ଧରି ଏହି ଟୁର୍ନାମେଣ୍ଟକୁ ପିଢ଼ି ଅନୁସାରେ ଗ୍ରାମର ଯୁବକ ମାନେ ବହୁ ଆଡମ୍ବର ସହକାରେ ପାଳନ କରୁଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାର ବଛା ବଛା କ୍ରିକେଟ ଖେଳାଳି ମାନେ ଅଂଶ ଗ୍ରହଣ କରୁଅଛନ୍ତି। ଚଳିତ ବର୍ଷ ଡିସେମ୍ବର ତା- ୧୫ ,୧୨.୨୦୨୪ ରିଖ ରେ ଆରମ୍ଭ ହୋଇ ୧.୧.୨୦୨୫ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେବ।ଚଳିତ ବର୍ଷ କିଭଳି ଭାବରେ ଶାନ୍ତି ଶୃଙ୍ଖଳା ଓ ଅନ୍ୟାନ୍ୟ ପ୍ରସ୍ତୁତି ନେଇ ସଂପୁର ଗ୍ରାମର ଯୁବ ଗୋଷ୍ଠି ମାନଙ୍କ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି।ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀ ମାନେ ଯୋଗ ଦେବା ସହ ରାଜ୍ୟର ମନ୍ୟଗଣ୍ୟ ଅତିଥି ମାନେ ଯୋଗଦେବାର ବ୍ୟବସ୍ଥା ରହିଛି।

## ଡ଼ିଏମ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ସ୍ଥିତ ଡି ଏମ ପବ୍ଲିକ ସ୍କୁଲ ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ସ୍କୁଲର ଉପାଧ୍ୟକ୍ଷା ମାଳତୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଓ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଏ ବି ଓ ସୁଭଦ୍ରା ମହାନ୍ତ ଅଭିଭାବକ ଅରୁଣ କୁମାର ବେହେରା ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ମଶାଲ ଜାଳି କ୍ରୀଡା ପ୍ରତିଯୋଗିତା କୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦୌଡ, ଉଚ୍ଚ ଡ଼ିଆଁ, ଲମ୍ବ ଡ଼ିଆଁ, ପୁଚି ଖେଳ, ଜିଲବି ଡିଆଁ, ମିଉଜିକ ଚେୟାର, ଅଙ୍କ କକ୍ଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ଓ ପାଠ ଓ ଖେଳ ମୁଦ୍ରାର ଉଭୟ ପାର୍ଶ୍ୱ ବୋଲି ଛାତ୍ର ଛାତ୍ରୀ ଙ୍କୁ ବୁଝାଇଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ ତେଣୁପାଠ ପଢ଼ିବା ସହିତ ଖେଳ କୁଦ କରିବା ଉଚିତ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟର ବାସନ୍ତୀ ମୁଣ୍ଡା ପରିଚାଳନା କରିଥିବା ବେଳେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ମଧ୍ୟରୁ ଗୁଞ୍ଜନ କୁମାର ମହାନ୍ତ, ଚନ୍ଦନ ପଲେଇ, ଚତୁର୍ଭୁଜ ମହାରଣା, ଚାରୁ ମଣି ମହାନ୍ତ, ଇତିଶ୍ରୀ ଦାସଅଧିକାରୀ, ଉମେଶ ଚନ୍ଦ୍ର ମହାନ୍ତ, ଯଶୋଦା ଦାସ, ମୋନେନ୍ଦ୍ର ସେଠି ଓ ସୁଷମା ପାତ୍ର ସହଯୋଗ କରିଥିଲେ। ଶେଷରେ ସଭାପତି ସମସ୍ତ ଙ୍କୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।

## ୨୩ ବର୍ଷରୁ କମ ଓଡିଶା କ୍ରିକେଟ୍ ସ୍ଥାନ ପାଇଲେ କେନ୍ଦୁଝର ମାଟିର ପୁଅ ଶୁଭମ୍

କେନ୍ଦୁଝର (ଭାସ୍କର ନ୍ୟୁଜ) : ୨୩ ବର୍ଷରୁ କମ ଓଡିଶା କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି କେନ୍ଦୁଝରର ଉଦୀୟମାନ କ୍ରିକେଟର ଶୁଭମ ପ୍ରିୟଦର୍ଶୀ। ଆସନ୍ତା ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ବିସିସିଆଇ ୨୩ ବର୍ଷରୁ କମ 'ଏ' ଟ୍ରଫି ପୁରୁଷ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଛତିଶଗଡର ରାଏପୁର ଏବଂ ଭିଲାଇ ଇସ୍ପାତ ନଗରୀ ଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୨୦୧୮-୧୯ରେ ଗୁଜୁରାଟର ଜାମନଗରଠାରେ ସ୍କୁଲ ଗେମ ଫେଡେରେସନ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସ୍ତର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡିଶା ଦଳ ପାଇଁ ମନୋନୀତହୋଇ ରାଜ୍ୟକୁ ପ୍ରଥମଥର ପାଇଁ ପ୍ରତିନିଧିତ୍ୱ କରିବାର ସେ ସୁଯୋଗ ପାଇଥିଲେ। ଏହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ୨୦୨୩-୨୪ରେ ସେ ଟେଷ୍ଟ ଫର୍ମାଟରେ ୧୯ ବର୍ଷରୁ କମ ଓଡିଶା ଦଳ ପାଇଁ କୁଚ ବିହାର ଟ୍ରଫିରେ ଏବଂ ପରେ ପରେ ଦିନିକିଆ ଫର୍ମାଟରେ ଭିନୁ ମଙ୍କଡ଼ ଟ୍ରଫି ପାଇଁ ଓଡିଶା ଦଳପାଇଁ ମନୋନୀତ ହୋଇ ଖେଳିବାର ସୁଯୋଗ ପାଇଥିଲେ। ଏହି ଦୁଇଟି ପ୍ରତିଯୋଗିତା ଏବଂ ଆନ୍ତଃ ଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ବ୍ୟାଟିଂ ଓ ବୋଲିଂରେ କମାଲ ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କ ନଜରକୁ ଆସିଥିଲେ ଏବଂ ଶେଷରେ ସେ ୨୩ ବର୍ଷରୁ କମ ଓଡିଶା ଦଳପାଇଁ ମନୋନୀତ ହୋଇ ଜିଲ୍ଲାକୁ କ୍ରିକେଟ ମାନଚିତ୍ରରେ ସ୍ଥାନିତ କରିବାରେ ସଫଳକାମୀ ହୋଇପାରିଛନ୍ତି। ଶୁଭମଙ୍କ ବାପା ସୁଶାନ୍ତ କୁମାର ସେଠୀ ଏବଂ ମା' ମମତା ସେଠୀ ଉଭୟ ରାଜ୍ୟ ପୋଲିସ ବିଭାଗରେ କାର୍ଯ୍ୟରତ। 'ଓଡିଶା ଭାସ୍କର'କୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଶୁଭମ ଭବିଷ୍ୟତରେ ତାଙ୍କର ଏହି କ୍ରିକେଟ ଖେଳକୁ ଭଲ ପାଇବା ଜାରି ରଖିବା ସହ ନିଜର ଅଧ୍ୟବସାୟ ଏବଂ କଠିନ ପରିଶ୍ରମ ବଳରେ ଜଣେ ଭଲ କ୍ରିକେଟର ହୋଇ ଦେଶ ପାଇଁ ଖେଳିବା ତାଙ୍କର ଲକ୍ଷ ବୋଲି ସେ କହିଛନ୍ତି। ଶୁଭମଙ୍କ ଏହି ଏହି ବିରାଟ ସଫଳତା ପରେ ସମଗ୍ର ଜିଲ୍ଲାରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଥିବାବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।



## ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଷ୍ଟର୍ଲିଂ ଛକ ଠାରେ ଚାଲିଥିବା ୪ ଦିନିଆ ୨୯ ତମ ଜାତୀୟ ସାଇକ୍ଲିଂ ଚମ୍ପିୟାନସିପ ଆଜି ଅପରାହ୍ଣ ରେ ଉଦଯାପିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରହମପୁର ର ମାନ୍ୟବର ବିଧାୟକ ସିଦ୍ଧାନ୍ତ ମହାପାତ୍ର ସାଇକେଲ ଚାଳନା ଶରୀର କୁ ସୁସ୍ଥ ରଖିବା ସହ ପରିବେଶ ସୁରକ୍ଷା ରେ ସହାୟକ ହୋଇ ଥାଏ।ପ୍ରାୟ ୫୪ ବର୍ଷ ପରେ ପୁରୀ ରେ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଆୟୋଜନ ହେବା ଆନନ୍ଦର କଥା।ଏହା ଫଳରେ ଓଡ଼ିଶାର ସାଇକେଲ ଚାଳନା ରେ ରଚି ବୃଦ୍ଧି ପାଇବ।ସଫଳ ଆୟୋଜନ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ପୁଣି ଏକ ବଡ଼ ଇଭେଣ୍ଟର ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଜାତୀୟ ସାଇକ୍ଲିଂ ଆସୋସିଏସନର ସମ୍ପାଦକ ମନିନ୍ଦର ପାଲ ସିଂ,ଓଡିଶା ଅଲମ୍ପିକ ଆସୋସିଏସନ ର ସାଧାରଣ ସମ୍ପାଦକ ଅଭିଜିତ ପୌଲ, ଓଡିଶା ସାଇକ୍ଲିଂ ଆସୋସିଏସନ ର ସଭାପତି ମିନତୀ ମହାପାତ୍ର,ସମ୍ପାଦକ ପ୍ରସନ୍ନ ରାଉତ ପ୍ରମୁଖ ଯୋଗ ଦେଇ ସାଇକ୍ଲିଂ ପ୍ରତି ଲୋକ ମାନଙ୍କର ଆଗ୍ରହ ବଢ଼ିବା ସହ ଏହି ଭଳି ପ୍ରତିଯୋଗିତା ସେମାନ ଙ୍କୁ ପ୍ରୋତ୍ସାହିତ କରିବ ବୋଲି ମତ ଦେଇଥିଲେ।ଶେଷରେ ଅତିଥି ମାନେ ଶ୍ରେଷ୍ଠ କ୍ରୀଡାବିତ ଓ ଦଳକୁ ପୁରସ୍କୃତ କରିଥିଲେ।କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ କ୍ରୀଡା ବିଭାଗର କର୍ମଚାରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।ପ୍ରଶାସନ ପକ୍ଷରୁ ବିବିଧ ସହଯୋଗ ପ୍ରଦାନ କରାଯାଇଥିଲା।

GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION,ANGUL
Ph # 06764-296431, Email: - eephangul@yahoo.in
CANCELLATION OF TENDER CALL NOTICE
C-1226

The Tender invited vide Bid Identification No. 07 / 2024-25 dt.02.08.2024 for the work:- "Laying of Raw water Rising main under Railway Track at Kamakhyanagar" is hereby cancelled due to unavoidable circumstances.

Sd/-Er. Prasanta Behara
Superintending Engineer
P.H. Division, Angul.
OIPR 13056/11/0011/2425

ପୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ
C-1211
Office of the Municipal Council, Phulbani, Kandhamal
Tel.No. 06842-253619, Fax. 06842-253619
E-mail: municipality.plb@rediffmail.com
Letter No. 2340 / Date: 07.12.2024

QUOTATION CALL NOTICE

Executive Officer, Phulbani Municipality, Phulbani invites sealed proposal from interested consulting firms for "Preparation of Detailed Project Report and Providing Consulting Services for Implementation of different Infrastructural Developmental Projects Under Phulbani Municipality". The RFP documents can be obtained from Cashier, of Phulbani Municipality from 09.12.2024 to 18.12.2024 up to 2.00 PM on payment of Rs. 10,000/- (Rupees Ten Thousand only) (Non-refundable) through Demand Draft issued in favour of "Executive Officer, Phulbani Municipality" payable at Phulbani.

The complete application as per the instructions in the RFP document, should reach to the Office of Executive officer, Phulbani Municipality by hand/ Speed Post/ Registered Post on or before 19.12.2054 up to 5:00 P.M. The RFP applications will be opened on Dt.20.12.2024 at 11:00 A.M in the presence of the bidder or their authorized representative.

The authority reserves right to accept or cancel any or all quotations without assigning any reasons thereof.

Sd/-Executive Officer,
Phulbani Municipality.
OIPR 13195/11/0002/2425

Telephone No. 06731220322,Fax No.06731220220, e-mail. ID dfo.keonjharwl@odisha.gov.in
OFFICE OF THE
DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR
No. 5949 /1WL/ /2024
Dated, Anandapur the 9th December '2024.
MM-320

1st Corrigendum to Tender Call Notice No. DFO-KJR WL-02 of 2024-25

CORRIGENDUM

The cost of tender paper may please be read as Rs. 4000/- (Rupees Four Thousand) only instead of Rs. 6000/- (Rupees Six Thousand) only mentioned in col. No. 4 of Annexure-1 in respect of the work Sl.No. 2- Construction of water Body at Arjunchua with masonry outlet and Inlet under Brahamanipal Wildlife Range.

Sd/-Divisional Forest Officer,
Keonjhar Wildlife Division,
Anandapur.
OIPR 08147/11/0003/2425

GOVT. OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
DRAINAGE DIVISION KHORDHA
E-PROCUREMENT NOTICE NO. EE-DD-KHR-01/2024-25
email Id :- eeddkhurda@gmail.com
A-702

| | | | |
|---|---|---|---|
| 1. | Total number of work | : | 2no. of work as mentioned below |
| 2. | Name of Work | : | 1.Improvement to Rai nalla and Panipoila (kuakhia) nalla in Nayagarh block of Nayagarh Constituency.<br>2. Improvement of Asanpalli,Patabandha Magura Pichukuli 4nos secondary drains of Harha nalla systems under Bolagarh block of Begunia constituency |
| 3. | Tender Amount (Excluding GST) | : | Rs.82,54,087.00<br>Rs.88,46,685.00 |
| 4. | Bid Identification No. | : | EE-DD-KHR-01/2024-25<br>EE-DD-KHR-02/2024-25 |
| 5. | Period of completion | : | 6(Six) Calendar months |
| 6. | Class of Contractor. | : | As per DTCN |
| 7. | Availability of Tender On - Line. | : | 12.12.2024 11.00 Hours to 30.12.2024 17.00 Hours |
| 8. | Date of Opening of Technical Bid. | : | 31.12.2024 at 11.00 hours in the O/o the Executive Engineer, Drainage Division , Khordha |
| 9. | Date of Opening of Financial Bid | | 09.01.2025 11.00 hours in the O/o the Executive Engineer, Drainage Division , Khordha |
| 10. | Date of Lottery | | 15.01.2025 11.00 hours in the O/o the Executive Engineer, Drainage Division , Khordha |
| 11. | Bid Security | : | As per DTCN |
| 12. | Cost of Tender paper | : | Rs.10,000/- |
| 13. | Procurement Officer | : | Executive Engineer Drainage Division Khordha |

Further details can be seen from the Govt. web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt. web site www.tendersorissa.gov.in

Sd/-Executive Engineer
Drainage Division Khordha
OIPR 32458/11/0002/2425

## ଓଡ଼ିଶା ମାଷ୍ଟରସ୍ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ମାଷ୍ଟରସ୍-୨୦୨୪ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆଜି କଟକ ଜବାହାରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ତୃତୀୟ ଥର ପାଇଁ କଟକଠାରେ ଆୟୋଜିତ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମାରୋହରେ ବିଧାୟିକା, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୌଷ, କ୍ରୀଡା ବିଭାଗ ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ମୁଖ୍ୟ ପରିଚାଳନା ଅଧିକାରୀ କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଜଗମୋହନ ମୀନା, ହକି ପ୍ରମୋସନ କାଉନସିଲ ଅଫ ଓଡିଶାର ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଡ଼ମିଣ୍ଟନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ଓ ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଚଳିତ ବର୍ଷ ଭାରତ, ଜାପାନ, ଇଣ୍ଡୋନେସିଆ, ଚୀନ, ଡ଼େନମାର୍କ, ବଲଗେରିଆ ଆଦି ସମୁଦାୟ ୨୯ଟି ଦେଶରୁ ପ୍ରାୟ ୩୦୦ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଆଜି ସମୁଦାୟ ୮ଟି ମ୍ୟାଚ ଖେଳାଯାଇଥିଲା।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲରେ ସନରାଇଜ, କଟକ

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ନିକଟ ବିଜୁପଟ୍ଟନାୟକ ମିନିଷ୍ଟାଡିୟମ ଗଣ୍ଡରପୁର ଖେଳପଡିଆ ଠାରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାରେ ସହରାଞ୍ଚଳ ବିଭାଗରେ ସନରାଇଜ, କଟକ ସେମିଫାଇନାଲକୁ ପ୍ରବେଶ କରିଛି। ସହରାଞ୍ଚଳ ବିଭାଗର ମ୍ୟାଚ ତାମିଲନାଡୁ ପୁଲିସ ସହିତ ସନରାଇଜ, କଟକ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ସନରାଇଜ ୩-୦ ଗୋଲରେ ବିଜୟ ହୋଇ ସେମି ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି। ଗ୍ରାମାଞ୍ଚଳ ବିଭାଗ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ମଧୁବନ କ୍ଲବ ମଧୁବନ ୨-୧ ଗୋଲରେ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ,କଟକକୁ ହରାଇ ଅନ୍ତିମ ୮ମ ପର୍ଯ୍ୟାୟକୁ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ମା, ମଙ୍ଗଳା କ୍ଲବ ଗୋଠପୁର ୨-୧ ଗୋଲରେ ମଇନ୍ଦିପୁର କୁ ହରାଇ କ୍ୱାଟର ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି। ଗ୍ରାମାଞ୍ଚଳର 'ବି'ଡିଭିଜନ ମ୍ୟାଚରେ ପଦ୍ମକେଶରପୁର, ଭୁବନେଶ୍ୱର ୨-୧ ଗୋଲରେ ଉରାଳୀ, କଟକକୁ ହରାଇ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିଳ୍ପପତି ନବ ରଞ୍ଜନ ପଟ୍ଟନାୟକ,ଜିଲ୍ଲା ପରିଷଦ ସଭ୍ୟ ବବିତା ରାଉତ,ସନ୍ତୋଷ ନାଥ,ନିର୍ମଳ ରାଉତ,ଗ୍ରାମ୍ୟ କମିଟିର ସଭାପତି ଭାସ୍କର ଚନ୍ଦ୍ର ପଡିହାରୀ, ପ୍ରଶାନ୍ତ ପଡିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

B-743
E-mail ID: eerbngpur@yahoo.com
Tel & Fax -06858-222833 (O)
GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION,
NABARANGPUR
e-Procurement Notice
Bid Identification No. S.E (R&B)-09/2024-25/NGP
No. 4858 Date. 07.12.2024

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil Work as mentioned in DTCN
2. No. of Work : 05 Nos.
3. Estimated Cost : Rs. 8.84 Lakhs to Rs. 36.57 Lakhs
4. Period of completion : 2 Calendar of Months
5. Date & Time of Bidding : From 11.00 hours of 13.12.2024. upto 16.00 hours of 23.12.2024.
6. Last date & time for receipt of bids in portal : 16.00 hours of 23.12.2024.
7. Bids received online shall be opened on : 11.00 hours of 24.12.2024.
8. Name and address of the officer inviting Bid : Superintending Engineer, Nabarangpur(R&B)Division, Nabarangpur

Further details can be seen from the www.tendersodisha.gov.in

Sd/-Superintending Engineer
Nabarangpur (R&B) Division
OIPR 34143/11/0006/2425

OFFICE OF THE EXECUTIVE ENGINEER.
MINOR IRRIGATION DIVISION, GARHWA
e-Procurement Tender Notice, Two Envelope System
Tender Reference No:- WRD/MID/GARHWA/B.D./S.L.I.-01/2024-25
Letter No:- 885 Date:-10.12.2024

| | | |
|---|---|---|
| 1 | Name of Work: | Construction of Adhoura Solar Lift Irrigation Scheme, Village- Adhoura, Panchyat-Kushdand, Block-Nagar Untari, Disirct- Garhwa |
| 2 | Estimated Cost (Rs.) | 1,10,53,600=00 |
| 3 | Cost of tender document (Rs) | Rs. 10,000=00 only (non-refundable). |
| 4 | Earnest Money Deposit (Rs.) | Rs. 1,11,000=00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhand tenders.gov.in) | Date: 28.12.2024, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 08.01.2025, Time:- 04.00 PM |
| 9 | Submission of Tender Fee and EMD | Start Date:- 28.12.2024, Time- 4.00 PM<br>Last Date:- 08.01.2025, Time:- 3.00 PM |
| 10 | Technical Bid Opening Date | Date:- 09.01.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer ( (b) E-mail of e-Procurement Officer | 8789558294<br>eemidgarh-cemr-jhr@nic.in |
| 13 | Help line No. of e-Procurement Cell | 0651-2214784 |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted.

Further details can be seen on website http://jharkhandtenders.gov.in

PR 341635 Minor Irrigation(24-25)#D
Executive Engineer,
Minor Irrigation Division, Garhwa

कार्यपालक अभियंता का कार्यालय,
ग्रामीण विकास विशेष प्रमंडल, जमशेदपुर।
Email ID- rdsd-jamshedpur@nic.in

:-शुद्धि पत्र:-

इस कार्यालय का अति अल्पकालीन ई0-निविदा आमंत्रण सूचना संख्या E-RDSD/JSR/11/2024-25 जिसका (PR No :- 340429 (Rural Development) 24-25)_ D में वर्णित योजना का निम्न प्रकार से आंशिक संशोधन किया जाता है :-

1. ई-निविदा प्राप्ति की अंतिम तिथि एवं समय - दिनांक 21.12.2024 को अपराह्न 05:00 बजे तक।
2. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
3. ई-निविदा खोलने की तिथि एवं समय - 23.12.2024 अपराह्न 02:00 बजे।
4. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
5. ई-निविदा प्रकोष्ठ का दूरभाष सं0 - 09431990319
6. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्त्तें यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल,
जमशेदपुर।
PR 341633 (Rural Development) 24-25 (D)

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गढ़वा

मुख्यमंत्री ग्राम सड़क योजना
ई-निविदा आमंत्रण सूचना

ई-निविदा संख्या - 24/2024-25/RWD/GARHWA दिनांक - 10.12.2024

1.कार्य का विवरण :-

| क्र0 | प्रखण्ड | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | गढ़वा | RWD/GARHWA/65/2024-25 | एन0एच0-343 ओबरा से जरगढ़ तक पथ निर्माण कार्य। (6.75 कि0मी0) | 777.606 | सात करोड़ सतहत्तर लाख साठ हजार छः सौ रूपये। | 18 (अठारह) महीना |
| 2 | गढ़वा | RWD/GARHWA/66/2024-25 | एन0एच0-75 से पोटमा तक पथ निर्माण कार्य। (3.85 कि0मी0) | 443.117 | चार करोड़ तेतालीस लाख ग्यारह हजार सात सौ रूपये। | 18 (अठारह) महीना |

2. वेबसाईट पर निविदा प्रकाशन की तिथि :- 16.12.2024
3. ई-निविदा प्राप्ति की अंतिम तिथि एवं समय :- 28.12.2024 अपराह्न 5:00 बजे तक।
4. निविदा खोलने की तिथि एवं समय :-30.12.2024 पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
6. ई-निविदा प्रकोश्ठ का दूरभाश सं0: 06561-299963

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

कार्यपालक अभियंता
ग्रामीण कार्य विभाग,
कार्य प्रमण्डल, गढ़वा
PR 341704 (Rural Work Department) 24-25 (D)



ସୁସ୍ଥ ଶରୀର ପାଇଁ ସକାଳର ଜଳଖିଆ, ଦିନ ଓ ରାତି ଭୋଜନ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ମିଳିଥାଏ। ମାତ୍ର ଅନେକ ସମୟରେ ଦେଖାଯାଏ,କେତେକ ଲୋକେ ରାତି ଖାଦ୍ୟ ଖାଇ ନଥାଆନ୍ତି। କିଛି ଲୋକେ କର୍ମବ୍ୟସ୍ତତା ମଧ୍ୟରେ ଘରକୁ ଆସି ଥକ୍କାପଣ କାରଣରୁ ଖାଲି ପେଟରେ ଶୋଇ ପଡିଥାଆନ୍ତି। ସେହିପରି ଓଜନ ବୃଦ୍ଧି ପାଇଁ କେତେକ ଲୋକେ ରାତ୍ରି ଭୋଜନ କରିନଥାଆନ୍ତି। ମାତ୍ର ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବେଶ କ୍ଷତିକାରକ ହୋଇଥାଏ। ଜାଣନ୍ତୁ ରାତ୍ରି ଭୋଜନ ନକଲେ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଏ..। ରାତିରେ ଖାଦ୍ୟ ନଖାଇଲେ ଓଜନ ହ୍ରାସ ହେବ ବୋଲି ଚିନ୍ତା କରୁଥିଲେ, ଏହା ଭୁଲ ଧାରଣା। ରାତ୍ରି ଭୋଜନ ନକରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତତ୍ତ୍ୱ ମିଳି ପାରିନଥାଏ। ଫଳରେ କୁପୋଷଣର ଶିକାର ହେବା ସହ ଅଧିକ ହାଲିଆ ଅନୁଭବ ହୋଇଥାଏ। ଦୈନନ୍ଦିନ କାମ ପାଇଁ ଆବଶ୍ୟକ ପରିମାଣରେ ଶକ୍ତି ମିଳିପାରି ନଥାଏ। ଶରୀରରେ ରକ୍ତର ଅଭାବ ହୋଇଥାଏ। ରାତିରେ ଖାଦ୍ୟ ନଖାଇବା ଦ୍ୱାରା ବାରମ୍ବାର ନିଦ ଭାଙ୍ଗିଥାଏ। ରାତି ଅଧରେ ଭୋକ ମଧ୍ୟ ଲାଗିଥାଏ। ଖାଲି ପେଟରେ ଶୋଇବା ଦ୍ୱାରା ପେଟ ଜନିତ ଅନେକ ସମସ୍ୟା ଦେଖାଦିଏ।

# ଆଙ୍ଗୁଠିରେ ତମ୍ବା ମୁଦି ପିନ୍ଧିଲେ...



*ଜ୍ୟୋତିଷ ଶାସ୍ତ୍ର ଅନୁସାରେ  ହାତରେ ତମ୍ବା ପିନ୍ଧିବା ଦ୍ୱାରା ବହୁତ ଲାଭ ହୋଇଥାଏ। ଯେମିତି ପ୍ରତିଟି ଧାତୁର ନିଜର ଅଲଗା ପ୍ରଭାବ ଓ ଚମତ୍କାରୀ ଲାଭ ହୋଇଥାଏ । ସେହିଭଳି ତମ୍ବା ଧାତୁ ଜ୍ୟୋତିଷଙ୍କ ଅନୁସାରେ ମଙ୍ଗଳ ଓ ସୂର୍ଯ୍ୟ ଗ୍ରହକୁ ଶାନ୍ତ କରିବା ପାଇଁ ପିନ୍ଧା ଯାଏ । ଏହାକୁ ପିନ୍ଧିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ ଓ ଏହା ବ୍ୟତୀତ ଏହାକୁ ପିନ୍ଧିବା ଦ୍ୱାରା ମନ ବି ଶାନ୍ତ ହୋଇଥାଏ । ତମ୍ବାର ମୁଦି ପିନ୍ଧିବା ଦ୍ୱାରା ବହୁତ ପ୍ରକାରର ଲାଭ ହୋଇଥାଏ ।*

■ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଧାତୁ ଓ ଗ୍ରହଙ୍କର ସମ୍ବନ୍ଧ ବହୁତ ଗଭୀର ହୋଇଥାଏ। ଯଦି ଗ୍ରହ ଆପଣଙ୍କର ବିପରୀତରେ ଥାଏ ତେବେ ଜୀବନ ଉପରେ ଖରାପ ପ୍ରଭାବ ପକାଇଥାଏ । ଗ୍ରହଙ୍କୁ ଶାନ୍ତ କରିବା ପାଇଁ ଓ ସେମାନଙ୍କ ସହିତ ଯୋଡା ହୋଇଥିବା ସବୁ ସମସ୍ୟାର ସମାଧାନ କରିବା ପାଇଁ ତମ୍ବାର ମୁଦି ନିଶ୍ଚୟ ପିନ୍ଧିବା ଆବଶ୍ୟକ ।

■ ଏମିତି ବି କୁହାଯାଏ ଧାତୁ ମଧ୍ୟରେ ତମ୍ବା ଶୁଦ୍ଧ ଓ ଶାନ୍ତ ଧାତୁ ହୋଇଥାଏ। ଏହାର ସମ୍ବନ୍ଧ ମଙ୍ଗଳ ଓ ସୂର୍ଯ୍ୟଙ୍କ ସହିତ ଥାଏ । ଯଦି କାହାର ଜାତକରେ ସୂର୍ଯ୍ୟ ବା ମଙ୍ଗଳ ଦୁର୍ବଳ ଥାଆନ୍ତି ତେବେ ତମ୍ବାର ଆଙ୍ଗୁଠି ପିନ୍ଧିବା ଦ୍ୱାରା ସେହି ବ୍ୟକ୍ତିକୁ ଲାଭ ମିଳିଥାଏ ।

■ ଏମିତି ବି ଲୋକ ମାନନ୍ତି ତମ୍ବାର ସମ୍ବନ୍ଧ ସିଧା ସୂର୍ଯ୍ୟଙ୍କ ସହିତ ଥାଏ ଏବଂ ସୂର୍ଯ୍ୟ ଯଶ ଓ ସମ୍ମାନର ପ୍ରତୀକ ହୋଇଥାନ୍ତି ।

ତମ୍ବାର ଆଙ୍ଗୁଠି ପିନ୍ଧିବା ଦ୍ୱାରା ବ୍ୟକ୍ତିକୁ ସମାଜରେ ପଦ ପ୍ରତିଷ୍ଠା ମିଳିଥାଏ।

■ ଯଦି କାହାର ମାନସିକ ରୋଗ ଥାଏ ବା ବହୁତ ରାଗୁଥାନ୍ତି ତେବେ ତାଙ୍କୁ ତମ୍ବା ଧାରଣ କରିବା ଦରକାର। ବାସ୍ତୁ ଶାସ୍ତ୍ର ଅନୁସାରେ ତମ୍ବା ବାସ୍ତୁ ଦୋଷକୁ ଦୂର କରିଥାଏ । ଯଦି ତମ୍ବାରେ ତିଆରି ହୋଇଥିବା ଆଭୂଷଣ ବା ବାସନ ଘରେ ରଖନ୍ତି ତେବେ ଘରର ବାତାବରଣ ଶାନ୍ତିପୂର୍ଣ୍ଣ ହୋଇଥାଏ ଓ ନକରାତ୍ମକ ଶକ୍ତି ମଧ୍ୟ ଦୂରେଇ ରୁହନ୍ତି ।

# ଧର୍ମେନ୍ଦ୍ରଙ୍କୁ ସମନ



ବଲିଉଡ ଅଭିନେତା ଧର୍ମେନ୍ଦ୍ରଙ୍କୁ ଦିଲ୍ଲୀ ପଟିଆଲା ହାଉସ କୋର୍ଟର ସମନ। 'ଗରମ ଧରମ ଢ଼ାବା' ଫ୍ରାଞ୍ଚାଇଜ ସହ ଜଡିତ ଏକ ଠକେଇ ମାମଲାରେ ବରିଷ୍ଠ ବଲିଉଡ ଅଭିନେତା ଧର୍ମେନ୍ଦ୍ରଙ୍କ ସହ ଅନ୍ୟ ଦୁଇଜଣଙ୍କ ବିରୋଧରେ ମଧ୍ୟ ସମନ ଜାରି କରିଛନ୍ତି କୋର୍ଟ । ଜୁଡିସିଆଲ ମାଜିଷ୍ଟ୍ରେଟ (ପ୍ରଥମ ଶ୍ରେଣୀ) ଯଶଦୀପ ଚହଲଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ସମନ, ଦିଲ୍ଲୀର ବ୍ୟବସାୟୀ ସୁଶୀଲ କୁମାର କରିଥିବା ଠକେଇ ଅଭିଯୋଗ ପାଇଁ ଦିଆଯାଇଛି । ଅଭିଯୋଗ ଅନୁସାରେ ଗରମ ଧରମ ଢ଼ାବାର ଫ୍ରାଞ୍ଚାଇଜରେ ପୁଞ୍ଜି ନିବେଶ କରିବାକୁ ପ୍ରଲୋଭନ ଦେଖାଇ ଟଙ୍କା ଠକି ନେଇଥିବା ନେଇ ଅଭିଯୋଗ କରିଥିଲେ ବ୍ୟବସାୟୀ ଜଣଙ୍କ । ଅଭିଯୋଗ ଆଧାରରେ ଜୁଡିସିଆଲ ମାଜିଷ୍ଟ୍ରେଟ ଯଶଦୀପ ଚହଲ ଏହି ସମନ ଜାରି କରିଛନ୍ତି । ୨୦ ଫେବୃଆରୀ ୨୦୨୫ ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଅଦାଲତ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ନିଶ୍ଚିତ ଯେ ସମନ ପର୍ଯ୍ୟାୟରେ କୋର୍ଟ ଏହି ଘଟଣାର ଅନୁସନ୍ଧାନ କରିବା ଆବଶ୍ୟକ । ଏହା ସ୍ପଷ୍ଟ ହୋଇଛି ଯେ ଉଭୟଙ୍କ ମଧ୍ୟରେ ହୋଇଥିବା କାରବାର ଗରମ ଧରମ ଢ଼ାବା ସହ ଜଡିତ । ଅଭିଯୋଗକାରୀ କହିଛନ୍ତି ଯେ , ଫ୍ରାଞ୍ଚାଇଜରେ ନିବେଶ କରିବାକୁ ସୁଶୀଲଙ୍କୁ ଲାଞ୍ଚ ଦିଆଯାଇଥିଲା । ୭ ପ୍ରତିଶତ ବଦଳରେ ୪୧ ଲକ୍ଷ ଟଙ୍କା ନିବେଶ କରିବାକୁ ହେବ ବୋଲି ଅଭିଯୋଗାରୀଙ୍କୁ ପ୍ରତିଶ୍ରୁତି ମିଳିଥିଲା । ୟୁପିରେ ଫ୍ରାଞ୍ଚଇଜ ଖୋଲିବାକୁ ସମସ୍ତ ସହାୟତା ଦିଆଯିବ ବୋଲି କୁହାଯାଇଥିଲା ।





# ଗୁଗୁଲରୁ ସର୍ଚ୍ଚ ପରେ ରାଘବଙ୍କୁ ବିବାହ ପାଇଁ ରାଜି ହେଲି: ପରିଣୀତି

ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ରାଘବ ଚଢ଼ାଙ୍କ ଗତ ବର୍ଷ ୨୦୨୩ରେ ବିବାହ ହୋଇଥିଲା । ଅନେକ ଦିନ ଧରି ନିଜର ପ୍ରେମ ସମ୍ପର୍କକୁ ଗୁପ୍ତ ରଖିବା ପରେ ବିବାହ କରିବା ଯାତ୍ରାକୁ ନେଇ ଦୁହେଁ ନିକଟରେ ଏକ ସାକ୍ଷାତକାରରେ ବଖାଣିଛନ୍ତି।  ନିକଟରେ ପାରିଣୀତି ଚୋପ୍ରା ଏବଂ ରାଘବ ଚଢ଼ା ରାଜତ ଶର୍ମାଙ୍କ ସୋ' ଆପକି ଅଦାଲତରେ ଏକାଠି ହୋଇଥିଲେ। ଏହି ସମୟରେ ଦୁହେଁ ସେମାନଙ୍କର କ୍ୟାରିଅର୍ ବ୍ୟତୀତ ପ୍ରେମ ଜୀବନ ବିଷୟରେ ଖୋଲାଖୋଲି ଭାବରେ କଥା ହୋଇଥିଲେ । ପରିଣୀତି ଓ ରାଘବ ଉକ୍ତ ସାକ୍ଷାତକାରରେ ଯୋଗ ଦେଇ କହିଥିଲେ, 'ଲଣ୍ଡନରେ ଏକ ପୁରସ୍କାର ବିତରଣ ଉତ୍ସବରେ ଆମର ପ୍ରଥମ ସାକ୍ଷାତ ହୋଇଥିଲା।' ସେହି ମୁହୂର୍ତ୍ତକୁ ମନେ ପକାଇ ପାରିଣୀତି କହିଛନ୍ତି,' ଯେଉଁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ମୁଁ ମନୋରଞ୍ଜନ କ୍ଷେତ୍ରରେ ଆଉଟଷ୍ଟାଣ୍ଡିଂ ଆଚିଭର ପୁରସ୍କାର ପାଇବାକୁ ଯାଇଥିଲି ସେଠାକୁ ରାଘବ ମଧ୍ୟ ରାଜନୀତି ଏବଂ ଶାସନରେ ପୁରସ୍କାର ପାଇବାକୁ ଆସିଥିଲେ।  ରାଘବ ମୋ ପଛରେ ବସିଥିଲେ। ମୁଁ ତାଙ୍କ ପାଖକୁ ଯାଇ କହିଥିଲି, ହ୍ୟାଲୋ, ମୁଁ ପରିଣୀତି, ମୋର ଭାଇ ଆପଣଙ୍କର ଜଣେ ବଡ଼ ପ୍ରଶଂସକ।  ରାଘବ ମୋର ଏ କଥା ଶୁଣି କହିଥିଲେ, 'କି ସୁନ୍ଦର କଥା।' ତା'ପରେ ସେ କହିଥିଲେ, ହଉ ଆମେ ଭେଟାଭେଟି ହେବା। ମୁଁ କହିଥିଲି,' ଠିକ ଅଛି ମୁମ୍ବାଇରେ ଭେଟିବା।' ସଙ୍ଗେସଙ୍ଗେ ରାଘବ କହିଥିଲେ, 'ଆସନ୍ତାକାଲି ଭେଟିଲେ କେମିତି ହେବ? ମୁଁ ରାଘବଙ୍କ ପ୍ରସ୍ତାବରେ ରାଜି ହୋଇ ତିନିଜଣ ମ୍ୟାନେଜରଙ୍କୁ ଧରି ରାଘବଙ୍କୁ ସାକ୍ଷାତ କରିବା ପାଇଁ ପହଞ୍ଚି ଯାଇଥିଲି।  ଏହି ସମୟରେ ଟେବୁଲରେ ପ୍ରାୟ ୧୦ରୁ ୧୨ଜଣ ଲୋକ ଥିଲେ। ଏହା ଏକ ଡେଟିଂ ନଥିଲା। ଗୋଲ ଟେବୁଲ ବୈଠକ ଭଳି ଲାଗୁଥିଲା। ସେ ଯାହା ହେଉ ମୁଁ ରାଘବଙ୍କ ସହ ଘଣ୍ଟାଏକାଳ କଥା ହେବାପରେ ସେ ହଠାତ ଉଠି ପଡ଼ି କହିଲେ ମୋତେ ଭୋକ ଲାଗୁଛି। ଆଉ ସଙ୍ଗେସଙ୍ଗେ ଖାଇବା ପ୍ଲେଟ ଧରି ଚାଲି ଆସିଲେ।  ରାଘବଙ୍କ ଏହି ସ୍ୱଭାବ ମୋତେ ଖୁବ ଭଲ ଲାଗିଥିଲା। କାରଣ ପ୍ରଥମ ଡେଟିଂ ପ୍ରାୟତଃ ଲୋକେ ନିଜକୁ ମେଣ୍ଟେନ କରି ରଖିଥାଆନ୍ତି। କିନ୍ତୁ ରାଘବଙ୍କ ସହ ଯେତିକି ସମୟ ମିଶିଥିଲି ସେ ଖୋଲା ବହିପରି ଥିଲେ। ରାଘବଙ୍କୁ ଭେଟିବା ପରେ ମୁଁ ରୁମକୁ ଆସି ସଙ୍ଗେସଙ୍ଗେ ଗୁଗୁଲ ସର୍ଚ୍ଚ କରି 'ରାଘବ ଚଢ଼ା କିଏ?', 'ରାଘବ ଚଢ଼ା ବିବାହିତ କି?' ତାଙ୍କର ବୟସ କେତେ? ଗୁଗୁଲରୁ ଏସବୁ ସୂଚନା ପାଇବା ପରେ ମୁଁ ରାଘବଙ୍କୁ ବିବାହ କରିବାକୁ ସ୍ଥିର କରିଥିଲା।'

# ମିଷ୍ଟ୍ରିମ୍ୟାନଙ୍କ ସହ ନଜର ଆସିଲେ ମଲାଇକା



ବଲିଉଡ ଅଭିନେତ୍ରୀ ମଲାଇକା ଅରୋରା ସୋସିଆଲ ମିଡିଆରେ ସକ୍ରିୟ ଥାଆନ୍ତି । ଅଭିନେତ୍ରୀ ନିଜ ବ୍ୟକ୍ତିଗତ ଓ ବୃତ୍ତିଗତ ଉଭୟ ଜୀବନ ସହିତ ଜଡ଼ିତ ଅନେକ ଘଟଣା ଦୁର୍ଘଟଣାକୁ ସେ ତାଙ୍କ ଫ୍ୟାନଙ୍କ ସହ ସୋସିଆଲ ମିଡିଆ ଜରିଆରେ ଆଲୋଚନା କରିଥାଆନ୍ତି। ଅଭିନେତା ଅର୍ଜୁନ କପୁରଙ୍କ ସହିତ ମଲାଇକାଙ୍କ ବିଚ୍ଛେଦ ହୋଇଯିବା ପରେ ଅଭିନେତ୍ରୀଙ୍କୁ ଜଣେ ମିଷ୍ଟ୍ରିମ୍ୟାନଙ୍କ ସହ ଦେଖିବାକୁ ମିଳୁଛି। ଦୁହିଁଙ୍କ କିଛି ଫଟୋ ବି ସୋସିଆଲ ମିଡିଆରେ ଘୁରି ବୁଲୁଛି।  ନିକଟରେ ମଲାଇକା ଅରୋରା ପଞ୍ଜାବୀ ଗାୟକ ଏପି ଢ଼ିଲ୍ଲୋଁଙ୍କ କନ୍ସର୍ଟରେ ନଜର ଆସିଥିଲେ। ଏହି ସମୟ ଲୋକେ ଅଭିନେତ୍ରୀଙ୍କୁ ଉକ୍ତ ମିଷ୍ଟ୍ରିମ୍ୟାନଙ୍କ ସହିତ ଦେଖିବାକୁ ପାଇଥିଲେ।  ସୂଚନାଯୋଗ୍ୟ ଯେ ଅର୍ଜୁନ କପୁରଙ୍କ ସହ ବ୍ରେକଅପ୍ ପରେ ମଲାଇକା ଅରୋରାଙ୍କ ନାମ ଫ୍ୟାସନ ଷ୍ଟାଇଲିଷ୍ଟ ରାହୁଲ ବିଜୟଙ୍କ ସହ ଯୋଡ଼ି ହୋଇଛି। ସମ୍ପ୍ରତି ଦୁହେଁ ଏପିଙ୍କ କନସର୍ଟରେ ଏକାଠି ନଜର ଆସିଥିଲେ। କେବଳ ଏତିକି ନୁହେଁ ରାହୁଲ ନିଜ ଇନଷ୍ଟାଗ୍ରାମରେ ଏ ସମ୍ପର୍କରେ ଏକ ପୋଷ୍ଟ ସେୟାର କରିଛନ୍ତି ଯେଉଁଥିରେ ସେ ମଲାଇକାଙ୍କ ସହ ସେଲଫି ନେଉଥିବା ଦେଖିବାକୁ ମିଳିଛି। ମଲାଇକା ମଧ୍ୟ ରାହୁଲଙ୍କ ଏହି ପୋଷ୍ଟକୁ ରିସେୟାର କରିଛନ୍ତି।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ଘଣ୍ଟ ଘଣ୍ଟ ଧରି ବିବାହ ପ୍ରସେସନ୍ ଡ୍ରିଙ୍କେ ବାଜିବା ଲୋକଙ୍କ ପାଇଁ ବିପଦ ଡ଼ାକି ଆଣୁଛି । ଡ୍ରିଙ୍କର ବିକଟାଳ ଶବ୍ଦ ଆଉ ସଡ଼କରେ ଲାଇଟ୍‌ରେ ବାଇକ ଚାଳକ ବାଇକ୍ ଚଲେଇ ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ଆଜି ବରଯାତ୍ରୀଙ୍କ ବାଇକ୍ ମାଡ଼ରେ ଜଣେ ୫୦ ବର୍ଷର ବ୍ୟକ୍ତି ଗୁରୁତର ଆହତ ହୋଇ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସା ହେଉଥିବା ବେଳେ ବାଇକ ଚାଳକର ଅବସ୍ଥା ମଧ୍ୟ ଗୁରୁତର ଅଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା-ପିପିଲି ରାସ୍ତା ଉପରେ ଛକରୁ ଏକ ବିବାହ ରୋଷଣୀ ଡ୍ରିଙ୍କେ ବଜାଇ ଛିଡ଼ିଥିଲା ଲାଇଟ୍ ଲଗାଇ ଯାଉଥିବାବେଳେ ରାସ୍ତାରେ ବାଇକ୍ ଚାଳକ ବାଇକ୍ ଚଲାଇ ନପାରି ଅଟକି ରହିଥିଲେ । ରୋଷଣୀ କରୁଥିବା ବର ଜଗତସିଂହପୁରରୁ ଆସିଥିବା ବେଳେ ମଦ୍ୟପଙ୍କ କର୍କଶ ଗର୍ଜନରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହୋଇଥିଲା । ବରଯାତ୍ରୀ ଆସିଥିବା ଜଣେ ଯୁବକ ପଲସର ବାଇକକୁ ଆଣି ଶଙ୍କର୍ଷଣ ସାହୁ (୫୦)ଙ୍କ ଦେହରେ ଧକ୍କା ଦେଇଥିଲା । ଶଙ୍କର୍ଷଣ ତଳେ ପଡ଼ି ଗୁରୁତର ହୋଇଥିବା ବେଳେ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ବରଯାତ୍ରାରେ ଆସିଥିବା ବାଇକ୍ ଚାଳକ ଯୁବକର ନାମ ଓ ପରିଚୟ ମିଳି ନଥିବା ବେଳେ ଯୁବକ ଜଣକ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ତୁରନ୍ତ ମୁଖ୍ୟ ରାସ୍ତା ଉପରୁ ରୋଷଣୀ ବ୍ୟାନ୍ କରିବା ପାଇଁ ଦାବୀ ହୋଇଛି ।



# ‘କାନ୍ତକବି ଆଶାବାଦୀର ଭାଷ୍ୟକାର ଓ ଦେଶପ୍ରେମର ଭାବତପସ୍ୱୀ’

## ଜନ୍ମମାଟିରେ କାନ୍ତକବିଙ୍କ ଜୟନ୍ତୀ ପାଳିତ

ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ଗ୍ରାମରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜନ୍ମ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଓ କାନ୍ତକବି ସ୍ମୃତିପରିଷଦ ଏବଂ ତିହିଡ଼ି ବିଷୁବ ସାମ୍ମୁଖ୍ୟ ସହଯୋଗରେ ଜନ୍ମମାଟିରେ ଅନୁଷ୍ଠିତ ହୋଇଯାଇଛି । କାନ୍ତକବି ସ୍ମୃତି ମନ୍ଦିର ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବରେଣ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ କବି ଦୀନବନ୍ଧୁ ପତି, କାନ୍ତକବି ସ୍ମୃତି ପରିଷଦର ସଭାପତି ଚିନ୍ତାମଣି ଦାସ, ତିହିଡ଼ି ବିଷୁବ ସାମ୍ମୁଖ୍ୟର ସମ୍ପାଦକ ରଘୁନାଥ ପାତ୍ର, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ ପ୍ରମୁଖ ଯୋଗ ଦେଇ ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା ଲକ୍ଷ୍ମୀକାନ୍ତ ମହାପାତ୍ର ଏକାଧାରରେ କବି, ଗାଳ୍ପିକ, ନାଟ୍ୟକାର ଔପନ୍ୟାସିକ ଓ ବ୍ୟଙ୍ଗକାର ଭାବରେ ପ୍ରତିଷ୍ଠା ଅର୍ଜନ କରିଥିବା ବେଳେ ସେ ଆଶାବାଦୀର ପ୍ରଥମ ଭାଷ୍ୟକାର ଓ ଦେଶପ୍ରେମର ମହାନ ଭାବତପସ୍ୱୀ ଥିଲେ ବୋଲି କହିଥିଲେ । ଏହି ସଭାରେ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ଶିବାନୀ ପତ୍ରିକାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଭାଷଣ ପ୍ରଦାନ ପ୍ରଦାନ କରିଥିବା ବେଳେ ସ୍ମୃତି ପରିଷଦର ସମ୍ପାଦକ ବାଣିକଲ୍ୟାଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ରବିକୁମାର ମହାନ୍ତି, ମୁକୁନ୍ଦଦେବ ନାୟକ, କୈଳାସ ବେହେରା, ବସନ୍ତ ଦାସ, ପୁଷ୍ପାଞ୍ଜଳି ତ୍ରିପାଠୀ, ଡ. ଅମୂଲ୍ୟ ସେନାପତି, ସୁବ୍ରତ ମିଶ୍ର, କବିଶ୍ରୀ ଗୋଲକପ୍ରସାଦ ବୈୟାରୀ, ଦେବେନ୍ଦ୍ର ମହାଳିକ, ସୁଧାକର ଧନୀ, ବୈକୁଣ୍ଠନାଥ ଓଝା, ଆଶୁତୋଷ କରଣ, ହରିହର ମଲିକ, ମନୋଜ ପାଣିଗ୍ରାହୀ, ସୁବାସ ମହାନ୍ତି, ରୁବିଲତା ଦାସ ପ୍ରମୁଖଙ୍କ ସହିତ ୨୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିବା



ବେଳେ ସେମାନଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁଆଳ ଶ୍ରୀ ଗଣେଶ ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ରମେଶ ବେହେରା ଓ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିବା ସହିତ କାନ୍ତ ସଂଗୀତ ଗାନ କରିଥିଲେ । କଣ୍ଠଶିଳ୍ପୀ ରମେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଅତିଥିମାନେ କାନ୍ତକବିଙ୍କ ସମାଧୀ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ପୂର୍ବତନ ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ସରପଞ୍ଚ ଜୟଶ୍ରୀ ବେହେରା, ପୂର୍ବତନ ସମିତି ସଭାପତି ସୁଧନ୍ୱା ନାୟକ, ସ୍ୱୟଂସହାୟକ ଗୋଷ୍ଠୀ ସଭାନେତ୍ରୀ ବାସନ୍ତୀ ଜେନା, ଶିକ୍ଷକ ଚନ୍ଦ୍ରଶେଖର ବେହେରା, ସମାଜସେବୀ ଉତ୍ତମ ମହାପାତ୍ର, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଏଏସଆଇ ଲକ୍ଷ୍ମଣ ମାରାଣ୍ଡି ପ୍ରମୁଖ ସମାଧୀପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ପୀରହାଟ ପ୍ରଦେଶ ସେବା ସଂଗଠନର କର୍ମକର୍ତ୍ତା, ସମାଜସେବୀ ସୁନୀଲ କୁମାର ରାଉତ ଓ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ସମାଧୀପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କାନ୍ତ ପରିଷଦ ପକ୍ଷରୁ ସହସମ୍ପାଦକ ବିଶ୍ୱରଂଜନ ମହାପାତ୍ର, ରାକେଶ ମହାପାତ୍ର, ହରିଶ୍ଚନ୍ଦ୍ର ମିଶ୍ର, ପ୍ରଦୀପ ମହାପାତ୍ର, ପମୋଦ ବେହେରା, ଦୁଃଖିଶ୍ୟାମ ଜେନା, ଗୌତମ ବେହେରା, ବସନ୍ତ ଜେନା, ରାଜେନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବରିଷ୍ଠ କଳାକାର ନାରାୟଣ ଚନ୍ଦ୍ର ମହାନ୍ତି, ବିମଳା ନାଟ୍ୟ ପରିଷଦର ସଭାପତି ଗୌରାଙ୍ଗ ଚନ୍ଦ୍ର ବାରିକ, ସମାଜସେବୀ ସୀତାକାନ୍ତ ନାୟକ, କେଶବ ବେହେରା, ତାପସ ବେହେରା ପ୍ରମୁଖଙ୍କ ସହିତ ମାଣିକଲାଲ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ତାର ବିଛାଇ ପୁଣି ବାର୍ହା ଶିକାର, ୨ ଗିରଫ

ଭଂଜନଗର(ଭାସ୍କର ନ୍ୟୁଜ୍): ବିଦ୍ୟୁତ୍ ତାର ବିଛାଇ ଜଙ୍ଗଲରେ ବାରହା ଶିକାର କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି, ବନବିଭାଗ । ଜଗନ୍ନାଥପ୍ରସାଦ ବନାଞ୍ଚଳର ବେଲଗୁଣ୍ଠା ସେକ୍ସନ୍ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ନଜରକୁ ଆସିଥିଲା ଏଭଳି ଘଟଣା । ସୂଚନା ପ୍ରକାରେ ନିକଟସ୍ଥ ବଣିଆ ପଲ୍ଲୀ ଗ୍ରାମର ଦୁଇଜଣ ବ୍ୟକ୍ତି, ନିକଟସ୍ଥ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିଲେ । ଫଳରେ ଏକ ବଣୁଆ ବାରହା ବିଦ୍ୟୁତ୍ ଫାଶରେ ପଡ଼ି ଶିକାର ହୋଇଥିଲା । ଖବରପାଇ ବନବିଭାଗ ଟିମ୍ ଘଟଣା ସ୍ଥଳରେ ଚଢ଼ାଉ କରି ଭିକାରୀ ନାଇକ ଏବଂ ଖଦାଳ ନାଇକ ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ଗୋଟିଏ ମୃତ ବାରହା ଏବଂ ବିଦ୍ୟୁତ ତାର ଜବତ କରିଥିଲା । ଏ ସଂକ୍ରାନ୍ତରେ ୧୦୯/୨୪ ରେ ଏକ ମାମଲା ରୁଜୁ କରିଛି ବନବିଭାଗ ।




## ଚିଲିକା ପକ୍ଷୀ ସୁରକ୍ଷା ଆଲୋଚନାଚକ୍ର ଶିବିର

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅନ୍ତର୍ଗତ ଚିଲିକା ପାଦଦେଶରେ ଅବସ୍ଥିତ ଗଡଖାରଦ ମୁଣ୍ଡିଆ ଉପରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଏକ ପକ୍ଷୀ ସୁରକ୍ଷା ଶିବିର ଓ ସଚେତନ ପଦଯାତ୍ରା ଗତକାଲି ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଗୀତାପାଠ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ଏଥିରେ ଅତିଥି ଭାବେ ହେମନ୍ତ କୁମାର ପ୍ରଧାନ, ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ଆଂଚଳିକ ଗୌର ଚନ୍ଦ୍ର ବିଦ୍ୟାନିକେତନ ଶିକ୍ଷକ ରଘୁନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦେଶୀ ପକ୍ଷୀ ଆମ ଅତିଥି ଓ ସେମାନଙ୍କୁ ହତ୍ୟା କରିବା ନିଷ୍ଠୁର କାର୍ଯ୍ୟ ବୋଲି ଅତିଥିମାନେ ସୂଚନା ଦେଇଥିଲେ । ଏହି ଅବସରରେ ୪ଟି ପଞ୍ଚାୟତର ୪୦ଜଣ ଛାତ୍ର ମଧ୍ୟ ଯୋଗଦେଇ ସେମାନଙ୍କ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଗୀତାପାଠ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା । ବିଶ୍ୱଜିତ୍ ସାହୁ, ପ୍ରତାପ ସିଂହ କାର୍ଯ୍ୟ ପରିଚାଳନା କରିଥିଲେ ।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ପୁଳା ପୁଳା ଅଭିଯୋଗ



ଚାନ୍ଦବାଲି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ପଞ୍ଚାୟତ ସମିତି କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଜିଲ୍ଲାପାଳ ଦିଲିପ ରାଉତ ରାୟ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକାରୀ, ଉପଜିଲ୍ଲାପାଳ,ପିଡି, ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ବିଭିନ୍ନ ବିଭାଗର ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ । ୧୯୨ଟି ଅଭିଯୋଗ ହୋଇ ଥିବା ବେଳେ ମୁଖ୍ୟତଃ ଆବାସ ଯୋଜନା, ପିଡିଏସ, ରାଜସ୍ୱ, ଅଙ୍ଗନବାଡ଼ି କେନ୍ଦ୍ରରେ ଛତୁଆ ଦୁର୍ନୀତି ଏବଂ ଶିକ୍ଷା ଅନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଅଭିଯୋଗ ହୋଇଥିଲା । ସେହିପରି ବାତ୍ୟା ‘ଦାନା’ ପରେ ରାସ୍ତା ପ୍ରକଳ୍ପରେ କ୍ଷୟକ୍ଷତି ଆକଳନ ପାଇଁ ଅନିୟମିତତା ହୋଇ ଥିବା ବିଜେଡିର କର୍ମୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । FDR କାର୍ଯ୍ୟର ଠିକ୍ ଭାବରେ ଚୟନ କରା ନ ଯାଇ ଅଭିଯୋଗ କରିଛନ୍ତି । ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ନିର୍ବାଚନ ପ୍ରତିନିଧିମାନେ ଦେଇଥିବା ଚିଠାକୁ ପାତର ଅନ୍ତର ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ କରି ଚାନ୍ଦବାଲି ସମିତି କାର୍ଯ୍ୟାଳୟ ସମ୍ମୁଖରେ ହୋ ହାଲ୍ଲା କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାକଳାପକୁ ବିରୋଧ କରି ଅଭିଯୋଗ ପ୍ରକୋଷ୍ଠ ଧସେଇ ଆସିବା ପାଇଁ ଚେଷ୍ଟା କରିଥିଲେ । ଏହି ସମୟରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଦେଖା ଦେଇଥିଲା । ପୋଲିସ ଏହି ଘଟଣାରେ ଉଭୟ ପକ୍ଷରୁ ବୁଝାସୁଝା ପରେ ଶାନ୍ତ ପଡିଥିଲା । ଏହି ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ ରାଉତ କହିଛନ୍ତି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଅଭିଯୋଗ ଆସିଥାଏ । ସେ ସବୁକୁ ସମାଧାନ ମଧ୍ୟ କରା ଯାଇଥାଏ । ଯେଉଁ ସବୁ ଅଭିଯୋଗ ଆସିଛି ସୁଚାରୁରୂପେ ସେ ସବୁକୁ ସମାଧାନ କରିବା ପାଇଁ ସୂଚନା ଦେଇଛନ୍ତି ।

# ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ଜିଲ୍ଲା ସାମ୍ବିଧାନିକ ସମ୍ମିଳନୀ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲାଶାଖାର ସାମ୍ବିଧାନିକ ସମ୍ମିଳନୀ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ତରାଣ୍ଡୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂଗଠନର ସଭାପତି ଦୟାନିଧି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସକାଳେ ସଂଘ ପତାକା ଉତ୍ତୋଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଉଦଘାଟକ ଭାବେ ବରିଷ୍ଠ ଶିକ୍ଷାବିତ୍ ଅବନୀ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ପୁଣ୍ୟାତ୍ମା ବନମାଳୀ ବ୍ରହ୍ମଚାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ମିଳନୀକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟସଂଘ ସଭାପତି ବିକ୍ରମ କୁମାର ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟସଂଘ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ରାଜ୍ୟସଂଘ ଉପସଭାପତି ଧନେଶ୍ୱର ପାତ୍ର, ରାଜ୍ୟସଂଘ କୋଷାଧ୍ୟକ୍ଷ ଯୁଧିଷ୍ଠିର ପ୍ରଧାନ, ରାଜ୍ୟସଂଘ ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଶିକ୍ଷକ ଦର୍ପଣରେ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ଶିକ୍ଷକ ଦର୍ପଣର ସହ-ସମ୍ପାଦକ ସଚ୍ଚିଦାନନ୍ଦ ପରିଡ଼ା, ଜିଲ୍ଲାସଂଘ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ସାହାଣୀ, ଜିଲ୍ଲାସଂଘ ଉପଦେଷ୍ଟା ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ପ୍ରଧାନଶିକ୍ଷକ ରାଧାନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ବ୍ୟବସ୍ଥା ଏବଂ ସଂଗଠନକୁ ସୁଦୃଢ଼ କରିବା ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ରାଜ୍ୟସଂଘ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗାମୀ ତିନିବର୍ଷ ପାଇଁ କେନ୍ଦ୍ରାପଡ଼ା ରାଜସ୍ୱ ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପାଦିତ ହୋଇଥିଲା । ନବ ନିର୍ବାଚିତ କର୍ମକର୍ତ୍ତା ଭାବେ ସଭାପତି କରୁଣାକର ଭଳ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମଲ୍ଲ, ଉପସଭାପତି ପ୍ରଫୁଲ୍ଲ କୁମାର ବାରିକ ଓ ପ୍ରଫୁଲ୍ଲ କୁମାର ପରିଡ଼ା, ସମ୍ପାଦକ ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ସ୍ୱାଇଁ, ସହ ସମ୍ପାଦକ ବିଭୁତି ଭୂଷଣ ଦାସ, ଅଧର କୁମାର ଜେନା, ବିମଳ ପ୍ରସାଦ ପଣ୍ଡା ଓ ତରଣୀ ସେନ ଲେଙ୍କା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ଭାବେ ଅବନି କୁମାର ମହାନ୍ତି, ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ, ରମେଶ ଚନ୍ଦ୍ର ସାହାଣୀ ଓ ଦୟାନିଧି ସ୍ୱାଇଁ ପ୍ରମୁଖ ନିର୍ବାଚିତ କରାଯାଇଥିଲା । ଏହି ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲାର ନଅଗୋଟି ବ୍ଲକର ସଭାପତି, ସମ୍ପାଦକ, ଶିକ୍ଷକ, ଶିକ୍ଷିକାମାନେ ଯୋଗ ଦେଇଥିଲେ । କେନ୍ଦ୍ରାପଡା ବ୍ଲକ ସଙ୍ଗର ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରୋଜ କାନ୍ତ ପାଇଟଲ, ପ୍ରଦୀପ କୁମାର ଲେଙ୍କା, କୈଳାଶ ଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ସାହୁ, ଚକ୍ରଧର ସାମନ୍ତରାୟ, ଗୌରାଙ୍ଗ ଚରଣ ରାଉତ, ଗିରିଧାରୀ ସାହୁ, ପ୍ରଭଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଲକ୍ଷ୍ମୀପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଥାନପତି ପୂଜା ସମିତି,କାଚରା ସାହି, ମାର୍କଣ୍ଡପୁର (ବଡ଼ବାଗ) ଆନୁକୂଲ୍ୟରେ ଆସନ୍ତା ୧୨ ତାରିଖକୁ ହେବାକୁଥିବା ଲକ୍ଷ୍ମୀ ପୂଜାର ପ୍ରସ୍ତୁତି ବାବଦରେ ଏକ ଶାନ୍ତି କମିଟି ବୈଠକ ବଡ଼ବାଗ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ସର୍ବାଙ୍ଗ ସୁନ୍ଦରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଥାନପତି ପୂଜା ସମିତିର ସଭାପତି, ଦୁର୍ଗା ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ । ବଡ଼ବାଗ ଗ୍ରାମରେ ଅନୁଷ୍ଠିତ ହେବାକୁ ଯାଉଥିବା ୧୨ ଗୋଟି ଲକ୍ଷ୍ମୀ ମେଢ଼ର ୨ ଜଣ ଲେଖା ସଭ୍ୟ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ । ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ବଡ଼ବାଗ ଗ୍ରାମରେ ଲକ୍ଷ୍ମୀ ଯାତ୍ରା ବହୁତ୍ ଉଲ୍ଲାସ, ଆଡ଼ମ୍ବରରେ ପାଳିତ ହେବାକୁ ଯାଉଅଛି । ସର୍ବସମ୍ମତି ସହ, ଏଥର ଥାନପତି ପୂଜା ସମିତି ସୌଜନ୍ୟତାରେ ଦୁଇ ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୮ଦିନ ବ୍ୟାପୀ ଏକ ମିନାବଜାର, କାଚରା ସାହିରେ ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ନିଆଯାଇଅଛି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲାର ବିଧାୟକ, ଶ୍ରୀ ଅମରେନ୍ଦ୍ର ଦାସ ମହୋଦୟ, ସମ୍ମାନିତ ଅତିଥି ଭାବେ ପୌରପରିଷଦର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ମହୋଦୟା ଏବଂ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ଶ୍ରୀ ସତ୍ୟବ୍ରତ ମହାପାତ୍ର ମହୋଦୟଙ୍କୁ ଆମନ୍ତ୍ରଣ କରାଯିବାକୁ ସ୍ଥିର କରାଯାଇଅଛି । ଏହି ବିଶାଳ ଯାତ୍ରା ଆସନ୍ତା ୧୮ ତାରିଖରେ ମାଆଙ୍କ ମେଳଣ ସହ ଉଦ୍‌ଯାପିତ ହେବାପାଇଁ ସ୍ଥିରୀକୃତ ହୋଇଅଛି । ବୈଠକର ପରିଶେଷରେ ଥାନପତି ପୂଜା ସମିତିର ସମ୍ପାଦକ, ସାରଦା ପ୍ରସାଦ ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଉମରକୋଟ(ଭାସ୍କର ନ୍ୟୁଜ୍): ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମୃତ ଯୁବକ ଜଣକ ହେଲେ ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଅଧୀନରେ ଥିବା ଗୁଣ୍ଡିଝରି ଗ୍ରାମର ପ୍ରେମ୍ ମାଝୀ (୩୫) । ମିଳିଥିବା ସୂଚନା ଅନୁସାରେ ପ୍ରେମ୍ ଓ ଦୟା ମାଝୀ (୩୫) ଦୁହେଁମିଶି ଗତକାଲି ବାଇକ୍ ଯୋଗେ କୌଣସି କାମରେ ଉମରକୋଟ ବ୍ଲକର ତୋହରା ଗ୍ରାମ କୁ ଆସୁଥିଲେ । ଏହି ସମୟରେ ଚଚରା ଗୁଡା ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଏମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଅଜଣା ଗାଡ଼ି ଧକ୍କା ଦେବା ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ପ୍ରେମ ଓ ଦୟାଙ୍କ ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ପ୍ରେମକୁ ମୃତ ଘୋଷଣା କରିଥିଲେ । ଏନେଇ ଆଜି ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏସଆଇ ଅକ୍ଷୟ ମିଶ୍ର ସମ୍ଭାଳିଛନ୍ତି ।

# ଚାଷୀଙ୍କୁ ଇନ୍‌ପୁଟ୍ ସହାୟତାର ଶୁଭାରମ୍ଭ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନର ସର୍ବ ନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା ସହାୟତା ସହିତ ସମୁଦାୟ ୩୧୦୦ ଟଙ୍କା ପ୍ରଦାନ ନେଇ ବରଗଡ଼ ଜିଲ୍ଲାର ସୋହେଲ ଠାରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା । ଏହି ଅବସରରେ ଆଜି ଗଜପତି ଷ୍ଟାଡିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଦାଶରଥି ଗମାଙ୍ଗ, ମାନ୍ୟବର ବିଧାୟକ ମୋହନା, ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ପାରଳାଖେମୁଣ୍ଡି, ଏ.ରାମ ପ୍ରସାଦ ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଜପତି, ପ୍ରଫୁଲ୍ଲ କୁମାର ବେହେରା,ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀ ଗଜପତି ଓ ହରିହର ସେଠ୍, ସହକାରୀ ନିବନ୍ଧକ ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ଧାନ କିଣାଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଯିବ ଟଙ୍କା । ସେହିପରି ଚଳିତ ବର୍ଷ ଜିଲ୍ଲାରେ ଡିସେମ୍ବର ମାସ ୩୦ ତାରିଖରୁ ମଣ୍ଡିରୁ ଧାନ କିଣାଯିବ । ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯୋଗେଇ ଦେବା ସହିତ ଶୀଘ୍ର ଧାନ କିଣିବା ପାଇଁ ପଦକ୍ଷେପ ନିଆଯାଇଛି । ସମସ୍ତ ମଣ୍ଡି ରେ ଜଣେ ଜଣେ ନୋଡାଲ ଅଫିସର ଓ ଜଣେ ସୁପରଭାଇଜର ରଖାଯାଇଛି । ସେହିପରି ନାଖା ପଏଣ୍ଟ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯାଇ ଧାନ ବିକ୍ରି ବିକ୍ରୟକୁ ତୀକ୍ଷଣ୍ ନଜର ରଖାଯିବ । ଯଦି କୌଣସି ଚାଷୀ ଆପତ୍ତି ଅଭିଯୋଗ ରହିଥିଲେ ୧୯୬୭ ନମ୍ବରକୁ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାରେ ୪୫ ଗୋଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି, ସେଥିମଧ୍ୟରୁ ଗୋଷାଣୀ ବ୍ଲକରେ ୨୫, ଗୁମ୍ମା ବ୍ଲକରେ ୩,କାଶୀନଗର ବ୍ଲକରେ ୧୬ ଓ ରାୟଗଡ଼ା ୧ ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ । ଆଜିର ଏହି କାର୍ଯ୍ୟକ୍ରମକୁ ଚାଷୀଙ୍କୁ ମନୋରଞ୍ଜନ କରିବା ପାଇଁ ଜିଲ୍ଲାର ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟ ପଟେ ଚାଷି ମାନେ ସଭା ମଣ୍ଡପ ପାଖକୁ ଜାଇ ବିରୋଧ ସହ ଧାନ ଠିକ୍ ଭାବରେ କ୍ରୟ କରିବା ପାଇଁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ଜିଲ୍ଲାର ଚାଷୀ ପ୍ରତିନିଧି , ଜନପ୍ରତିନିଧି ଓ ସମସ୍ତ ବ୍ଲକର ଚାଷୀ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଘମରା ମିଥ୍ୟା ମାମଲା

# ଦାବରୀ ଗାଁରେ ପହଁଚିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଦାବରି ଗ୍ରାମର ପାଞ୍ଚଜଣ ନିରୀହ ଆଦିବାସୀ ପୂର୍ଣ୍ଣଚନ୍ଦ୍ର ମାଝି, ଗୋରେଖଲାଲ ମାଝି, ଟିକଚନ ମାଝି, ଜୟରାମ ମାଝି ଓ ସଚିନ୍ଦ୍ର ମାଝିଙ୍କୁ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଗତ ତିନିବର୍ଷ ପୁରୁଣା ଏକ କେସରେ ବାଘ ମାରିବା ଓ ବାଘ ମାଂସ ଖାଇବା ଭଳି ମିଥ୍ୟା ଅଭିଯୋଗ ଆଣିଥିବା ତଥା ଭୟଙ୍କର ଶାରୀରିକ ନିର୍ଯାତନା ଦେଇଥିବା ଏହି ପାଞ୍ଚଜଣ ଅଭିଯୋଗ ଆଣିଛନ୍ତି । ଅଭିଯୋଗ କାରୀଙ୍କ କହିବା ଅନୁସାରେ ଗତ ଅକ୍ଟୋବର ମାସରେ ଏହି ପାଞ୍ଚଜଣଙ୍କ ମଧ୍ୟରୁ ପ୍ରଥମେ ଦୁଇଜଣଙ୍କୁ ଓ ପରେ ତିନିଜଣଙ୍କୁ ସେମାନଙ୍କ ଘରେ ଜୋର୍ ଜବରଦସ୍ତି ପଶି,ଘରର ଖାନତଲାସ କରି, ଗିରଫ କରି ଖଡ଼ିଆଳ ରେଞ୍ଜ ଅଫିସରେ ଏକ ଛୋଟିଆ କୋଠରୀରେ ଭର୍ତ୍ତି କରି, ହାତଗୋଡ଼ ବାନ୍ଧି, ନିସ୍ତୁକ ମାଡ଼ ମାରିଥିଲେ ଏବଂ ଇଲେକ୍ଟ୍ରି କରେଣ୍ଟ ଦେଇଥିଲେ । କାହାକୁ କିଛି କହିଲେ ଜେଲରେ ସବୁଦିନ ପାଇଁ ପଠାଇ ଦେବାକୁ ମଧ୍ୟ ଧମକ ଦେଇଥିଲେ ବୋଲି ଆମ ପାଖରେ ମଧ୍ୟ ଅଭିଯୋଗ କରିଛନ୍ତି ।ଆମର ପ୍ରଶ୍ନ,ଜଙ୍ଗଲ ବିଭାଗ କେଉଁ କ୍ଷମତା ବଳରେ ଏମାନଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲା ? ରେଡ୍ କରିବାକୁ ଯିବା ସମୟରେ ଫରେଷ୍ଟ ବିଭାଗ ସର୍ଚ୍ଚ ୱାରେଣ୍ଟ ନେଇଥିଲା କି? ଘରର ଖାନତଲାସ କରିବା ବେଳର ଭିଡିଓଗ୍ରାଫି କରାଯାଇଥିଲା କି? ଏହିପରି ଅନେକ ପ୍ରଶ୍ନର ଉତ୍ତର ବିଭାଗକୁ ଦେବାକୁ ହେବ । କଂଗ୍ରେସ ଦଳ ଏସବୁ ଦେଖି ଚୁପ୍ ରହି ପାରିବ ନାହିଁ । ଏହି ଘଟଣାର ତଦନ୍ତ ଦାବୀ କରି ଓ ସତ୍ୟତାକୁ ଲୋକଙ୍କ ସମ୍ମୁଖକୁ ଆଣିବାକୁ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯିବ । ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଆସନ୍ତା ସାତ ଦିନ ମଧ୍ୟରେ ସତ୍ୟତାକୁ ସାମନାକୁ ଯଦି ଅଣାନଯାଏ,ତେବେ କଂଗ୍ରେସ ଦଳ ଓ ଡାବରୀ ଗାଁର ଲୋକେ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଘର ସାମନାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି କମଳ ଚରଣ ତାଣ୍ଡି ।

# ବିଧାୟକଙ୍କ ନିର୍ଦ୍ଦେଶରେ ଆଡି ନଦୀରୁ ସଫା ହେଲା ଦଳ



କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକର ପ୍ରବାହିତ ହେଉଥିବା ଦୟା ଓ ମକରା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ସାହସପୁର ଗ୍ରାମଠାରୁ ମକରାନଦୀରୁ ବାହାରିଥିବା ଆଡିନଦୀ ୩କିମି ପଥ ଅତିକ୍ରମ କରି ବଡଓରା ପରେ ପୁନଶ୍ଚ ମକରାନଦୀରେ ମିଶିଯାଇଛି । ଉକ୍ତ ନାଳର ଜଳ ଯୋଗୁଁ ସାହାସପୁର, ସାନଓରା, ବଡଓରା ଏବଂ ସୁଭଦ୍ରାପୁର ଗ୍ରାମର ଚଷୀମାନେ ଖରାଟିଆ ଧାନ ଚଷକରି ପରିବାର ପୋଷଣ କରୁଥିଲେ । ଉକ୍ତ ଆଡିନଦୀରେ ଜଳ କଳିକତିଦଳ ଜମା ହୋଇଯିବାରୁ ମକରା ନଦୀରୁ ଜଳ ଦଳ ଯୋଗୁଁ ଆଡିନଦୀକୁ ପ୍ରବେଶ ନ କରିବାରୁ ଚଷୀମାନେ ମୁଣ୍ଡରେ ହାତଦେଇ ବସିଥିବା ବିଭିନ୍ନ ଗଣମାଧ୍ୟରେ ପ୍ରକାଶ ପାଇବାପରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୭ଦିନ ହେଲା ଆଡିନଦୀରୁ ଡ୍ରେନେଜ୍ ବିଭାଗ ପକ୍ଷରୁ ଦଳ ସଫା ଚାଲିଛି ।

# ଏକ ଦିବସୀୟ ଡ୍ୟାନ୍ସ ୱାର୍କସପ୍ ସଂପନ୍ନ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ରିମିକ୍ସ ଡ୍ୟାନ୍ସ ହବ ନିର୍ଦ୍ଦେଶିକ ପ୍ରଖ୍ୟାତ ଡାନ୍ସର ଦେବୀଲାଲ ସାହୁ,ସମ୍ପାଦକ ମୋହିତ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଖଡ଼ିଆଳ ଅଗ୍ରସେନ ଭବନ ଠାରେ ଏକ ଦିବସୀୟ ଡ୍ୟାନ୍ସ ୱାର୍କସପ ସଫଳତା ସହ ସଂପନ୍ନ ହୋଇଯାଇଛି । ୱାର୍କସପରେ ନ୍ୟାସନାଲ ଟେଲିଭିଜନ ରିୟାଲିଟି ଶୋ ରେ ନିଜ ଜଲୱା ଦେଖାଇଥିବା ବଲିଉଡ, ହଲିଉଡ଼,ହିପପ, କଣ୍ଟେମ ପେରି,ଚାମ ଡାନ୍ସ,ବେଲିଡାନ୍ସ ଭଳି ଏକାଧିକ ଡାନ୍ସର ଦକ୍ଷତା ସଂପନ୍ନ ଡାନ୍ସ ଗୁରୁ ସୁଦୂର ଦିଲ୍ଲୀରୁ ହିମାଂଶୁ ଶର୍ମା ଯୋଗଦେଇ ଡ୍ୟାନ୍ସ ତାଲିମ ପ୍ରଦାନ କରିଛନ୍ତି । ୱାର୍କସପ ରେ ୧୫୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରିଛନ୍ତି । ନୂଆପଡା ଜିଲ୍ଲା ତଥା ଖଡ଼ିଆଳ ଅଞ୍ଚଳରେ ସମ୍ବଲପୁରୀ, ଆଦିବାସୀ,ଆଞ୍ଚଳିକ ଲୋକ ନୃତ୍ୟ ବିସ୍ତାର ହେଉଥିବାବେଳେ, ଆଧୁନିକ ସଭ୍ୟତାରୁ ବଲିଉଡ, ହଲିଉଡ଼, ହିପପ, କଣ୍ଟେମପେରି, ବେଲିଡାନ୍ସ ଭଳି ରିଏଲିଟିଶୋ ଟିଭି ପରଦାରେ ଝଲସି ଉଠୁଥିବା ଡାନ୍ସର ପ୍ରଭାବ ଖଡ଼ିଆଳ ଅଞ୍ଚଳରେ ନାହିଁ । ଏହାର ପ୍ରଚାର ପ୍ରସାର କରି ନବାଗତ ଯୁବପିଢିଙ୍କୁ ବଲିଉଡ,ହଲିଉଡ଼ ଭଳି ଅତ୍ୟାଧୁନିକ ଡ୍ୟାନ୍ସ ପ୍ରଶିକ୍ଷଣ ଦେଇ ରିଆଲିଟି ଶୋରେ ଠିଆକରାଇବା ଖଡ଼ିଆଳ ଡାନ୍ସ ହବର ମୂଳ ଲକ୍ଷ୍ୟ ବୋଲି ନିର୍ଦ୍ଦେଶକ ଦେବୀଲାଲ ସାହୁ ପ୍ରକାଶ କରିଛନ୍ତି । ୱାର୍କସପ ସକାଳ ୧୦ ଘଣ୍ଟାରୁ ଆରମ୍ଭ ହୋଇ ରାତ୍ର ୯ ଘଣ୍ଟାରେ ଶେଷ ହୋଇଛି ।



# ଆମ କଳାହାଣ୍ଡି



ପୃଷ୍ଠା-୧୦
Page-10
ବୁଧବାର, ୧୧ ଡିସେମ୍ବର ୨୦୨୪
ଓଡ଼ିଶା ଭାସ୍କର, ଭୁବନେଶ୍ୱର


# ରେଙ୍ଗାଲପାଲିରେ ମଣ୍ଡି ସ୍ଥାପନ ଦାବି



**ପ୍ରଶାସନ ଅଣଦେଖା କଲେ ଆନ୍ଦୋଳନ ଚେତାବନୀ**

କୋକସରା,(ଭାସ୍କର ନ୍ୟୁଜ): ଖରିଫ ଧାନ ଚାଷ ସରିବାକୁ ଯାଉଥିବା ବେଳେ ଚାଷୀଙ୍କୁ ଘାରିଛି ମଣ୍ଡି ଚିନ୍ତା । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରାୟ ବ୍ଲକରେ ମଣ୍ଡି ସ୍ଥାପନ ନେଇ ସମସ୍ୟା ଉପୁଜୁଥିବା ଖବର ହସ୍ତଗତ ହୋଇଛି । ଏହି କ୍ରମରେ କୋକସରା ବ୍ଲକ ଅଧୀନରେ ମଣ୍ଡି ସ୍ଥାପନକୁ ନେଇ ଗର୍ଜୁଛନ୍ତି ରେଙ୍ଗାଲପାଲି ପଞ୍ଚାୟତର ଚାଷୀ । ସୂଚନା ଅନୁସାରେ, କୋକସରା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ କୋକସରା ମଣ୍ଡିରେ ରେଙ୍ଗାଲପାଲି, ମାଝୀଗୁଡ଼ା ଓ କୋକସରା ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରି ଆସୁଥିଲେ । ତେବେ ଅଧିକ ସଂଖ୍ୟାରେ ଚାଷୀ ଥିବାରୁ ତଥା ମଣ୍ଡିରେ ଉତ୍ତମ ଭିତ୍ତିଭୂମି ନଥିବାରୁ ମାଝୀଗୁଡ଼ା ଓ ରେଙ୍ଗାଲପାଲିରେ ମଣ୍ଡି ସ୍ଥାପନ ପାଇଁ ଦାବି ହୋଇ ଆସୁଥିଲା । ପ୍ରଶାସନ ଏହାକୁ ବିଚାରକୁ ନେଇ ରେଙ୍ଗାପାଲି ପଞ୍ଚାୟତର ଝରିଆଗୁଡ଼ାଠାରେ ଏକ ନୂତନ ଉପମଣ୍ଡି ସ୍ଥାପନ କରିଛନ୍ତି । ଚଳିତ ଖରିଫ ଋତୁ ପାଇଁ ଏଠାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ଅନ୍ୟ ପକ୍ଷରେ ରେଙ୍ଗାଲପାଲି ପଞ୍ଚାୟତ ଅନ୍ତର୍ଗତ, ଡଙ୍ଗରୀଗୁଡ଼ା, କାଦୋପଦର, ପାଣିଗାଁ, କଛାରପଦର ଓ ରୋଙ୍ଗାଲପାଲିର ଚାଷୀମାନେ ପଞ୍ଚାୟତ ମୁଖ୍ୟାଳୟ ରେଙ୍ଗାଲପାଲି ଠାରେ ହିଁ ମଣ୍ଡି ସ୍ଥାପନ ହେବ ବୋଲି ଦାବି କରିଛନ୍ତି । ଯଦି ଏଠାରେ ମଣ୍ଡି ସ୍ଥାପନ ନହୁଏ ତେବେ ଉଗ୍ରଭାବେ ଆନ୍ଦୋଳନ ହେବ ବୋଲି ଚାଷୀ ରାମକୃଷ୍ଣ ପଟ୍ଟନାୟକ, ସତ୍ୟବାନ ପାଣିଗ୍ରାହୀ, ସହଦେବ ନେଗୀ, ଦୁର୍ଯ୍ୟୋଧନ ଚଣ୍ଡୀ, ଡିଙ୍ଗର ଚଣ୍ଡୀ, ଟିକଚନ ଚଣ୍ଡୀ, ପ୍ରଶାନ୍ତ କେତକୀ, ଚନ୍ଦ୍ରମଣି ପୂଝାରୀ, ଶହଦେବ ଶବର, ପିତାମ୍ବର ଶବର, ସୁବାଷ କେତକୀ, ମକର ନାଏକ, ଚିତ୍ରସେନ କେତକୀ, ଲିଙ୍ଗରାଜ ଶବର, କଇଳାସ ପଟ୍ଟନାୟକ, ବନମାଳୀ ପଣ୍ଡା, ଭକ୍ତ ଚରଣ ଗୋପାଳ, ଯୋଗେଶ୍ୱର ଚଣ୍ଡୀ, ଲାଲ ପୂଝାରି, ହେମନ୍ତ ଚଣ୍ଡୀ, ଅଗାଧୁ ଗହୀର, ମଧୁସୂଦନ, ପୂଝାରି, ନୀଳଧର ମାଝୀ, ମଧୁସୂଦନ ପଟ୍ଟନାୟକ, ଦୁତି କୃଷ୍ଣ ନାଏକ, ମଧୁସୂଦନ ପଟ୍ଟନାୟକ ସମେତ ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି ।

# ଜାତୀୟ ରାଜପଥ ରାସ୍ତାକଡ଼ରେ ବେଆଇନ ମଦ କୋଠି



**ନିରବ ସାଜିଛି ଅବକାରୀ ବିଭାଗ**

ଧର୍ମଗଡ଼, (ଭାସ୍କର ନ୍ୟୁଜ): ସରକାର ରାଜସ୍ୱ ବୃଦ୍ଧି ପାଇଁ ଦେଶୀ ଓ ବିଦେଶୀ ମଦ ଦୋକାନ ସବୁ ଖୋଲିଛନ୍ତି । କିନ୍ତୁ ଏହି ସ୍ୱୀକୃତିପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନୀ କର୍ମଚାରୀମାନେ ଅଧିକ ଲାଭ ପାଇବା ପାଇଁ ଚୋରା କାରବାର କରୁଥିବା ନଜରକୁ ଆସିଛି । ବିଭିନ୍ନ ଗାଁଗୁଡ଼ା ସହରରେ ବେନିୟମ ଭାବେ ମଦ ବିକ୍ରୀ କରି ମାଲେମାଲ୍ ହେଉଥିବା ଜଣାପଡ଼ିଛି । ଦେଶୀ ବିଦେଶୀ ମଦ ଚୋରା କାରବାର ଅଞ୍ଚଳରେ ବୃଦ୍ଧି ପାଉଥିବା ବେଳେ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି । ସୂଚନାମତେ ଧର୍ମଗଡ଼ ବ୍ଲକରେ ମୋଟ ୨୪ଗୋଟି ଗ୍ରାମ ପଞ୍ଚାୟତରେ ୭୯ଟି ରାଜସ୍ୱ ଗ୍ରାମ ରହିଛି । ଏଠାରେ ୪ଗୋଟି ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଥିବା ବେଳେ ଧର୍ମଗଡ଼, ତରାପୁର ଓ ବେହେରାଗାଁରେ ଦେଶୀ ମଦ ଭାଟି ରହିଛି । ଦେଶୀ ମଦ ଦୋକାନରେ ମାଲିକ ନିଜ ରାଜସ୍ୱ ବୃଦ୍ଧି ପାଇଁ ନିଜ ଲୋକଙ୍କ ସହଯୋଗରେ ଅଟୋ, ବାଇକ୍‌ରେ ଦିନ ଦ୍ୱିପ୍ରହରରେ ଏହି ଚୋରା ମଦ ଦୋକାନୀଙ୍କୁ ଅବକାରୀ ବିଭାଗର ଜ୍ଞାତସାରରେ ଯୋଗାଣ କରୁଛି । ବିଜୁ ଏକ୍ସପ୍ରେସ ୱେ ରାସ୍ତା ନିକଟରେ ଓ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗୋଡ଼ଭଞ୍ଜା ଗ୍ରାମରେ ଦୀର୍ଘ ବର୍ଷ ଧରି ଏଠାରେ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଛି । ସରକାରୀ ନିୟମକୁ ଅବମାନନା କରି ବେଧଡ଼କ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି । ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗକୁ ଡାଲ କରି ଏପରିକି ଉକ୍ତ କର୍ମଚାରୀମାନଙ୍କୁ ମାସିକିଆ ପିସି ବା ବଟି ଦେଇ ମଦ ବେପାର ଚଳାଉଥିବା ଚର୍ଚ୍ଚା ହେଉଛି । ଏପରି ମଦ ବ୍ୟବହାରକାରୀଙ୍କୁ ଆହୁରି ଆକୃଷ୍ଟ କରିବା ପାଇଁ ଏହି ମାଲିକ ନିଜ ଦୋକାନରେ କୁକୁଡ଼ା ଓ ଖାସି ମାଂସ ଚାଖଣା ତିଆରି କରି ବିକ୍ରି କରୁଛି । ଏହି ଜାତୀୟ ରାଜପଥ ଦେଇ ପଡ଼ୋଶୀ ଛତିଶଗଡ଼ ଓ ନବରଙ୍ଗପୁର ସମେତ ସ୍ଥାନୀୟ ଲୋକମାନେ ନିୟମିତ ଭାବେ ଯାତାୟାତ କରନ୍ତି । ଏପରି ଏହି ମଦ କୋଠି ଅଳ୍ପ ଦୂରରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ରହିଛି । ମାତ୍ର ବିନା ଭୟରେ ଏହି ଦୋକାନ ମାଲିକ ଦିନ ଓ ରାତ୍ରିରେ ଏହି ବେପାର ଚଳାଉଛନ୍ତି । ଏହି ଘଟଣା ସମ୍ପର୍କରେ ଧର୍ମଗଡ଼ ଅବକାରୀ ବିଭାଗର ପାଖରେ ଖବର ଥିଲେ ବି କେବେ ମଧ୍ୟ ଏହି ଚୋରା ମଦ କୋଠି ଉପରେ ବଡ଼ଧରଣର ଧରଗଡ଼ କରି ନାହିଁ । ଚୋରା ମଦ ବେପାରୀ ଓ ଅବକାରୀ ବିଭାଗର ଭିତରି ସମ୍ପର୍କ ରହିଥିବା ସାଧାରଣରେ ଆଲୋଚନା ହେଉଛି । ଯାହା ବିଭାଗର ପ୍ରୋତ୍ସାହନ ରହିଥିବା ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହୁଏ । ସବୁଠୁ ବଡ଼ କଥା ବିଭାଗର କାର୍ଯ୍ୟାଳୟଠାରୁ ମାତ୍ର ୨/୩-କିମି ଦୂରରେ ଏହି କାରବାର ହେଉଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ସମସ୍ତଙ୍କୁ ଚକିତ କରୁଛି । ତୁରନ୍ତ ଏହି ବେନିୟମ ଭାବେ ଚୋରା ମଦ ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ପୂର୍ବତନ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି

ନର୍ଲା, (ଭାସ୍କର ନ୍ୟୁଜ): ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଶ୍ୱଶୁର ତଥା ରୂପ୍ରାରୋଡ ପୂର୍ବତନ ସରପଞ୍ଚ ମାନଗୋବିନ୍ଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମ.ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, ରେଙ୍ଗାଲି ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଭବାନୀ ଶଙ୍କର ନିଆଲ, ନର୍ଲା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାହୁ, ଅନିରୁଦ୍ଧ ବିଶ୍ୱାଳ, ନର୍ଲା ପୂର୍ବତନ ବିଧାୟକ କୁମର ମଣି ଶବର, ଭାମକେଲା ପୂର୍ବତନ ସରପଞ୍ଚ ଦେବୀଦେବ ଶର୍ମା ସହ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ମାନଗୋବିନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଭାରେ ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ପୁଷ୍ପକ ମହାନ୍ତି, ଦୁର୍ଗା ପ୍ରସାଦ ମହାନ୍ତି ଓ ପୁତ୍ରବଧୂ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସହ ନାତି ନାତୁଣୀ ସପରିବାର ଉପସ୍ଥିତ ଥିଲେ ।

# ଆର୍‌ଓବି ରାସ୍ତା ପରିବର୍ତ୍ତନ ଦାବି



କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ନିର୍ମାଣ ହୋଇଥିବା ଆର୍‌ଓବି (ରେଳ ଓଭର ବ୍ରିଜ୍)ର ପଥ ବଦଳାଇବା ପାଇଁ ଦାବି ହେଉଛି । ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ଯୁକ୍ତି ହେଉଛି ବଲାଙ୍ଗୀରରୁ ଭବାନୀପାଟଣା ଆଡ଼କୁ ଯିବାବେଳେ ଆର୍‌ଓବି ରାସ୍ତା ସହରର ମଧ୍ୟ ଭାଗରେ ଶେଷ ହେଉଛି । ପାଖରେ ଇଣ୍ଡିଆନ ପେଟ୍ରୋଲ ପମ୍ପ ସହ ଆବାସିକ ବିଦ୍ୟାଳୟ ଅନେକ ବ୍ୟାଙ୍କ ଓ ଦୋକାନ ବଜାର ରହିଛି । ଆର୍‌ଓବିକୁ ୨ ରୁ ୪ କିଲୋମିଟର ଦୂର ଜୋଲକୋ ଛକ କିମ୍ବା ତା ପୂର୍ବରୁ ବାହାର କରିବାର ଥିଲା । ଏହାକୁ ଜୋଲକୋ ଯାଏ ସମ୍ପ୍ରସାରଣ କଲେ ଭବିଷ୍ୟତରେ ସହରର ଉନ୍ନତି ହେବା ସହିତ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ମଧ୍ୟ ରୋକା ଯାଇପାରିବ ବୋଲି ଅଞ୍ଚଳବାସୀ ଦାବି କରିଆସୁଥିଲେ । ଏହି ଦାବିକୁ ନେଇ ମଙ୍ଗଳବାର ସ୍ଥାନୀୟ ଆମ୍ବେଦକର ଛକ ସ୍ଥିତ ପଣ୍ଡରା ଭବନରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଓକିଲ ସଙ୍ଘ ସଭାପତି ଚିତ୍ତରଞ୍ଜନ ଭୋଇ, ରାଜନୀତିଜ୍ଞ ମହେନ୍ଦ୍ର ନାଏକ, ସୁରେଶ ରାଓ, ଶିରୋମଣି ମାଝୀ, ପ୍ରଶାନ୍ତ ବାନାର୍ଜୀ, ଦେବେନ୍ଦ୍ର ଭୁଜବଳ, ରଞ୍ଜନ ପଣ୍ଡା, ଚନ୍ଦ୍ର ଶେଖର ଅଚାରି, ପ୍ରଦୀପ ନାଏକ, ରମାକାନ୍ତ ଜେନା, ଦୟା ସୁନାନୀ, ରମେଶ ଜେନା, ଛଟୁ ଖାନ, କାମପାଳ ସାହା, ଆଦିତ୍ୟ ପ୍ରଧାନ, ସୁରେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତା କାଦୁଅ କରୁଛି ଧାନକଟା ମେସିନ୍



**ଲୋକେ ହନ୍ତସନ୍ତ**

କୋକସରା, (ଭାସ୍କର ନ୍ୟୁଜ): ବର୍ତ୍ତମାନ କୋକସରା ଅଞ୍ଚଳରେ ଜୋରସୋରରେ ଧାନ କଟା ଚାଲିଛି । ଚାଷୀମାନେ ଧାନ କଟିବା ପାଇଁ ହାରଭେଷ୍ଟର (ଧାନକଟା ମେସିନ) ସାହାଯ୍ୟ ନେଇଛନ୍ତି । ତେବେ କିଛି ଟ୍ରାକ୍ଟର ଓ ହାରଭେଷ୍ଟର ମାଲିକ ଜମିରୁ ଧାନ କାଟି ସାରିବା ପରେ ମେସିନ୍ ସଫା ନକରି ନେବା ଆଣିବା କରିବା ଯୋଗୁଁ ରାସ୍ତାରେ କାଦୁଅ ପଡିରହିଛି । ଯାହା ଫଳରେ ଲୋକେ ଅନେକ ହଇରାଣ ହରକତ ହେବା ସହ ଦୁର୍ଦ୍ଦଶା ଭୋଗୁଛନ୍ତି । କୋକସରା ବ୍ଲକ ସଦର ମହକୁମା ଶିବମନ୍ଦିର ଛକଠାରୁ ଧର୍ମଗଡ଼କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଏହି ରାସ୍ତାର ରଜାମୁଣ୍ଡା ବୁଲାଣି ନିକଟରୁ ଝରିଆଗୁଡ଼ା ପର୍ଯ୍ୟନ୍ତ ଓ ଛିଲିପାମାଲ ଜଗନ୍ନାଥ ମନ୍ଦିର ଛକରୁ ଗାଁ ମୁଣ୍ଡ ପର୍ଯ୍ୟନ୍ତ ବର୍ତ୍ତମାନ ସ୍ଥାନେ ସ୍ଥାନେ କାଦୁଅ ପଡ଼ିରହିଛି । ଯାହା ଫଳରେ ରାସ୍ତାରେ ଯା' ଆସ କରିବା ଲାଗି ଲୋକେ ଭୟ ସଂଚାର କରୁଛନ୍ତି । ଅନ୍ୟପକ୍ଷରେ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । କାଦୁଅ ଯୋଗୁଁ ବାଇକ୍ ସ୍ଲିପ୍ ହେବାରୁ ଗାଡ଼ି ଚାଳକମାନେ ରାସ୍ତା ଉପରେ ଖସିପଡ଼ି ଖଣ୍ଡିଆ ଖାବରା ମଧ୍ୟ ହେଉଛନ୍ତି । ସେହିପରି ଝରିଆଗୁଡାଠାରୁ ରେଙ୍ଗାଲପାଲି ଯିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାରେ ମଧ୍ୟ ସମାନ ଅବସ୍ଥା । ଟ୍ରାକ୍ଟର ଓ ହାରଭେଷ୍ଟର ସଫା ନକରି ନେବା ଆଣିବା ଯୋଗୁଁ ରାସ୍ତାରେ ପରସ୍ତ ପରସ୍ତ କାଦୁଅ ଜମି ରହିଛି । ଏହି ରାସ୍ତାରେ ଯାତାୟାତ କରିବା ସମୟରେ ବାଇକ୍ ସ୍ଲିପ୍ ହେଉଛି । ତେଣୁ ସାଇଡ୍ ଦେବା ସମୟରେ ଟିକିଏ ନଜର ହଟିଲେ ଦୁର୍ଘଟଣା ଘଟିଥିବା ଏକ ପ୍ରକାର ଥୟ । ସ୍ଥାନୀୟ ଲୋକମାନେ ହାରଭେଷ୍ଟର ମାଲିକମାନଙ୍କୁ ଧାନ କାଟି ସାରିବା ପରେ ଗାଡ଼ି ସଫା କରି ରାସ୍ତାରେ ନେବାକୁ କହି ଆସୁଥିଲେ ମଧ୍ୟ ସେମାନେ ଶୁଣୁ ନାହାଁନ୍ତି । କାଦୁଅ ଭର୍ତ୍ତି ହୋଇଥିବା ମେସିନକୁ ବାରମ୍ବାର ରାସ୍ତାରେ ନେବା ଆଣିବା କରୁଛନ୍ତି । ଏଥିଯୋଗୁଁ ରାସ୍ତା ଉପରେ କାଦୁଅ ଜମି ରହୁଥିବା ବେଳେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି । ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ସମ୍ପୃକ୍ତ ଗାଡ଼ି ମାଲିକମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣରେ ଦାବି ହୋଇଛି ।

# ଯୁବକଙ୍କ ଆତ୍ମହତ୍ୟା ନେଇ ତଦନ୍ତ ଆରମ୍ଭ

ଲାଞ୍ଜିଗଡ଼,୯।୧୨(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଧୌଂରାଭଟା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଏହି ଗାଁର ଜଳଧର ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ପୁଅ ଟିକେରାମ ପାତ୍ର (୨୧) କୌଣସି କାରଣକୁ ନେଇ ସୀତାପୁର ଗାଁ ନିକଟସ୍ଥ ଏକ ଗଛରେ ନିଜ ଗାମୁଛା ବେକରେ ଦେଇ ଆତ୍ମହତ୍ୟା କରିଛନ୍ତି । ସୂଚନାନୁସାରେ, ମୃତ ଟିକେରାମ ସୋମବାର ବଡ଼ି ଭୋରରୁ ଉଠି ଶୌଚ ପାଇଁ ଯାଇଥିଲେ ଏବଂ ସକାଳେ ତାଙ୍କ ବାପା ଶୌଚ ପାଇଁ ସୀତାପୁର ଗ୍ରାମକୁ ଯିବା ରାସ୍ତାରେ ଯାଉଥିବା ବେଳେ ଗ୍ରାମ ନିକଟସ୍ଥ ତେନ୍ତୁଳି ଗଛରେ ଝୁଲନ୍ତା ଅବସ୍ଥାରେ ନିଜ ପୁଅକୁ ଦେଖିଥିଲେ । ଗାଁ ଲୋକଙ୍କ ସହାୟତାରେ ତଳକୁ ଓହ୍ଲାଇ ଘରକୁ ଆଣିଥିଲେ । ଘରକୁ ଆଣିଥିବା ପରେ ଟିକେରାମର ମୃତ୍ୟୁ ହୋଇଥିବା ଜାଣି ତାଙ୍କ ପିତା ଜଳଧର ସୋମବାର ସକାଳେ ବିଶ୍ୱନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ସୂଚନା ପାଇ ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମଙ୍କ ନେତୃତ୍ୱରେ ଥାନା କର୍ମଚାରୀ ଏବଂ ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମୃତଦେହ ଜବତ କରିବା ସହିତ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଟିକେରାମକୁ ମୃତ ଘୋଷଣା କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲେ । ଏ ନେଇ ବିଶ୍ୱନାଥପୁର ଥାନା ପକ୍ଷରୁ କେସ୍ ନଂ ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ମମତା ହେମ୍ବ୍ରମ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଟିକେରାମଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ ସ୍ୱଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୬୮ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୪୩ଟି ଓ ସାମୂହିକ ୧୮ଟି ରହିଥିବାବେଳେ ୧୦ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜିଲ୍ଲାପାଳଙ୍କ ଦ୍ୱାରା ଗୋଲାମୁଣ୍ଡାର ବୁଦୁ ସିପକାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଧର୍ମଗଡ ଧୀମାନ ଚାକମା, ଅଧ୍ୟକ୍ଷ ପଞ୍ଚାୟତ ସମିତି ଗୋଲାମୁଣ୍ଡା ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ସୁଚେତା ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ରବିନ୍ଦ୍ର କୁମାର ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି କଲେକ୍ଟର ଚନ୍ଦ୍ରଦାସ ମହାନନ୍ଦିଆ, ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବଧି ସରିଲା, ପୋଲ-ରାସ୍ତା ନିର୍ମାଣ ଅଧାପନ୍ତରିଆ




ଥୁଆମୂଳ ରାମପୁର,(ଭାସ୍କର ନ୍ୟୁଜ): କଳାହାଣ୍ଡି ଥୁଆମୁଳ ରାମପୁର ବ୍ଲକ ଅଧୀନରେ ଥିବା ସିନ୍ଧିପଦର ପଞ୍ଚାୟତ ତଥା (ଆଦର୍ଶ ପଞ୍ଚାୟତ)ର ମୁଖ୍ୟ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଜନ, କଳାହାଣ୍ଡି, ଭବାନୀପାଟଣା ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇ ନିର୍ମାଣ କରାଯାଉଥିବା ସଡ଼କ ଆତି ଅତିନିମ୍ନମାନର ହେଉଥିବା ନେଇ ଜନଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି । ଶ୍ରୀମସ୍କା ଛକଠାରୁ ସିନ୍ଧିପଦର, ସମାପଲା ଗ୍ରାମକୁ ସଂଯୋଗ କରୁଥିବା ଏହି ଆର୍ତ୍ତି ରାସ୍ତା ନିର୍ମାଣ ପାଇଁ ୨,୦୬,୮୪,୪୬୧ ଟଙ୍କା ବ୍ୟୟ ଅଟକଳରେ ଆର୍ଥିକ ବର୍ଷ ୨୦୨୩ରେ ନିର୍ମାଣଧିନ ସଡକକୁ (ସୁଧୀର କୁମାର ପଣ୍ଡା ମୁଖ୍ୟ ଠିକା ସଂସ୍ଥା) କାମ କରୁଛନ୍ତି, ହେଲେ ତାହା ଅତିନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ମାଝୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପୁଣି ଏଥିରେ ହାତ ଭଙ୍ଗା ମେଟାଲ ୯୫% (ରାସ୍ତାରେ ବିଛା) ବ୍ୟବହାର କରାଯାଉଥିବା ବେଳେ କ୍ରସରରେ ତିଆରି ଡଷ୍ଟ ଗୁଣ ୫% ବ୍ୟବହାର କରାଯାଉଛି । କୁଲିମଜୁରୀଆଙ୍କୁ ପାରିଶ୍ରମିକ ବାବଦରେ ମାତ୍ର ୧୫୦ ରୁ ୨୦୦ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ପୁରୁଣା ରାସ୍ତା ଉପରେ, ଉପରେ ମେଟାଲ ବିଛାଇ କମ୍ ଓଜନର ପୁରୁଣା ରୋଲର ବ୍ୟବହାର କରି (ସମତୁଲ) କରିବା ଭଳି ଘଟଣାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇବା ସହିତ ଅଭିଯୋଗ ମଧ୍ୟ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ବାରମ୍ବାର ଏହି ରାସ୍ତାର ନିମ୍ନମାନର କାର୍ଯ୍ୟ ନେଇ ଜଣାଇ ଆସୁଥିବା ସତ୍ତ୍ୱେ ତାଙ୍କ କଥାକୁ ଠିକାଦାର ବେଖାତିର କରୁଥିବା ଭଳି ଅଭିଯୋଗ କରିଛନ୍ତି । ଗ୍ରାମବାସୀ ପ୍ରକାଶ କରିଛନ୍ତି ଯେ, ଆଗରୁ ଯେଉଁ ସଡକ ରହିଥିଲା ତାହା ଅତି ଭଲ ରହିଥିଲା । ବର୍ତ୍ତମାନ ଯେଉଁ ସଡ଼କ କାମ ଭବାନୀପାଟଣାର ମୋହନ ବାଣୁଆ (ପେଟି ଠିକା ସଂସ୍ଥା) ନାମକ ଜଣେ ଠିକାଦାର କାମ କରୁଛନ୍ତି ତାହା ଅତି ନିମ୍ନମାନର ବୋଲି ପ୍ରକାଶ କରିଛନ୍ତି । ପୁଣି ଏହି ସଡ଼କ ଗତ ତା.୧୦/୧୦/୨୦୨୩ରିଖରେ ଆରମ୍ଭ କରାଯାଇ ତା.୧୦/୧୦/୨୦୨୪ରିଖରେ ସଡକର ଅବଧିରେ ଶେଷ କରିବା ପାଇଁ ସୂଚନା ଫଳକରେ ସୂଚନା ରହିଥିବା ବେଳେ ଆଜକୁ ଆହୁରି ୨ ମାସ ଅଧିକ ହୋଇସାରିଛି । ତଥାପି ଏହି ସଡ଼କ ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ପାରିନାହିଁ । ଏହାସହ ସେତୁ ନିର୍ମାଣରେ ମଧ୍ୟ ଅଧାପନ୍ତରିଆ କାର୍ଯ୍ୟ ଏବଂ ଅନିୟମିତତା ହୋଇଥିବା ଜଣାପଡ଼ିଛି । ସରକାରଙ୍କ ଏହି ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଓ ନିୟମକୁ ଠିକାଦାର ଖୁଲୁମ ଖୋଲା ଉଲଘଂନ କରିଥିବା ବିଷୟ ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି । ଯଦି ଏଭଳି ସଡକ କିମ୍ବା ପୋଲ ନିର୍ମାଣ କରାଯାଏ ତେବେ ଅଳ୍ପ ଦିନ ମଧ୍ୟରେ ତାହା ଭୁଷୁଡି ପଡିବା ସମ୍ଭାବନାକୁ କୌଣସି ଲୋକ ଅସ୍ୱୀକାର କରିପାରିବେ ନାହିଁ ବୋଲି ଆଲୋଚନା ଜୋର ଧରିଛି । ଏହାର କାରଣ ଏହା ଯେ, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏଭଳି ସଡକ ନିର୍ମାଣ କରାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଡନ ସୃଷ୍ଟି କରୁଛି । ତେଣୁ ଏହି ସଡକ ନିର୍ମାଣ କାର୍ଯ୍ୟକୁ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି । ନହେଲେ ସଡକ ଅଳ୍ପଦିନ ମଧ୍ୟରେ ଭୁଷୁଡି ପଡିବା ସୁନିଶ୍ଚିତ ବୋଲି କୁହାଯାଏ । ତେବେ ଯଥାସମ୍ଭବ ଉକ୍ତ ସଡକ ନିର୍ମାଣରେ ହେଉଥିବା ଅନିୟମିତତାକୁ ରୋକାଯାଏ ତେବେ ସଡ଼କର ଉନ୍ନତି ସମ୍ଭବ ହୋଇପାରିବ । ନଚେତ ବାରମ୍ବାର ଏମିତି ନିମ୍ନମାନର ସଡକ ନିର୍ମାଣ କରି ଠିକାଦାର ମାଲାମାଲ ହେବା ପାଇଁ ଖୋରାକ ଯୋଗାଇବା ଛଡା ଆଉ କିଛି ନାହିଁ ବୋଲି ଚର୍ଚ୍ଚା ଜୋର୍ ଧରୁଛି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏସ୍ ତିୱାରୀ ଆଲମଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ପ୍ରତିକ୍ରିୟା ନିଆଯାଇଥିଲା । ତେବେ ସେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଯେମିତି ବି ଯାହାବି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଏ ଏଥିରେ କୌଣସି ଲୋକ ଅଭିଯୋଗ କରିପାରିବେ ନାହିଁ ବୋଲି କହିବା ସହ କୁଲି ମଜୁରିଆଙ୍କୁ ପାରିଶ୍ରମିକ ୧୫୦ ରୁ ୨୦୦ ଟଙ୍କା ଲେଖାଏ ଦେବା ବାବଦରେ ପଚାରିବାରୁ ଠିକାଦାର କଣ କରୁଛନ୍ତି କେମିତି ଦେଉଛନ୍ତି ତାହା ଆମେ କହିପାରିବୁ ନାହିଁ । ପୋଲ ଏବଂ ରାସ୍ତା ନିର୍ମାଣ ଉପରେ ପଚାରିବାରୁ ପ୍ରାୟ କାମ ସରିଯାଇଛି ଆଉ ଅଳ୍ପ କାମ ରହିଛି ବହୁତ ଶୀଘ୍ର ସରିଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ତେବେ ଦେଖିବାକୁ ବାକି ରହିଲା ଯେ ଏହି ସଡକ ନିର୍ମାଣ କାର୍ଯ୍ୟର ତଦାରଖ ଉଚିତ୍ ଭାବରେ କରାଯିବ କି ନାହିଁ ତାହା ସମୟ କହିବ ।

# ରାଶିଫଳ

**ବୁଧବାର, ୧୧ ଡିସେମ୍ବର ୨୦୨୪**



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲ ପାଇବା ରହିବ । ଶୀଘ୍ର ଶୀଘ୍ର କାମ ପୂରଣ ହୋଇପାରେ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ଶାନ୍ତି ରହିବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ଏବଂ ଶାନ୍ତି ରହିବ ।




**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ । ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ । ବ୍ୟବସାୟ ଭଲ ହେବ । ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ । ପ୍ରତିଦ୍ୱନ୍ଦ୍ୱିତା ହେବ ।



**ମିଥୁନ:** ବୈଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ଚାକିରିରେ ସୁସଙ୍ଗତତା ରହିବ । ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ । ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ ।




**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବ୍ୟସ୍ତ ହୁଅ ନାହିଁ । ଘର ବାହାରେ ଅଶାନ୍ତି ଦେଖାଯିବ । କାର୍ଯ୍ୟ ବାଧାପ୍ରାପ୍ତ ହେବ ।




**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ । ଋଣରେ ହ୍ରାସ ଘଟିବ । ତୃପ୍ତି ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ଚାକିରିରେ ସୁସଙ୍ଗତତା ରହିବ । ବିନିଯୋଗ ଭଲ ହେବ ।



**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଲାଭ ସୁଯୋଗ ଆସିବ । ଘର ବାହାରେ ପରିସ୍ଥିତି ଅନୁକୂଳ ହେବ । ସୁଖର ପରିବେଶ ରହିବ । ଜିନିଷଗୁଡିକ ସହଜ ରଖନ୍ତୁ ।




**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବ୍ୟବସାୟ ଭଲ ହେବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ । ବିନିଯୋଗ ଭଲ ହେବ ।




**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଳାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ ।




**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ଅନୁକୂଳ ହେବ । ରିସ୍କ ନେବାକୁ ସାହସ କର । ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ । ସୁଖର ମାଧ୍ୟମ ସଂଗ୍ରହ ହେବ । ଚାକିରିରେ ପ୍ରାଧାନ୍ୟ ରହିବ । ଆୟର ଉତ୍ସ ବୃଦ୍ଧି ପାଇପାରେ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ । ସୁଖର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ । ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ । ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ପୂଜାପାଠ ଓ ସତ୍‌ସଙ୍ଗରେ ଆଗ୍ରହ ରହିବ ।



**ମୀନ:** ବ୍ୟବସାୟ ଭଲ କରିବ । ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ । ଆୟ ଜାରି ରହିବ । ରିସ୍କ ନିଅ ନାହିଁ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ ।



ଶ୍ରୀପତି ଚନ୍ଦ୍ର


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯